# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 10 ଭାଗ ୩୪ | ସଂଖ୍ୟା ୧୦ | Wednesday 1 April 2026 | Page 8 Rs. 5.00 | ● ଭୁବନେଶ୍ୱର ବୁଧବାର ୧ ଏପ୍ରିଲ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ଗରିବଙ୍କୁ ମାଗଣା ଏଲପିଜି ସିଲିଣ୍ଡର
ପୃଷ୍ଠା ୫

## ନକ୍ସଲମୁକ୍ତ ଭାରତ

# ୫୬ ବର୍ଷର ସଂଘର୍ଷର ଅନ୍ତ

### ପ୍ରଭାବିତ ଜିଲ୍ଲା ୨କୁ ହ୍ରାସ



ନୂଆଦିଲ୍ଲୀ,୩୧।୩ଃ ଆଜି ଦେଶ ନକ୍ସଲବାଦମୁକ୍ତ ହେଉଥିବାରୁ ଗତ ୫୬ ବର୍ଷ ଧରି ଚାଲିଥିବା ସଶସ୍ତ୍ର ସଂଘର୍ଷର ଅନ୍ତ ଘଟିଛି। ୨୦୧୪ରେ ୧୨୬ ଥିବା ନକ୍ସଲ ପ୍ରଭାବିତ ଜିଲ୍ଲା ସଂଖ୍ୟା ଏବେ ହ୍ରାସ ପାଇ ୨ରେ ସୀମିତ ରହିଛି। ଏପରିକି ଗୁରୁତର ନକ୍ସଲ ପ୍ରଭାବିତ ଜିଲ୍ଲା ସଂଖ୍ୟା ୩୫ରୁ ହ୍ରାସ ପାଇ ଶୂନ ହୋଇଛି। ନକ୍ସଲ ସଂଗଠନର ସମସ୍ତ ୨୧ କେନ୍ଦ୍ରୀୟ କମିଟି ଓ ପଲିଟ୍‌ବ୍ୟୁରୋ ସଦସ୍ୟମାନେ ନିହତ ହୋଇଛନ୍ତି କିମ୍ବା ଆତ୍ମସମର୍ପଣ କରିଛନ୍ତି। ଏଥିସହ ସହରୀ ନକ୍ସଲମାନଙ୍କ ବିରୋଧରେ ସରକାର ଶୂନ୍ୟ ସହନଶୀଳତା ନୀତି ଅନୁସରଣ କରି ସେମାନଙ୍କ ଛାମୁଆ ସଂଗଠନ ଓ ସହାୟକ ନେଟୱାର୍କକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଛନ୍ତି ବୋଲି ସୂଚନା ଦେଇଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। ଦିନ ଥିଲା ଯେତେବେଳେ ଦେଶର ୧୨ଟି ରାଜ୍ୟର ପ୍ରାୟ ୭୦ ପ୍ରତିଶତ ଭୂଭାଗ ନକ୍ସଲବାଦର କରାଳ ଛାୟାରେ ରହିଥିଲା, ଯାହା ପ୍ରାୟ ୨୦ କୋଟି ନାଗରିକଙ୍କୁ ପ୍ରଭାବିତ କରିଥିଲା। ସାଧାରଣରେ ଧାରଣା ଥିଲା ଯେ ଦାରିଦ୍ର୍ୟ ହିଁ ନକ୍ସଲବାଦର ମୁଖ୍ୟ କାରଣ। କିନ୍ତୁ ୧୯୬୦ ଦଶକର ତଥ୍ୟ ଏହି ➪ପୃଷ୍ଠା-୬

# ବଦଳିଲା ଖଡ଼ିଛୁଆଁ ତାରିଖ

### ଏପ୍ରିଲ ୪ରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ)ଃ ଆସନ୍ତା ଏପ୍ରିଲ ୨ ନୁହେଁ, ବରଂ ୪ ତାରିଖରେ ହେବ ଖଡ଼ିଛୁଆଁ କାର୍ଯ୍ୟକ୍ରମ। ବ୍ଲକରୁ ରାଜ୍ୟ ସ୍ତର ଯାଏଁ ଅନୁଷ୍ଠିତ ହେବ ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ଖଡ଼ିଛୁଆଁ ସହ ପ୍ରବେଶ ଉତ୍ସବ ଏବଂ ଶିକ୍ଷା ସଚେତନତା ରଥ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପୂର୍ବରୁ ଏପ୍ରିଲ ୨ ତାରିଖରେ ଏହି କାର୍ଯ୍ୟକ୍ରମ କରାଯିବା ସକାଶେ ସ୍ଥିର ହୋଇଥିଲେ ହେଁ ଏବେ ଏହାକୁ ବଦଳାଇ ଏପ୍ରିଲ ୪ରେ କରିବାକୁ ନିଷ୍ପତ୍ତି ହୋଇଛି। ଏନେଇ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି ଲେଖିଛି ଓସେପା। ଏନେଇ ଆବଶ୍ୟକ ପ୍ରସ୍ତୁତି ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୪ରୁ ୧୦ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଶିକ୍ଷା ସଚେତନତା ରଥ ବୁଲିବ।

### ତର୍କ ବିତର୍କ ମଧ୍ୟରେ ଗୃହୀତ ହେଲା ବ୍ୟୟମଞ୍ଜୁରୀ ବିଲ୍

# ବିରୋଧୀଙ୍କୁ ଆଇନା ଦେଖାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ)ଃ ଦୁଇ ସପ୍ତାହ ଧରି ଗୃହକୁ ଅଚଳ କରି ରଖିଥିବା ବିରୋଧୀ ଦଳ ଆଜି ବ୍ୟୟମଞ୍ଜୁରୀ ବିଲ ଆଲୋଚନାରେ ଭାଗ ନେଇ ସରକାରଙ୍କ ଦୋଷ ଦୁର୍ବଳତାକୁ ପଦାରେ ପକାଇବାକୁ ଚେଷ୍ଟା କରିଥିଲେ। ହେଲେ ବିରୋଧୀଙ୍କ ସବୁ ଆକ୍ଷେପର ଉତ୍ତର ଦେଇ ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଜେଡି ଓ କଂଗ୍ରେସକୁ କଟୁ ସମାଲୋଚନା କରିଛନ୍ତି। ସବଳ ସ୍ୱାସ୍ଥ୍ୟମନ୍ତ୍ରୀ, ଦୁର୍ବଳ ମୁଖ୍ୟମନ୍ତ୍ରୀର ନାରା ଦେଇଥିବା ବିରୋଧୀଙ୍କୁ ୨୪ ବର୍ଷର ବିଜେଡି ସରକାର ଅମଳରେ କିଏ ସବଳ ଓ କିଏ ଦୁର୍ବଳ ଥିଲେ, ତା'ର ଆଇନା ଦେଖାଇଛନ୍ତି ମୁଖ୍ୟମନ୍ତ୍ରୀ। ଏଥିସହ ମୁଖ୍ୟମନ୍ତ୍ରୀ ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗ କାର୍ଡ ଖେଳି ବିରୋଧୀଙ୍କୁ କଟାକ୍ଷ କରିଛନ୍ତି।

ଚଳିତ ବଜେଟ ଅଧିବେଶନରେ କୌଣସି ବିଭାଗୀୟ ଖର୍ଚ୍ଚଦାବି ଆଲୋଚନାରେ ବିରୋଧୀ ଦଳ ଯୋଗ ଦେଲେନାହିଁ। ଏତେ ଗୁରୁତ୍ୱପୂର୍ଣ୍ଣ ଅଧିବେଶନ କାଳରେ ବିରୋଧୀ କେବଳ ହଟ୍ଟଗୋଳ, ନାରାବାଜି କରି ଗୃହକୁ ଅଚଳ କରି ରଖିଲେ। ରାଜ୍ୟବାସୀଙ୍କ ସ୍ୱାର୍ଥ ରକ୍ଷା ଲାଗି ବିରୋଧୀ ଦଳ ନିଜର ନୈତିକ ଦାୟିତ୍ୱ ନିର୍ବାହ କରିନାହିଁ। ବିଧାନସଭାରେ ଓ ସଂସଦରେ ଶାସକ ବିରୋଧୀ ଲଢ଼େଇ, ତର୍କବିତର୍କ ଦେଖିବାକୁ ମିଳେ। ହେଲେ ଗୋଟିଏ ପ୍ରସଙ୍ଗକୁ ନେଇ ସମ୍ପୂର୍ଣ୍ଣ ବଜେଟ ଅଧିବେଶନ ଅଚଳ

**ମୁଖ୍ୟମନ୍ତ୍ରୀଙ୍କୁ ଦୁର୍ବଳ କହିବା ଆଦିବାସୀଙ୍କୁ ଉପହାସ**

**ବିଜେଡି ବିଶେଷ ସବଳବାବୁଙ୍କ ଦ୍ୱାରା ପରିଚାଳିତ**

**ବିଜେଡି-କଂଗ୍ରେସ ମିଶିଲେ, ୧୧ ବିଧାୟକ ଦୂରେଇଗଲେ**

**ମମତା, ମାହାଙ୍ଗା ମର୍ଡର ବେଳେ ନୈତିକତା ଚୂଲିକୁ ଯାଇଥିଲା**

**ରାଜ୍ୟକୁ ସଶକ୍ତ, ସମୃଦ୍ଧ ଓ ସମାବେଶୀ କରିବ ବଜେଟ୍**

କରିବା ଦୁର୍ଭାଗ୍ୟଜନକ। ବିରୋଧୀ ମାସେ କାଳ ଅସହଯୋଗ କଲେ। ବିରୋଧୀଙ୍କ ପାଇଁ ଆତ୍ମସମୀକ୍ଷାର ବେଳ। ବିଧାନସଭାରେ ବିରୋଧୀଙ୍କ ସମ୍ପୂର୍ଣ୍ଣ ଆଚରଣକୁ ଓଡ଼ିଶାବାସୀ ଦେଖିଛନ୍ତି।

ବିରୋଧୀ ଦଳର ସଦସ୍ୟମାନେ ଚାଷୀଙ୍କ ଆୟ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି। ୨୪ ବର୍ଷର ବିଜେଡି ସରକାର ସମୟରେ ଚାଷୀଙ୍କ ଆୟ କ୍ଷେତ୍ରରେ ଦେଶର ସମସ୍ତ ରାଜ୍ୟ ମଧ୍ୟରେ ଓଡ଼ିଶା ନିମ୍ନରୁ ➪ପୃଷ୍ଠା-୬



# ରାଜ୍ୟ ରାଜପଥ ପ୍ରାଧିକରଣର ଅଧ୍ୟକ୍ଷ ହେଲେ ବଲବନ୍ତ ସିଂ



ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ)ଃ ମଙ୍ଗଳବାର ଆଇଏଏସ୍ ସ୍ତରରେ ଛୋଟ ଧରଣର ଅଦଳ ବଦଳ ହୋଇଛି। ଭାସ୍କର ଜ୍ୟୋତି ଶର୍ମାଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗ ପ୍ରମୁଖ ସଚିବ ଦାୟିତ୍ୱ ଦିଆଯାଇଛି। ଏଥିସହ ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେସନ (ଓପିଟିସିଏଲ)ର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଭାବେ ସେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ସନ୍ଥଗୋପାଳନଙ୍କୁ ଅବକାରୀ ବିଭାଗର ପ୍ରମୁଖ ସଚିବ ଓ ଓଡ଼ିଶା ପାନୀୟ ନିଗମ ➪ପୃଷ୍ଠା-୬

# ବିଜୁଙ୍କୁ ଅସମ୍ମାନ, ବିଧାନସଭାରେ ଉଦ୍‌ବେଗ





**ନିନ୍ଦା ପ୍ରସ୍ତାବ ନୋଟିସ ଦେଲେ ବିରୋଧୀ**

**ଓଡ଼ିଆ ଅଭିମାନ ଓ ସ୍ୱାଭିମାନକୁ କୁଠାରାଘାତ**

**ଦୁବେଙ୍କ ମନ୍ତବ୍ୟ ଅପରିମାଣଦର୍ଶୀଃ ଆଇନ ମନ୍ତ୍ରୀ**

**ବିଜୁଙ୍କୁ ସମ୍ମାନ ଦେଉନି ବିଜେଡିଃ ସରୋଜ**

ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ)ଃ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତି ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ଅସମ୍ମାନଜନକ ମନ୍ତବ୍ୟକୁ ନେଇ ଆଜି ବିଧାନସଭାରେ ଗର୍ଜିଛି ବିଜେଡି। ବିଜେପି ସାଂସଦଙ୍କ ବିରୋଧରେ ଗୃହରେ ନିନ୍ଦା ପ୍ରସ୍ତାବ ଆଣିବାକୁ ନୋଟିସ ଦେଇଥିଲେ ବିରୋଧୀ ଦଳ। ଏହାକୁ ବାଚସ୍ପତି ଗ୍ରହଣ କରି କାର୍ଯ୍ୟ ପରାମର୍ଶଦାତା କମିଟିରେ ଆଲୋଚନା ପାଇଁ ସମୟ ନିର୍ଘଣ୍ଟ ସ୍ଥିର କରିବେ ବୋଲି କହିଛନ୍ତି। ବିଜୁ ବାବୁଙ୍କୁ ଅସମ୍ମାନକୁ ଶାସକ ବିଜେପି ଦଳ ମଧ୍ୟ ଗ୍ରହଣ କରିପାରିନି। ଖୋଦ ଆଇନ ମନ୍ତ୍ରୀ ଏହା ଦଳର ମତ ନୁହେଁ ବୋଲି ସ୍ପଷ୍ଟ କରିବା ସହ ଏହା ଉପରେ ଅଧିକ ମତ ମନ୍ତବ୍ୟ ଦେବା ଉଚିତ ନୁହେଁ ବୋଲି କହିଛନ୍ତି। ବିରୋଧୀ ଦଳ ପକ୍ଷରୁ ଦିଆଯାଇଥିବା ନିନ୍ଦା ପ୍ରସ୍ତାବ ନୋଟିସକୁ ବାଚସ୍ପତି ଗ୍ରହଣ କରି ନ ଥିବାରୁ ଆଜି ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିଜେଡି ଓ କଂଗ୍ରେସ ବିଧାୟକମାନେ ଗୃହର ମଧ୍ୟଭାଗରେ ହଟ୍ଟଗୋଳ କରିଥିଲେ। ଫଳରେ ପ୍ରଶ୍ନକାଳ ୧୦ଟା ୫୨ରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ମୁଲତବୀ ହୋଇଥିଲା। ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଏହି ପ୍ରସଙ୍ଗକୁ ନେଇ ବିଜେପି ସାଂସଦଙ୍କ ଉପରେ ବର୍ଷିଥିଲେ। ସେ କହିଥିଲେ ➪ପୃଷ୍ଠା-୬

# କେବିଏନ୍ଃ କିଏ ବ୍ରାଉନସୁଗର ନେବ ?




**ଖଟି ନାଁରେ ଖୁଣ୍ଟି ଖାଉଛନ୍ତି**

**ନିଶା ବେପାରୀଙ୍କ ପିକ୍‌ଅପ ପଏଣ୍ଟ**

**ୟୁନିଟ ୮ରେ ଅସାମାଜିକଙ୍କ ମେଳି**

**ଅଣ୍ଟା ଭିଡ଼ିଲା ଟିମ୍ ଜଗମୋହନ**




ଜମି ପୋଜେସନ ହେଉ ଅଥବା ଦେହ ବେପାର। ବଟି ମାଗିବା ହେଉ ଅବା ପାଉଡର କାରବାର। କେବିଏନ୍ ଖଟିରେ ଅଛି ସବୁକିଛିର ସମାଧାନ ସୂତ୍ର। ୟୁନିଟ୍-୮ ଡିଏଭି ସ୍କୁଲ୍ କଡ଼ରେ ପହଞ୍ଚିଲେ ମିଳିବ ସବୁ ସୁବିଧା। ଅପରାଧୀଙ୍କ ଏକ୍ତୁଡ଼ିଶାଳ ପାଲଟିଛି ଏହି କେବିଏନ୍ ଖଟି। ଖଟିର ପୂରା ନାଁ କୁଆଡ଼େ ଆଗରୁ 'କୋଇ ଭାଇ ନହିଁ' ଥିବା ବେଳେ ଏବେ ବଦଳି ହୋଇଛି 'କେଉଁଠୁ ବ୍ରାଉନସୁଗର ନେବ?'। ବାଲେଶ୍ୱରରୁ ଭାୟା ଜଳେଶ୍ୱର ଦେଇ କୁଆଡ଼େ ସିଧା ୟୁନିଟ-୮ର ଏହି ଖଟିକୁ ଆସୁଛି। ଆଉ ସେହିଠାରୁ କୁଆଡ଼େ ଚାରିଆଡକୁ ସପ୍ଲାଏ ହେଉଛି। ଏଭଳି କିଛି ଖବର ପାଇବା ପରେ ମାଫିଆଙ୍କ ବିରୋଧରେ ଆରମ୍ଭ ହୋଇଛି ଦମନଲୀଳା। ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପୃଷ୍ଠପୋଷକତାରେ ଏଠାରେ ଖଟି ଜମୁଛି। ରାତି ଅଧ ପର୍ଯ୍ୟନ୍ତ ନିଶା ଖାଇ ଯୁବକମାନେ ଅପରାଧ ଘଟାଉଛନ୍ତି। ଯାହାର ସଦ୍ୟ ଉଦାହରଣ ହେଉଛି, ଗତକାଲି କ୍ୟାପିଟାଲ ଥାନା ଦ୍ୱାରା ଗିରଫ ହୋଇଥିବା ରଶ୍ମି ରଞ୍ଜନ ବାରିକ କେସ। କେବିଏନ ଗ୍ରୁପର ଜଣେ ସକ୍ରିୟ ସଦସ୍ୟ ରଶ୍ମି ନାଁରେ ରହିଛି ହତ୍ୟା ଉଦ୍ୟମ, ଅପରାଧିକ ଧମକ, ଗୁଳିମାଡ଼, ବଟି ମାଗିବା ଭଳି ୮ରୁ ଊର୍ଦ୍ଧ୍ୱ ମାମଲା। ଝୁମ୍ପୁଡି ଘରେ ରହୁଥିବା ରଶ୍ମି ଅନ୍ୟ ଜଣଙ୍କ କଳା ରଙ୍ଗର ସ୍କର୍ପିଓ ବ୍ୟବହାର କରିବା ସହ ହାତରେ ବନ୍ଧୁକ ଧରି ବୁଲୁଥିଲା। ୟୁନିଟ-୨ ଅଞ୍ଚଳର ସୁଧାଂଶୁ ଭୂଷଣ କରଙ୍କ ଅଭିଯୋଗ କ୍ରମେ ଏହି ଅଭ୍ୟାସଗତ ଅପରାଧୀକୁ କୋର୍ଟଚାଲାଣ କରିଛି କ୍ୟାପିଟାଲ ଥାନା ପୁଲିସ।

ତେବେ ଏହି ଜଣେ ନୁହେଁ, କେବିଏନ ନାଁରେ ସୋସିଆଲ ମିଡିଆରେ ଆକାଉଣ୍ଟ ଖୋଲି ବେଶ୍ ଗର୍ବର ସହ ଖଟିକୁ ଆସୁଥିବା ଏହି କରିତକର୍ମାମାନଙ୍କୁ ଖୋଜିବା ଆରମ୍ଭ କରିଛି କମିଶନରେଟ ପୁଲିସ। ଏଭଳି ଅସାମାଜିକଙ୍କ ଗଡ଼ଫାଦର ପାଲଟିଥିବା ବ୍ୟକ୍ତିଙ୍କୁ ତୁରନ୍ତ ଚିହ୍ନଟ କରି ଦଫା ୧୧୦ରେ ବୁକ୍ କରିବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି ➪ପୃଷ୍ଠା-୬

# ପୋଷଣ ଓ ମଧ୍ୟାହ୍ନଭୋଜନରେ ଦୁର୍ନୀତି

**ସିଏଜି ରିପୋର୍ଟରେ ଖୁଲାସା**

**ସ୍କୁଲ ନ ଥାଇ ବି ଉଠିଛି ଚାଉଳ**

**ପ୍ରଦୂଷିତ ପାଣିରେ ଦିଆଯାଉଥିଲା ରନ୍ଧା ଖାଦ୍ୟ**

ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ)ଃ ରାଜ୍ୟରେ ଶିଶୁ ଓ ମାତୃ ସ୍ୱାସ୍ଥ୍ୟ ପାଇଁ ଉଦ୍ଦିଷ୍ଟ 'ପୋଷଣ' ଅଭିଯାନ ଓ ମଧ୍ୟାହ୍ନଭୋଜନ ଯୋଜନାରେ ବ୍ୟାପକ ଚିତ୍ର ପଦାକୁ ଆସିଛି। ବିଜେଡି ସରକାର ସମୟରେ ୨୦୧୮-୧୯ରୁ ୨୦୨୨-୨୩ ଆର୍ଥିକ ବର୍ଷ ମଧ୍ୟରେ ଶିଶୁ, ଗର୍ଭବତୀ, ପ୍ରସୂତୀ ମହିଳା ଓ ସ୍କୁଲ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଖାଦ୍ୟକୁ ହରିଲୁଟ୍ କରି କୋଟିକୋଟି ଟଙ୍କାର ଆର୍ଥିକ ହେରଫେର କରାଯାଇଥିବା ସିଏଜି ଅଡିଟରୁ ଜଣାପଡ଼ିଛି। କେଉଁଠି ଗହମ ଚାଉଳ ହରିଲୁଟ ହୋଇଥିଲା ତ କେଉଁଠି ପ୍ରଦୂଷିତ ପାଣିରେ ରନ୍ଧା ଖାଦ୍ୟ ଦିଆଯାଉଥିଲା ବୋଲି ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି।

ଆଜି ବିଧାନସଭାରେ ଉପସ୍ଥାପିତ ସିଏଜିଙ୍କ ୨୦୨୩ ମାର୍ଚ୍ଚ ଶେଷ ସୁଦ୍ଧା ଅଡିଟ୍ ରିପୋର୍ଟରେ ଏହି ଦୁଇ ଯୋଜନାର ବିକଳ ଚିତ୍ର ପଦାକୁ ଆସିଛି। ଯଦିଓ କାଗଜକଲମରେ ରାଜ୍ୟ ସରକାର ଏହି ଦୁଇ ଯୋଜନାକୁ ଶତପ୍ରତିଶତ ସଫଳତା ଦର୍ଶାଉଛନ୍ତି, କିନ୍ତୁ ବାସ୍ତବରେ କୋଟି କୋଟି ଟଙ୍କାର ପାଣ୍ଠି ଅପବ୍ୟବହାର ହୋଇଥିବା ଜଣାପଡିଛି। ଅଡିଟ୍ ରିପୋର୍ଟ ଅନୁସାରେ, ୨୦୧୮-୧୯ରୁ ୨୦୨୨-୨୩ ମଧ୍ୟରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପାଖରେ ୫୧୨୮.୯୫ କୋଟି ଟଙ୍କାର ପାଣ୍ଠି ଥିଲେ ମଧ୍ୟ ସେଥିରୁ ୩୮୧.୪୧ କୋଟି ଟଙ୍କା ଅବ୍ୟବହୃତ ହୋଇ ପଡ଼ିରହିଥିଲା। ବିନିଯୋଗ ପ୍ରମାଣପତ୍ର (ୟୁସି) ଦାଖଲ କରିବାରେ ୧ରୁ ୪୧୬ ଦିନ ପର୍ଯ୍ୟନ୍ତ ବିଳମ୍ବ କରିବା ଯୋଗୁଁ କେନ୍ଦ୍ର ସରକାର ପ୍ରାୟ ୩୩୯.୨୦ କୋଟି ଟଙ୍କାର ଅନୁଦାନ କାଟି ➪ପୃଷ୍ଠା-୬




## ପବିତ୍ର ଓଡ଼ିଶା ଦିବସ-୨୦୨୬ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଓଡ଼ିଶା ଦିବସ–୨୦୨୬ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)



## ଓଡ଼ିଶା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଜୟ ଜଗନ୍ନାଥ!

ଆଜି ଓଡ଼ିଶା ଦିବସ । ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଅସ୍ମିତା ଓ ସ୍ୱାଭିମାନର ଦିବସ । ଏହି ଅବସରରେ ଓଡ଼ିଶା ତଥା ଦେଶ ଓ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ତ୍ୟାଗ ଓ ବଳିଦାନ ରଖିଥିବା ସମସ୍ତ ବରପୁତ୍ରମାନଙ୍କ ନୀତି ଓ ଆଦର୍ଶ ଆମକୁ ପିଢ଼ି ପରେ ପିଢ଼ି ଅନୁପ୍ରାଣିତ କରି ଆସୁଛି ଓ ଆସୁଥିବ । ଏହି ଅବସରରେ ସେମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଓଡ଼ିଶା ଆଜି ନୂଆ ଆଶା, ନୂଆ ଭରସା ଓ ଗଭୀର ଆତ୍ମବିଶ୍ୱାସର ସହିତ ଆଗକୁ ବଢୁଛି । ୨୦୩୬ ସୁଦ୍ଧା ଆମେ ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ ରଖିଛୁ । ଆଗାମୀ ଦଶ ବର୍ଷ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ସଂକଳ୍ପର ବର୍ଷ ହେଉ ।

ଆସନ୍ତୁ, ଆମେ ସମସ୍ତେ, ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ପୂରଣ ପାଇଁ ଦୃଢ଼ ସଂକଳ୍ପବଦ୍ଧ ହୋଇ କାମ କରିବା ।

ବନ୍ଦେ ଉତ୍କଳ ଜନନୀ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

### ଦିବ୍ୟାଙ୍ଗ ଚନ୍ଦନକୁ ସୌଭାଗ୍ୟଙ୍କ ସହାୟତା

## ଘରକାମ ପାଇଁ ଦେଲେ ୩୦ ବସ୍ତା ସିମେଣ୍ଟ



ମହାକାଳପଡ଼ା,୩୧।୩(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବାଙ୍କିଛନ୍ଦା ଗ୍ରାମର ୮୦% ଦିବ୍ୟାଙ୍ଗ ଯୁବକ ଚନ୍ଦନ ପାଇଟାଳ ନାନା ସମସ୍ୟା ଘେରରେ ରହି ଅର୍ଥ ଅଭାବରୁ ଘର ଖଣ୍ଡିଏ କରିବାକୁ ଅସମର୍ଥ ହୋଇଥିଲେ। ଘର ଖଣ୍ଡିଏ ନଥିବାରୁ ରୋଗୀଣା ବାପା ମାଆଙ୍କ ସହିତ ଭଙ୍ଗା କୁଡ଼ିଆରେ ଜୀବନ କାଟୁଛନ୍ତି ଚନ୍ଦନ। ଏମିତି ପରିସ୍ଥିତିରେ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାର ତରଫରୁ ତାଙ୍କ ଘରକାମ ପାଇଁ ପ୍ରୟାସ ଆରମ୍ଭ ହୋଇଛି। ବିଭିନ୍ନ ବ୍ୟକ୍ତିବିଶେଷ ଚନ୍ଦନଙ୍କ ଘରକାମ ପାଇଁ ସହଯୋଗ ଯୋଗାଇ ଦେଉଛନ୍ତି। ଚନ୍ଦନଙ୍କ ସମସ୍ୟା ବିଷୟରେ ଜାଣିବାକୁ ପାଇ ସହଯୋଗର ହାତ ବଢ଼ାଇଛନ୍ତି ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ବିଜେପି ନେତା ଡଃ ସୌଭାଗ୍ୟ ପରିଡ଼ା। ଚନ୍ଦନଙ୍କ ଘରକାମ ପାଇଁ ସେ ୩୦ ବସ୍ତା ସିମେଣ୍ଟ ପ୍ରଦାନ କରିଛନ୍ତି। ସୌଭାଗ୍ୟଙ୍କ ଏହି ମହାନ ପ୍ରୟାସ ପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ କିନ୍ନର ଦିବସ



କେନ୍ଦ୍ରାପଡ଼ା,୩୧।୩(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ କିନ୍ନର ଦିବସ ପାଳନ କରାଯାଇଛି । ଏ ନେଇ ଏକ ସୁସଜ୍ଜିତ ସଚେତନତା ରଥକୁ ଜିଲ୍ଲାପାଳ ରଘୁରାମ୍.ଆର.ଆଇ.ଆର୍ ଉଦ୍ଘାଟନ କରିଥିଲେ । ରଥଟି ସହର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରିଥିଲା । ପରେ ଏକ ଜିଲ୍ଲାକାର୍ଯ୍ୟାଳୟ ସଭାରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ (ରାଜସ୍ୱ) ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ମନୋରଞ୍ଜନ ରାଉତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାଏ, ଡିପିସି ମମତା ମନୋରଞ୍ଜନ ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ କିନ୍ନର ମାନଙ୍କର ଆଇନ୍ ତାଙ୍କର ସୁରକ୍ଷା ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ମୌଳିକ ସୁବିଧାରୁ ବଞ୍ଚିତ ଟୁକୁନୁ ଖଟୁଆ ପରିବାର



ଯାଜପୁର ରୋଡ଼, ୩୧।୩ (ସଂଚାର ବ୍ୟୁରୋ): ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନମ୍ବର - ୧୭ ରେ ଦୀର୍ଘବର୍ଷରୁ ବସବାସ କରୁଥିବା ଟୁକୁନୁ ଖଟୁଆ (୪୫)ଙ୍କ ପରିବାର ବର୍ଗଙ୍କଲାଗି ସରକାରଙ୍କ ଆସୁଥିବା ବିଭିନ୍ନ ଜନହିତକର ଯୋଜନା ବାଟବଣା ହୋଇଯାଇଛି ବୋଲି ତାଙ୍କ ସ୍ତ୍ରୀ ଚେମି ଖଟୁଆ ଓ ତାଙ୍କର ଦୁଇ ପିଲା ଜଣାଇଛନ୍ତି। ଏହି ପରିବାରଟି ଦୀର୍ଘ ଦିର୍ଘବର୍ଷ ହେଲା ଭଙ୍ଗା ପାଲଟଣାର ଘରରେ ରହିଚାଲିଛନ୍ତି । ଏମାନଙ୍କ ଅବସ୍ଥା ଜଣାଇଦିଏ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଏମାନଙ୍କ ପାଖରେ ପହଂଚିବାରେ କେତେ କତେ ସଫଳତା ହାସଲ ପାଇପାରିଛି । କାରଣ ନାଁ ଏମାନଙ୍କ ପରିବାର ସରକାରଙ୍କ ଆବାସ ଗୃହ ଖଣ୍ଡେ ଅଛି, ନାଁ ବିଭିନ୍ନ ଜନହିତକର ଯୋଜନାରେ ଏମାନେ ସାମିଲ ଅଛନ୍ତି । ଅନ୍ୟପାଖେ ଦିନ ଦିନ ମଜୁରିଆ ଭାବେ ଖଟିବା ପରେ ପରେ ଯାହା ରୋଜଗାର କରନ୍ତି ସେଥିରେ ପରିବାର ପ୍ରତିପୋଷଣ ହୁଏ ବୋଲି ପ୍ରକାଶ କରିଛନ୍ତି । ତେଣୁ ଟୁକୁନୁ ଖଟୁଆ ପରିବାର ପାଇଁ ଆବାସ ଯୋଜନା ଠାରୁ ଆରମ୍ଭକରି ବିଭିନ୍ନ ଜନହିତକର ଯୋଜନାରେ ସାମିଲ କରାନ୍ତୁ ବୋଲି ଗୁହାରି କରିଛନ୍ତି ।

## ଶିକ୍ଷୟିତ୍ରୀଙ୍କୁ ଅବସରଦିନ ପେନସନ ପ୍ରଦାନ




କେନ୍ଦ୍ରାପଡ଼ା,୩୧।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଅବସରଗ୍ରହଣ କରିଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ପେନସନ ମଞ୍ଜୁରୀପତ୍ର ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ମଣ୍ଡଳଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ ବିରସ୍ୱତୀ ଉନ୍ନିତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମିନତୀ କୁମାରୀ ବିଶ୍ୱାଳଙ୍କୁ ପୁଷ୍ପଗୁଚ୍ଛ, ଉରୀୟ ଓ ପେନସନ ମଞ୍ଜୁରୀପତ୍ର ପ୍ରଦାନକରି ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏଥିସହିତ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀ ମନ୍ତ୍ରୀଙ୍କ ସମେତ ଏ.ବି.ଇ.ଓ. ବଳଦେବ ପ୍ରସାଦ ଜେନା ଓ ଏ.ବି.ଇ.ଓ. ରଞ୍ଜନ କୁମାର ରାଉତରାୟ ପ୍ରମୁଖ ଆଦର୍ଶ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ବିଶ୍ୱାଳଙ୍କ କର୍ମନିଷ୍ଠା, କର୍ତ୍ତବ୍ୟ ପରାୟଣତା, ସମୟାନୁବର୍ତ୍ତିତା ଓ ସମସ୍ତଙ୍କୁ ଆପଣାରକରି କର୍ମକ୍ଷେତ୍ରରେ ଦାୟିତ୍ୱ ସମ୍ପାଦନ କରିବା ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କ ଅବସରକାଳୀନ ଜୀବନ ସୁସ୍ଥ ଓ ନିରାମୟ ହେଉ ବୋଲି ଶ୍ରୀବଳଦେବଜୀଉଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଏଥିସହିତ ବୁଢ଼ିବିଳାଶୁଣୀ ୟୁପି ସ୍କୁଲର ପ୍ରଧାନଶିକ୍ଷକ ରାଜେନ୍ଦ୍ର ପ୍ରସାଦ ରାଉତ ଓ ତଳବାରଙ୍ଗ ପ୍ରକଳ୍ପ ୟୁଜିୟୁପି ସ୍କୁଲର ସହକାରୀ ଶିକ୍ଷୟିତ୍ରୀ ମଞ୍ଜୁଳା ମହାପାତ୍ରଙ୍କୁ ମଧ୍ୟ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ ସହ ପେନସନ ମଞ୍ଜୁରୀପତ୍ର ପ୍ରଦାନ କରାଯାଇଥିଲା ।

# ସୁଭଦ୍ରା ଶକ୍ତି ମେଳା ଉଦ୍ଯାପିତ



କେନ୍ଦ୍ରାପଡ଼ା,୩୧।୩(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆରେ ୨୪ ମାର୍ଚ୍ଚରୁ ଆରମ୍ଭ ହୋଇଥିବା ସୁଭଦ୍ରା ଶକ୍ତିମେଳା ସୋମବାର ରାତିରେ ଉଦଯାପିତ ହୋଇଯାଇଛି । ଏହି ମେଳା ମହିଳା ସଶକ୍ତିକରଣ ଓ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କର କୌଶଳ, ସୃଜନଶୀଳତା ଓ ଆର୍ଥିକ ସ୍ୱାବଲମ୍ବନକୁ ପ୍ରଚାର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବେ ପରିଗଣିତ ହୋଇଛି। ଉଦଯାପନୀ ଉତ୍ସବରେ ଜିଲ୍ଲା ପରିଷଦ ସଭାପତି ଲିଳିତା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି ଓ ଡିପିସି ମିଶନଶକ୍ତି ଆରତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମେଳାରେ ବିଭିନ୍ନ ବର୍ଗରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ସମ୍ମାନିତ କରାଯାଇଥିଲା।

ଶ୍ରେଷ୍ଠ କୃଷି ଉତ୍ପାଦ (ସର୍ବାଧିକ ବିକ୍ରୟରେ) ରାଜନଗରର ଗଙ୍ଗା ମାତା ଏସଏଚଜି ପ୍ରଥମ, ବଜ୍ର ମହାକାଳୀ ଡାଲ୍ ପିଜି (ମାର୍ଶାଘାଇ) ଦ୍ୱିତୀୟ, ଶ୍ରୀକୃଷ୍ଣ ପିଜି (ଗଞ୍ଜାମ, ଶେରଗଡ଼) ତୃତୀୟ । ଶ୍ରେଷ୍ଠ ଅଣକୃଷି ଉତ୍ପାଦରେ ମା' ସମଲେଶ୍ୱରୀ ଏସଏଚଜି (ବରଗଡ଼, ଅତାବିରା) ପ୍ରଥମ, ବିରବାରପୁର ହସ୍ତତନ୍ତ ପିଜି (କଟକ, ବଡମ୍ବା) ଦ୍ୱିତୀୟ, ବୁଢ଼ି ମା ଏସଏଚଜି (ନୟାଗଡ଼) ତୃତୀୟ । ଶ୍ରେଷ୍ଠ ପ୍ୟାକିଙ୍ଗ, ଲେବେଲିଂ ଓ ଡିସପ୍ଲେ: ମା' ବିମଳେଇ ଉତ୍ପାଦିକା ଏସଏଚଜି (ଗରଦପୁର) ପ୍ରଥମ, ମହାସଂଗ୍ରାମ ଏସଏଚଜି (ରାଜକନିକା) ଓ ମା ବନଦୁର୍ଗା ଏସଏଚଜି (ଆଳି) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ । ଶ୍ରେଷ୍ଠ ଗ୍ରାହକ ବ୍ୟବହାର ଓ ପ୍ରସ୍ତୁତିକରଣ: ସତ୍ୟସାଇ ପିଜି (କେନ୍ଦ୍ରାପଡ଼ା) ଶ୍ରେଷ୍ଠ; ତ୍ରାହି ଅଚ୍ୟୁତା ଏସଏଚଜି (ପଟ୍ଟାମୁଣ୍ଡାଇ) ଓ ମା ସନ୍ତୋଷୀ ଏସଏଚଜି (କେଉଁଝର) ସ୍ଥାନ ପାଇଥିଲେ । ଶ୍ରେଷ୍ଠ ଉଦ୍ଭାବନ (ଏସଏଚଜି ଉତ୍ପାଦ): ଉତ୍କଳ ଗ୍ରାମୀଣ (ଡେରାବିଶ) ପ୍ରଥମ, ମା ବନଦୁର୍ଗା (ମହାକାଳପଡ଼ା) ଓ ଓମ୍ ସାଇ ଏସଏଚଜି (ବାଲେଶ୍ୱର) ସମ୍ମାନିତ ହୋଇଥିଲେ । ଶ୍ରେଷ୍ଠ ଷ୍ଟଲ୍ (ସମୁଦାୟ ପ୍ରଦର୍ଶନ): ତୁଳସୀ କ୍ଷେତ୍ର ପିଜି (କେନ୍ଦ୍ରାପଡ଼ା) ପ୍ରଥମ ସ୍ଥାନ ଅଧିକାର କରିଥିଲା ।

ଏହି ଅବସରରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ଼, ଟାଉନଥାନା ଆଇଆଇସି ଶୁଭେନ୍ଦୁ କୁମାର ସାହୁ, ଆଇଆଇସି (ମୁଖ୍ୟାଳୟ) ଦିଲ୍ଲୀପ କୁମାର ସାହୁ, ରିଜର୍ଭ ପୋଲିସର ଆସିଷ୍ଟାଣ୍ଟ କମାଣ୍ଡା ରାମଚନ୍ଦ୍ର ମହାନ୍ତି ଓ ଅଗ୍ନିଶମ ଅଧିକାରୀ ଅଶୋକ କୁମାର ସାହୁ ମଧ୍ୟ ଉପସ୍ଥିତ ଥିଲେ । ପରେ ମହିଳା ସଶକ୍ତିକରଣ ବିଷୟରେ ଉଲ୍ଲେଖନୀୟ ଲେଖାପାଇଁ "ମନ କି ବାତ' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଦ୍ୱାରା ପ୍ରଶଂସା ସଉଁଟିଥିବା ଏଚଏନଏସ ମହାବିଦ୍ୟାଳୟ, ଚାନ୍ଦୋଳର +୩ ପ୍ରଥମ ବର୍ଷ ଛାତ୍ର ଓମପ୍ରକାଶ ରଥଙ୍କୁ ବିଶେଷ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

### ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର ଘଟଣା

## ନ୍ୟାୟ ପାଇଁ ଲଢୁଥିବା ପରିବାରକୁ ହତ୍ୟା ଧମକ





### ଛଡ଼ାଇ ନେଇଥିବା ବାଇକ୍‌କୁ ଉଦ୍ଧାର କରିଥିଲା ପୁଲିସ

### ହତ୍ୟା ଅଭିଯୋଗ ଆଣିଥିଲେ ପରିବାର

ଡେରାବିଶ,୩୧।୩(ସଂଚାର ବ୍ୟୁରୋ): ଗତ ୧୬ ତାରିଖରେ ମହେନ୍ଦ୍ର ମଳିକଙ୍କୁ ହାଣି ତା ବାଇକ୍ ଛଡ଼ାଇ ନେଇଯାଇଥିବା ଅଭିଯୁକ୍ତ ମାନେ ଆଜି ସକାଳୁ ମହେନ୍ଦ୍ରଙ୍କ ଭାଇକୁ ଭାଣ୍ଡିଲୋ ବଜାର ନିକଟରେ ଏକା ଦେଖି ଖୁଲମ୍ ଖୁଲା " ଗୋଟେ ମର୍ଡର ହୋଇଛି, ଆଉ ଗୋଟେ ମର୍ଡର ହେବ" ବୋଲି ଧମକ ଦେଇଛନ୍ତି ବୋଲି ଆଜି ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ମହେନ୍ଦ୍ରଙ୍କ ଭାଇ ମହେଶ୍ୱର ମଳିକ ।

ସେ ଏତଲାରେ ସ୍ପଷ୍ଟ ଦର୍ଶାଇଛନ୍ତି ଯେ ୧୭ ତାରିଖରେ ଭାଇର ମୃତ ଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହେବା ପରେ କିପରି ଚତୁରତାର ସହ ଘଟଣାଟିକୁ ଅପମୃତ୍ୟୁ ମାମଲାରେ ପଞ୍ଜିକରଣ କରାଗଲା। ଏହା ସହ ପୋଲିସ କିପରି ତଦନ୍ତ କୋହଳ କରୁଥିବାରୁ ଆଜି ଅଭିଯୁକ୍ତ ମାନେ ଖୁଲମ ଖୋଲା ଆଉ ଗୋଟେ ମର୍ଡର କରିବେ ବୋଲି ସ୍ପଷ୍ଟ ଦିବାଲୋକରେ ଧମକ ଦେଉଛନ୍ତି । ସୂଚନା ଥାଉ କି ମହେନ୍ଦ୍ରଙ୍କୁ ଗତ ମାର୍ଚ୍ଚ ୧୬ ତାରିଖ ସନ୍ଧ୍ୟା ସମୟରେ ଅଭିଯୁକ୍ତ ମାନେ ଗଛ ବେପାରର ବକେୟା ପଇସାକୁ ନେଇ ଗଛ ହଣା କୁରାଢ଼ିରେ ହାଣି ତା ବାଇକ୍ ଛଡ଼ାଇ ନେଇଥିଲେ। ପରେ ୧୭ ତାରିଖ ଦିନ ମହେନ୍ଦ୍ରର ମୃତଦେହ ଝୁଲନ୍ତା ଅବସ୍ଥାରେ ଏକ ଚାଖୁଣ୍ଡା ଗଛରୁ ଉଦ୍ଧାର କରାଯାଇଥିଲା।

ପରେ ବାପ ଘରେ ରହୁଥିବା ମହେନ୍ଦ୍ରଙ୍କ ସ୍ତ୍ରୀ ଏ ସବୁ ବିଷୟରେ ଜାଣି ୧୯ ତାରିଖରେ କେନ୍ଦ୍ରାପଡ଼ା ସଦର ଥାନା ଅଧିକାରୀଙ୍କ ସମେତ ଏସ ଡି ପି ଓ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଙ୍କୁ ଲିଖିତ ଜଣାଇବା ପରେ ମଧ୍ୟ ପୋଲିସର ଏକ ପାଖିଆ ମନୋଭାବ ଏବଂ କୋହଳ କାର୍ଯ୍ୟାନୁଷ୍ଠାନ ପାଇଁ ଆଜି ପୁଣି ଏକ ମର୍ଡର କରିବାକୁ ଅଭିଯୁକ୍ତମାନେ ସଜ ବାଜ ହେଉଛନ୍ତି । ମହେନ୍ଦ୍ରଙ୍କ ଭାଇ ଏ ସମସ୍ତ ବିଷୟରେ ଲିଖିତ ଅଭିଯୋଗ କରିବା ପରେ କେନ୍ଦ୍ରାପଡ଼ା ସଦର ପୋଲିସ ପାଖରୁ ସୁରକ୍ଷା ଭିକ୍ଷା କରିଥିବା ଏତଲାରେ ଦର୍ଶାଯାଇଛି ।

## ଛାତ୍ର ବିଜେଡି ପକ୍ଷରୁ ବିଜେପି ସାଂସଦ ଦୁବେଙ୍କ କୁଶପୁତ୍ତଳିକା ଦାହ



ଢେଙ୍କାନାଳ,୩୧।୩(ସଂଚାର ବ୍ୟୁରୋ): ମହାନ ଜନନାୟକ ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ବିରୋଧରେ ବିଜେପି ସାଂସଦ ନିଶିକାନ୍ତ ଦୁବେ ଦେଇଥିବା ମିଥ୍ୟା ଓ ଅପମାନଜନକ ମନ୍ତବ୍ୟକୁ ଢେଙ୍କାନାଳ ଜିଲ୍ଲା ଛାତ୍ର ବିଜେଡି ପକ୍ଷରୁ ପ୍ରତିବାଦ ଜଣାଯାଇଛି । ସଦସ୍ୟମାନେ ସହରର ଗଣେଶବଜାର ଛକରେ ଏକତ୍ରୀତ ହୋଇ ବିକ୍ଷୋଭ ପ୍ରଦର୍ଶନ କରି ଶୋଭାଯାତ୍ରାରେ ଗୋପବନ୍ଧୁ ଟାଉନହଲ ଠାକୁ ଯାଇଥିଲେ । ସେଠାରେ ସାଂସଦ ଶ୍ରୀ ଦୁବେଙ୍କ କୁଶପୁତଳିକାକୁ ସଦସ୍ୟମାନେ ଦାହକରି ଥିଲେ । ଯୁବ ସଭାପତି ଧର୍ମାନନ୍ଦ ପରିଡ଼ା ଓ ଛାତ୍ର ସଭାପତି ଆର୍ଯ୍ୟନ ଦାସ ଙ୍କ ତତ୍ତ୍ୱାବଧାନ ରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ଉପସଭାପତି ସନ୍ଦିପ ଷଡଙ୍ଗୀ, ରାଜ୍ୟ ଯୁବ ସାଧାରଣ ସଂପାଦକ କୁଳଦୀପ ମହାପାତ୍ର, ରାଜ୍ୟ ଯୁବ ଉପସଭାପତି ସତ୍ୟଜିତ ପଟ୍ଟନାୟକ, ଟାଉନ ସଭାପତି ବିନୋଦ ମହାନ୍ତି, ପୂର୍ବତନ ବିଜେଡି ବିଧାୟକଙ୍କ ନୋମିନି ଅଜୟ ଭଞ୍ଜ, କାଉନସିଲର ସାଗିର ମହମ୍ମଦ, କାମାକ୍ଷାନଗର କାଉନସିଲର ସଞ୍ଜୟ ପରିଡା, ପ୍ରମୋଦ ଷେଣ୍ଡ, ଅଭିମନ୍ୟୁ ପରିଡା, କାମାକ୍ଷାନଗର ବ୍ଲକ ସଭାପତି ପ୍ରଭାସ ରଞ୍ଜନ ମିଶ୍ର, ବ୍ରହ୍ମାନନ୍ଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଅପହରଣ କରିବାକୁ ଆସି ଫସିଗଲେ ଯୁବକ



ଡେରାବିଶ,୩୧।୩(ସଂଚାର ବ୍ୟୁରୋ): ତ୍ରିସ୍ର କଲେଜର ଛାତ୍ରଙ୍କୁ ଅପହରଣ କରିବାକୁ ଆସିଥିବା ଯୁବକକୁ କାବୁ କରି ଜିମାଦେଲେ ଗାଁ ଲୋକେ । ଲକ୍ଷ୍ମୀନାରାୟଣପୁର ଛକରୁ ଆସିଛି ଏଭଳି ଘଟଣା । କଲେଜ ବସରୁ ଓହ୍ଲାହି ଘରକୁ ଯିବାବେଳେ ୮ଜଣ ଯୁବକ ଛାତ୍ରଙ୍କୁ ବାଇକ ଯୋଗେ ଉଠାଇ ନେବାକୁ ଚେଷ୍ଟା କରୁଥିବା ବେଳେ ଯୁବକ ଜଣଙ୍କ ଜୋରରେ ପାଟିକରିବାରୁ ସ୍ଥାନୀୟ ଗ୍ରାମବାସୀ ପହଞ୍ଚି ଛାତ୍ରଙ୍କୁ ଉଦ୍ଧାର କରିବା ସହ ଜଣେ ଯୁବକକୁ କାବୁ କରି ଥାନାରେ ଜିମା ଦେଇଛନ୍ତି । ଯୁବକ ଜଣଙ୍କୁ ପୋଲିସ ଅଟକ ରଖି ଅଧିକ ତଦନ୍ତ ଆରମ୍ଭ କରିଛି।

## ରିଫାଇନାରି କମ୍ପାନୀ ଆଗରେ କ୍ଷତିଗ୍ରସ୍ତ ଚାଷୀ ଉପସ୍ଥାପନ କଲେ ଦାବି



କେନ୍ଦ୍ରାପଡା,୩୧।୩(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ତହସିଲ୍ ଅନ୍ତର୍ଗତ ଦଧିପୁର, ବରକନ୍ଦା, ଛେଳାକଣି, ଗୋଜବନ୍ଧ, କୁମାରପଡା ପ୍ରଭୃତି ତେନ୍ତୁଳିକନ୍ଦା ଠାରୁ ମଙ୍ଗଳପୁର ପର୍ଯ୍ୟନ୍ତ ଚାଷଜମି ଉପରେ ନିମାଲିଗଡ ରିଫେନାରୀ ପାରାଦୀପ କମ୍ପାନୀର ପାଇପ୍ ବିଛାଇବା ମାମଲା କାର୍ଯ୍ୟକୁ ସ୍ଥାନୀୟ ହଜାର ହଜାର ଚାଷୀ ବିରୋଧ କରି ଆସୁଛନ୍ତି।

ଏହି ମାମଲାକୁ ସମାଧାନ କରିବାପାଇଁ ବାରମ୍ବାର ଜିଲ୍ଲାପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି । ମଙ୍ଗଳବାର ଶତାଧିକ ଚାଷୀଙ୍କ ସହ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍.ଆର୍ .ଆୟାରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲଲା। ଏଥିରେ ଏନ୍.ଆର.ଏଲ୍ କମ୍ପାନୀର ସହକାରୀ ଶାଖା ପରିଚାଳକ ରଂଜିତ୍ ଖଟୁଆ, ପର୍ଯ୍ୟବେକ୍ଷଣ ଅଧିକାରୀ ସମୀର ସାହୁଙ୍କ ସହ ଶତାଧିକ ଚାଷୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଚାଷୀମାନେ କମ୍ପାନୀ ଆଗରେ ସେମାନଙ୍କର ଦାବି ଉପସ୍ଥାପନ କରିଛନ୍ତି । ଏହି ଦାବିଗୁଡିକ ହେଲା କ୍ଷତିଗ୍ରସ୍ତ ଚାଷୀମାନେ କ୍ଷତିପୂରଣ ବାବଦ ଡିସିମିଲ୍ ପ୍ରତି ୮୦ ହଜାର ଟଙ୍କା, ଚାଷୀଙ୍କର ଯେଉଁ ଜମି ଏନ୍.ଆର୍.ଏଲ୍ କମ୍ପାନୀକୁ ଯିବ ତାଙ୍କ ପରିବାର ଜଣେ ସଦସ୍ୟଙ୍କୁ କମ୍ପାନୀରେ ଚାକିରି, ଏନ୍.ଆର୍.ଏଲ୍ କମ୍ପାନୀର ଗ୍ୟାସ୍ ପାଇପ୍ ଚାଷ ଜମି ମଝିରେ ନ ନେଇ ହିଡ ପାଖରେ ନେବାକୁ ଉକ୍ତ ବୈଠକରେ ଚାଷୀମାନେ କମ୍ପାନୀର କର୍ମକର୍ତ୍ତାଙ୍କ ନିକଟରେ ଦାବି ରଖିଛନ୍ତି।

ଏହି ଆଲୋଚନାରେ ଏନ୍‌ଆର୍ କମ୍ପାନୀ ବରକନ୍ଦା ଓ ମଙ୍ଗଳପୁର ଦୁଇଟି ପଂଚାୟତକୁ ପୋଷ୍ୟ ପଂଚାୟତ ରୂପେ ଗ୍ରହଣ କରିବା, ଏହି ଦୁଇଟି ପଂଚାୟତରେ ସିଏସ୍.ଆର୍ ପାଣ୍ଠିରୁ ବାତ୍ୟା ଆଶ୍ରୟସ୍ଥଳୀ, କମ୍ୟୁନିଟି ହଲ୍ ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ କରିବା ସମ୍ପର୍କରେ ଆଲୋଚନା କରାଯାଇଛି । ଏହି ଆଲୋଚନା ସମୟରେ ନୁମାଇଲ୍ ଗଡ କୃଷକ ଏକତା ମଂଚ ସଭାପତି ଶଶୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଅଙ୍କୁର ପଲ୍ଲାଇ, ଅକ୍ରୁର ପଲ୍ଲାଇ, ଅଲେଖ ରାଉତ, ପ୍ରକାଶ ରାଉତ, ଦୈତାରୀ ରାଉଳ, ବିକାଶ ସେଠୀ, ସନ୍ତୋଷ ରାଉତ, ଦୀପକ ରାଉତ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ମହାବିଦ୍ୟାଳୟରେ ଇନୋଭେସନ ଆଣ୍ଡ ଷ୍ଟାଟଅପ ପ୍ରତିଯୋଗିତା




ରାଜନଗର, ୩୧।୩ (ସଂଚାର ବ୍ୟୁରୋ): ରାଜନଗରସ୍ଥିତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଇନୋଭେସନ ଆଣ୍ଡ ଷ୍ଟାଟଅପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଅମୀୟ କୁମାର ଦାସ ଉଦଘାଟନ କରିବା ସହିତ ଆଜିର ଦିନରେ ଷ୍ଟାଟଅପର ଗୁରୁତ୍ୱ ସଂପର୍କରେ ବୁଝାଇଥିଲେ। ମୁଖ୍ୟ ଅତିଥି ଭାବେ ଭିତରକନିକା ବ୍ୟବସାୟିକ ମୁଖ୍ୟ ସଂଘମିତ୍ରା ଜେନା ଯୋଗଦେଇ ୨୦୦୮ ରେ ସେ ତାଙ୍କର ପ୍ରଥମ ଷ୍ଟାଟଅପ ଭାବରେ ଭିତରକନିକା ନେଚର କ୍ୟାମ୍ପ ଆରମ୍ଭ କରିଥିଲେ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ବାଣିଜ୍ୟ ବିଭାଗର ମୁଖ୍ୟ ଅଭିମନ୍ୟୁ ରାଉତ ଷ୍ଟାଟ ଅପ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ।

ଷ୍ଟାର ଟେକ ର ମୁଖ୍ୟ ପୁରାତନ ଛାତ୍ର ପ୍ରଣବ କୁମାର ପାତ୍ର ଓ ବିଭାସ ରଂଜନ ମହାନ୍ତି ପିଲା ମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ୧୫ଟି ଷ୍ଟଲ ପଡିଥିଲା । ସେଥିରୁ ସୁଭସ୍ମିତା ଜେନା, ଅଞ୍ଜନ ନାୟକ, ଅର୍ଚ୍ଚିତା ସ୍ୱାଇଁ ଏବଂ ସେମାନଙ୍କ ଟିମ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଏହି କାର୍ଯ୍ୟକ୍ରମ କୁ ଅଧ୍ୟାପିକା ରାଜଶ୍ରୀ ସାମନ୍ତ,ଅନୁସୟା ବେହେରା ପ୍ରମୁଖ ପରିଚାଳନା କରିଥିଲେ ।ଏଥିରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଏବଂ ସମସ୍ତ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ ।

## ରାସାୟନିକ ପାଣି ପଶି ଫସଲ ନଷ୍ଟ, ଜିଲ୍ଲାପାଳଙ୍କୁ ଭେଟିଲେ ଚାଷୀ



କେନ୍ଦ୍ରାପଡା,୩୧।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମେଘା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଯୋଗୁ ଚାଷ ଜମିରେ ରାସାୟନିକ ପାଣି ପଶି ବ୍ୟାପକ ଫସଲ ନଷ୍ଟ ହେଉଥିବା ଭାରତୀୟ କିଷାନ ସଂଘ ପକ୍ଷରୁ ସ୍ଥାନୀୟ ଚାଷୀମାନେ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରି କ୍ଷତିପୂରଣ ଦାବି କରିଛନ୍ତି । ପାନୀୟଜଳ ମେଘା ପ୍ରକଳ୍ପ ସ୍ଥାନୀୟ ଅଂଚଳରେ କରାଯାଉଥିବାରୁ ସେଥିରୁ ରାସାୟନିକ ପଦାର୍ଥ ମିଶ୍ରିତ ଜଳକୁ ସ୍ଥାନୀୟ ପାଟନାଳୀରେ ଛାଡିବାରୁ ଏହି ରାସାୟନିକ ପାଣି ଚାଷଜମିରେ ପ୍ରବେଶ କରି ପନିପରିବାଠାରୁ ଆରମ୍ଭ କରି ଧାନ, ମୁଗ, ବିରି ଏବଂ ଡାଲୁଅ ଧାନ ନଷ୍ଟ ହେଉଛି । ସ୍ଥାନୀୟ ଚାଷୀମାନେ ଋଣ ଆଣି ବିଭିନ୍ନ ଚାଷ କରି ନିଜର ପରିବାର ଚଳେଇବା ସହ ଋଣ ପରିଷୋଧ କରିଛନ୍ତି । କିନ୍ତୁ ଏହି ରାସାୟନିକ ପାଣି ପଶିବା ଫଳରେ ଚାଷିମାନେ ନିରାଶ ହୋଇଛନ୍ତି । ଏ ବିଷୟରେ ସ୍ଥାନୀୟ ଚାଷୀମାନେ ତହସିଲଦାର, ପରିମଳ ବିଭାଗ, କୃଷି ବିଭାଗ ଅଭିଯୋଗ କଲାପରେ କୌଣସି ଫଳ ନ ମିଳିବାରୁ ମଙ୍ଗଳବାର ଶତାଧିକ ଚାଷୀ ଜିଲ୍ଲାପାଳଙ୍କୁ ଭେଟି ଏହି ରାସାୟନିକ ପାଣିକୁ ବନ୍ଦ କରିବା ସହିତ କ୍ଷତି ହୋଇଥିବା କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ନରେଶ ବିଶ୍ୱାଳ, ସୁରେଶ ଚନ୍ଦ୍ର ଦାସ, ନାରାୟଣ ଚନ୍ଦ୍ର ଦାସ, ଚିନ୍ମୟ କୁମାର ବାରିକ ପ୍ରମୁଖ ଦାବି କରିଛନ୍ତି ।

### ବାସନ୍ତୀ ଦୁର୍ଗା ପୂଜା ଉତ୍ସବ

## ୬ଦିନ ପରେ ମେଲାଣି ନେଲେ ମା'




ଗରଦପୁର, ୩୧।୩ (ସଂଚାର ବ୍ୟୁରୋ): ଗରଦପୁର ବ୍ଲକ ଅନ୍ତର୍ଗତ ବେଡ଼ାରୀ,ସୋଲପାଟ ଗ୍ରାମରେ ମାଆ ବାସନ୍ତୀ ଦୁର୍ଗା ପୂଜା ଆଜକୁ ୪୦ବର୍ଷ ହେବ ବହୁ ଆଡମ୍ବର ସହକାରେ ପାଳନ ହୋଇ ଆସୁଛି। ବେଲଓ୍ୱ ବରଣୀ ପରେ, ସପ୍ତମୀରେ ପୂଜା ଦିନ ସକାଳ ସମୟରୁ ଗ୍ରାମର ଝିଅ ବୋହୂମାନେ ୧୦୮ରୁ ଅଧିକ କଳସ ବୁଡ଼ା କାର୍ଯ୍ୟକ୍ରମରେ ଭାଗ ନେଇ ପବିତ୍ର ଚିତ୍ରୋତ୍ପଳା ନଦୀରୁ କଳସ ବୁଡାଇ ଗ୍ରାମ ଭ୍ରମଣ କରି ପୂଜା ମଣ୍ଡପରେ ଘଟ ସ୍ଥାପନ କରିଥିଲେ। ଏହି କଳସ ବୁଡ଼ାରେ କମିଟିର ମହିଳା ମାନଙ୍କ ସହଯୋଗରେ ଏକ ଭବ୍ୟ ପାଲିଙ୍କି ପ୍ରସ୍ତୁତ କରି ମାଆଙ୍କ ମୁଖ୍ୟ କଳସକୁ ଏହି ପାଲିଙ୍କିରେ ବସାଇ ଗ୍ରାମ ଭ୍ରମଣ କରାଇ ପୂଜା ମଣ୍ଡପରେ ଆଣି ଘଟ ସ୍ଥାପନ କରିଥିଲେ। ସପ୍ତମୀ, ମହାଅଷ୍ଟମୀ,ମହାନବମୀ ଓ ଦଶମିରେ ତିଥିରେ ପୂଜା ମଣ୍ଡପରେ ପ୍ରାତଃରୁ ସୂର୍ଯ୍ୟ ପୂଜା, ଗୋ ମାତାଙ୍କ ପୂଜା ସହ ମାଆ ବାସନ୍ତୀ ଦୁର୍ଗାଙ୍କ ଚଣ୍ଡୀ ପାଠରେ ଘୃତ ଯଜ୍ଞ ଦ୍ୱାରା ମାଆଙ୍କୁ ଆବାହନ କରାଯାଇଥିଲା।

ଆଧ୍ୟାତ୍ମିକତା ଚେତନା ପାଇଁ ଶ୍ରୀ ଜଗନ୍ନାଥଙ୍କ ପ୍ରଚାରକ ଓ ଗବେଷକ ସରଣୀର ବିନ୍ଧ ଓଝାଙ୍କ ଦ୍ୱାରା ପ୍ରବୋଚନ ଓ ଭଜନ କାର୍ଯକ୍ରମ କରାଯାଇଥିଲା। ମହାକାଳ ଡ୍ୟାନ୍ସ ଗ୍ରୁପ ଓ କଟକର ମେଲୋଡି ସୁରମିଳନ ଦ୍ୱାରା ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ କରି ସମସ୍ତେ ମନୋରଞ୍ଜନ କରିଥିଲେ। ଦଶମୀ ତିଥିରେ ମାଆଙ୍କ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥାଏ। ଉପସ୍ଥିତ ଥିବା ଭକ୍ତ ମାନେ ନିଜର ମନୋସ୍କାମନା ପୂରଣ ପାଇଁ ମାଆଙ୍କ ଆଗରେ ହରିବୋଲ ପକାଇ ଥାଆନ୍ତି। ଏହା ସହ ପୂର୍ଣ୍ଣାହୁତି ସନ୍ଧ୍ୟାରେ ଏକ ବିଶାଳ ଆନନ୍ଦ ବଜାରର ବ୍ୟବସ୍ଥା ହୋଇଥାଏ ଶହ ଶହ ଭକ୍ତମାନେ ଆସି ପ୍ରାସାଦ ସେବନ କରି ଆନନ୍ଦ ଲାଭ କରନ୍ତି।

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମାଆଙ୍କ ଭାଷାଣି ଉତ୍ସବ ବହୁ ଆକର୍ଷଣୀୟ ହୋଇଥିଲା। ପାରମ୍ପରିକ ରୀତି ନୀତିରେ ସିଙ୍ଗ ବାଜା, କୀର୍ତନ ଦ୍ୱାରା କମିଟିର ମହିଳା ଓ ପୁରଷ କର୍ମକର୍ତ୍ତାମାନେ ନିଜେ ଭାଷାଣିରେ ଯାଇ ଫଗୁ ଅଭିର ଖେଳି ମାଆଙ୍କୁ ଗ୍ରାମ ଭ୍ରମଣ କରାଇ ନଦୀରେ ବିସର୍ଜନ କରିଥିଲେ।

## ଓମ୍‌ପ୍ରକାଶଙ୍କୁ ମହାବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା




ଡେରାବିଶ,୩୧।୩ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ଛାତ୍ର ଓମ୍‌ପ୍ରକାଶ ରଥଙ୍କ ପ୍ରବନ୍ଧ ଭାରତର ପ୍ରଧାନମନ୍ତ୍ରୀ ତାଙ୍କ ମନକୀବାତ୍ କାର୍ଯ୍ୟକ୍ରମରେ ଉଚ୍ଚପ୍ରଶଂଶା କରିଥିବାରୁ ମହାବିଦ୍ୟାଳୟ ପାଇଁ ଏହି ବିରଳ ଗୌରବ ଆଣିଥିବ ଓମ୍ ପ୍ରକାଶଙ୍କୁ ଆଜି ମହାବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ମହାବିଦ୍ୟାଳୟର ସଭାକକ୍ଷରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ କୁମାର ବଳ ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବରେ ପ୍ରାଧ୍ୟାପକ ବିନୟ କୁମାର ଷଡ଼ଙ୍ଗୀ ଓ ପ୍ରାଧ୍ୟାପିକା ମିନାକ୍ଷୀ ପ୍ରଧାନ ଯୋଗଦେଇଥିଲେ। ଛାତ୍ର ଓମ୍‌ପ୍ରକାଶ ଦୀର୍ଘ ତିନିବର୍ଷ ହେବ ଏହି ମହାବିଦ୍ୟାଳୟରେଅଧ୍ୟୟନରତରହିମହାବିଦ୍ୟାଳୟ ସ୍ତରୀୟ ଓ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଆୟୋଜିତ ବକ୍ତୃତା ଏବଂ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ଭାଗନେଇ ତାଙ୍କର ପାରଦର୍ଶିତା ଦେଖାଇ ବହୁ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ହୋଇପାରିଛନ୍ତି। ଏବେ ମହିଳା ସଶକ୍ତିକରଣ ସମ୍ପର୍କରେ ପ୍ରବନ୍ଧ ଲେଖି ସର୍ବଭାରତୀୟ ସ୍ତରରେ ପ୍ରଥମ ହୋଇ ମହାବିଦ୍ୟାଳୟ ଗୌରବ ବୃଦ୍ଧି କରିଛନ୍ତି ବୋଲି ଅତିଥିମାନେ ସେମାନଙ୍କରେ ବକ୍ତବ୍ୟରେ କହିବା ସହ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

# ଭୁବନେଶ୍ୱର ନିୟୁ ସିଟି ମାଷ୍ଟରପ୍ଲାନ୍ ପାଇଁ ଚୁକ୍ତି

ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ): ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ମଙ୍ଗଳବାର ଭୁବନେଶ୍ୱରର ପ୍ରସ୍ତାବିତ 'ନିୟୁ ସିଟି' (ନୂଆ ସହର) ପାଇଁ ଏକ ବ୍ୟାପକ ମାଷ୍ଟରପ୍ଲାନ ପ୍ରସ୍ତୁତି ଦାୟିତ୍ୱ ସୁର୍ବାନା ଜୁରୋଙ୍ଗ ସଂସ୍ଥାକୁ ଦେଇଛି। ଏନେଇ ଆଜି ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀ ଓ ସୁର୍ବାନା ଜୁରୋଙ୍ଗର ଡେପୁଟି ଡାଇରେକ୍ଟର ମନଦୀପ ଦତ୍ତଙ୍କ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି।

ଏହି ମେଗା ପ୍ରକଳ୍ପ ଗୋଠପାଟଣା, ମଳିପଡ଼ା ଓ ଦାଶପୁର ଅଞ୍ଚଳର ପ୍ରାୟ ୮୦୦ ଏକର ଜମିରେ ନିର୍ମାଣ ହେବ ଏବଂ ରାଜ୍ୟର ଦୀର୍ଘମିଆଦୀ ଉନ୍ନୟନ ରୋଡ୍‌ମ୍ୟାପ୍ 'ବିକଶିତ ଓଡ଼ିଶା ୨୦୩୬' ସହ ସମନ୍ୱୟ ରଖି ଏକ ବହୁ-ଅର୍ଥନୈତିକ ବୃଦ୍ଧି କ୍ଷେତ୍ର ଭାବେ ଗଢ଼ାଯିବ। ପ୍ରସ୍ତାବିତ ନୂଆ ସହରକୁ ଏକ ଟ୍ରାନ୍ଜିଟ୍-ଓରିଏଣ୍ଟେଡ୍ ସହରୀ ହବ୍ ଭାବେ ଗଢ଼ାଯିବ ଏବଂ ଏଥିରେ ଦକ୍ଷ ପରିବହନ ବ୍ୟବସ୍ଥା, କମ୍ ଯାତାୟାତ ସମୟ ଓ ମିଶ୍ରିତ ଜମି ବ୍ୟବହାରର ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯିବ। 'ସମସ୍ତଙ୍କ ପାଇଁ ଗୃହ' ଲକ୍ଷ୍ୟ ପୂରଣ ପାଇଁ ବିଭିନ୍ନ ଆୟ ସ୍ତରର ଲୋକଙ୍କ ପାଇଁ ସୁଲଭ ଓ ବିବିଧ ଗୃହ ବ୍ୟବସ୍ଥା ଏକ ପ୍ରମୁଖ ଦିଗ ହେବ।

ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା କହିଛନ୍ତି ଯେ ଏହି ସହର ଆଧୁନିକ ସୁବିଧା ସହ ତିଆରି ହେବ। ବୈଠକ, ପ୍ରୋତ୍ସାହନ, ସମ୍ମିଳନୀ ଓ ପ୍ରଦର୍ଶନୀ ପାଇଁ ସୁବିଧା, ପ୍ଲଗ୍ ଆଣ୍ଡ୍ ପ୍ଲେ ଇନୋଭେସନ୍ ହବ୍, ଆଇଡିଆ ଆଧାରିତ କାର୍ଯ୍ୟକ୍ଷେତ୍ର ଓ ଡାଟା ପରିଚାଳନା କେନ୍ଦ୍ର ଅନ୍ତର୍ଭୁକ୍ତ ହେବ। ସେ ଆହୁରି କହିଛନ୍ତି ଯେ ଲୋକଙ୍କ ସାମାଜିକ ଆବଶ୍ୟକତା ପୂରଣ ଓ ସମୁଦାୟରେ ମିଳାମିଶା ବୃଦ୍ଧି ପାଇଁ ସେଣ୍ଟ୍ରାଲ ଫରେଷ୍ଟ ପାର୍କ, ଗେଟୱେ ପ୍ଲାଜା, କ୍ରିଏଟିଭ୍ ପ୍ଲେସମେକିଂ ଓ ଅନେକ ଖୋଲା ସାର୍ବଜନୀନ ସ୍ଥାନ ତିଆରି ଉପରେ ବିଶେଷ ଗୁରୁତ୍ୱ ଦିଆଯିବ।




ଏହି ପ୍ରକଳ୍ପ ଜଳବାୟୁ ସହନଶୀଳତା, ପରିବେଶ ସୁରକ୍ଷା ଓ ନାଗରିକଙ୍କ ସମଗ୍ର କଲ୍ୟାଣ ପାଇଁ ସ୍ମାର୍ଟ, ସବୁଜ ଭିତ୍ତିଭୂମି ଓ ସାମଗ୍ରିକ ଜୀବନ ମାନର ଗୁଣବତ୍ତା ବୃଦ୍ଧି ପାଇଁ କାର୍ଯ୍ୟ କରିବ। ବିଡିଏକୁ ଏହି ପ୍ରକଳ୍ପର ନୋଡାଲ୍ ଏଜେନ୍ସି ଭାବେ ନିଯୁକ୍ତ କରାଯାଇଛି। ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଏହା ଭୁବନେଶ୍ୱରର ପରିଯୋଜିତ ପ୍ରସାରଣକୁ ନିର୍ଦ୍ଦେଶିତ କରିବ, ଅନିୟନ୍ତ୍ରିତ ସହରୀ ବିସ୍ତାରକୁ ରୋକିବ ଏବଂ ଭିତ୍ତିଭୂମିକୁ ମଜବୁତ୍ କରିବ। ଏହା ଚାକିରି ସୁଯୋଗ ସୃଷ୍ଟି କରିବ, ବିନିଯୋଗ ଆକର୍ଷିତ କରିବ ଓ ସମସ୍ତ ବର୍ଗର ଲୋକଙ୍କ ପାଇଁ ସୁଲଭ ଗୃହ ଓ ଆବଶ୍ୟକ ସମ୍ପ୍ରଦାୟିକ ସୁବିଧା ଯୋଗାଇ ଅନ୍ତର୍ଭୁକ୍ତିମୂଳକ ବୃଦ୍ଧିକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି।

ଏହି ଅବସରରେ ଡେପୁଟି କମିଶନର ତଥା ନିୟୁ ସିଟି (ନୂଆ ସହର) ନୋଡାଲ୍ ଅଧିକାରୀ ଭବତାରଣ ସାହୁ, ଆସୋସିଏଟ୍ ଟାଉନ୍ ପ୍ଲାନର୍ ଓମକାର ମହାନ୍ତି, ଆସିଷ୍ଟାଣ୍ଟ ଟାଉନ୍ ପ୍ଲାନର୍ ମାନସୀ ମହାନ୍ତି ଓ ପିଏମ୍ୟୁ ଟିମ୍ ଲିଡର ଅଜୟ ଝା ପ୍ରମୁଖ ଉପସ୍ଥିତ ଥିଲେ।

# ମା' ହିଙ୍ଗୁଳାଙ୍କ ଯାତ୍ରାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ



- ଉଭାସ୍ଥଳୀରେ ଦର୍ଶନ ସହ ପୂଜାର୍ଚ୍ଚନା କଲେ
- ସ୍ୱଚ୍ଛତା କାର୍ଯ୍ୟରେ ସାମିଲ ହେଲେ

ତାଳଚେର/ଅନୁଗୋଳ,୩୧।୩(ସଂଚାର ବ୍ୟୁରୋ): ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଶକ୍ତିସ୍ୱରୂପିଣୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ପବିତ୍ର ନବଦିନାତ୍ମକ ଯାତ୍ରା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସପରିବାର ମା'ଙ୍କ ମନ୍ଦିରରେ ଦର୍ଶନ କରିବା ସହ ଉଭାସ୍ଥଳୀରେ ପୂଜାର୍ଚ୍ଚନା କରିଛନ୍ତି। ମା'ଙ୍କ ସ୍ୱତନ୍ତ୍ର ବେଶ ଦର୍ଶନ କରି ଶ୍ରୀ ପ୍ରଧାନ ନିଜକୁ କୃତାର୍ଥ ମନେ କରିବା ସହ ମା' ହିଙ୍ଗୁଳାଙ୍କୁ ଆମ ସନାତନ ସଭ୍ୟତାର ଅନନ୍ୟ ସାଂସ୍କୃତିକ, ଧାର୍ମିକ ଏବଂ ଆଧ୍ୟାତ୍ମିକ ଚେତନାର ପ୍ରତୀକ ଭାବେ ବର୍ଣ୍ଣନା କରିଛନ୍ତି। ସୃଷ୍ଟିର ପ୍ରାରମ୍ଭରୁ ଅଗ୍ନି ରୂପେ ଅଧିଷ୍ଠିତ ହୋଇ ମା' ତାଳଚେରବାସୀଙ୍କୁ ଆଶୀର୍ବାଦ କରିବା ସହ ଶ୍ରୀମନ୍ଦିର ରୋଷଘରର ଠାକୁରାଣୀ ଭାବେ ସମଗ୍ର ବିଶ୍ୱରେ ପ୍ରତିଷ୍ଠିତ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ମା'ଙ୍କ ଶ୍ରୀଚରଣରେ ଅନୁଗୁଳ ମାଟିର ଶ୍ରୀବୃଦ୍ଧି ସହ ମା'ଙ୍କ କରୁଣାରୁ 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ'ର ସଂକଳ୍ପ ସାକାର ହେଉ ବୋଲି ପ୍ରାର୍ଥନା କରିଛନ୍ତି। ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀଙ୍କ 'ସ୍ୱଚ୍ଛତା ହିଁ ସେବା' ଆହ୍ୱାନକୁ ପାଥେୟ କରି କେନ୍ଦ୍ରମନ୍ତ୍ରୀ ମା'ଙ୍କ ପୀଠରେ ସ୍ୱଚ୍ଛତା କାର୍ଯ୍ୟରେ ସାମିଲ ହୋଇଥିଲେ। ପରିବେଶକୁ ସୁନ୍ଦର ଓ ସ୍ୱଚ୍ଛ ରଖିବା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ବୋଲି ସେ କହିଛନ୍ତି। ଏଥିସହ ଶ୍ରୀ ପ୍ରଧାନ ସପରିବାର ମା'ଙ୍କ ଯାତ୍ରାକୁ ଆସିଥିବା ଶ୍ରଦ୍ଧାଳୁଙ୍କୁ ଅନ୍ନ ପ୍ରସାଦ ବିତରଣ କରିବା ସହ ଅନ୍ୟାନ୍ୟ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ମା'ଙ୍କ ଅପାର କରୁଣା ସମସ୍ତଙ୍କ ଉପରେ ସର୍ବଦା ରହିଥାଉ ଏବଂ ସମସ୍ତଙ୍କର ମଙ୍ଗଳ ହେଉ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କାମନା କରିଛନ୍ତି।

# ଜେଲରେ ନାହିଁ ସୁରକ୍ଷା ଉପକରଣ

- ଜେଲରୁ ମିଳୁଛି ମାଳମାଳ ମୋବାଇଲ, ଗଞ୍ଜେଇ
- ଆବଶ୍ୟକତା ଅନୁଯାୟୀ ନାହାଁନ୍ତି ସୁରକ୍ଷା କର୍ମୀ

ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ): ରାଜ୍ୟରେ ଜେଲ ସଂସ୍କାର କାର୍ଯ୍ୟକ୍ରମ ଏକ ପ୍ରକାର ଫେଲ ମାରିଥିଲା। ନିର୍ଦ୍ଧାରିତ ସମୟରେ ସରିପାରିନଥିଲା ଜେଲ ବିକାଶ ସମ୍ପର୍କିତ ବିଭିନ୍ନ ପ୍ରକଳ୍ପ। ସିଏଜି ଅଡିଟ ରିପୋର୍ଟରେ ଜେଲ ପ୍ରକଳ୍ପ କାର୍ଯ୍ୟକାରିତାରେ ଅବ୍ୟବସ୍ଥାର ଏକାଧିକ ଉଦାହାରଣ ଦର୍ଶାଇଛନ୍ତି। କେଉଁଠି ଜେଲରେ ଆବଶ୍ୟକ ସୁରକ୍ଷା କର୍ମୀ ନଥିଲେ ତ କେଉଁଠି ଆବଶ୍ୟକତା ଠାରୁ ଅଧିକ କଏଦୀ ରହୁଥିଲେ। ଭଦ୍ରକର ସ୍ୱତନ୍ତ୍ର ଉପକାରାଗାର ନିର୍ମାଣ ପାଇଁ ୨୦୧୨ରେ ପ୍ରଶାସନିକ ଅନୁମୋଦନ ଦିଆଯାଇଥିଲା। ଏଥିପାଇଁ ଓଡ଼ିଶା ରାଜ୍ୟ ପୋଲିସ ଗୃହ ଓ କଲ୍ୟାଣ ନିଗମକୁ ୧୧ କୋଟି ୫୧ ଲକ୍ଷ ଟଙ୍କା ଦିଆଯାଇଥିଲା। ତଥାପି ୧୮୦ କ୍ଷମତା ବିଶିଷ୍ଟ ପୁରୁଷ ଓ୍ୱାର୍ଡ ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ଅଟକି ରହିଛି। ୨୦୨୩ ସୁଦ୍ଧା ୧୮ ହଜାର ୮୬୨ ଜଣ କଏଦୀ ଥିବା ୮୭ ଜେଲ ମଧ୍ୟରୁ ୩୧ ଜେଲରେ ମାତ୍ରାଧିକ କଏଦୀ ଥିଲେ। ସେହିଭଳି ରାଜ୍ୟର ୭୫ ଜେଲରେ ୧୬୮୦ ମଞ୍ଜୁରୀପ୍ରାପ୍ତ ସୁରକ୍ଷା କର୍ମଚାରୀ ପଦବୀ ବଦଳରେ ୧୨୮୨ ସୁରକ୍ଷା କର୍ମଚାରୀ ଥିଲେ।




କ୍ଲୋଜଡ ସର୍କିଟ କ୍ୟାମେରା, ଡୋର ଫ୍ରେମ ମେଟାଲ ଡିଟେକ୍ଟର, ବ୍ୟାଗେଜ ସ୍କାନର ଭଳି ଜରୁରୀ ସୁରକ୍ଷା ଉପକରଣ ଜେଲରେ ନଥିଲା। ଯେଉଁଠି ଏସବୁ ଉପକରଣ ଥିଲା ତାହା କାର୍ଯ୍ୟ କରୁନଥିଲା। ଏହି ସୁରକ୍ଷା ଉପକରଣର ଅଭାବ ଯୋଗୁଁ ୨୦୨୦ରୁ ୨୦୨୩ ମଧ୍ୟରେ ଭୁବନେଶ୍ୱର ସ୍ୱତନ୍ତ୍ର ଜେଲରେ କରାଯାଇଥିବା ୪୬ଟି ସର୍ଚ୍ଚ ଅପରେସନରେ ୭୪ଟି ମୋବାଇଲ ଫୋନ, ୫୬ଟି ସିମ କାର୍ଡ, ଗୋଟିଏ ପେନ ଡ୍ରାଇଭ, ୨୬ଟି ଖାଲି ମଦ ବୋତଲ ଏବଂ ୧.୭୬ କେଜି ଗଞ୍ଜେଇ ଜବତ କରାଯାଇଥିଲା।

# ୨ରେ ପ୍ରଦେଶ ଯୁବ କଂଗ୍ରେସର 'ଯୁବକ୍ରାନ୍ତି ସମାବେଶ'

ଭୁବନେଶ୍ୱର,୩୧।୩ (ସଂଚାର ବ୍ୟୁରୋ): ବିଜେପି ସରକାରର ଜନତାଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ଯୁବ କଂଗ୍ରେସର ସଭାପତି ରଞ୍ଜିତ ପାତ୍ର ସରକାରଙ୍କର ବେନିୟମ କାର୍ଯ୍ୟକଳାପ ଓ ନୀତିକୁ ନେଇ ଚରମବାଣୀ ଶୁଣାଇଛନ୍ତି। ଶ୍ରୀ ପାତ୍ର କହିଛନ୍ତି ଯେ ଜୀବନ ବଞ୍ଚାଇବା ପାଇଁ ନିରୀହ ଜନତା ରାଜ୍ୟର ଆସ୍ଥା ଓ ବିଶ୍ୱାସ ଥିବା କଟକ ବଡ଼ ମେଡିକାଲ କଲେଜରେ ଚିକିତ୍ସିତ ହେବା ପାଇଁ ଭର୍ତ୍ତି ହୋଇଥିଲେ। କିନ୍ତୁ ଅତି ଦୁଃଖର କଥା ଜୀବନ ବଞ୍ଚାଇବେ କ'ଣ ସରକାର ଓ ମେଡିକାଲ ପ୍ରଶାସନଙ୍କର ଅକ୍ଷମଣୀୟ ଅବହେଳା ଯୋଗୁଁ ଅଗ୍ନିକାଣ୍ଡ ଘଟି ଅକାଳ ମୃତ୍ୟୁବରଣ କଲେ। ଆଶ୍ଚର୍ଯ୍ୟର କଥା ସାରା ଦେଶରେ ଚହଳ ସୃଷ୍ଟି କରିଥିବା ଏହି ଘଟଣାକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ କିମ୍ବା ମେଡିକାଲ ପ୍ରଶାସନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ କଲେ ନାହିଁ। ଏହା ନୈତିକବିହୀନ ଓ ଅମାନବୀୟ ସରକାର ବୋଲି ନିଜକୁ ଜଣାଇଛନ୍ତି। ଯୁବ କଂଗ୍ରେସ ସ୍ୱାସ୍ଥ୍ୟ ଅବିଳମ୍ବେ ଇସ୍ତଫା ପ୍ରଦାନ କରନ୍ତୁ ବୋଲି ଦାବି କରୁଛି। ଅନ୍ୟପକ୍ଷରେ ଉତ୍କଟ ବେକାରି ସମସ୍ୟାରେ ରାଜ୍ୟରେ ଯୁବ ସମାଜ ଉବୁଟୁବୁ ହେଉଛି। ଯୁବକଯୁବତୀ ବାଧ୍ୟ ହୋଇ ରାଜ୍ୟ ଛାଡୁଛନ୍ତି। ସରକାର ଅନ୍ୟ ଏକ ଫନ୍ଦି କରି ଆଉଟ୍‌ସୋର୍ସିଂ ଜରିଆରେ ଯୁବକଯୁବତୀଙ୍କୁ କମ୍ ମୂଲ୍ୟରେ କାମ କରାଇ ଶୋଷଣ କରୁଛନ୍ତି। ବିଜେପି ମନ୍ତ୍ରୀ, ବିଧାୟକ ଓ ନେତାଙ୍କ ଉଦ୍ଧତପଣିଆ ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ପୁରୀ ସାଂସଦ ବିଚ୍ ବଜାରରେ ଖଣ୍ଡା ବୁଲାଉଛନ୍ତି ତ କେତେବେଳେ ଟିଟିଲାଗଡ଼ ବିଧାୟକ ପିଏସଓଙ୍କ ପିସ୍ତଲ ନେଇ ଫାଙ୍କା ଗୁଳି ଚଳାଉଛନ୍ତି। କିନ୍ତୁ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଚୋରି, ହତ୍ୟା, ଲୁଣ୍ଠନ ଓ ନାରୀ ଦୁଷ୍କର୍ମ ପ୍ରତ୍ୟହ ବଢ଼ିବାରେ ଲାଗିଛି। ସରକାର ଜାଣିପାରୁନାହାନ୍ତି କେମିତି ନିୟନ୍ତ୍ରଣ କରିବେ। ରାଜ୍ୟରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ଚାଷୀ ସମାଜ। ମନଇଚ୍ଛା କଟନୀ ଛଟନୀ କରି ହଜାର ହଜାର କୋଟି ଟଙ୍କା ସମବାୟ ବିଭାଗ, ଯୋଗାଣ ବିଭାଗ, ମିଲର ଓ ମନ୍ତ୍ରୀଙ୍କ ମଧ୍ୟରେ ଭାଗ ବଣ୍ଟା ଚାଲିଛି। ଚାଷୀଙ୍କ ବଳକା ଧାନକୁ ସରକାର କିଣିବାକୁ ନାରାଜ। ଫଳରେ ଚାଷୀ ବଳକା ଧାନ ଶାଗ ମାଛ ମୂଲ୍ୟରେ ମିଲରଙ୍କୁ ଟେକି ଦେବାକୁ ବାଧ୍ୟ ହୋଇଛି।




# ଏବେ ବି ଲକ୍ଷାଧିକ ଚାଷୀଙ୍କ ଧାନ କିଣାହୋଇନି: ବିଜେଡି

## ଖରିଫ ଧାନ ସଂଗ୍ରହ ଅବଧିକୁ ୧୫ ଦିନ ବଢ଼ାଯାଉ

ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ଦ୍ୱାରା ଖରିଫ ଧାନ ସଂଗ୍ରହ ପାଇଁ ମାର୍ଚ୍ଚ ୩୧ ସମୟ ସୀମା ଧାର୍ଯ୍ୟ କରାଯାଇଥିବା ବେଳେ ଏବେବି ଆହୁରି ୧.୧୧ ଲକ୍ଷ ଚାଷୀଙ୍କଠାରୁ ଧାନ କିଣା ହୋଇପାରିନାହିଁ। ଏହା ରାଜ୍ୟ ସରକାରଙ୍କ ବିଫଳତାକୁ ଦର୍ଶାଉଛି ବୋଲି ବିଜେଡି କହିଛି। ଏହି ଚାଷୀମାନଙ୍କଠାରୁ ଧାନ ସଂଗ୍ରହ ପାଇଁ ଧାର୍ଯ୍ୟ ଅବଧିକୁ ଆହୁରି ୧୫ ଦିନ ପାଇଁ ବଢ଼ାଇବା ସହ ରବି ଧାନ ପାଇଁ ପଞ୍ଜିକରଣ ଅବଧିକୁ ମାସେ ବଢ଼ାଇବାକୁ ଦାବି ହୋଇଛି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଓ ପୂର୍ବତନ ମନ୍ତ୍ରୀ ରୋହିତ ପୂଜାରୀ ଚଳିତ ବର୍ଷ ଧାନ ସଂଗ୍ରହ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଶ୍ରୀ ଦାସବର୍ମା କହିଥିଲେ ଯେ ସରକାର ବିଧାନସଭାରେ ସ୍ୱୀକାର କଲେ ଯେ ରାଜ୍ୟରେ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଥିବା ଚାଷୀଙ୍କ ଭିତରୁ ଧାନ ବିକ୍ରି ପାଇଁ ଶେଷ ତାରିଖ ସୁଦ୍ଧା ୧ ଲକ୍ଷ ୧୧ ହଜାର ଚାଷୀ ଧାନ ବିକିପାରି ନାହାନ୍ତି। ଜଟିଳ ପଞ୍ଜିକରଣ ପ୍ରକ୍ରିୟା, ଟୋକନ ପ୍ରଦାନରେ ଅବ୍ୟବସ୍ଥା, ମଣ୍ଡି ଖୋଲିବାରେ ବିଳମ୍ବ, କଟନୀ ଛଟନୀରେ ଧାନ କଟିବା ଯୋଗୁଁ ଚାଷୀମାନେ ଯାବତୀୟ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସେହିପରି ଶ୍ରୀ ପୂଜାରୀ କହିଥିଲେ ଯେ ରାଜ୍ୟ ସରକାର ଚାଷୀମାନଙ୍କ ବିରୋଧରେ ଷଡ଼ଯନ୍ତ୍ର ରଚିଛନ୍ତି। ଧାନ ପ୍ରତି କ୍ୱିଣ୍ଟାଲ ୮୦୦ ଟଙ୍କା ଇନପୁଟ ସବ୍‌ସିଡି ଆକାରରେ ଦେବେ ବୋଲି ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ନିର୍ବାଚିତ ହେବା ପରେ ନିଜର ଅସଲ ରୂପ ଦେଖାଇଲେ। ଧାନକିଣା ବେଳେ କଟନୀ ଛଟନୀରେ ହେବନି ବୋଲି ସରକାର କହିଥିଲେ କ୍ୱିଣ୍ଟାଲ ପିଛା ୧୪ କିଲୋ ପର୍ଯ୍ୟନ୍ତ କଟାଯାଉଛି। ତେଣୁ ଚାଷୀମାନେ ଯାବତୀୟ ପ୍ରକାରେ ହନ୍ତସନ୍ତ ହେଉଛନ୍ତି।



## ବିଧାନସଭା ଖବର



### ଏଆଇ ଲିଭାଇବ ଜଙ୍ଗଲ ନିଆଁ

ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ): ଜଙ୍ଗଲ ନିଆଁ ଲିଭାଇବା ପାଇଁ ଏଆଇ ଟେକନୋଲୋଜିର ବ୍ୟବହାର କରୁଛନ୍ତି ରାଜ୍ୟ ସରକାର। ରାଜ୍ୟର ସଂବେଦନଶୀଳ ଜଙ୍ଗଲ ଅଞ୍ଚଳଗୁଡିକରେ ନିଆଁର ପୂର୍ବାନୁମାନ, ନିରୀକ୍ଷଣ ଓ ପ୍ରତିରୋଧ ପାଇଁ ସରକାର କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ପ୍ରଯୁକ୍ତିବିଦ୍ୟା ଆପଣାଇଛନ୍ତି ସରକାର। ଏଆଇ ଆଧାରିତ ସଫ୍ଟୱେର୍, ୩୬୦ ଡିଗ୍ରୀ କ୍ୟାମେରା, ଏଆଇ ଆଧାରିତ ଡାଟା ପ୍ରୋସେସିଂ ୟୁନିଟ, ମେସ ନେଟୱାର୍କ, ଏଆଇ ଆଧାରିତ ବିଶ୍ଳେଷଣ ୟୁନିଟ୍ ଓ ମଲ୍ଟି-ଲେଭେଲ ଆଲର୍ଟ ବ୍ୟବସ୍ଥା ମାଧ୍ୟମରେ ଏସଏମଏସ, ହ୍ୱାଟ୍ସଆପ, ଇମେଲ୍ ଏବଂ ଡାସବୋର୍ଡ ମାଧ୍ୟମରେ ସଂପୃକ୍ତ କ୍ଷେତ୍ର ଅଧିକାରୀମାନଙ୍କୁ ସତର୍କ କରାଯାଉଛି। ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଉତ୍ତର ଓ ଦକ୍ଷିଣ ବନ୍ୟପ୍ରାଣୀ ବନଖଣ୍ଡ, ବରଗଡ ଜିଲ୍ଲାର ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ, ଅନୁଗୁଳ ଜିଲ୍ଲାର ଅନୁଗୁଳ ବନଖଣ୍ଡ, ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା ଏବଂ ବଣାଇ ବନଖଣ୍ଡରେ ଏହି ଏଆଇ ଆଧାରିତ ଅତ୍ୟାଧୁନିକ ମନିଟରିଂ ବ୍ୟବସ୍ଥା କରାଯାଇଛି। ଏହା ସହ ୨୦୨୪ରେ ୪ହଜାର ୬୭ ଏବଂ ୨୦୨୫ରେ ୪ ହଜାର ୬୦୯ ହେକ୍ଟର ଜଙ୍ଗଲ ପ୍ରଭାବିତ ହୋଇଛି। ଏକ ଲିଖିତ ପ୍ରଶ୍ନରେ ଗୃହରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି।

### ହାତୀ-ମଣିଷ ଲଢେଇରେ ଗଡୁଛି ମଣିଷ ମୁଣ୍ଡ

ତିନି ବର୍ଷରେ ହାତୀ ଆକ୍ରମଣରେ ଗଲାଣି ୪୪୩ ଜଣଙ୍କ ଜୀବନ। ୫୧ଟି ବନଖଣ୍ଡରେ ଏହି ମୃତ୍ୟୁ ସଂଖ୍ୟା ସାମ୍ନାକୁ ଆସିଛି। ସେହିପରି ୫୫୮୭ ଟି ଘର ଆଂଶିକ ଭାଙ୍ଗିଥିବା ବେଳେ ୧୦୫୦ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ସେହିପରି ୪୭ ହଜାର ୪୯୯.୧୨ ଏକର ଫସଲ ନଷ୍ଟ ହୋଇଛି। ସର୍ବାଧିକ ଢେଙ୍କାନାଳ ବନଖଣ୍ଡରେ ୯୧ ଜଣଙ୍କ ଜୀବନ ଯାଇଛି। ବାରିପଦା ବନଖଣ୍ଡ ଅଞ୍ଚଳରେ ସର୍ବାଧିକ ୧୩୨୬ଟି ଘର ଆଂଶିକ ନଷ୍ଟ ହୋଇଥିବା ବେଳେ କେନ୍ଦୁଝରରେ ୧୫୪ଟି ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଗତ ତିନି ବର୍ଷରେ ରାଜ୍ୟରେ ୨୬୪ ଟି ହାତୀଙ୍କ ମୃତ୍ୟୁ ଘଟିଥିବା ବେଳେ ୧୩୨ଟି ପ୍ରାକୃତିକ କାରଣ ଦ୍ୱାରା ୧୩୨ ଅପ୍ରାକୃତିକ କାରଣରୁ ପ୍ରାଣ ହରାଇଛନ୍ତି। ଏହି ସମୟ ମଧ୍ୟରେ ୪ଟି ମହାବଳ ବାଘ, ୨୫ଟି କଲରା ପତରିଆ ବାଘ, ୧୪୨୬ ଟି ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ମୃତ୍ୟୁ ହୋଇଛି। ସେଥିରୁ କେବଳ ଶିକାରୀଙ୍କ ଦ୍ୱାରା ୪୪୭ ବନ୍ୟଜନ୍ତୁଙ୍କ ମୃତ୍ୟୁ ହୋଇଛି। ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ଦ୍ୱାରା ୫୨୩ ଜଣଙ୍କ ଜୀବନ ଯାଇଥିବା ବେଳେ ୧୩୯୧ ଜଣ ଆହତ ହୋଇଛନ୍ତି। ବନ୍ୟଜନ୍ତୁ ଶିକାର ଅଭିଯୋଗରେ ୩୦୭୪ ଜଣ ଶିକାରୀ ଗିରଫ ହୋଇଛନ୍ତି। ହାତୀଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ବିଭିନ୍ନ ବନଖଣ୍ଡରେ ୧୪୨୦ ଗୋଟି ପ୍ରାକ ସତର୍କତା ବ୍ୟବସ୍ଥା ଲାଗୁ କରାଯାଇଛି। ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ।

### ଜଙ୍ଗଲରେ ପଢୁଛନ୍ତି ପିଲା, ବଣରେ ସରକାରୀ କାର୍ଯ୍ୟାଳୟ

ରାଜ୍ୟର ୫୦ଟି ସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ଜଙ୍ଗଲ ଜମିରେ ପ୍ରତିଷ୍ଠିତ ହୋଇଛି। ସେଥିରୁ ୩୨ଟି ସରକାରୀ ସଂସ୍ଥା ଜଙ୍ଗଲ ଜମିକୁ ସ୍ୱତ୍ୱଭୁକ୍ତ କରିବାକୁ ଆବେଦ ଆବେଦନ କରିଛନ୍ତି। ୧୮ଟି ସଂସ୍ଥା ଜଙ୍ଗଲ ଜମି ଅପସାରଣ ନିମନ୍ତେ ଅନୁମୋଦନ ପାଇଛନ୍ତି। ଗୃହରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି।

### ପ୍ରଦୂଷଣ ବଢୁଛି, ଅବୈଧ ଗଛକଟାରେ ରୋକ ନାହିଁ

ଅବୈଧ ଭାବେ ଗଛ କାଟିଲେ ମାମଲା ରୁଜୁ କରୁଛନ୍ତି ସରକାର। ୨୦୨୪-୨୫ ବର୍ଷରେ ୫୧୫ଟି ଅବୈଧ ଗଛ କଟା ମାମଲା ରୁଜୁ ହୋଇଛି। ଗଛ କାଟି ପରିବେଶକୁ ନଷ୍ଟ କରୁଥିବା ୨୫୮ ଜଣ ଗିରଫ ହୋଇଛନ୍ତି। ସେହିପରି ୨୦୨-୨୬ରେ ୪୨୮ଟି ମାମଲା ରୁଜୁ କରାଯାଇ ୨୦୮ ଜଣ ଗଛକାଠ ମାଫିଆଙ୍କୁ ଗିରଫ କରାଯାଇଛି। ୨୦୨୪-୨୫ ବର୍ଷରେ ୬୧୪.୮୦୪୮ କ୍ୟୁବିକ ମିଟର କାଠ ଏବଂ ୧୪୨ଟି ଗାଡ଼ି ଜବତ କରାଯାଇଛି। ୨୦୨୫-୨୬ ବର୍ଷରେ ୪୯୨.୫୩୯୨ କ୍ୟୁବିକ ମିଟର କାଠ ଏବଂ ୧୩୯ଟି ଗାଡ଼ି ଜବତ କରାଯାଇଛି। ଆଜି ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ।

# ଧାନ କିଣାରେ ଘୋଟାଲାର ପର୍ଦ୍ଦାଫାସ କଲା କଂଗ୍ରେସ

- ତଞ୍ଚକତା ପୂର୍ବକ କୋଟି କୋଟି ହେଉଛି ଆତ୍ମସାତ
- ସବୁ ଚାଷୀଙ୍କ ଧାନ ନ କିଣିଲେ ଆନ୍ଦୋଳନ ହେବ

ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ): ଚଳିତ ଖରିଫ ଋତୁର ଧାନ କିଣାରେ ବଡ଼ ଧରଣର ଘୋଟାଲାର ପର୍ଦ୍ଦାଫାସ କରିଛି କଂଗ୍ରେସ। ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କିଷାନ କଂଗ୍ରେସ ସଭାପତି ଅଭୟ ସାହୁ ଓ କଂଗ୍ରେସ ନେତା ନେତା ସୁଦର୍ଶନ ଦାସ ମିଲର, ଯୋଗାଣ ବିଭାଗର ମନ୍ତ୍ରୀ ଓ ଅଧିକାରୀମାନଙ୍କ ମଧୁଚନ୍ଦ୍ରିକାରେ କେମିତି କୋଟି କୋଟି ଟଙ୍କାର ଲୁଟ ହେଉଛି, ତା'ର ପର୍ଦ୍ଦାଫାସ କରିଥିଲେ। ସେମାନଙ୍କ କହିବା କଥା ଯେ ପ୍ରଥମ ପର୍ଯ୍ୟାୟରେ ମିଳିଥିବା ଟୋକନର ଶତପ୍ରତିଶତ ଧାନ ଚାଷୀଙ୍କଠାରୁ କିଣାଯାଇଛି। ଏବେ ବି ୧.୧୩ ଲକ୍ଷ ଚାଷୀ ଧାନ ବିକି ନ ପାରିବାର ଆଶଙ୍କା ସୃଷ୍ଟି ହୋଇଛି। ଚାଷୀଙ୍କ ଏହି ଅସହାୟତର ସୁଯୋଗ ନେଇ ମିଲରମାନେ ଯୋଗାଣ ବିଭାଗର ଅଧିକାରୀ, ସେବା ସମବାୟ ସମିତିର ସମ୍ପାଦକ ଓ ରାଜନେତାଙ୍କୁ ହାତବାରେସୀ କରି ୮୦: ୨୦ର ଫନ୍ଦି କରିଛନ୍ତି। ଏହି ଫନ୍ଦି ଅନୁସାରେ, ସମସ୍ତ ଚାଷୀଙ୍କ ଧାନ କିଣାଯିବ ବୋଲି ସେମାନେ କୁହାଗଲା। କିନ୍ତୁ ସର୍ତ୍ତ ରଖାଗଲା ୮୦: ୨୦ ଫର୍ମୁଲା। ଅର୍ଥାତ ଚାଷୀ ଯେଉଁ ଧାନ ଦେବେ ସେଥିରେ ଆଉ ୨୦ ପ୍ରତିଶତ ଅଧିକ ଯୋଡ଼ି ତାଙ୍କ ଖାତାକୁ ଟଙ୍କା ଯିବ। ଚାଷୀ ଦେଇଥିବା ୮୦ ପ୍ରତିଶତ ଧାନର ଟଙ୍କା ରଖି ବାକି ୨୦ ପ୍ରତିଶତ ଟଙ୍କା ମିଲରକୁ ଫେରାଇବେ। ଏହି ଆଧାରରେ ଜଳେଶ୍ୱରର ଗୋଟିଏ ସେବା ସମବାୟ ସମିତିରେ ପାଖାପାଖି ୪୬ ଲକ୍ଷ ୫୦ ହଜାର ଟଙ୍କାର ଘୋଟାଲା ହୋଇଥିବା କଂଗ୍ରେସ ଅଭିଯୋଗ କରିଛି।




# ବଙ୍ଗୀୟ ମହିଳାଙ୍କୁ ଗଣଦୁଷ୍କର୍ମ ଘଟଣା

## ମହିଳା ସୁରକ୍ଷା ଓ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ: ବିଜେଡି

ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ): ଗତ ୨୭ ତାରିଖରେ ରାଜଧାନୀର ତମଣ୍ଡୋ ଥାନା ଅଞ୍ଚଳରେ ଘଟିଥିବା ଜଘନ୍ୟ ଗଣଦୁଷ୍କର୍ମ ଘଟଣାକୁ ତୀବ୍ର ନିନ୍ଦା କରିଛି ବିଜେଡି। ପଶ୍ଚିମବଙ୍ଗର ଜନୈକା ୨୫ ବର୍ଷୀୟା ମହିଳା ପର୍ଯ୍ୟଟକ ରେଳଷ୍ଟେସନକୁ ଯିବା ପାଇଁ ଅପେକ୍ଷା କରିଥିଲେ। ଆମ୍ବୁଲାନ୍ସରେ ଲିଫ୍ଟ ଦେବା ବାହାନାରେ ଷ୍ଟେସନକୁ ନ ନେଇ ଜଙ୍ଗଲକୁ ନେଇ ତାଙ୍କୁ ଗଣଦୁଷ୍କର୍ମ କରିଥିଲେ ୨ ଜଣ ଦୁର୍ବୃତ୍ତ। ଓଡ଼ିଶାରେ ବିଜେପି କ୍ଷମତାକୁ ଆସିବା ପରଠାରୁ ମହିଳା ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ଦଳ ପକ୍ଷରୁ କୁହାଯାଇଛି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ସୁମିତ୍ରା ଜେନା କହିଥିଲେ ଯେ ବିଜେପି କ୍ଷମତାକୁ ଆସିବା ପରେ ଓଡ଼ିଶାରେ ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ଲିଖିତ ଉତ୍ତର ଅନୁଯାୟୀ, ଜୁଲାଇ ୧, ୨୦୨୪ରୁ ୩୧ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ମାତ୍ର ୧୮ ମାସରେ ଓଡ଼ିଶାରେ ୪୮,୭୯୮ଟି ମହିଳାବିରୋଧୀ ଅପରାଧ ମାମଲା ରୁଜୁ ହୋଇଛି। ଏଥିରେ ୪୨୯୨ଟି ଦୁଷ୍କର୍ମ ମାମଲା ରହିଛି, ଯାହା ଓଡ଼ିଶା ଇତିହାସରେ କେବେ ବି ଘଟି ନଥିଲା। ବର୍ତ୍ତମାନ ମହିଳା ଅସଦାଚରଣ ମାମଲାରେ ବିଜେପିଶାସିତ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ଥିବା ବେଳେ ମହାରାଷ୍ଟ୍ର ଦ୍ୱିତୀୟ ସ୍ଥାନରେ ରହିଛି। ଓଡିଶାରେ ମହିଳାମାନେ ଅସୁରକ୍ଷିତ ଥିବା ବେଳେ ପଶ୍ଚିମବଙ୍ଗରେ ମହିଳାଙ୍କ ସୁରକ୍ଷାକୁ ନେଇ ବିଜେପିର ମାଳ ମାଳ ନେତା, ମନ୍ତ୍ରୀ ଓ ବିଧାୟକ ନିର୍ବାଚନ ପ୍ରଚାର କରିବା ହାସ୍ୟାସ୍ପଦ ଓ ଦୁର୍ଭାଗ୍ୟଜନକ। ରାଜଧାନୀର ରାଜରାସ୍ତାରେ ପଶ୍ଚିମବଙ୍ଗର ଜଣେ ମହିଳା ପର୍ଯ୍ୟଟକଙ୍କୁ ଗଣଦୁଷ୍କର୍ମ ଘଟଣା ପ୍ରମାଣ କରୁଛି ଯେ ମହିଳାମାନଙ୍କୁ ସୁରକ୍ଷା ପ୍ରଦାନରେ ରାଜ୍ୟ ପୁଲିସ୍ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଶ୍ରୀମତୀ ଜେନା ଅଭିଯୋଗ କରିଛନ୍ତି।



### ଅବସର ନେଲେ ଚତୁର୍ଥ ଶ୍ରେଣୀ କର୍ମଚାରୀ

# ସାଙ୍ଗରେ ଖାଇଲେ ପରିବହନ କମିଶନର



ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ): ଚତୁର୍ଥ ଶ୍ରେଣୀ କର୍ମଚାରୀ ହେଲେ ମଧ୍ୟ ସେ ସମ୍ମାନର ଅଧିକାରୀ। ଦୀର୍ଘ ୩୮ ବର୍ଷ ଧରି ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ ରାଜ୍ୟ ପରିବହନ ପ୍ରାଧିକରଣ (ଏସଟିଏ)ରେ ସେବା କରିଆସିଛନ୍ତି। ସେ ଆଜି ଅବସର ଗ୍ରହଣ କରିଥିବା ବେଳେ ତାଙ୍କୁ ସମ୍ମାନର ସହ ବିଦାୟ ସମ୍ବର୍ଦ୍ଧନା ଜଣାଇ ଏକ ଉତ୍କୃଷ୍ଟ ପରମ୍ପରା ସୃଷ୍ଟି କରିଛନ୍ତି ଏସ୍‌ଟିଏ କମିଶନର ଅମିତାଭ ଠାକୁର। ଏସଟିଏରେ ପିଅନ ଭାବେ କାର୍ଯ୍ୟ କରୁଥିବା ମାତାଲ ସୋରେନ୍ ଆଜି ଅବସର ନେଇଛନ୍ତି। ୧୯୮୭ରେ ସରକାରୀ ଚାକିରିରେ ଯୋଗ ଦେବା ପରଠାରୁ ସେ ଏସଟିଏରେ ହିଁ ରହିଛନ୍ତି। ଜୀବନର ପାଖାପାଖି ୪ ଦଶନ୍ଧି ସମୟ କଟାଇଥିବାରୁ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବା ସକାଶେ ଶ୍ରୀ ଠାକୁର ନିଷ୍ପତ୍ତି ନେଇଥିଲେ। ସମସ୍ତ ଉଚ୍ଚପଦସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ସେ ସୋରେନ୍‌ଙ୍କୁ ନିଜ ପାଖରେ ବସାଇ ତାଙ୍କ ନିଷ୍ଠାପର ସେବାକୁ ମନେ ପକାଇଥିଲେ।

# ୩ରେ 'ମୋ କଟକ ସୁରକ୍ଷା ମଞ୍ଚ'ର ସମ୍ବର୍ଦ୍ଧନା ସଭା ଓ ବନ୍ଧୁମିଳନ




କଟକ,୩୧।୩(ସଂଚାର ବ୍ୟୁରୋ): ଚଳିତ ବର୍ଷ ଭାଇଚାରାର ସହର କଟକ ସମସ୍ୟାର ସମାଧାନ ଓ ଜନସାଧାରଣଙ୍କ ମୌଳିକ ଅଧିକାର ପାଇଁ ସଦାସର୍ବଦା କାର୍ଯ୍ୟ କରୁଥିବା ପ୍ରମୁଖ ସାମାଜିକ ସଂଗଠନ 'ମୋ କଟକ ସୁରକ୍ଷା ମଞ୍ଚ'ର ସମ୍ବର୍ଦ୍ଧନା ସଭା ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଆସନ୍ତା ୩ରେ ସ୍ଥାନୀୟ ମଧୁପାଟଣାସ୍ଥିତ ପ୍ରମିଳା ମଣ୍ଡପରେ ଅନୁଷ୍ଠିତ ହେବ। ଏନେଇ ମଞ୍ଚର ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ ଆଜି ସୂଚନା ଦେଇଛନ୍ତି। ଏହି ବନ୍ଧୁମିଳନରେ କଟକ ସହରର ପୂଜା କମିଟି, ସାହି ମୁରବୀ, ବୁଦ୍ଧିଜୀବୀ, ସାମାଜିକ ସଂଗଠନ ଓ ରାଜନୈତିକ ଦଳର ବ୍ୟକ୍ତିବିଶେଷ, ମାନବାଧିକାର, ସୂଚନା ଅଧିକାର କର୍ମୀ ଓ ଗଣମାଧ୍ୟମର ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ମଞ୍ଚ ସଭାପତି ଅକ୍ଷୟ ପଣ୍ଡା କହିଛନ୍ତି।

# ଓଡ଼ିଶା ପ୍ରତି ପ୍ରତିବଦ୍ଧତା ଦୋହରାଇଛି ବେଦାନ୍ତ

- ରାଜ୍ୟରେ ପାଇପଲାଇନରେ ୧.୮ ଲକ୍ଷ କୋଟି ନିବେଶ
- ୫ ଲକ୍ଷଙ୍କୁ ମିଳିଛି ନିଯୁକ୍ତି
- ରାଜ୍ୟ ରାଜକୋଷରେ ବାର୍ଷିକ ୯ ହଜାର କୋଟିର ଯୋଗଦାନ



ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ): ଓଡ଼ିଶାରେ ଶତପ୍ରତିଶତ ମୂଲ୍ୟ ସଂଯୋଜନ କରୁଥିବା ପ୍ରମୁଖ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଓଡ଼ିଶା ଦିବସ ଅବସରରେ ରାଜ୍ୟ ପ୍ରତି ଏହାର ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ଦୋହରାଇଛି। କମ୍ପାନୀ ପାଇପଲାଇନରେ ୧.୮ ଲକ୍ଷ କୋଟି ଟଙ୍କା ନିବେଶ କରିଥିବା ବେଳେ ଆଜି ପର୍ଯ୍ୟନ୍ତ ୫ ଲକ୍ଷରୁ ଅଧିକ ନିଯୁକ୍ତି ଦେଇଛି। ଆଲୁମିନିୟମ, ଲୁହା ଖଣିଜ, ବିଦ୍ୟୁତ ଓ ସମ୍ପୃକ୍ତ ବ୍ୟବସାୟ ସହ ବେଦାନ୍ତର ଓଡ଼ିଶାରେ କାର୍ଯ୍ୟଗୁଡ଼ିକ ରାଜକୋଷକୁ ବାର୍ଷିକ ୯ ହଜାର କୋଟି ଟଙ୍କାର ଯୋଗଦାନ ଦେଇଛି, ଯାହାକି ରାଜ୍ୟ ଜିଡିପିର ୩ ପ୍ରତିଶତ। କମ୍ପାନୀ ରାଜ୍ୟରେ ସମ୍ପୂର୍ଣ୍ଣ ସମନ୍ୱିତ ବିଶ୍ୱସ୍ତରୀୟ ଆଲୁମିନିୟମ ସମ୍ପତ୍ତି ପରିଚାଳନା କରୁଛି, ଯେଉଁଥିରେ ବକ୍ସାଇଟଠାରୁ ଆରମ୍ଭ କରି ଆଲୁମିନିୟମ ଉତ୍ପାଦ ଆଦି ରହିଛି। ଝାରସୁଗୁଡ଼ାରେ ବୃହତ ଆଲୁମିନିୟମ ପ୍ଲାଣ୍ଟ୍ ୧.୮ ଏମଟିପିଏ ଓ ଲାଞ୍ଜିଗଡ଼ରେ ୫ ଏମଟିପିଏ ଆଲୁମିନା ରିଫାଇନାରୀକୁ ପରିଚାଳିତ କରୁଥିବା ବେଳେ ବିଶ୍ୱ ଆଲୁମିନା ଯୋଗାଣରେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତି ମଧ୍ୟରେ ଅନ୍ୟତମ। ସେହିପରି ପରବର୍ତ୍ତୀ ପର୍ଯ୍ୟାୟରେ କମ୍ପାନୀ ଢେଙ୍କାନାଳ ଓ ରାୟଗଡ଼ା ଜିଲ୍ଲାରେ ୧.୮ ଲକ୍ଷ କୋଟି ଟଙ୍କାର ଏକ ଗ୍ରୀନଫିଲ୍ଡ ପ୍ରକଳ୍ପ ପ୍ରତିଷ୍ଠା କରୁଛି। ଏଥିରେ ୩ ଏମଟିପିଏ ଆଲୁମିନିୟମ ସ୍ମେଲଟର ଏକ ୪୯୦୦ଏମଡବଲ୍ୟୁ ପାୱାର ପ୍ଲାଣ୍ଟ୍, ଏକ ୬ ଏମଟିପିଏ ଆଲୁମିନା ରିଫାଇନାରୀ ଓ ବିଶ୍ୱସ୍ତରୀୟ ଡାଉନଷ୍ଟ୍ରିମ ଆଲୁମିନିୟମ ପାର୍କ ରହିଛି। ପ୍ରସ୍ତାବିତ ବିକାଶ ପ୍ରକ୍ରିୟାରେ ୫୦ ହଜାର ପର୍ଯ୍ୟନ୍ତ ନିଯୁକ୍ତି ଓ ସମୟ କ୍ରମେ ୨ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ବେଦାନ୍ତ ଆଲୁମିନିୟମ ଓଡ଼ିଶାକୁ ବିଶ୍ୱ ବାଣିଜ୍ୟ ନେଟୱାର୍କରେ ସଂଲଗ୍ନ କରିବା ସହ ଅନୁନ୍ନତ ଅଞ୍ଚଳରେ ନିବେଶ ନୀତି ମାଧ୍ୟମରେ କଳାହାଣ୍ଡିକୁ ଏକ ବିକଶିତ ଜିଲ୍ଲାରେ ପରିଗଣିତ କରିବାକୁ ଲକ୍ଷ୍ୟ ରଖିଛି।

sanchar.live
SANCHAR ସଂଚାର
୪ ବୁଧବାର ୧ ଏପ୍ରିଲ ୨୦୨୬, ଭୁବନେଶ୍ୱର
Wednesday 1 April 2026, Bhubaneswar

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# କମୁଛି ପାରିବାରିକ ମୂଲ୍ୟବୋଧ

ପୂର୍ବେ ଭାରତୀୟ ସମାଜ, ବିଶେଷକରି ଓଡ଼ିଶାର ଗ୍ରାମ୍ୟ ଓ ସହରୀ ଜୀବନ, ପରିବାରିକ ସମ୍ମାନ ଓ ମୂଲ୍ୟବୋଧରେ ପରିପୂର୍ଣ୍ଣ ଥିଲା। ବୃଦ୍ଧ ବୟସ୍କଙ୍କୁ ଦେବତା ସମାନ ମାନ୍ୟତା ଦିଆଯାଉଥିଲା। ପିତା-ମାତାଙ୍କ ଆଦେଶ ଅନୁସରଣ କରିବା, ଜ୍ୟେଷ୍ଠଙ୍କ ପ୍ରତି ଶ୍ରଦ୍ଧା ପ୍ରଦର୍ଶନ



କରିବା ଓ ପରିବାରର ସମ୍ମିଳିତ ସିଦ୍ଧାନ୍ତ ନେବା ଏକ ସ୍ୱାଭାବିକ ପ୍ରଥା ଥିଲା। ଯୌଥ ପରିବାର ବ୍ୟବସ୍ଥା ଥିଲା ଏହି ସମ୍ମାନର ମୂଳ ଆଧାର। କିନ୍ତୁ ଆଧୁନିକ ଯୁଗରେ ଏହି ପରିବାରିକ ସମ୍ମାନ କ୍ରମଶଃ ହ୍ରାସ ପାଉଛି। ଏହା କେବଳ ଏକ ସାମାଜିକ ପରିବର୍ତ୍ତନ ନୁହେଁ, ବରଂ ଏକ ଗମ୍ଭୀର ସମସ୍ୟା ଯାହା ପରିବାର ଓ ସମାଜର ମୂଳକୁ ଦୋହଲାଇ ଦେଉଛି।

ଏହି ହ୍ରାସର ମୂଳ କାରଣ ହେଉଛି ଆଧୁନିକତା, ଶିକ୍ଷା ଓ ଗ୍ଲୋବାଲାଇଜେସନ୍‌ର ପ୍ରଭାବ। ଯୁବପିଢ଼ୀ ସହର ଓ ବିଦେଶରେ ଚାକିରି ଖୋଜି ପରିବାର ଛାଡ଼ି ଯାଉଛନ୍ତି। ନ୍ୟୁକ୍ଲିୟାର ପରିବାର ବ୍ୟବସ୍ଥା ବଢ଼ୁଛି ଯେଉଁଥିରେ ବୃଦ୍ଧ ପିତା-ମାତା ଏକାକୀ ରହିଯାଉଛନ୍ତି। ଇଣ୍ଟରନେଟ୍ ଓ ସୋସିଆଲ୍ ମିଡ଼ିଆର ପ୍ରଭାବରେ ଯୁବକ-ଯୁବତୀ ପାଶ୍ଚାତ୍ୟ ବ୍ୟକ୍ତିବାଦ ଓ ସ୍ୱାଧୀନତାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ପରିବାରର ପାରମ୍ପରିକ ନିୟମ ଓ ମୂଲ୍ୟବୋଧକୁ ସେମାନେ ପୁରୁଣା ଓ ଅପ୍ରାସଙ୍ଗିକ ବୋଲି ଭାବୁଛନ୍ତି। ଫଳରେ ପିତା-ମାତାଙ୍କ ପ୍ରତି ଅନାଦର, ଜ୍ୟେଷ୍ଠଙ୍କ ପ୍ରତି ଅସମ୍ମାନ ଓ ପରିବାରିକ ବିବାଦ ବଢ଼ୁଛି। ଓଡ଼ିଶାରେ ମଧ ଏହି ପ୍ରବଣତା ଦେଖାଯାଉଛି। ଭୁବନେଶ୍ୱର, କଟକ ଭଳି ସହରରେ ଯୁବକମାନେ କର୍ମବ୍ୟସ୍ତ ଜୀବନରେ ପରିବାର ପାଇଁ ସମୟ ଦେଉନାହାନ୍ତି। ଗ୍ରାମାଞ୍ଚଳରେ ମଧ ଶିକ୍ଷିତ ଯୁବପିଢ଼ୀ ପାରମ୍ପରିକ ଆଚାର-ବ୍ୟବହାରକୁ ଉପହାସ କରୁଛନ୍ତି।

ଏହି ପରିବର୍ତ୍ତନର ପ୍ରଭାବ ଅତ୍ୟନ୍ତ ବ୍ୟାପକ। ବୃଦ୍ଧ ବୟସ୍କମାନେ ଏକାକୀତ୍ୱ, ହତାଶା ଓ ମାନସିକ ଯନ୍ତ୍ରଣାର ଶିକାର ହେଉଛନ୍ତି। ଅନେକ ସ୍ଥାନରେ ବୃଦ୍ଧାଶ୍ରମ ଭର୍ତ୍ତି ହେଉଛି ଯାହା ପୂର୍ବେ କଳ୍ପନା କରାଯାଉନଥିଲା। ପରିବାରର ସଦସ୍ୟମାନଙ୍କ ମଧରେ ଆବେଗୀୟ ବନ୍ଧନ ଦୁର୍ବଳ ହେଉଛି। ଶିଶୁମାନେ ପରିବାରିକ ମୂଲ୍ୟବୋଧ ବିନା ବଢ଼ୁଛନ୍ତି ଯାହା ସେମାନଙ୍କୁ ଅହଂକାରୀ ଓ ସ୍ୱାର୍ଥପର କରି ତୋଳୁଛି। ସମାଜରେ ବିବାଦ, ଅପରାଧ ଓ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ବଢ଼ୁଛି। ପରିବାର ଯେଉଁଠାରେ ପ୍ରଥମ ଶିକ୍ଷାଳୟ ଥିଲା, ସେଠାରେ ଏବେ ଅନେକ ସମୟରେ ଅଶାନ୍ତିର କେନ୍ଦ୍ର ହୋଇଯାଉଛି। ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଯେପରି ଜଗନ୍ନାଥ ସଂସ୍କୃତିରେ ପରିବାରିକ ଏକତା ଓ ସମ୍ମାନର ଉଦାହରଣ ଦେଖାଯାଏ, ତାହା ଏବେ କ୍ରମଶଃ ଲୁପ୍ତ ହେବାର ପଥରେ ଅଛି।

ଏହି ସମସ୍ୟାର ସମାଧାନ ପାଇଁ ବହୁମୁଖୀ ପ୍ରୟାସ ଆବଶ୍ୟକ। ପରିବାରରେ ପୁନଃ ମୂଲ୍ୟବୋଧର ଶିକ୍ଷା ଦେବା ଜରୁରୀ। ପିତା-ମାତା ଓ ଶିକ୍ଷକମାନେ ଶିଶୁଙ୍କୁ ପାରମ୍ପରିକ ଆଚାର-ବ୍ୟବହାର ଶିଖାଇବା ଉଚିତ। ସରକାରୀ ସ୍ତରରେ ବୃଦ୍ଧଙ୍କ ଯତ୍ନ ପାଇଁ କଠୋର ଆଇନ ଓ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରିବା ଦରକାର। ସୋସିଆଲ୍ ମିଡ଼ିଆ ଓ ମିଡ଼ିଆରେ ପରିବାରିକ ସମ୍ମାନର ଗୁରୁତ୍ୱ ଉପରେ ସଚେତନତା ବଢ଼ାଇବା ଉଚିତ। ଯୁବକମାନଙ୍କୁ ବୁଝାଇବାକୁ ହେବ ଯେ ସଫଳତା କେବଳ ଆର୍ଥିକ ନୁହେଁ, ପରିବାରିକ ସୁଖ ମଧ ଏକ ବଡ଼ ସଫଳତା। ଓଡ଼ିଶାର ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଶିକ୍ଷା ପ୍ରଣାଳୀରେ ଏହି ମୂଲ୍ୟବୋଧକୁ ସମ୍ମିଳିତ କରିବା ଆବଶ୍ୟକ।

ପରିବାର ହେଉଛି ସମାଜର ମୂଳ ଏକକ। ଯଦି ଏହାର ସମ୍ମାନ ହ୍ରାସ ପାଏ, ତେବେ ସମଗ୍ର ସମାଜ ଦୁର୍ବଳ ହୋଇପଡ଼େ। ସମସ୍ତେ ମିଳିମିଶି ଏହି ପାରମ୍ପରିକ ସମ୍ମାନକୁ ପୁନଃପ୍ରତିଷ୍ଠା କରିବାର ଆବଶ୍ୟକତା ରହିଛି। ଯୁବପିଢ଼ୀ ଯଦି ନିଜର ମୂଳକୁ ଭୁଲି ନଯାଏ ଓ ବୃଦ୍ଧଙ୍କ ଅଭିଜ୍ଞତାକୁ ସମ୍ମାନ ଦିଏ, ତେବେ ହିଁ ଏକ ସୁସ୍ଥ ଓ ସମୃଦ୍ଧ ସମାଜ ଗଢ଼ି ଉଠିପାରିବ। ଏହା କେବଳ ଆମର ଦାୟିତ୍ୱ ନୁହେଁ, ବରଂ ଆମର ସଂସ୍କୃତିର ରକ୍ଷା ମଧ।

# ‘ବାତ୍ସଲ୍ୟ ମମତା ଘେନି ଭାଳୁଛନ୍ତି ମାତ, ମୋ କଳା ମାଣିକରେ..’

**ନିବେଦିତା ଶୁକ୍ଲା**

ଭାରତର ସର୍ବୋଚ୍ଚ ଅଦାଲତ ଜନନୀ ମାତୃତ୍ୱ ଛୁଟି ବା ମାଟରନଟି ଲିଭ କ୍ଷେତ୍ରରେ ଏକ ଐତିହାସିକ ରାୟ ପ୍ରଦାନ କରିଛନ୍ତି। ଐତିହାସିକ ରାୟ କୁହାଯାଉଥିବା ଏ ମାମଲାଟି ହେଉଛି ଏଯାବତ୍ ବଳବତ୍ତର ଥିବା କୋଡ଼ ଅନ ସୋସିଆଲ ସିକ୍ୟୁରିଟି - ୨୦୨୦ ଅନ୍ତର୍ଗତ ଏକ ବ୍ୟବସ୍ଥାକୁ ଅସିଦ୍ଧ ଘୋଷଣା କରିଦେଇଛନ୍ତି ଯାହା ଅନୁସାରେ ତିନିମାସରୁ ଉର୍ଦ୍ଧ୍ୱ ବୟସର ଶିଶୁକୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରୁଥିବା ଜଣେ ଜନନୀ ମାତୃତ୍ୱ ଛୁଟି ପାଇବା ନିମିତ୍ତ ଅଯୋଗ୍ୟା ବିବେଚିତ ହେଉଥିଲେ। ବର୍ତ୍ତମାନ ଅସିଦ୍ଧ ଘୋଷିତ ହୋଇଥିବା ଆଇନରେ ପୋଷ୍ୟ ସନ୍ତାନ ଗ୍ରହଣ କ୍ଷେତ୍ରରେ ମାତୃତ୍ୱ ଛୁଟିକୁ ସନ୍ତାନର ସର୍ବୋଚ୍ଚ ତିନି ମାସର ବୟସ ସୀମା ସହିତ ସଂଯୁକ୍ତ କରାଯାଉଥିବାବେଳେ ଯାହା ଦେଖିବାକୁ ମିଳିଥାଏ ତାହାହେଲେ ଶିଶୁଟିଏ ପୋଷ୍ୟ ସନ୍ତାନ ରୂପେ ଅନ୍ୟ ଏକ ନାରୀଙ୍କର କୋଳରେ ପ୍ରବେଶ କଲାବେଳକୁ ତାର ବୟସ ତିନିମାସରୁ ଅଧିକ ହୋଇଥାଏ। ଏଭଳି ପୋଷ୍ୟ ସନ୍ତାନର ଯତ୍ନ ଓ ସାମଗ୍ରୀକ ଆବଶ୍ୟକତାକୁ ପୂରଣ ନିମିତ୍ତ ପୋଷ୍ୟ ଜନନୀକୁ ଅଧିକ ଶକ୍ତି ଓ ସମୟ ଦରକାର ପଡୁଥିଲେ ହେଁ ପୂର୍ବର ନିୟମ ଅନୁସାରେ ସେଥିପାଇଁ ତାଙ୍କୁ ଆଦୌ ମାତୃତ୍ୱ ଛୁଟି ମିଳିପାରୁନଥିଲା। ଏଠାରେ ସୂଚାଇ ଦେଇପାରୁକି ଯେଉଁଠି ପରିତ୍ୟକ୍ତ କିମ୍ବା କୌଣସି ଆଶ୍ରୟ ଗୃହରେ ରହୁଥିବା ଅଧିକ ବୟସର ଶିଶୁମାନଙ୍କୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରାଯାଇଥାଏ ସେଭଳି ଶିଶୁମାନଙ୍କ ମନସ୍ତତ୍ୱ ଏପରି ହୋଇଥାଏ ଯେ ସେମାନଙ୍କ ଠାରେ ବିଶ୍ୱାସ, ମନସ୍ତାତ୍ତ୍ୱିକ ନିରାପତ୍ତା ଜନ୍ମାଇବା ପାଇଁ ଓ ସେମାନଙ୍କୁ ଆବେଗିକ ସମ୍ପର୍କ ପ୍ରତିଷ୍ଠା କରିବା ନିମିତ୍ତ ପ୍ରବର୍ତ୍ତାଇବା ପାଇଁ ପୌଷ୍ୟ ପିତାମାତାଙ୍କୁ ଦୀର୍ଘ ଓ କଠିନ ପରିଶ୍ରମ କରିବାକୁ ପଡ଼ିଥାଏ।

ଏହା ସର୍ବଜନ ସ୍ୱୀକୃତ ସମାଜର ମୂଳ ଆଧାର ହେଉଛନ୍ତି ନାରୀ, ତାଙ୍କର ସବୁଠାରୁ ଗରିମାମୟ ପରିଚୟ ହେଉଛି ଜନନୀ। ଜଣେ ନାରୀ ଯେତେବେଳେ ମାତୃତ୍ୱର ପବିତ୍ର ଅବସ୍ଥାରେ ପ୍ରବେଶ କରନ୍ତି ସେତେବେଳେ ସେ ନିଜ ଜୀବନର ସର୍ବାଧିକ ଦାୟିତ୍ୱଶୀଳ ଅଧ୍ୟାୟକୁ ଆରମ୍ଭ କରନ୍ତି। ମାତୃତ୍ୱ କେବଳ ଜନ୍ମ ଦେବାରେ ସୀମିତ ନୁହେଁ ବରଂ ଏହା ଏକ ନୂତନ ଜୀବନକୁ ଗଢ଼ିବାରେ ମହାନ କାର୍ଯ୍ୟ ନିର୍ବାହ କରିଥାଏ। ମାତୃତ୍ୱ ଛୁଟି ଜଣେ କର୍ତ୍ତବ୍ୟରତ ମହିଳାଙ୍କ ପାଇଁ ଏକ ମୂଳ ଆଧାର। ଗର୍ଭାବସ୍ଥାରୁ ଆରମ୍ଭ କରି ଶିଶୁଟିକୁ ଭୂମିଷ୍ଠ କରାଇ ସଯତ୍ନ ନିମିତ୍ତ ଜଣେ ମାଆଙ୍କୁ ବହୁତ ଶାରୀରିକ ଓ ମାନସିକ ପରିବର୍ତ୍ତନ ସହିବାକୁ ପଡ଼େ। ଏହି ସମୟରେ ସେମାନଙ୍କୁ ବିଶ୍ରାମ, ପୋଷଣ ଓ ଏକ ସକରାତ୍ମକ ପରିବେଶ ଦରକାର। ଏହି ମାତୃତ୍ୱ ଛୁଟି ହିଁ ସମସ୍ତ ଆବଶ୍ୟକତା ପୂରଣରେ ସହାୟକ କାର୍ଯ୍ୟ ତୁଲାଇ ଥାଏ। ପିଲାଟି ଜନ୍ମ ହେବାପରେ ପ୍ରାଥମିକ ଛଅ ମାସ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ମାଆଙ୍କ ସ୍ତନ୍ୟପାନ ଶିଶୁ ପାଇଁ ସର୍ବୋତ୍ତମ ଖାଦ୍ୟ। ଏହା ଶିଶୁର ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଏହି ସମୟରେ ମାଆଙ୍କ ସାନ୍ନିଧ୍ୟ ନବଜାତକର ଭାବନାତ୍ମକ, ସୃଜନାତ୍ମକ ଓ ମାନସିକ ଉନ୍ନତି ପାଇଁ ଅତ୍ୟନ୍ତ ଦରକାରୀ। ବର୍ତ୍ତମାନ ସମୟରେ ନାରୀମାନେ ଆଇନ ଠାରୁ ଶିକ୍ଷା, ଚିକିତ୍ସା ଠାରୁ ପ୍ରଶାସନ, ବ୍ୟବସାୟ ଠାରୁ କ୍ରୀଡ଼ା ଅନେକ କ୍ଷେତ୍ରରେ ଯଥେଷ୍ଟ ଆଗରେ କୃତୀତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଛନ୍ତି। ତେଣୁ ଏପରି ସମୟରେ ମାତୃତ୍ୱ ଛୁଟି ସେମାନଙ୍କୁ ଦୁଇଟି ଭୂମିକା ମଧ୍ୟରେ ସମନ୍ୱୟ ରଖିବାରେ ସହାୟତା କରିଥାଏ। ମାତୃତ୍ୱ ଛୁଟି ଭାରତରେ ଆଇନଗତ ଭାବେ ସ୍ୱୀକୃତି ମିଳିଛି। ସରକାର କାର୍ଯ୍ୟରତ ମହିଳାମାନଙ୍କ ପାଇଁ ଛୁଟି ସମୟ ବଢ଼ାଇଛନ୍ତି। ଯାହା ନାରୀଙ୍କ ସ୍ୱାସ୍ଥ୍ୟ ଓ ଶିଶୁର ଉତ୍ତମ ଭବିଷ୍ୟତ ପାଇଁ ଉପକାରୀ। ମାତୃତ୍ୱ ଛୁଟି ସମାଜର ଉନ୍ନତିପାଇଁ ଗୁରୁତ୍ୱ ରଖିଥାଏ।

ନିକଟରେ ସୁପ୍ରିମକୋର୍ଟଙ୍କ ରାୟକୁ ଅନୁଧ୍ୟାନ କଲାବେଳେ ଆମେ ଗୋଟିଏ ଦିଗ ପ୍ରତି ଯାହା ଅନୁଭବ କଲୁ ଉଲ୍ଲେଖ କରୁଛି। ଅନେକ କ୍ଷେତ୍ରରେ ଦେଖାଯାଏ ପୋଷ୍ୟ ସନ୍ତାନ ଗ୍ରହଣ କରୁଥିବା ମାଆ ମାନଙ୍କୁ ବର୍ତ୍ତମାନର ସମାଜରେ ଯେଉଁ ବିଶେଷ ଧରଣର ଆହ୍ୱାନ ମାନଙ୍କର ସମ୍ମୁଖୀନ ହେବାକୁ ପଡ଼ିଥାଏ ସେଥି ଭିତରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଜଟିଳ ଆଇନଗତ ପ୍ରକ୍ରିୟା ଓ ସାମାଜିକ ଭ୍ରୂକୁଞ୍ଚନ। ଏଭଳି କ୍ଷେତ୍ରରେ ଜଣେ ମାଆ ଯଥେଷ୍ଟ ମାତୃତ୍ୱ ଛୁଟି ପାଇବା ଦ୍ୱାରା ବୃତ୍ତିଗତ ଓ ପାରିବାରିକ ଦାୟିତ୍ୱ ସୂଚାରୁରୂପେ ସମାନ ଭାବେ ସର୍ବନିମ୍ନ ସୁବିଧା ଭିତରେ ସାକାର କରିପାରିବ। ମାନ୍ୟବର ସୁପ୍ରିମକୋର୍ଟଙ୍କର ଏହି ଐତିହାସିକ ରାୟ ସେମାନଙ୍କୁ ଏହି ସୁବିଧା ଯୋଗାଇବା ନିମିତ୍ତ ଉଦ୍ଦିଷ୍ଟ ହୋଇଥିଲେ ହେଁ ଏହାର ପ୍ରତୀକାତ୍ମକ ତାତ୍ପର୍ଯ୍ୟ ଢ଼େର ହୋଇଥାଏ। ଏହା ମାତୃତ୍ୱର ଆଧାର ରୂପେ ପୋଷ୍ୟ ସନ୍ତାନ ଗ୍ରହଣକୁ ପ୍ରସବ ଭଳି ଏକ ଜୈବିକ ପ୍ରକ୍ରିୟା ସହିତ ସମାନ ଆଇନଗତ ମର୍ଯ୍ୟାଦା ପ୍ରଦାନ କରିଥାଏ। ମାନ୍ୟବର ସୁପ୍ରିମକୋର୍ଟଙ୍କ ଏହି ଐତିହାସିକ ରାୟ ଭାରତରେ ଏଯାବତ୍ ପୋଷ୍ୟ ସନ୍ତାନକୁ ନେଇ ରହି ଆସିଥିବା କିଛି ରୁଢ଼ୀବାଦ ଚିନ୍ତାଧାରା ବିଲୋପ ହେବାସହ ପୋଷ୍ୟ ସନ୍ତାନ ଗ୍ରହଣକୁ ବରଂ ଉତ୍ସାହିତ ଓ ପ୍ରେରଣା ଯୋଗାଇବ। ଏଠାରେ ଆମେ ସମସ୍ତେ ମନେ ରଖିବା ଉଚିତ ଯେ ଦେଶର ଅନେକ ଅପରିଚିତ ଅସହାୟ ଦେବଶିଶୁମାନେ ପରିଚୟ ଟିକକ ପାଇଁ, ମୁଠାଏ ଦାନା ପାଇବା ପାଇଁ ଜୀବନ ଓ ଭାଗ୍ୟ ସହ ସଂଘର୍ଷ କରୁଛନ୍ତି। ମାନ୍ୟବର ଅଦାଲତଙ୍କ ଏହି ଉପଲବ୍ଧିପୂର୍ଣ୍ଣ ରାୟ ପୋଷ୍ୟ ଜନନୀ ମାନଙ୍କୁ ମାତୃତ୍ୱ ଛୁଟି ଉପଲବ୍ଧ କରି ଏକ ଯତ୍ନଶୀଳ ସୁରକ୍ଷିତ ପରିବାର ଗଢ଼ିବା ପାଇଁ ସହାୟକ ହୋଇପାରିବ। ଆଜିର ଶିଶୁଟି ଆଗାମୀ ଦିନର ଆମ ସ୍ୱର୍ଣ୍ଣିମ ସକାଳର ରଶ୍ମୀ। ସେହିମାନେ ହିଁ ଦେବଶିଶୁ, ସ୍ୱର୍ଣ୍ଣିମ ଭବିଷ୍ୟତ। ଏହି ଆଲେଖ୍ୟଟି ପ୍ରସ୍ତୁତ କଲାବେଳକୁ ଓଡ଼ିଶାର ଜନୈକ ଲୋକପ୍ରିୟ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ହୃଦୟସ୍ପର୍ଶୀ ଗୀତଟି ଅନ୍ତର ଭିତରୁ ଆସିଯାଉଛି - ‘ଧିରେ ଘେନ କାନନରେ କୃଷ୍ଣ ବିଳମ୍ବିତ, ବାତ୍ସଲ୍ୟ ମମତା ଘେନି ଭାଳୁଛନ୍ତି ମାତ, ମୋ କଳା ମାଣିକରେ..’।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ଚହଟା ନଗର, ଲେନ୍-୬, କଟକ-୧୪, ମୋବାଇଲ୍:୭୦୦୮୪୭୮୯୮୬

# ନବ ଉତ୍କଳ ଦିବସ ସ୍ମରଣେ



**ଡକ୍ଟର ଲକ୍ଷ୍ମଣ ସାହୁ**

୧୯୩୬ ଅପ୍ରେଲ ୧ ତାରିଖ ଦିନକୁ ଓଡ଼ିଶା ଏକ ରାଜ୍ୟ ଭାବେ ନବଗଠିତ ହେବା ସ୍ମୃତିରେ ଅପ୍ରେଲ ମାସ ୧ ତାରିଖ ଦିନ ଉତ୍କଳ ଦିବସ ପାଳନ କରାଯାଉଛି। ଭାଷା ଭିତ୍ତିରେ ରାଜ୍ୟଗଠନ ହେବାରେ ଓଡ଼ିଶା ହେଉଛି ଭାରତର ପ୍ରଥମ ରାଜ୍ୟ। ବିଶେଷ କରି ୧୫୬୮ରେ ଶେଷ ରାଜା ମୁକୁନ୍ଦ ଦେବଙ୍କଦେହାନ୍ତ ପରେ ବ୍ରିଟିଶ ଶାସନରୁ ଅଲଗା ହୋଇ ଏକ ‘ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ‘ ଗଠନ କରିବା ପାଇଁ ମଧୁସୂଦନ ଦାସ, ଫକୀର ମୋହନ ସେନାପତି, ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ଗଙ୍ଗାଧର ମେହେର, ରାଧାନାଥ ରାୟ, ବାସୁଦେବ ସୁଢ଼ଳ ଦେବ ଓ ପାରଳାର ମହାରାଜ କୃଷ୍ଣଚନ୍ଦ୍ର ଗଜପତିଙ୍କ ଚେଷ୍ଟାରେ ଆନ୍ଦୋଳନ ଆରମ୍ଭ ହୋଇଥିଲା। ପ୍ରଥମେ ଛଅଟି ଜିଲ୍ଲା କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, କୋରାପୁଟ ଓ ଗଞ୍ଜାମକୁ ନେଇ ଓଡ଼ିଶା ପ୍ରଦେଶ ଗଠନ କରାଯାଇଥିଲା।

ନବଗଠିତ ଆଧୁନିକ ଓଡ଼ିଶାର ମାନଚିତ୍ର ଦେଖିବାକୁ ଗଲେ ତା’ର ଇତିହାସ ପୃଷ୍ଠା ଓଲଟେଇ ବାକୁ ପଡ଼ିବ। ଗୋଟିଏ ସ୍ୱତନ୍ତ୍ର ରାଜ୍ୟ ନିର୍ମାଣ ପାଇଁ ମୁଖ୍ୟ ବିପ୍ଳବର ସ୍ୱର ଉତ୍କଳ ସମ୍ମିଳନୀ ଗଠନ ଦିନ ଠାରୁ ତିନି ଦଶନ୍ଧି ଧରି ଲାଗି ରହିଥିଲା ଓ ଏହା ଏକ ପ୍ରଥମକରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ମୂଳଦୁଆ ସ୍ଥାପନ କରିଥିଲା। ଏଥିରେ ଯେଉଁମାନେ ଅଂଶ ଗ୍ରହଣ କରିଥିଲେ ସେମାନଙ୍କ ମଧ୍ୟରେ ଲୋକପ୍ରିୟ ବାରିଷ୍ଟର ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ବ୍ୟାସକବି ଫକୀର ମୋହନ ସେନାପତି, ପଣ୍ଡିତ ନୀଳକଣ୍ଠ ଦାସ, ସ୍ୱଭାବକବି ଗଙ୍ଗାଧର ମେହେର, କବିବର ରାଧାନାଥ ରାୟ, ବାସୁଦେବ ସୁଢ଼ଳ ଦେବ ଓ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ପ୍ରମୁଖ। ସେମାନଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅଧିକ ଗତିଶୀଳ ହୋଇଥିଲା। ସେ ସମୟରେ ସାର୍ ଅଷ୍ଟିନ ହବାକ ଓଡ଼ିଶାର ପ୍ରଥମ କରି ରାଜ୍ୟପାଳ ଭାବରେ ଶପଥ ନେଇଥିଲେ। ସେହି ଦୃଷ୍ଟିରୁ ୧୯୩୬ ମସିହା ଏପ୍ରିଲ୍ ପହିଲା ଦିନ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ମିଳିଥିଲା। ପୁନର୍ବାର ୧୯୯୨ ମସିହାରେ ଓଡ଼ିଶାର ୧୩ଟି ଜିଲ୍ଲାକୁ ପୁନର୍ବିଭାଜନ କରି ତାହା ୩୦ଟି ଜିଲ୍ଲାରେ ଭାଗ କରାଯାଇଥିଲା। ପ୍ରତି ବର୍ଷ ଏପ୍ରିଲ ପହିଲା ଦିନଟିକୁ ଉତ୍କଳ ଦିବସ ନାମରେ ପାଳନ କରାଯାଇ ସ୍ୱତନ୍ତ୍ର ପ୍ରଦେଶ ଗଠନର ସେହି ବନ୍ଦନୀୟ କର୍ଣ୍ଣଧାରମାନଙ୍କୁ ସମ୍ମାନ ଦିଆଯାଏ। ଏହା ଆମ ସଂସ୍କୃତି ଓ ପରମ୍ପରାରେ ଏକ ପର୍ବ ତୁଲ୍ୟ ଓଡ଼ିଶାରେ ୩୦ଟି ଜିଲ୍ଲା ପାଳନ ହୋଇ ଆସୁଛି।

ଇତିହାସର ସେହି ଅବିସ୍ମରଣୀୟ ଘଟଣାର ପୁନଃ ବିଚାରର ଅନ୍ତ କେବେ ନାହିଁ ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ଏକତ୍ରୀକରଣ ଦ୍ୱାରା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁଙ୍କ ଅବଦାନ ସଦା ସ୍ମରଣୀୟ ହୋଇ ରହିଛି। କହିବାକୁ ଗଲେ ଗଂଜାମରେ ତେଲୁଗୁ, ସମ୍ବଲପୁରରେ ହିନ୍ଦୀ ଓ ଓଡ଼ିଶାରେ ସେ ସମୟରେ ବଙ୍ଗଳା ଭାଷାର ପ୍ରାଧାନ୍ୟ ବୃଦ୍ଧି ପାଉଥିବାର ଦେଖିବା ବେଳେ ଉଦବେଗ୍ ଓ କ୍ଷୋଭ ପ୍ରକାଶ କରି ଉତ୍କଳ ସମ୍ମିଳନୀ ମାଧ୍ୟମରେ ଯେଉଁ ପ୍ରକାରରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେଉଥିଲା, ମଧୁବାବୁ ତାକୁ କେବଳ ଗୁରୁତ୍ୱପୂର୍ଣ୍ଣ ଭାବରେ ଗ୍ରହଣ କରିନଥିଲେ। ବରଂ ନିଜର ସଂକଳ୍ପ ଭିତରେ ରଖି ତାକୁ ପରିପୂର୍ଣ୍ଣ କରିଥିଲେ। କଟକରେ ଉତ୍କଳ ସଦର, ଗଂଜାମରେ ଉତ୍କଳ ହିତୈଷିଣୀ ସଭା, ଓଡ଼ିଆ ଗ୍ରାଜୁଏଟ୍ ଆସୋସିଏସନ ଭଳି ଅନୁଷ୍ଠାନ ଏ ଦିଗରେ ଅସୀମ କାର୍ଯ୍ୟ କରିଥିଲେ। ବିଭିନ୍ନ ପତ୍ରପତ୍ରିକାରେ ଯଥା ଉତ୍କଳ ଦୀପିକା, ଉତ୍କଳ ବାର୍ତ୍ତା, ସମ୍ବାଦ ବାହିକା, ଉତ୍କଳ ପାଟ୍ରିୟଟ, ଦି ଓଡ଼ିଆ, ଷ୍ଟାର ଅଫ ଉତ୍କଳ ଭଳି ପତ୍ରିକାର ପ୍ରଚାର ଓ ପ୍ରଚଳନକୁ ଅକୁଣ୍ଠ ଚିତ୍ତରେ ପୃଷ୍ଠପୋଷକତା ଦେବା ସହିତ ମଧୁବାବୁ ବିଚ୍ଛିନ୍ନାଞ୍ଚଳ ଆନ୍ଦୋଳନକୁ ଅଧିକ ଜାଗ୍ରତ କରି ରଖିଥିଲେ।

୧୯୨୨ମସିହା ଏପ୍ରିଲ ମାସରେ କଟକର କଲେଜିଏଟ ସ୍କୁଲରେ ଅନୁଷ୍ଠିତ ଏକ ସାହିତ୍ୟ ଆଲୋଚନା ସଭାରେ ସେ କହିଥିଲେ “ ମୁଁ ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଛି ସତ୍ୟ କିନ୍ତୁ ଓଡ଼ିଶାର ଜାତୀୟ କବି ଜଗନ୍ନାଥ ଦାସଙ୍କ ଭାଗବତ ଯେଉଁ ପ୍ରଭାବ ପକାଇଛି, ତାହା ଭାରତର ଅନ୍ୟ କୌଣସି ପ୍ରଦେଶରେ ଦେଖାଯାଏ ନାହିଁ ଓଡ଼ିଶାର ପ୍ରତି ଗ୍ରାମରେ ଭାଗବତ ଟୁଙ୍ଗୀରେ ପ୍ରତିଦିନ ସନ୍ଧ୍ୟାରେ ନିରକ୍ଷର ଲୋକମାନେ ଆଧ୍ୟାତ୍ମିକ ଚିନ୍ତା କରନ୍ତି ଓ ଗ୍ରାମରେ ଏକତା ଆସେ। ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀଶ ବିଳାସ ଓ ଲାବଣ୍ୟବତୀ ଓଡ଼ିଶାର ଘରେ ଘରେ ପରିଚିତ ଓ ସେ ଓଡ଼ିଆ ସାହିତ୍ୟରେ ଏକ କୋଣାର୍କ ତିଆରି କରି ଯାଇଛନ୍ତି। ଉପେନ୍ଦ୍ର ଭଞ୍ଜ ହେଉଛନ୍ତି ଗଂଜାମର ଘୁମୁସର ବାସିନ୍ଦା। ସେହି ଗଂଜାମ ଓଡ଼ିଶା ବାହାରେ ମାନ୍ଦ୍ରାଜ ଶାସନାଧୀନରେ ଅଛି। ଆମ ଜାତି ଓ ଭାଷାର ଗୌରବ ଯେଉଁ ଉପେନ୍ଦ୍ର ଭଞ୍ଜ, ତାଙ୍କ ବାସସ୍ଥାନ ଭିନ୍ନ ଶାସନାଧୀନରେ ରହିନପାରେ। ଏହା ହିଁ ଆମ୍ଭମାନଙ୍କୁ ‘ଉତ୍କଳ ସମ୍ମିଳନୀ’ ଗଢ଼ିବାକୁ ପ୍ରେରଣା ଦେଇଛି ”।

ମଧୁବାବୁଙ୍କ କଥାରେ ଏଭଳି ଚମତ୍କାର ଯାଦୁକାରୀ ଶକ୍ତି ଥିଲା ଯାହା ଶୁଣିଲା ମାତ୍ରେ ମନ ଭିତରେ ଭାସି ଉଠେ ଏକ ଦାମ୍ଭିକପୂର୍ଣ୍ଣ ତେଜିୟାନ୍ ଅଭିଜାତ ଗୁରୁ



ଗମ୍ଭୀର ବ୍ୟକ୍ତିତ୍ୱ, ସ୍ୱାଭିମାନ ଓ ଆତ୍ମସମ୍ମାନର ଏକ ଉଜ୍ଜଳ ଅଗ୍ନିଶିଖା। ତାଙ୍କରି ଉଦ୍ଦେଶ୍ୟରେ କବି ନନ୍ଦ କିଶୋର ବଳ ଲେଖିଥିଲେ, “ଯେତେ କାଳଥିବ ଓଡିଆ ଜାତି ଇତିହାସରେ ତୁମରି ନାମ ଅଙ୍କିତ ହୋଇ ରହିଥିବ ହେମମୟ ଅକ୍ଷରରେ”। ସେ ଥିଲେ ଏ ମାଟିର ଜଣେ ଜ୍ଞାନୀ, ମାନୀ, ବୁଦ୍ଧିଜୀବି ଓ ପଣ୍ଡିତ। ଓଡିଶାର ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ପ୍ରତି ତାଙ୍କର ଥିଲା ଗଭୀର ଅନୁରାଗ। ତାଙ୍କର ପ୍ରଚେଷ୍ଟା ଆଉ ପ୍ରଗାଢ ଅଧ୍ୟବସାୟ ଫଳରେ ସ୍ୱତନ୍ତ୍ର ଓଡିଶା ଗଠନ ହୋଇପାରିଛି।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଉତ୍କଳ ଗୌରବ ମଧୁସୂଦନଙ୍କ ପଞ୍ଚ ଶିଷ୍ୟ ଉତ୍କଳ ପ୍ରାଣ ବ୍ରଜସୁନ୍ଦର ଦାସ ନିଜର ଅକୁଣ୍ଠ ଶ୍ରମଦାନ, ସମୟଦାନ ଓ ଅର୍ଥଦାନ ସହ ନିଜକୁ ଯେପରି ଏଥିରେ ସାମିଲ କରିଥିଲେ ତାହା ବିରଳ ଓ ଅବର୍ଣ୍ଣନୀୟ। ତାଙ୍କର ପ୍ରଭୁତ ଜମିଦାରୀ ଅର୍ଥ ଏହି ଉଦ୍ଦେଶ୍ୟରେ ଖର୍ଚ୍ଚ କରି ସେ ସର୍ବସ୍ୱାନ୍ତ ଓ ଦେବାଳିଆ ହୋଇ ଯାଇଥିଲେ। ଦେଶ ଓ ଜାତି ପାଇଁ ନିଜର ସମ୍ପତ୍ତି ଓ ଆୟ କିପରି ଅକାତରେ ଖର୍ଚ୍ଚ କରାଯାଇପାରେ ମଧୁବାବୁଙ୍କ ପରେ ବ୍ରଜସୁନ୍ଦରଙ୍କ ଠାରେ ଏହା ପରିଲକ୍ଷିତ ହୁଏ। ମହାନ ନାରୀନେତ୍ରୀ ସରଳା ଦେବୀଙ୍କ ଭାଷାରେ - “ ତାଙ୍କୁ ଧପାଇ ବହୁଲୋକ ତାଙ୍କଠାରୁ ଟଙ୍କା ନିଅନ୍ତି, କିନ୍ତୁ ଠକିଦିଅନ୍ତି। ଟଙ୍କା ନେଇଥିବା ଲୋକ ବିରୋଧରେ କିଛି କାର୍ଯ୍ୟ କରିବା ଦୂରେ ଥାଉ, କାହାକୁ ଠକ ବୋଲି ମଧ୍ୟ ସେ କହନ୍ତି ନାହିଁ। ବ୍ରଜସୁନ୍ଦର ଅତିଶୟ ହୃଦୟବାନ, ଉଦାରମନା, ସ୍ନେହଶୀଳ ବ୍ୟକ୍ତିର ମଣିଷ ଥିଲେ। ଦେଶ ମିଶ୍ରଣରେ ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ଅନ୍ତରଙ୍ଗ ସହକର୍ମୀ ଥିଲେ। ଜନହିତ ଓ ଦେଶହିତ ପାଇଁ ତାଙ୍କର ଦାନ ଓ ତ୍ୟାଗ ଅମାପ ଅତୁଳନୀୟ କହିଲେ ଅତ୍ୟୁକ୍ତି ହେବ ନାହିଁ।

ସ୍ୱତନ୍ତ୍ର ଉତ୍କଳ ଗଠନ ପାଇଁ ମଧୁବାବୁଙ୍କ ପରେ ଯଦି ଅତ୍ୟନ୍ତ ନିର୍ଭିକ ଓ ଯୁକ୍ତିନିଷ୍ଠ ଭାବେ କାହାକୁ ସ୍ମରଣ କରାଯାଏ ତେବେ ସେ ହେଉଛନ୍ତି ବ୍ରଜସୁନ୍ଦର ଦାସ। ତାଙ୍କ ଉତ୍କଳ-ପ୍ରାଣତା ଓ ଦେଶ- ପ୍ରାଣତା ଥିଲା ଅନନ୍ୟ। ୧୯୨୪ ମସିହାରେ ଫିଲିପ୍ ଡ଼ଫ କମିଟିଙ୍କ ନିକଟରେ ସ୍ୱତନ୍ତ୍ର ଓଡିଶା ଗଠନ ପାଇଁ ଦୃଢ଼ ଦାବି ଉପସ୍ଥାପନ କରି ଏହି ଆନ୍ଦୋଳନକୁ ଶକ୍ତିଶାଳୀ ଓ ତୀବ୍ର କରିବାରେ ବ୍ରଜସୁନ୍ଦର ହିଁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ବିଶେଷ କରି ୧୯୨୯ମସିହାରେ ଅଧିକ ରୂପରେ ଏହା ସାଇମନ କମିଶନଙ୍କ ଭାରତ ଆଗମନ ସମୟରେ ଏହାର ଗତିଶୀଳ ତୀବ୍ରତା ଦେଖିବାକୁ ମିଳିଥିଲା। ଜାତୀୟ ଜାଗୃତିର ଦୀପ ସ୍ତମ୍ଭ ରୂପେ ବ୍ରଜସୁନ୍ଦର ଉତ୍କଳୀୟ ସାହିତ୍ୟ, ସଂସ୍କୃତି ଓ ରାଜନୀତିର ଅଭିବୃଦ୍ଧି ପାଇଁ ନିଜକୁ ପୂର୍ଣ୍ଣ ରୂପେ ଉତ୍ସର୍ଗ କରିଥିଲେ। ୧୯୩୬ ମସିହାରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ହେବାପରେ “ଓଡ଼ିଆ ସ୍ୱାର୍ଥ ରକ୍ଷା ସମିତି” ଗଠନ କରି ତାର ସଭାପତି ରହିଲେ। ସ୍ୱକୀୟ ନକ୍ସେସରୁ ବିଭିନ୍ନ ପ୍ରକାର ଉପାଦେୟ ମୂଳକ ଲେଖା ଛପାଇ ବିଚ୍ଛିନ୍ନାଞ୍ଚଳ ଓଡ଼ିଆମାନଙ୍କ ଟିକିନିଖି ଜୀବନ ଯାପନ ସମସ୍ୟାକୁ ସେଥିରେ ଉପସ୍ଥାପିତ କରୁଥିଲେ।

ଏପରିକି ମୁକୁର, ପତ୍ରିକାର ସମ୍ପାଦକ ରୂପେ ଦୀର୍ଘ ପଚିଶ ବର୍ଷ ସାହିତ୍ୟ ସେବା ଓ ସଙ୍ଗଠନ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଯୋଗୁଁ ଏହି ପତ୍ରିକା ତାର ନିଜସ୍ୱ ଗରିମା ନେଇ “ଉତ୍କଳ ସାହିତ୍ୟ” ସହ ସମତାଳରେ ଗତି କରୁଥିଲା। ଫକୀରମୋହନଙ୍କ ଠାରୁ ଆରମ୍ଭ କରି ସେ ସମୟର ସବୁ କୃତିବିଦ୍ୟ ସାହିତ୍ୟିକଙ୍କ ଉଲ୍ଲେଖନୀୟ ମୂଲ୍ୟବାନ ସୃଷ୍ଟି ସବୁକୁ ଏହା ଧାରଣ କରୁଥିଲା। କୁଳବୃଦ୍ଧ ମଧୁସୂଦନ ଯେପରି ପଟେ ଯୋତାର ତ୍ରୁଟି ଦେଖି ଥରେ ଟେନେରୀ ଯାକ ଯୋତା ପୋଡ଼ି ଦେଇଥିଲେ। ସେହିପରି ବ୍ରଜସୁନ୍ଦର ଗୋଟିଏ ଅକ୍ଷରର ବେଢ଼ଙ୍ଗ ଲାଗି ପୁରା ସେଟ୍ ଟିକୁ ତ୍ରଲାଇ ନଷ୍ଟ କରି ଦେଇଥିଲେ। ଉଭୟେ ଥିଲେ ନିଜ ନିଜର ଢଙ୍ଗରେ ବଡ଼ ସ୍ୱାଭିମାନୀ ଓଡ଼ିଆ ଜାତୀୟତା ଓ ଜନଜୀବନ ସହ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ନିଜକୁ ତିଳ ତିଳ କରି ଜାଳିଥିବା ଏହି ଦୁଇ ଦେଶପ୍ରେମୀ ଓ ଜାତିପ୍ରେମୀ ଉତ୍କଳ ଗୌରବ ମଧୁସୂଦନ ଓ ଉତ୍କଳପ୍ରାଣ ବ୍ରଜସୁନ୍ଦରଙ୍କ ସ୍ଥାନ ଅନନ୍ୟ, ଅମାପ ଓ ଅବିସ୍ମରଣୀୟ।

କେବଳ କୁହାଯାଇପାରେ ଓଡ଼ିଶା ପ୍ରଦେଶ ଗଠନର ଇତିହାସରେ କେବଳ ପୁରୁଷମାନଙ୍କ ଭୂମିକା ଯେ ଯଥେଷ୍ଟ ଥିଲା ତାହା ନୁହେଁ, ସେହି ମାତ୍ରାରେ ନାରୀନେତ୍ରୀମାନଙ୍କ ଅବଦାନ ମଧ୍ୟ କମ୍ ନୁହେଁ। ନାରୀକବି କୁନ୍ତଳାକୁମାରୀ ସାବତ, ସରଳା ଦେବୀ ଓ ଶୈଳବାଳା ଦାସ ମଧ୍ୟ ଓଡ଼ିଶା ଗଠନରେ ମହନୀୟ ଭୂମିକା ନିର୍ବାହ କରିଥିଲେ। ସେ ସମୟରେ ଟି. ରେଭେନ୍ସା, ହେନେରି ରିକେଟ୍‌ସ ଓ ଜନ୍ ବିମ୍‌ସଙ୍କ ପରି କେତେକ ଇଂରେଜ ଅଧିକାରୀ ମଧ୍ୟ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଆନ୍ଦୋଳନକୁ ଉତ୍ସାହିତ କରିଥିଲେ ଯାହା ଆଜି ଅବିସ୍ମରଣୀୟ ହୋଇ ରହିଛି।

ଏହା ଯାହା ହେଉନା କାହିଁ ୧୯୩୬ ମସିହା ଏପ୍ରିଲ ପହିଲାରୁ ଦୀର୍ଘ ୨୦୨୫ ଏପ୍ରିଲ ପହିଲା ପ୍ରାୟତଃ ୯୦ ବର୍ଷର ଓଡ଼ିଶା। ପରାଧୀନ ଓ ବିଚ୍ଛିନ୍ନ ଓଡ଼ିଶାର ଏକୀକରଣ ପାଇଁ ଦୀର୍ଘ ବର୍ଷର ସଂଘର୍ଷ ପରେ ହିଁ ଏ ସଫଳତା ମିଳିଛି। ସେ ସମୟରେ ମଧୁବାବୁଙ୍କ ପରି ମଧ୍ୟ ଉତ୍କଳମଣି ଗୋପବନ୍ଧୁଙ୍କର ଜୀବନ ଦର୍ଶନ ଥିଲା ନବ ଓଡିଶା ଗଠନ। ଛିନ୍ନ ବିଚ୍ଛନ୍ନ ହୋଇ ରହିଥିବା ଓଡିଆ ଅଞ୍ଚଳକୁ ଏକାଠି କରିବା ଉଦ୍ଦେଶ୍ୟରେ ଉତ୍କଳ ସମ୍ମିଳନୀର ସେ ଥିଲେ ଅନ୍ୟତମ କର୍ଣ୍ଣଧାର। ସେ ବିଚ୍ଛିନ୍ନାଞ୍ଚଳରେ ଓଡିଆ ଭାଷା ଓ ସଂସ୍କୃତିର ବିକାଶ ପାଇଁ କାର୍ଯ୍ୟ କରିଥିଲେ। ବାସ୍ତବରେ ଏହା ପଛରେ ରହିଛି କେତେ ଅକୁହା ଲମ୍ବା ସଂଗ୍ରାମର ବେଦନା ସିକ୍ତ କାହାଣୀର ଇତିହାସ।

ନିଷ୍କର୍ଷରେ ସେହି ଅବିସ୍ମରଣୀୟ ପଂକ୍ତି “ଜାତି ପ୍ରେମ ବହ୍ନି ପ୍ରଜ୍ୱଳିତ କର ସ୍ୱାର୍ଥକୁ ଦିଅ ଆହୁତି, / ସ୍ୱାର୍ଥ ମେଧ ଯଜ୍ଞେ ଚାରିଆଡେ ନାଚ ଛାତିରେ ମିଶାଇ ଛାତି।” ସେହି ସଂଗ୍ରାମର ମହାନାୟକମାନଙ୍କ ମଧ୍ୟରୁ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳପ୍ରାଣ ବ୍ରଜସୁନ୍ଦର ଦାସଙ୍କ ଭଳି ଅନେକଙ୍କ ନାମ ଓଡ଼ିଶା ଇତିହାସରେ ଚିର ସ୍ମରଣୀୟ। ମଧୁସୂଦନ ଦାସଙ୍କର ନେତୃତ୍ୱ ମଣ୍ଡଳୀ ଭାରତର ସ୍ୱାଧୀନତାକୁ ପଛକରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଯେଭଳି କାର୍ଯ୍ୟ କରିଛନ୍ତି ତାହା ଅଭୁଲା। ଆଜିର ଏହି ପବିତ୍ର ଉତ୍କଳ ଦିବସ ପାଳନ କରିବା ଅବସରରେ ସେହି ଚିର ବନ୍ଦନୀୟ ସଂଗ୍ରାମୀମାନଙ୍କ ସମ୍ମାନାର୍ଥେ କୋଟି ପ୍ରଣାମ ଜଣାଇବା...!!!

ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ-୪.
ମୋବାଇଲ୍:୯୦୪୦ ୧୫୧୪୭୫

# ସେବେଳ ବିଦେଶ ଏବେଳ ବିଦେଶ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**



ଶାସ୍ତ୍ର ବାକ ଯେଉଁ ଦୂର ସ୍ଥାନ ଗମନ କରିଲେ ଯିବା ଆସିବା ଅନେକ ନଦୀ ଜଙ୍ଗଲ ପାରିହେବାକୁ ପଡ଼ିବ ପୁଣି କେବଳ ପାଦରେ ଚାଲି ଚାଲି ଯାଇ ଏକାଦିନରେ ଫେରି ହେବନାହିଁ ଏସବୁ ପୂର୍ବେ ବିଦେଶ ଧରାଯାଉଥିଲା। ପୂର୍ବେ ପ୍ରଗଣା ବିଶି ଛୋଟ ଛୋଟ ରାଜ୍ୟ ଥିଲା, ଏକ ବିଶିରୁ ଅନ୍ୟ ବିଶି ଏକ ପ୍ରଗଣାରୁ ଅନ୍ୟ ପ୍ରଗଣା, ପୁଣି ଜାତି ପାଟକରେ ଥିଲା ଭିନ୍ନ ମତର ଦେଶ ଚକଲା। ପୂର୍ବେ ଲୋକେ ବିଦେଶ ବା ଦୁରାନ୍ତକୁ ଯାଇଥିଲେ, ସାଥିରେ ଶୁଷ୍କ ଖାଦ୍ୟ କିଛି ନେଇ ଯାଉଥିଲେ, କାହାରି ଘର ରୋଷେଇରେ ଭୋଜନ କରୁନଥିଲେ, ଏପରିକି ନିଜ ହାତରେ ଚାଉଳ ଡାଲି, ପରିବା, ଜାଳ, ପତ୍ର ହାଣ୍ଡି ସଂଗ୍ରହକାରି ରୋଷେଇ କରି ଭୋଜନ କରୁଥିଲେ କିନ୍ତୁ ଶୁଦ୍ଧତା ସନ୍ଦେହ ଜାତିଭାଇ ଘରଲୋକଙ୍କ ଆସୁଥିଲା। ଏ ପାଇଁ ବିଦେଶ ଛୁଆଁ ଦୋଷର ପ୍ରାୟଶ୍ଚିତ କରି ଗୃହ ପରିଜନଙ୍କ ସହ ମିଶିବାକୁ ପଡୁଥିଲା।



ପୂର୍ବେ ଆମ ରାଜ୍ୟର ଲୋକେ ବୃତ୍ତି ଅନୁସନ୍ଧାନରେ ଅଖଣ୍ଡ ବଙ୍ଗ ରାଜ୍ୟର କଲିକତା, ଢାକା ମଇମନସିଂ କୁମିଲା, ବ୍ରହ୍ମ ଦେଶର ରେଙ୍ଗୁନ ଆଦି ଅଞ୍ଚଳକୁ ଯାତ୍ରା କରୁଥିଲେ।

ଏ ସମୟରେ ବିଦେଶ ଦୂରରୁ ବହୁଦୂର ଯାତ୍ରା ହୋଇଯାଇ, ପୃଥିବୀ ବାହାର ପୃଥିବୀ ସନ୍ନିକଟ, ଚନ୍ଦ୍ର, ମଙ୍ଗଳକୁ ହେଲାଣି, ଆଗେ ଅପାଠୁଆ ଲୋକେ, ମୁଲିଆ କାମ, ନାପିତ କାମ, ଭାର ବୁହା କାମ, ସବାରୀ, ତାମଯାନ, ପାଲିକି ବୁହା କାମ, ଘରେଇ ପାଇଟି ବୋଲକରାକାମ ଝୋଟ, ଚଟ, ଲୁଗାକଳ କାମ ବିଲାତି ମଦ କାରଖାନା, କୁଲି କାମ ପାଇଁ ଯାଉଥିଲେ ଏବେ ଅନେକ ବିଦ୍ୱାନ, ଟକ୍ନିକାଲ ପାଠ ପଢ଼ାଲୋକ ଡାକ୍ତର, ପ୍ରଫେସର, ବୈଜ୍ଞାନିକ, ବିଦେଶ ଯାଉଛନ୍ତି କେହି ବା କିଛି ପୁଞ୍ଜି ଧରୀ ହୋଟେଲ, ରେଷ୍ଟୁରାଣ୍ଟ, ଖୋଲି କେହି ମୋଟର ଗାଡ଼ିଚାଳକ, କ୍ଷେତ ଖମାର ଶ୍ରମିକ ମାଳୀ, ଦର୍ଜୀ ନାପିତ, ଧୋବା ପାଣି ପାଇପ ମିସ୍ତ୍ରୀ କାମ ପାଇଁ ଦାରିଆପାରି ହୋଇଯିବା ସହ ବିଭିନ୍ନ ଦେଶ ସେନାବାହିନୀରେ କାମ କରୁଛନ୍ତି। ପୃଥିବୀ ବାହାରକୁ ବୈଜ୍ଞାନିକ, ବୈମାନିକମାନେ ଯିବାକୁ ଉପାୟ ଆଗତା, ମାଟିରୁ କାମ ପୁଣି ଜଳ ମହାସମୁଦ୍ରରେ ଏକ ପ୍ରକାର ଲମ୍ବା ସମୟ ସୌଦାଗରୀ ପାଣି ଯାହାଜରେ ବିଭିନ୍ନ ବୃତ୍ତିପାଇଁ ମୁତୟନ ହେଉଛନ୍ତି। ଆଗେ କଳାପାଣି ପାରି ହେବା ଏକ ମହାପାପ, ଅପରାଧରେ ଆସୁଥିଲା ଏବେ ଯାହାଜିଆଙ୍କ ରୋଜଗାର ବଡ଼କୁ ଥାଟବାଟ ପାଇଁ ମାର୍ଚ୍ଚାଣ୍ଟନାଭୀ ପାଠକୁ ଲୋକେ ଆଗ୍ରହୀ। ଆମ ରାଜ୍ୟ ଲୋକେ କଲିକତାକୁ ବିଦେଶ ଧରି ଗଙ୍ଗା କାଳୀ ଭରସା ଏମିତି ଘରକୁବା ଘରୁ ଚିଠିଟିଏ ଲେଖାଗଲେ ତାର ଶିରୋନାମାରେ ଲେଖୁଥିଲେ, ହେଲେ ଏବେ ସୁରଟରେ ଅନେକ ଆମ ରାଜ୍ୟର ବିଭିନ୍ନ ବୃତ୍ତିରେ କଳକାରଖାନାରେ କାମ କରୁଛନ୍ତି। ଏପରିକି ସେଠା ସରକାର ଗଢ଼ାରେ ଭୋଟର ଅନେକ ସ୍ଥାୟୀବାସିନ୍ଦା ହେଲେଣି, କର୍ଣ୍ଣାଟକ ଆନ୍ଧ୍ର ତାମିଲନାଡୁ କେରଳ ଉତ୍ତରାଖଣ୍ଡ ଉତ୍ତର ପ୍ରଦେଶ ଦିଲ୍ଲୀ ହରିୟାଣା ପଞ୍ଜାବ ରାଜସ୍ଥାନ ସର୍ବତ୍ର ଆମ ରାଜ୍ୟ ଓଡ଼ିଆମାନେ ବୃତ୍ତିଗତ ବାସିନ୍ଦା। ଏପରି ଆମେରିକା ଇଂଲଣ୍ଡ କାନାଡ଼ା ୟୁରୋପ ଜର୍ମାନ ଚୀନ ଋଷିଆ ଅନେକ ଇସ୍ଲାମିକ ଦେଶ ଆଦିରେ ଆମ ରାଜ୍ୟର ଲୋକେ ବୃତ୍ତି ଧର ଏପରିକି ସ୍ଥାୟୀ ବାସିନ୍ଦା ଉଦ୍ୟମୀ। ପୂର୍ବରୁ ଧର୍ମ ବାସନ୍ଦ ଏବେ ଅଣଦେଖା ଅମାନ୍ୟ, ପୂର୍ବର ପରଘର ରୋଷେଇ ଭୋଜନ, ଭିନ୍ନ ଜାତି ସ୍ପର୍ଶ ଜଳ ପାନ, ଭିନ୍ନ ଜାତିରେ ବିବାହ, ଏସବୁ ପାଣିଚିଆ ହୋଇଗଲାଣି।

ବରେଣ୍ୟ ବାଣୀ’ ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ମୋବାଇଲ୍:୯୪୩୭୦୩୧୨୫୩

# ଆମେରିକା, ଇସ୍ରାଏଲ ପାଇଁ ହର୍ମୁଜ ବନ୍ଦ

## ଏଣିକି ଜଳପଥ ପାଇଁ ଇରାନ ନେବ ଟୋଲ୍




ତେହେରାନ, ୩୧।୩: ଇରାନ ଉପରେ ଇସ୍ରାଏଲ ଓ ଆମେରିକାର ଆକ୍ରମଣ ଜାରି ରହିଥିବା ବେଳେ ଷ୍ଟ୍ରେଟ୍ ହର୍ମୁଜକୁ ନିୟନ୍ତ୍ରଣାଧୀନ ରଖିବାକୁ ଇରାନ ଯୋଜନା କରିଛି। ଏହି ଜଳପଥ ଉପରେ ଅଧିକ ନିୟନ୍ତ୍ରଣ ଜାହିର କରିବା ପାଇଁ ଇରାନର ସଂସଦୀୟ ସୁରକ୍ଷା କମିଟି ଏକ ନୂଆ ପରିଚାଳନା ଯୋଜନାକୁ ଅନୁମୋଦନ ଦେଇଛି। ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ରିପୋର୍ଟ ଅନୁଯାୟୀ, ଏହି ଯୋଜନାରେ ହର୍ମଜ ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ ଟୋଲ୍ ଲାଗୁ କରାଯିବ ଏବଂ ଆମେରିକୀୟ ଓ ଇସ୍ରାଏଲୀ ଜାହାଜଗୁଡ଼ିକୁ ସମ୍ପୂର୍ଣ୍ଣ ନିଷେଧ କରାଯିବ। ଇରାନ ଜାତୀୟ ସୁରକ୍ଷା କମିଶନର ଜଣେ ସଦସ୍ୟ ଏହାକୁ ଆନୁଷ୍ଠାନିକ ଭାବରେ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଏହି ଯୋଜନାରେ ଅନେକ ପ୍ରମୁଖ ଉପାଦାନକୁ ମଧ୍ୟ ଉଲ୍ଲେଖ କରାଯାଇଛି। ଯେଉଁଥିରେ ଉନ୍ନତ ସୁରକ୍ଷା ବ୍ୟବସ୍ଥା, ଜାହାଜ ସୁରକ୍ଷା ପ୍ରୋଟୋକଲ, ପରିବେଶ ସୁରକ୍ଷା ପଦକ୍ଷେପ ଏବଂ ଏକ ଟୋଲ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଆଦି ସାମିଲ୍ ରହିଛି। ଆମେରିକା ଏବଂ ଇସ୍ରାଏଲୀ ଜାହାଜ ବ୍ୟତୀତ ନୂଆ ଯୋଜନାରେ ଇରାନ ବିରୁଦ୍ଧରେ ଏକପାଖିଆ କଟକଣା ଜାରି କରିବାରେ ଅଂଶଗ୍ରହଣ କରିଥିବା ସମସ୍ତ ଦେଶର ଜାହାଜଗୁଡ଼ିକୁ ଏଇ ଜଳପଥ ଦେଇ ପରିବହନ କରିବାରୁ ନିଷିଦ୍ଧ କରାଯିବାର ଲକ୍ଷ୍ୟ ରଖାଯାଇଛି। ଇରାନର ଏହି ନୂଆ ଯୋଜନାରେ ହର୍ମୁଜ୍ ଜଳପଥ ଉପରେ ଇରାନର ସାର୍ବଭୌମ ନିୟନ୍ତ୍ରଣକୁ ମଧ୍ୟ ସୁଦୃଢ଼ କରିଥାଏ। କେବଳ ସେତିକି ନୁହେଁ, ଜଳପଥ ପାଇଁ ଓମାନ ସହିତ ଏକ ଆଇନଗତ ଢାଞ୍ଚା ସ୍ଥାପନ କରିବା ମଧ୍ୟ ଲକ୍ଷ୍ୟ ରଖାଯାଇଛି।

### ଆମେରିକାକୁ ମିଳୁନି ସହଯୋଗୀ ରାଷ୍ଟ୍ରର ସମର୍ଥନ

## ଇଟାଲୀରୁ ତୁର୍କୀ ଫେରାଇନେଲେ ସହଯୋଗ ହାତ

ନ୍ୟୁୟର୍କ, ୩୧।୩: ଇରାନ ସହ ଆମେରିକା ଓ ଇସ୍ରାଏଲ ମଧ୍ୟରେ ଜାରି ଯୁଦ୍ଧକୁ ମାସେ ବିତିଲାଣି। ହେଲେ ଯୁଦ୍ଧ ଥମିବା ନେଇ କୌଣସି ସକରାତ୍ମକ ସଙ୍କେତ ଦେଖିବାକୁ ମିଳୁନି। ଏହି ଯୁଦ୍ଧରେ ଇରାନକୁ ଯେତିକି ଝଟକା ଲାଗିନି, ତାଠୁ ଅଧିକ ଝଟକା ଆମେରିକାକୁ ଲାଗିଛି। ଫେବୃଆରୀ ୨୮ରେ ଆରମ୍ଭ ହୋଇଥିବା ଯୁଦ୍ଧରେ ସାମିଲ ହେବାକୁ ସିଧାସଳଖ ଆମେରିକାକୁ ମନା କରି ଦେଇଛନ୍ତି ସହଯୋଗୀ ଦେଶ। ଅନେକ ଦେଶ ଆମେରିକାକୁ ଇରାନ ବିପକ୍ଷରେ ନିଜ ମାଟି ବ୍ୟବହାର କରିବାକୁ ଦେଇ ନାହାନ୍ତି। ଏହି ଦେଶଗୁଡ଼ିକ ମଧ୍ୟରେ ଇଟାଲୀ ଓ ତୁର୍କୀ ମଧ୍ୟ ସାମିଲ୍। ଅର୍ଥାତ ସହଯୋଗୀ ହୋଇ ବି ଇରାନ ଯୁଦ୍ଧରେ ଅନେକ ଦେଶ ଆମେରିକାକୁ ସାହାଯ୍ୟ କରୁ ନାହାନ୍ତି।

ଇଟାଲୀ ସରକାର ମଧ୍ୟପ୍ରାଚ୍ୟ ଅଭିମୁଖେ ଯାଉଥିବା ଏକ ଆମେରିକା ବିମାନକୁ ସିସଲୀରେ ଓହ୍ଲାଇବାକୁ ଦେଇ ନାହିଁ। ବିମାନି ସିଗୋନେଲ ଏୟାର ବେସରେ ଲ୍ୟାଣ୍ଡିଂ ପାଇଁ ଅନୁମତି ମାଗିଥିଲା। ଇଟାଲୀ ପ୍ରତିରକ୍ଷା ମନ୍ତ୍ରୀ ଗୁଇଡୋ କ୍ରୋସେଟୋ କହିଛନ୍ତି, ଲ୍ୟାଣ୍ଡିଂ ପୂର୍ବରୁ କୌଣସି ଔପଚାରିକ ଅନୁମତି ମଗାଯାଇଥିଲା। ଏପରିକି ଇଟାଲୀର ମିଲିଟାରୀ କମାଣ୍ଡ ସହ କୌଣସି ପରାମର୍ଶ ନିଆଯାଇ ନ ଥିଲା। ନାଟୋର ସଦସ୍ୟ ହେବା ସତ୍ତ୍ୱେ ତୁର୍କୀ ଏହି ଯୁଦ୍ଧରେ ସିଧାସଳଖ ଆମେରିକାକୁ ସମର୍ଥନ କରିବା ପରିବର୍ତ୍ତେ ମଧ୍ୟସ୍ଥ



ଭୂମିକା ନିର୍ବାହ କରିଛନ୍ତି। ତୁର୍କୀ ଉଭୟ ଦେଶ ମଧ୍ୟରେ ସନ୍ଦେଶ ପହଞ୍ଚାଇବାର କାମ କରିଛି। ବାରମ୍ବାର ଦୁଇ ଦେଶକୁ ଯୁଦ୍ଧ ବିରତିର ଅପିଲ୍ କରିଛି। ତୁର୍କୀର ଅଧିକାରୀ ସ୍ପଷ୍ଟ କରିଛନ୍ତି ଯେ, ତାଙ୍କ ଦେଶ ଇରାନରେ ସୈନ୍ୟ ଦଖଲ ବିରୋଧରେ ରହିଛି। ଇରାନ ଯୁଦ୍ଧରେ ସାମିଲ ଥିବା ଆମେରିକୀୟ ବିମାନ ପାଇଁ ସ୍ପେନ୍ ତାର ଆକାଶ ସୀମା ମଧ୍ୟ ବନ୍ଦ କରିଦେଇଥିଲା। ପ୍ରତିରକ୍ଷା ମନ୍ତ୍ରୀ ମାର୍ଗାରିଟା ରୋବଲ୍ସ କହିଛନ୍ତି ଯେ ଏହି ପ୍ରସଙ୍ଗରେ ଆରମ୍ଭରୁ ଆମେରିକୀୟ ସେନା ଏବଂ ସାମରିକ କର୍ମଚାରୀମାନଙ୍କୁ ସମ୍ପୂର୍ଣ୍ଣ ସ୍ପଷ୍ଟ ଭାବରେ ଜଣାଇ ଦିଆଯାଇଥିଲା। ସ୍ପେନ୍ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ ଇରାନ ଯୁଦ୍ଧ ଆରମ୍ଭ ହେବା ପରେ ଏହାକୁ କଡ଼ା ନିନ୍ଦା କରିଥିଲେ।

ବ୍ରିଟେନ୍ ପ୍ରଧାନମନ୍ତ୍ରୀ କାଇର ଷ୍ଟାରମର୍ କହିଛନ୍ତି ଯେ ତାଙ୍କ ଦେଶ ଇରାକ ଯୁଦ୍ଧରେ କରିଥିବା ଭୁଲର ପୁନରାବୃତ୍ତି କରିବାକୁ ଚାହୁଁନାହିଁ ଏବଂ ତାଙ୍କ ଦେଶ ଇରାନ ଉପରେ ପ୍ରାରମ୍ଭିକ ଆକ୍ରମଣରେ ସାମିଲ ନଥିଲା। ତଥାପି, ଆମେରିକାର ବି-୫୨ ବୋମାବର୍ଷୀ ବିମାନଗୁଡ଼ିକୁ ମଧ୍ୟ ବ୍ରିଟେନର ଫେୟାରଫୋର୍ଡ ଏୟାରବେସରୁ ଉଡ଼ାଣ ଭରୁଥିବା ଦେଖାଯାଇଥିଲା। ଜର୍ମାନ ଚାନସେଲର ଫ୍ରେଡ୍ରିକ୍ ମର୍ଜ କହିଛନ୍ତି ଯେ ଯୁଦ୍ଧ ସମାପ୍ତ ନକରି କୌଣସି ପଦକ୍ଷେପ ନେବା ଉଚିତ ହେବନି। ଏହି ସମୟରେ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ କହିଛନ୍ତି ଯେ ବର୍ତ୍ତମାନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି ଉତ୍ତେଜନା ହ୍ରାସ କରିବା ଏବଂ ଅନ୍ତର୍ଜାତୀୟ ଆଇନର ପାଳନ କରିବା।

### ଯୁଦ୍ଧରେ ପ୍ରଭାବିତ ଗ୍ୟାସ ଯୋଗାଣ

## ଫେରିବ କିରୋସିନ ଯୁଗ

### ପେଟ୍ରୋଲ୍ ପମ୍ପରେ ବିକ୍ରି ହେବ କିରୋସିନ



ନୂଆଦିଲ୍ଲୀ, ୩୧।୩ ସାରା ବିଶ୍ୱରେ ଗ୍ୟାସ୍ ସିଲିଣ୍ଡର ସଙ୍କଟ ଦିନକୁ ଦିନ ଗମ୍ଭୀର ହେଉଥିବାବେଳେ ଏହାରି ଭିତରେ ଏବେ କେନ୍ଦ୍ର ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାର କିରୋସିନକୁ ପୁଣିଥରେ ଆଣିବା ପାଇଁ ନିଷ୍ପତ୍ତି ନେଇଛନ୍ତି। କିରୋସିନ ବିକ୍ରି ଉପରେ ପ୍ରତିବନ୍ଧକ ହଟାଇ ଦିଆଯାଇଛି ଏବଂ ୬୦ ଦିନର ଅବଧିକୁ ବଢ଼ାଇ ଦିଆଯାଇଛି । ଏବେ ପେଟ୍ରୋଲ ପମ୍ପରେ ପୂର୍ବ ପରି କିରୋସିନ ବିକ୍ରି ହେବ । ୨୧ଟି ରାଜ୍ୟରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଅଧୀନରେ କିରୋସିନର ଆଡ-ହକ୍ ଯୋଗାଣ ଆରମ୍ଭ ହୋଇଛି ଏବଂ ଖୁବ୍ ଶୀଘ୍ର କିରୋସିନ ବିକ୍ରି ପୁଣି ଥରେ ଆରମ୍ଭ ହେବ। ସରକାର ଅନୁମାନ ଲଗାଉଛନ୍ତି ଯେ ହର୍ମୁଜ୍ ପ୍ରଣାଳୀରେ ବଢ଼ୁଥିବା ଉତ୍ତେଜନା ଗ୍ୟାସ୍ ଯୋଗାଣକୁ ଆହୁରି ବାଧାପ୍ରାପ୍ତ କରିପାରେ। ଏହି ସଙ୍କଟର ସମାଧାନ ପାଇଁ କିରୋସିନ ଉପରୁ ପ୍ରତିବନ୍ଧକ ଉଠାଇ ଏହାକୁ ବିକ୍ରି କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଗ୍ରାମାଞ୍ଚଳରେ ଘରକୁ ଘର କିରୋସିନ ଯୋଗାଇ ଦିଆଯିବ। ଏହାକୁ ହାସଲ କରିବା ପାଇଁ ପେଟ୍ରୋଲିୟମ୍ ସୁରକ୍ଷା ଏବଂ ଲାଇସେନ୍ସ ନିୟମକୁ ଅସ୍ଥାୟୀ ଭାବରେ କୋହଳ କରାଯାଇଛି । ଲୋକଙ୍କୁ ପିଏନଜି ସଂଯୋଗ ପାଇବା ପାଇଁ ମଧ୍ୟ ଉତ୍ସାହିତ କରାଯାଉଛି । କିଛି ଦିନ ତଳେ କେନ୍ଦ୍ର ସରକାର କିରୋସିନ ବିକ୍ରି ପାଇଁ ଏକ ଗେଜେଟ୍ ନୋଟିଫିକେସନ୍ ଜାରି କରିଛନ୍ତି। ଏହା ପରେ କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ୨୧ ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ପିଡିଏସ୍ ମାଧ୍ୟମରେ କିରୋସିନ ଯୋଗାଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଭବିଷ୍ୟତରେ ଇନ୍ଧନ ଅଭାବକୁ ଏଡ଼ାଇବା ଲକ୍ଷ୍ୟରେ ୬୦ ଦିନ ପାଇଁ ରାସନ ଦୋକାନ ଏବଂ ପେଟ୍ରୋଲ ପମ୍ପରେ କିରୋସିନ ବିକ୍ରି କରାଯିବ।

### ଇରାନର ପରମାଣୁ ସହର ଉପରେ ଆକ୍ରମଣ

## ଭୂତଳ ସାମରିକ ଘାଟିକୁ ଧ୍ୱଂସ କଲା ଆମେରିକା



ତେହେରାନ, ୩୧।୩: ଇରାନର ଇସଫାହାନ ପରମାଣୁ କେନ୍ଦ୍ର ଉପରେ ଆମେରିକା ଭୟଙ୍କର ଆକ୍ରମଣ କରିଛି। 'ବଙ୍କର-ବଷ୍ଟର' ବୋମାରେ ଧ୍ୱଂସ ହେଲା ଭୂତଳ ସାମରିକ ଘାଟି। ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଏକ ନୂଆ ମୋଡ଼ ନେଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାମରିକ ଅଭିଯାନ ଶେଷ କରିବାକୁ ସଙ୍କେତ ଦେବାର ମାତ୍ର କିଛି ଘଣ୍ଟା ମଧ୍ୟରେ ଆମେରିକୀୟ ସେନା ଇରାନର ଗୁରୁତ୍ୱପୂର୍ଣ୍ଣ ସାମରିକ ହବ୍ 'ଇସଫାହାନ' ଉପରେ ଶକ୍ତିଶାଳୀ 'ବଙ୍କର-ବଷ୍ଟର' ବୋମା ସାହାଯ୍ୟରେ ଆକ୍ରମଣ କରିଛି। ଏହି ଅପରେସନରେ ୨ହଜାର ପାଉଣ୍ଡ ବିଶିଷ୍ଟ ଅନେକ ବିସ୍ଫୋରକ ବ୍ୟବହାର କରାଯାଇ ଇରାନର ଭୂତଳ ଗୋଳାବାରୁଦ କେନ୍ଦ୍ରକୁ ଧ୍ୱଂସ କରାଯାଇଛି। ଏହି ଆକ୍ରମଣର ଏକ ଭିଡିଓ ଟ୍ରମ୍ପ ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ'ରେ ମଧ୍ୟ ସେୟାର କରିଛନ୍ତି। ୱାଲ୍ ଷ୍ଟ୍ରିଟ ଜର୍ଣ୍ଣାଲ ଅନୁଯାୟୀ, ଇସଫାହାନ ଇରାନର ଆଣବିକ ଭିତ୍ତିଭୂମି ସହିତ ଜଡ଼ିତ ଏକ ସମ୍ବେଦନଶୀଳ ସ୍ଥାନ। ଆକ୍ରମଣ ପାଇଁ ବ୍ୟବହୃତ ବଙ୍କର-ବଷ୍ଟର ବୋମାଗୁଡ଼ିକ ମାଟିତଳେ ଥିବା କଂକ୍ରିଟ ଓ ପଥର ସ୍ତରକୁ ଭେଦ କରି ବିସ୍ଫୋରଣ ଘଟାଇବାରେ ସକ୍ଷମ।

ରିପୋର୍ଟ ଅନୁଯାୟୀ, ଇରାନ ତାର ପ୍ରାୟ ୫୪୦ କିଲୋଗ୍ରାମ ସମୃଦ୍ଧ ୟୁରାନିୟମ ଏହି ଭୂତଳ କେନ୍ଦ୍ରକୁ ସ୍ଥାନାନ୍ତର କରିଥିଲା, ଯାହାକୁ ନଷ୍ଟ କରିବା ଆମେରିକାର ମୁଖ୍ୟ ଲକ୍ଷ୍ୟ ଥିଲା।

### କେରଳ ପାଇଁ ବିଜେପିର ବଡ଼ ଘୋଷଣା

## ଗରିବଙ୍କ ପାଇଁ ବର୍ଷକୁ ଦୁଇଟି ମାଗଣା ଏଲପିଜି ସିଲିଣ୍ଡର



### ମହିଳାମାନଙ୍କ ପାଇଁ ରାସନ ଓ ଔଷଧ ପାଇଁ ବିଏଏସ କାର୍ଡ

କେରଳ, ୩୧।୩: ଆଗାମୀ କେରଳ ନିର୍ବାଚନ ପାଇଁ ବଡ଼ ଘୋଷଣା କରିଛି ବିଜେପି। ଭାରତୀୟ ଜନତା ପାର୍ଟି ମଙ୍ଗଳବାର କେରଳ ବିଧାନସଭା ନିର୍ବାଚନ ପାଇଁ ଏହାର ଇସ୍ତାହାର ପ୍ରକାଶ କରିଛି। ଯେଉଁଥିରେ କେରଳର ଗରିବ ପରିବାରକୁ ପ୍ରତିବର୍ଷ ଦୁଇଟି ମାଗଣା ଏଲପିଜି ସିଲିଣ୍ଡର ଯୋଗାଇ ଦେବାକୁ ପ୍ରତିଶ୍ରୁତି ମିଳିଛି। ଏଥିସହିତ ମହିଳାମାନଙ୍କ ପାଇଁ ରାସନ ଏବଂ ଔଷଧ ପାଇଁ ବିଏଏସ କାର୍ଡ ମଧ୍ୟ ଇସ୍ତାହାରରେ ଆସିଛି।

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ କେରଳ ବିଧାନସଭା ନିର୍ବାଚନ ପାଇଁ ଏହାର ଇସ୍ତାହାର ପ୍ରକାଶ କରିବା ସମୟରେ ଅଭିଭାଷଣରେ, କହିଛନ୍ତି, 'ଆଜି ଆମେ ଆମର ଇସ୍ତାହାର ଉପସ୍ଥାପନ କରିବା ସମୟରେ, ଆମକୁ ଏହା ମଧ୍ୟ ସ୍ୱୀକାର କରିବାକୁ ପଡିବ ଯେ ପ୍ରଚୁର ପ୍ରାକୃତିକ ଏବଂ ମାନବିକ ସମ୍ଭାବନା ସତ୍ତ୍ୱେ, ଏଲଡିଏଫ-ୟୁଡିଏଫ ଦ୍ୱାରା ୧୭ ବର୍ଷର କୁଶାସନ ସମୟରେ କେରଳରେ ଶିଳ୍ପ ବିକାଶ ନଗଣ୍ୟ ହୋଇଛି, ଯାହା ଫଳରେ ଆର୍ଥିକ ସ୍ଥିରତା ଏବଂ ଆର୍ଥିକ କୁପରିଚାଳନ ହୋଇଛି'।

ନବୀନ କହିଛନ୍ତି, 'ମୁଁ ସବୁବେଳେ କହୁଛି ଯେ ବାମ ଗଣତାନ୍ତ୍ରିକ ମୋର୍ଚ୍ଚା (ଏଲଡିଏଫ) ଏବଂ ସଂଯୁକ୍ତ ଗଣତାନ୍ତ୍ରିକ ମୋର୍ଚ୍ଚା (ୟୁଡିଏଫ) କେରଳର ଲୋକଙ୍କ ସହିତ ମ୍ୟାଚ୍ ଫିକ୍ସିଂର ଖେଳ ଖେଳୁଛନ୍ତି। ଲୋକମାନେ ସେମାନଙ୍କ ୧୭ ବର୍ଷର ଶାସନ ପାଇଁ ଭାରୀ ମୂଲ୍ୟ ଦେଇଛନ୍ତି'। ସେମାନେ କ୍ଷମତା ହାସଲ କରିବା ଏବଂ କେବଳ ନିଜ ପରିବାରର ସେବା କରିବା ପାଇଁ ଖେଳ ଖେଳିଛନ୍ତି, ଏବଂ କେରଳରେ ବିକାଶ ଏହାର ମୂଲ୍ୟ ଦେଇଛି। ୟୁଡିଏଫ ଏବଂ ଏଲଡିଏଫ କେବେବି କେରଳର ଲୋକଙ୍କ ପ୍ରଗତିରେ ଆଗ୍ରହ ଦେଖାଇ ନାହାଁନ୍ତି। ବିଜେପି ଘୋଷଣାପତ୍ରରେ କେରଳ ପାଇଁ ଏସ୍ସ ପ୍ରତିଶ୍ରୁତି ଦିଆଯାଇଛି। ସେ କହିଛନ୍ତି, ଔଷଧ ଏବଂ କିରାଣା ସାମଗ୍ରୀ ପାଇଁ ୨୫୦୦ ଟଙ୍କାମାସିକ ରିଚାର୍ଜ ସହିତ ଏକ ଆରୋଗ୍ୟ ସୁରକ୍ଷା କାର୍ଡ ଯୋଗାଇ ଦିଆଯିବ। ଘୋଷଣାପତ୍ରରେ ୭୦ ବର୍ଷରୁ ଅଧିକ ବୟସର ଅସହାୟ ମହିଳା, ବିଧବା ଏବଂ ବରିଷ୍ଠ ନାଗରିକମାନଙ୍କୁ ପ୍ରତି ମାସରେ ୩୦୦୦ ଟଙ୍କା କଲ୍ୟାଣକାରୀ ପେନସନ ପ୍ରଦାନ କରିବାର ମଧ୍ୟ ପ୍ରତିଶ୍ରୁତି ଦିଆଯାଇଛି। ଏହା ବ୍ୟତୀତ, ବିଜେପି ଘୋଷଣାପତ୍ରରେ ତିରୁବନନ୍ତପୁରମକୁ କନ୍ନୁର ସହିତ ସଂଯୋଗ କରୁଥିବା ଏକ ହାଇ-ସ୍ପିଡ୍ ରେଳ ନେଟୱାର୍କ ମଧ୍ୟ ପ୍ରତିଶ୍ରୁତି ଦିଆଯାଇଛି।

### ହାଇଦ୍ରାବାଦରେ ଗ୍ୟାସ୍ କଳାବଜାରୀର ପର୍ଦ୍ଦାଫାସ

## କବରସ୍ଥାନରୁ ୪୧୪ ସିଲିଣ୍ଡର ଜବତ

ହାଇଦ୍ରାବାଦ, ୩୧।୩: ହାଇଦ୍ରାବାଦର ବଞ୍ଜାରା ହିଲ୍ସ ଅଞ୍ଚଳରେ ପୋଲିସ ଏକ ବଡ଼ ଧରଣର ଚଢ଼ାଉ କରିଛି। ବେଆଇନ ଭାବେ ଗଚ୍ଛିତ ରଖି କଳାବଜାରୀ କରାଯାଉଥିବା ୪୧୪ଟି ଏଲପିଜି ସିଲିଣ୍ଡରକୁ ପୋଲିସ ଜବତ କରିବା ସହ ଏହି ଘଟଣାରେ ୧୦ ଜଣଙ୍କୁ ଗିରଫ କରିଛି। ଜବତ ହୋଇଥିବା ଏହି ଗ୍ୟାସ୍ ସିଲିଣ୍ଡରଗୁଡ଼ିକର ଆନୁମାନିକ ମୂଲ୍ୟ ପ୍ରାୟ ୨୧.୮୮ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଜବତ ହୋଇଥିବା ୪୧୪ଟି ସିଲିଣ୍ଡର ମଧ୍ୟରେ ରହିଛି ୧୪୮ଟି ୧୯ କେଜିଆ ସିଲିଣ୍ଡର, ୩୦ଟି ୪୭ କେଜିଆ ସିଲିଣ୍ଡର, ୩୫ଟି ୫କେଜିଆ ସିଲିଣ୍ଡର, ୧୯୨ଟି ୧୯ କେଜିଆ ଖାଲି ସିଲିଣ୍ଡର ଓ ୯ଟି ୫ କେଜିଆ ଖାଲି ସିଲିଣ୍ଡର। ଗିରଫ ହୋଇଥିବା ୧୦ ଜଣ ଅଭିଯୁକ୍ତ ହେଲେ ମହମ୍ମଦ ଆମିର, ମହମ୍ମଦ ୟୁସୁଫ୍, ମହମ୍ମଦ ଇସମାଇଲ୍, ଏ. ରାମା ରାଓ, ଲୋକ୍ କୁମାର, ମହମ୍ମଦ ସକ୍ରୁଦ୍ଦିନ୍, ମହମ୍ମଦ ମୁମତାଜ୍ ଅନସାରୀ, ମହମ୍ମଦ ମିନହାଜ୍ ଅନସାରୀ, ରାଜେଶ ପାଲ୍ ଏବଂ ରାମ ରାଜ୍ ସିଂହ। ସେମାନେ ହିନ୍ଦୁସ୍ତାନ ପେଟ୍ରୋଲିୟମ ସିଲିଣ୍ଡର ଗୁଡ଼ିକୁ ବେଆଇନ ଭାବେ ବଜାର ଦରଠାରୁ ଅଧିକ ଦାମ୍‌ରେ ବିକ୍ରି କରୁଥିଲେ। ମୁଖ୍ୟ ଅଭିଯୁକ୍ତ ଶୌକତନଗରର ବାସିନ୍ଦା ମହମ୍ମଦ ଆମିର ୨୦୨୩ ମସିହାରୁ ଶମଶାବାଦରେ 'ମେଟ୍ରୋ ଗ୍ୟାସ୍ ଏଜେନ୍ସି' ନାମରେ ଏକ ଏଚପି ଗ୍ୟାସ୍ ଏଜେନ୍ସି ଚଳାଉଥିଲା। ଆଫଜଲଗୁଞ୍ଜ ବସ୍ ଷ୍ଟାଣ୍ଡ ନିକଟରେ ମଧ୍ୟ ତା'ର ଏକ ଅଫିସ୍ ରହିଛି। ସେ ଗ୍ରାହକମାନଙ୍କୁ ଚଢ଼ା ଦରରେ ଭର୍ତ୍ତି ସିଲିଣ୍ଡର ବିକ୍ରି କରୁଥିଲା।




ଏହାପରେ ଶ୍ରମିକମାନଙ୍କ ସାହାଯ୍ୟରେ ସେହି ଖାଲି ସିଲିଣ୍ଡରଗୁଡ଼ିକୁ ସମସ୍ତ ସୁରକ୍ଷା ନିୟମ ଉଲ୍ଲଂଘନ କରି ବଞ୍ଜାରା ହିଲ୍ସର ନାଗାର୍ଜୁନ ଏକ୍ସ ରୋଡ୍ ସ୍ଥିତ ଏକ କବରସ୍ଥାନରେ ଫୋପାଡ଼ି ଦେଉଥିଲା। ଏହି ବେଆଇନ ଗ୍ୟାସ୍ କାରବାର ଏବଂ ସିଲିଣ୍ଡର ପରିବହନ ପାଇଁ ବ୍ୟବହୃତ ହେଉଥିବା ଏକାଧିକ ଗାଡ଼ିକୁ ମଧ୍ୟ ଅଧିକାରୀମାନେ ଜବତ କରିଛନ୍ତି। ସେଗୁଡ଼ିକ ମଧ୍ୟରେ ବୋଲେରୋ କାର୍, ଟାଟା ଏସି, ଟାଟା ମ୍ୟାଜିକ୍, ଟାଟା ଇଣ୍ଡ୍ରା, ପିଆଜିଓ ଅଟୋ ଏବଂ ଡିସିଏମ ଟ୍ରକ ଆଦି ସାମିଲ ରହିଛି।

## ନାଳନ୍ଦା ଶୀତଳା ମନ୍ଦିରରେ ଦଳାଚକଟା, ୮ ମୃତ



ପାଟନା, ୩୧।୩: ବିହାରର ନାଳନ୍ଦା ଜିଲାରେ ଛାତିଥରା ଅଘଟଣ। ଏଠାରେ ଅବସ୍ଥିତ ଶୀତଳା ମାତା ମନ୍ଦିରରେ ହଠାତ ଦଳାଚକଟା ହୋଇଥିଲା। ଏହି ଘଟଣାରେ ଏପର୍ଯ୍ୟନ୍ତ ଆଠ ଜଣ ଭକ୍ତଙ୍କ ଜୀବନ ଯାଇଥିବା ବେଳେ ଛଅ ଜଣରୁ ଅଧିକ ଲୋକ ଆହତ ହୋଇଥିବା ସୂଚନା ମିଳିଛି। ତେବେ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି। ଦୀପନଗର ପୋଲିସ ଷ୍ଟେସନ ପରିସରରେ ଅବସ୍ଥିତ ମାଘରାର ପ୍ରସିଦ୍ଧ ଶୀତଳା ମନ୍ଦିରରେ ଏହି ଘଟଣା ଘଟିଛି। ପ୍ରତି ମଙ୍ଗଳବାର ଏଠାରେ ପୂଜା କରିବା ପାଇଁ ବହୁ ସଂଖ୍ୟକ ଭକ୍ତ ଏକତ୍ରିତ ହୁଅନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ଅନୁଯାୟୀ, ସକାଳୁ ସକାଳୁ ମନ୍ଦିର ପରିସରରେ ହଜାର ହଜାର ଭକ୍ତ ଭିଡ଼ ଆରମ୍ଭ କରିଥିଲେ। ତଥାପି ଭିଡ଼ ପରିଚାଳନା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ନଥିଲା, ଯାହା ଫଳରେ ପରିସ୍ଥିତି ଧୀରେ ଧୀରେ ନିୟନ୍ତ୍ରଣ ବାହାରକୁ ଚାଲିଗଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ପୂଜା ସମୟରେ ହଠାତ୍ ଝଗଡ଼ା ଆରମ୍ଭ ହୋଇଥିଲା, ଯାହା କିଛି ମୁହୂର୍ତ୍ତ ମଧ୍ୟରେ ଦଳାଚକଟାରେ ପରିଣତ ହୋଇଥିଲା। ଲୋକମାନେ ପରସ୍ପର ଉପରେ ପଡ଼ିବାକୁ ଲାଗିଲେ ଏବଂ ସମସ୍ତେ ରାସ୍ତା ଖୋଜିବା ପାଇଁ ଦୌଡ଼ିବାରୁ ବିଶୃଙ୍ଖଳା ସୃଷ୍ଟି ହେଲା। ଏହି ଗଣ୍ଡଗୋଳ ମଧ୍ୟରେ, ଅନେକ ଭକ୍ତ ଗୁରୁତର ଆହତ ହୋଇଥିଲେ ଏବଂ ଦୁଇଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଖବର ପାଇ ପ୍ରଶାସନ ଏବଂ ପୁଲିସ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚିଥିଲେ। ଆମ୍ବୁଲାନ୍ସ ମଧ୍ୟ ପଠାଯାଇଥିଲା, ଯାହା ଆହତମାନଙ୍କୁ ନାଳନ୍ଦାର ସଦର ହସ୍ପିଟାଲକୁ ତୁରନ୍ତ ଭର୍ତ୍ତି କରିବାରେ ସାହାଯ୍ୟ କରିଥିଲା। ଡାକ୍ତରଙ୍କ ଏକ ଟିମ୍ ବର୍ତ୍ତମାନ ଆହତମାନଙ୍କୁ ଚିକିତ୍ସା କରୁଛନ୍ତି, ଯେତେବେଳେ ଗୁରୁତର ଅବସ୍ଥାରେ ଥିବା ଲୋକଙ୍କୁ ଉନ୍ନତ ଚିକିତ୍ସା ପାଇଁ ପଠାଇବାର ବ୍ୟବସ୍ଥା ମଧ୍ୟ କରାଯାଉଛି।

## ପଦ୍ମ ଧରିଲେ ଲିଏଣ୍ଡର ପେସ୍



କୋଲକାତା, ୩୧।୩: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟ ରାଜନୀତିରେ ବଡ଼ ଧରଣର ହଲଚଲ ଦେଖିବାକୁ ମିଳିଛି। ଭାରତୀୟ ଟେନିସ ଜଗତର କିମ୍ବଦନ୍ତୀ ଖେଳାଳି ଲିଏଣ୍ଡର ପେସ ଆଜି ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଛନ୍ତି। ନୂଆଦିଲ୍ଲୀସ୍ଥିତ ଦଳୀୟ ମୁଖ୍ୟାଳୟରେ କେନ୍ଦ୍ର ମନ୍ତ୍ରୀ କିରେନ୍ ରିଜିଜୁ ଏବଂ ସୁକାନ୍ତ ମଜୁମଦାରଙ୍କ ଉପସ୍ଥିତିରେ ପେସ୍ ପଦ୍ମ ଧରିଛନ୍ତି। ୨୦୨୧ରେ ତୃଣମୂଳ କଂଗ୍ରେସରୁ ନିଜର ରାଜନୈତିକ କ୍ୟାରିୟର ଆରମ୍ଭ କରିଥିବା ପେସ୍, ଏବେ ବିଜେପିକୁ ଆପଣେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କ୍ରୀଡ଼ା ପ୍ରତି ଥିବା ଦୂରଦୃଷ୍ଟି ଏବଂ ଦେଶର ବିକାଶ ଧାରାରେ ଅନୁପ୍ରାଣିତ ହୋଇ ସେ ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି। ବଙ୍ଗଳା ନିର୍ବାଚନ ସମୟରେ ପେସ୍‌ଙ୍କ ଭଳି ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କ ଯୋଗଦାନ ଦଳ ପାଇଁ ବେଶ୍ ଲାଭଦାୟକ ହେବ ବୋଲି ଆଶା କରାଯାଉଛି। ତାଙ୍କର ଏହି ନୂତନ ପାଳିକୁ ନେଇ ସାରା ଦେଶରେ ଚର୍ଚ୍ଚା ଜୋର ଧରିଛି। ବିଶେଷ କରି ପଶ୍ଚିମବଙ୍ଗର ଯୁବବର୍ଗ ଓ କ୍ରୀଡ଼ାପ୍ରେମୀଙ୍କୁ ଆକୃଷ୍ଟ କରିବାରେ ପେସ୍ ଏକ ପ୍ରମୁଖ ଚେହେରା ସାଜିବେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି।

### ଦିଲ୍ଲୀ ପାଇଁ ବଡ ପ୍ଲାନ କରୁଥିଲା ଲସ୍କର

## ଶବୀର ପରେ ଆଉ ୧୨ଙ୍କୁ ଗିରଫ କଲା ପୁଲିସ

ନୂଆଦିଲ୍ଲୀ, ୩୧।୩: ଦିଲ୍ଲୀ ଉପରେ ନଜର ପକାଇଥିଲେ ଆତଙ୍କବାଦୀ କିନ୍ତୁ ସୁରକ୍ଷା ଏଜେନ୍ସିଙ୍କ ବୁଦ୍ଧି ଯୋଗୁଁ ମିଳିଛି ବଡ଼ ସଫଳତା। ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ଏବଂ କେନ୍ଦ୍ରୀୟ ଏଜେନ୍ସି ଦିଲ୍ଲୀ ସୀମାରୁ ଆତଙ୍କବାଦୀ ଶବୀର ଅହମ୍ମଦ ଲୋନକୁ ଗିରଫ କରିଛି। ରିପୋର୍ଟ ଅନୁଯାୟୀ, ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସଆଇର ନିର୍ଦ୍ଦେଶରେ ଶବୀର ବାଂଲାଦେଶରୁ ଏକ ନୂଆ ମଡ୍ୟୁଲ୍ ପ୍ରସ୍ତୁତ କରୁଥିଲା । ଲସ୍କର-ଏ-ତୈବା ଆତଙ୍କବାଦୀ ଶବିର ଅହମ୍ମଦ ଲୋନକୁ ଦିଲ୍ଲୀ ସୀମାରୁ ଗିରଫ କରାଯାଇଛି । ସେ ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସଆଇର ନିର୍ଦ୍ଦେଶରେ ବାଂଲାଦେଶରେ ବସି ଲସ୍କରର ଏକ ନୂତନ ମଡ୍ୟୁଲ୍ ପ୍ରସ୍ତୁତ କରୁଥିଲା । ତଦନ୍ତରୁ ଜଣାପଡ଼ିଛି ଯେ ସେ ଭାରତ ବିରୋଧୀ କାର୍ଯ୍ୟକଳାପ କରିବା ପାଇଁ ଏକ ସ୍ୱତନ୍ତ୍ର ମିଶନରେ ଥିଲା । ତଦନ୍ତ ଏଜେନ୍ସି ଶବୀରକୁ ଏ ବିଷୟରେ ଅଧିକ ପଚରାଉଚରା କରୁଛି । ତେବେ ପୁଲିସର ସ୍ପେଶାଲ୍ ସେଲ୍ ତଥା ଏନଡିଆର୍ ଟିମ୍ ଶବୀରକୁ ଗିରଫ କରିବାରେ ସଫଳ ହୋଇଛି । ଦିଲ୍ଲୀ ଏବଂ ଦକ୍ଷିଣ ଭାରତରେ ଏହି ଲସ୍କର ମଡ୍ୟୁଲର ପର୍ଦ୍ଦାଫାସ୍



### ଗେମିଂ ଆପ ଜରିଆରେ ଯୋଗାଯୋଗରେ ଥିଲେ ଆତଙ୍କୀ

ହୋଇଥିଲା । ଦିଲ୍ଲୀ ଏବଂ କୋଲକାତାର ଅନେକ ସ୍ଥାନରେ ଭାରତ ବିରୋଧୀ ପୋଷ୍ଟର ମଧ୍ୟ ଲଗାଯାଇଥିଲା। ତେବେ ଏନେଇ ସୁରକ୍ଷା ଏଜେନ୍ସିକୁ ଗୁପ୍ତ ସୂଚନା ମିଳିଥିଲା। ଯାହାପରେ ସମ୍ପୂର୍ଣ୍ଣ ସ୍କ୍ରିପ୍ଟ ପ୍ରସ୍ତୁତ କରାଯାଇଥିଲା। ଦିଲ୍ଲୀ ପୁଲିସ ଏବଂ ସୁରକ୍ଷା ବାହିନୀ ଜାଲ ବିଛାଇ ଦିଲ୍ଲୀ ସୀମାରୁ ଏହି ଆତଙ୍କୀକୁ ଗିରଫ କରିବାରେ ସଫଳ ହୋଇଛି। ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ ଆତଙ୍କବାଦୀ ଶବୀର ସୀମାପାରରୁ ନିର୍ଦ୍ଦେଶ ପାଇ ଭାରତ ବିରୋଧୀ କାର୍ଯ୍ୟକଳାପ କରିବା ପାଇଁ ଏକ ବଡ଼ ମିଶନରେ ଆସିଥିଲା। ତେବେ ବର୍ତ୍ତମାନ ତଦନ୍ତକାରୀ ସଂସ୍ଥା ଏ ଉପରେ ଅଧିକ ସତର୍କ ହେବା ସହିତ ଶବୀରର ସହଯୋଗୀମାନଙ୍କୁ ଖୋଜିବା ଆରମ୍ଭ କରିଛି। ସୁରକ୍ଷା ବାହିନୀ ସନ୍ଦେହ କରୁଛନ୍ତି ଯେ ଶବୀରଙ୍କ ଆହୁରି ସହଯୋଗୀ ଦିଲ୍ଲୀରେ ଥାଇପାରନ୍ତି। ତଦନ୍ତକୁ ଆଧାର କରି ପୁଲିସ ଦିଲ୍ଲୀ ଏବଂ ଆଖପାଖ ଅଞ୍ଚଳରେ ଖୋଜାଖୋଜି ଆରମ୍ଭ କରିଛି।

ତେବେ ଏହା ପୂର୍ବରୁ ଭାରତରେ ଏକ ବଡ଼ ଧରଣର ଆତଙ୍କବାଦୀ ନେଟୱାର୍କକୁ ପଣ୍ଡ କରିଥିଲେ ଦିଲ୍ଲୀ ଏବଂ ଆନ୍ଧ୍ରପ୍ରଦେଶ ପୁଲିସ। ଅଲ-କାଏଦା ଏବଂ ଆଇଏସଆଇଏସ ଭଳି ଆତଙ୍କବାଦୀ ସଂଗଠନ ସହ ସମ୍ପୃକ୍ତି ଅଭିଯୋଗରେ ଦେଶର ବିଭିନ୍ନ ପ୍ରାନ୍ତରୁ ଗୁରୁବାର ଦିନ ୧୨ ଜଣଙ୍କୁ ଗିରଫ କରାଯାଇଥିଲା। ଏହି ମିଳିତ ଅପରେସନରେ ଗିରଫ ହୋଇଥିବା ବ୍ୟକ୍ତିମାନେ ବିଭିନ୍ନ ରାଜ୍ୟର ବୋଲି ଜଣାପଡ଼ିଛି। ଯେମିତିକି ଆନ୍ଧ୍ରପ୍ରଦେଶରୁ ୩ ଜଣ, ବିହାରରୁ ୨ ଜଣ, ଦିଲ୍ଲୀ, ପଶ୍ଚିମବଙ୍ଗ, ରାଜସ୍ଥାନ, କର୍ଣ୍ଣାଟକ, ତେଲେଙ୍ଗାନାରୁ ଜଣେ ଲେଖାଁଏ ଏବଂ ମହାରାଷ୍ଟ୍ରରୁ ୨ ଜଣଙ୍କୁ ଗିରଫ କରିଛି ପୁଲିସ। ତଦନ୍ତରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଆତଙ୍କବାଦୀମାନେ ଏକ ଗେମିଂ ଆପ୍ ମାଧ୍ୟମରେ ବିଦେଶୀ ହ୍ୟାଣ୍ଡଲରମାନଙ୍କ ସହ ଯୋଗାଯୋଗରେ ଥିଲେ। ସେମାନେ ଆଇଏସଆଇଏସ ସହ ଜଡ଼ିତ "ବେନେକ୍ସ କମ" ନାମକ ଏକ ଗୋଷ୍ଠୀର ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ସୋସିଆଲ ମିଡିଆରେ ଆଇଏସଆଇଏସର ପତାକା ବ୍ୟବହାର କରି ଭାରତର ଜାତୀୟ ପତାକା ଜାଳିବା ଏବଂ ଜାତୀୟ ସଙ୍ଗୀତକୁ ଅପମାନିତ କରିବା ଭଳି ସାଂଘାତିକ ଅଭିଯୋଗ ଏହି ଅଭିଯୁକ୍ତମାନଙ୍କ ଉପରେ ରହିଛି। ଭାରତକୁ ଏକ ଇସଲାମିକ ଷ୍ଟେଟ୍‌ରେ ପରିଣତ କରିବା ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା।

# ଲିଙ୍ଗରାଜ ମହୋତ୍ସବ ଉଦ୍‌ଯାପିତ



ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ)ଃ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଲିଙ୍ଗରାଜ ଭଜନ ମଣ୍ଡପରେ ଚାଲିଥିବା ୬ଦିନିଆ ଲିଙ୍ଗରାଜ ମହୋତ୍ସବ ଆଜି ଉଦଯାପିତ ହୋଇଛି। ଶ୍ରୀଲିଙ୍ଗରାଜଙ୍କ ରଥ ମହାଖଳାରେ ଲାଗିବା ପରେ ମହାପ୍ରଭୁଙ୍କ ସମ୍ମୁଖରେ କଳାକାରମାନେ ପ୍ରଦର୍ଶନ କରିଥିଲେ ନୃତ୍ୟ ନୈବେଦ୍ୟ। ପ୍ରଥମେ ଗୁରୁ ପ୍ରତିଭା ପଣ୍ଡାଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟ ମଙ୍ଗଳାଚରଣ ଓ ଦୟଣା ଚୋରି ନାଟିକା ପରିବେଷଣ କରିଥିଲେ। ପରେ କୋଲକାତାର ଅଞ୍ଚଳ ପାଣ୍ଡେଙ୍କ କ୍ରିଏଟିଭ ନୃତ୍ୟ, ଶିଳ୍ପୀକାର ସମ୍ବଲପୁରୀ ନୃତ୍ୟ, ଜଳେଶ୍ୱର ଫ୍ୟୁଜନ ଡ୍ୟାନ୍ସ ଓ ଶେଷରେ କୋଣାର୍କ ଜାଟଧାରୀ ବେହେରା ଓ ଦଳର ଘୋଡ଼ାନାଚ ଉଦ୍‌ଯାପନୀ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥଇଲା। ଶିବ ଇଜେଡ୍‌ସିସି ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ସନତ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ଉଦ୍‌ଘାଟକ ଭାବେ ନଗର ଉନ୍ନୟନ ଓ ଗୃହ ନିର୍ମାଣ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଅତିଥି ଭାବେ ବିଏମସି ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କଅଁର, କର୍ପୋରେଟର ବିରଞ୍ଚି ନାରାୟଣ ମହାସୂପକାର, ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ, କମେଡିଆନ ପ୍ରଜ୍ଞା ଖଟୁଆ, ଉପଦେଷ୍ଟା ଶିବାନନ୍ଦ ରାୟ, ରଶ୍ମି ମହାପାତ୍ର, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ରାଜଧାନୀ ପ୍ରତିଷ୍ଠା ଦିବସ ପାଇଁ ବିଏମସିର ପ୍ରସ୍ତୁତି

# ୧୩ ଜଣଙ୍କୁ ରାଜଧାନୀ ଗୌରବ, ୩ ବୟୋଜ୍ୟେଷ୍ଠଙ୍କୁ କରାଯିବ ସମ୍ବର୍ଦ୍ଧିତ

ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ)ଃ ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଇଁ ଭୁବନେଶ୍ୱର ମହାନଗର ନିଗମ ଓ ରାଜଧାନୀ ପ୍ରତିଷ୍ଠା ଦିବସ କମିଟିର ଏକ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ମଂଜୁଲତା କହଁର, ବିଏମ୍ ସି କମିଶନର ତଥା ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ, ରାଜଧାନୀ ପ୍ରତିଷ୍ଠା କମିଟିର ଉପାଧ୍ୟକ୍ଷ ପ୍ରଦ୍ୟୁମ୍ନ ମହାନ୍ତି, ସାଧାରଣ ସଂପାଦକ ସନତ ମିଶ୍ର ଯୋଗ ଦେଇଥିଲେ।

ଚଳିତ ବର୍ଷ ଏହାକୁ ଧୁମଧାମରେ ପାଳନ କରିବା ପାଇଁ ନିଷ୍ପତ୍ତି ହୋଇଛି। ସେହିନ ସକାଳୁ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଥିବା ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ବିଧାନ ସୌଧ ସମ୍ମୁଖରେ ଥିବା ରାଜଧାନୀ ପ୍ରତିଷ୍ଠା ଫଳରେ ପ୍ରାତଃ ସମୟରେ ମାଲ୍ୟାର୍ପଣ କରାଯିବା ସହ ରାଜଧାନୀ ପ୍ରତିଷ୍ଠା ଦିବସ ପତାକା ଉତ୍ତୋଳନ କରାଯିବ। ପରେ ପୋଲିସ, ଟ୍ରାଫିକ୍ ପୋଲିସ, ସପ୍ତମ ବାଟଲିୟନ, ଅଗ୍ନିଶମ ବିଭାଗ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ପ୍ୟାରେଡରେ ମୁଖ୍ୟ ଅତିଥି ଅଭିଭାଦନ ଗ୍ରହଣ କରିବେ। ଜୟଦେବ ଭବନରେ ସୂଚନା ଓ ଲୋକ ସଂପର୍କ ପକ୍ଷରୁ ଫଟୋ ପ୍ରଦର୍ଶନ ହେବାକୁ ଥିବା ବେଳେ ସନ୍ଧ୍ୟାବେଳେ ଉତ୍କଳ ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନଙ୍କୁ ରାଜଧାନୀ ଗୌରବ ପୁରସ୍କାର ପ୍ରଦାନ କରାଯିବ। ଚଳିତ ବର୍ଷ ପ୍ରଥମ ଥର ପାଇଁ ବିଏମସିର ତିନୋଟି ଜୋନରୁ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ଏହି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି।



ଏହା ପରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଡକାଯିବ। ସେଥିରେ ମୁଖ୍ୟ ଶାସନ ସଚିବଙ୍କ ସହ ବିଏମସି, ବିଡିଏ, ପୂର୍ତ୍ତ, ନଗର ଉନ୍ନୟନ ବିଭାଗ, ସୂଚନା ଓ ଲୋକ ସଂପର୍କ ବିଭାଗ, ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ, କମିଶନରେଟ୍ ପୋଲିସ, ଟ୍ରାଫିକ୍ ପୋଲିସ, ଉଚ୍ଚ ଶିକ୍ଷା ବିଭାଗ, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ, ଓ୍ୱାଟକୋ ଆଦି ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ରହିବେ। ଏହି ବୈଠକରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ।

# ଆଜି ମୂଳଦୂଆ ପକାଇବ ଓଡ଼ିଶା ଜନତା କଂଗ୍ରେସ

## ଦଳରେ ସାମିଲ୍ ହେବେ ୫ ହଜାରରୁ ଉର୍ଦ୍ଧ୍ୱ କର୍ମୀ



କଟକ,୩୧।୩(ସଂଚାର ବ୍ୟୁରୋ)ଃ ଆସନ୍ତାକାଲି ଉତ୍କଳ ଦିବସରେ ଓଡ଼ିଶା ଜନତା କଂଗ୍ରେସ (ଓଜେସି) କଟକ ସହରରେ ତାର ପ୍ରଥମ ରାଜନୈତିକ କାର୍ଯ୍ୟକ୍ରମ ଆୟୋଜନ କରିବ। ସେଦିନ ହିଁ ସହରରେ ଓଜେସି ମୂଳଦୂଆ ପକାଇବ। ମହମ୍ମଦ ମୋକିମ୍ ଦଳର ନେତୃତ୍ୱ ନେଉଥିବାରୁ ତାଙ୍କ ନିଜ ନିର୍ବାଚନ ମଣ୍ଡଳୀରେ ଏହି ରାଜନୈତିକ କାର୍ଯ୍ୟକ୍ରମ ସଫଳ କରିବା ପାଇଁ ତାଙ୍କ ଶିବିର ଚଳଚଞ୍ଚଳ ହୋଇଉଠିଛି। ବିଜୁ ପଟ୍ଟନାୟକ ଛକ ନିକଟବର୍ତ୍ତୀ ଖୀଷ୍ଟିଆନ୍ ପଡ଼ିଆରେ ଆୟୋଜିତ ହେବାକୁ ଥିବା ଓଜେସି କାର୍ଯ୍ୟକ୍ରମରେ ୫ ହଜାରରୁ ଅଧିକ ନେତା, କର୍ମୀ ସାମିଲ୍ ହେବା ପାଇଁ ଲକ୍ଷ୍ୟ ରହିଛି।

ଏଥିରେ ନଗର କଂଗ୍ରେସର ବିଭିନ୍ନ ୱାର୍ଡ ସଭାପତିଙ୍କ ଠାରୁ ଆରମ୍ଭ କରି ବହୁ କର୍ମୀ, ସଂଗଠକ ଓ ଅନେକ ଛାମୁଆ ନେତା, ପୂର୍ବତନ କର୍ପୋରେଟର୍ ଓ କର୍ପୋରେଟର୍ ପ୍ରାର୍ଥୀଙ୍କୁ ଓଡ଼ିଶା ଜନତା କଂଗ୍ରେସରେ ସାମିଲ୍ କରାଇବେ। ତେବେ ବିଧାୟିକା ସୋଫିଆ ଫିରଦୋସ୍ କିମ୍ବା କଂଗ୍ରେସ ଟିକେଟରୁ ଜିତିଥିବା କର୍ପୋରେଟର୍ ଏ ସମାବେଶରେ ଯୋଗ ଦେବେ ନାହିଁ ବୋଲି ଖବର ମିଳିଛି। ମୋକିମ୍‌ଙ୍କ ପ୍ରତି ଅନେକ କଂଗ୍ରେସ କର୍ପୋରେଟରଙ୍କ ଖୋଲା ସମର୍ଥନ ରହିଥିଲେ ମଧ୍ୟ ଦଳବଦଳ ଆଇନକୁ ଦୃଷ୍ଟିରେ ରଖି ସଭ୍ୟପଦ ବଜାୟ ରଖିବା ପାଇଁ ଏବେକା ସ୍ଥିତିରେ ଓଜେସିର ରାଜନୈତିକ କାର୍ଯ୍ୟକ୍ରମରେ ସେମାନେ ସାମିଲ ହେବେ ନାହିଁ ବୋଲି ଜଣାଯାଇଛି। ସାଲେପୁର କାର୍ଯ୍ୟକ୍ରମ ପରେ ଏପ୍ରିଲ ୧ରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ନିଶ୍ଚିନ୍ତକୋଇଲିରେ ଏକ ମିଶ୍ରଣ ପର୍ବ ମଧ୍ୟ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି।

ଅନ୍ୟପକ୍ଷରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା କଂଗ୍ରେସରୁ ବହିଷ୍କୃତ ହେବା ପରେ ଏବେ ଓଜେସିରେ ସକ୍ରିୟ ଅଛନ୍ତି।

ସେ ପିସିସି ସଭାପତି ଭକ୍ତ ଦାସଙ୍କୁ କଟୁ ସମାଲୋଚନା କରିବା ସହ କଟକରେ କଂଗ୍ରେସକୁ ଦୁର୍ବଳ କରିବା ପଛରେ ଭକ୍ତଙ୍କ ହାତ ରହିଛି ବୋଲି ଅଭିଯୋଗ କରିଛନ୍ତି। ରାଜ୍ୟରେ ଦୀର୍ଘ ୨୪ ବର୍ଷ କାଳ ବିଜେଡି ସରକାରରେ ରହି କଂଗ୍ରେସକୁ ଦୁର୍ବଳ କରିଛି। କଟକରୁ ଆରମ୍ଭ ହେଉଥିବା ଏହି ସଂଗଠନ ଆଗାମୀ ପୌର ଓ ସାଧାରଣ ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ମୋକିମ୍ କହିଛନ୍ତି।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବହିଷ୍କାର ପାଇଁ ମିଳିତ ବିରୋଧୀ ଦଳର ଦାବି

● ରାଜ୍ୟପାଳଙ୍କୁ ଦେଲେ ସ୍ମାରକପତ୍ର

ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ)ଃ ମିଳିତ ବିରୋଧୀ ଦଳର ଏକ ୪୯ ଜଣିଆ ପ୍ରତିନିଧି ଦଳ ଲୋକଭବନରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। କଟକ ବଡ ଡାକ୍ତରଖାନାରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ଓ ମୃତ୍ୟୁ ଘଟଣା ପାଇଁ ଦାୟୀ ସମସ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ପ୍ରତିନିଧି ଦଳରେ ବିଜୁ ଜନତା ଦଳ, କଂଗ୍ରେସ, ସିପିଆଇ(ଏମ), ସିପିଆଇ, ସିପିଆଇ(ଏମଏଲ) ଲିବରେସନ, ଫରୱାର୍ଡ ବ୍ଲକ, ସମାଜବାଦୀ ପାର୍ଟି, ଏନସିପି (ଶରଦ ପୱାର), ସମତା କ୍ରାନ୍ତି ଦଳ ଓ ଆରଜେଡିର ନେତାମାନେ ଅଂଶଗ୍ରହଣ କରିଥିଲେ। ଏସସିବି ଅଗ୍ନିକାଣ୍ଡ ଘଟଣାରେ ୧୩ ଜଣ ରୋଗୀଙ୍କ ମୃତ୍ୟୁ ଏକ ବ୍ୟବସ୍ଥାକୃତ ହତ୍ୟା। ଏଥିପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ତୁରନ୍ତ ମନ୍ତ୍ରୀମଣ୍ଡଳରୁ ବରଖାସ୍ତ କରିବା ପାଇଁ ମିଳିତ ବିରୋଧୀ ଦଳ ଦାବି କରିଛନ୍ତି। ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ସମସ୍ତ ଦାୟୀ ଅଧିକାରୀଙ୍କୁ ଗିରଫ କରିବା ସହ ହାଇକୋର୍ଟ ବିଚାରପତିଙ୍କ ନେତୃତ୍ୱରେ ନ୍ୟାୟିକ ତଦନ୍ତ କରି ତୁରନ୍ତ ରିପୋର୍ଟ ପ୍ରକାଶ କରିବା ଏବଂ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ଆର୍ଥିକ ସହାୟତା ଦାବି କରାଯାଇଛି। ଏଥିସହ ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ପରିବାରର ଜଣେ ସଦସ୍ୟଙ୍କୁ ଚାକିରୀ ସହ ଆହତ ମାନଙ୍କୁ ଉନ୍ନତ ଏବଂ ମାଗଣା ଚିକିତ୍ସା ପାଇଁ ଦାବି କରାଯାଇଛି।

# ପୁସ୍ତକ ଚର୍ଚ୍ଚା କାର୍ଯ୍ୟକ୍ରମରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ 'ସଂସ୍କୃତ ଓ ସଂସ୍କୃତି' ସଂପର୍କରେ ଆଲୋଚନାଚକ୍ର



ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ)ଃ ଓଡ଼ିଆ ଭାଷା ପ୍ରତିଷ୍ଠାନ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ପୁସ୍ତକ ଚର୍ଚ୍ଚା କାର୍ଯ୍ୟକ୍ରମରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ 'ସଂସ୍କୃତ ଓ ସଂସ୍କୃତି' ପୁସ୍ତକ ସଂପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ବରିଷ୍ଠ ଗବେଷକ ଓ ସାହିତ୍ୟିକ ପ୍ରଫେସର ବସନ୍ତ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ପଣ୍ଡିତ ନୀଳକଣ୍ଠଙ୍କ ପ୍ରବନ୍ଧ ସାହିତ୍ୟ ସଂପର୍କରେ ଆଲୋକପାତ କରିଥିଲେ। ପଣ୍ଡିତ ନୀଳକଣ୍ଠଙ୍କ 'ସଂସ୍କୃତ ଓ ସଂସ୍କୃତି' ପୁସ୍ତକରେ ଭାରତୀୟ ସଂସ୍କୃତି, ସଂସ୍କୃତ ଭାଷା ଓ ଲିପି ତଥା ସାଂସ୍କୃତିକ ତତ୍ତ୍ୱ ସହିତ ସତ୍ୟବାଦୀ ସାହିତ୍ୟର ପ୍ରଭାବ ସଂପର୍କରେ ସେ ସୁବିସ୍ତୃତ ଆଲୋଚନା କରିଥିଲେ। ଏହି ପୁସ୍ତକ ଆମ ପ୍ରବନ୍ଧ ସାହିତ୍ୟକୁ ଋଦ୍ଧିମନ୍ତ କରିଛି ବୋଲି ସେ କହିଥିଲେ। ବିଶିଷ୍ଟ ସାହିତ୍ୟିକ ତଥା ସମାଲୋଚକ ପ୍ରଫେସର ଲମ୍ବୋଦର ପାଣିଗ୍ରାହୀ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇ ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟଶୈଳୀର ବିଶେଷତ୍ୱ ସଂପର୍କରେ ବକ୍ତବ୍ୟ ରଖିବା ସହ ତାଙ୍କର ଏହି ଅନନ୍ୟ ପୁସ୍ତକର ଭାଷା, ଭାବ ଓ ତଥ୍ୟର ମୌଳିକତା ବିଷୟରେ ବିଶଦଭାବେ ଆଲୋଚନା କରିଥିଲେ। ସଂସ୍କୃତ ଭାଷା ସହ ଜଗନ୍ନାଥ ସଂସ୍କୃତି, ତତ୍କାଳୀନ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ବିଭବ ଓ ଆମର ସାମଗ୍ରିକ ସାଂସ୍କୃତିକ ଚେତନା ପଣ୍ଡିତ ନୀଳକଣ୍ଠଙ୍କ ଏହି ସାହିତ୍ୟ କୃତିରେ ପ୍ରତିଫଳିତ ହୋଇଛି ବୋଲି ସେ କହିଥିଲେ। କୁଳପତି ପ୍ରଫେସର ସ୍ୱାଇଁ ତାଙ୍କ ସଭାପତିତ୍ୱ ଅଭିଭାଷଣରେ ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟକୃତିର ଆଦର୍ଶବୋଧରେ ଆଜିର ଯୁବପିଢ଼ି ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇଥିଲେ। ପଣ୍ଡିତ ନୀଳକଣ୍ଠଙ୍କ ଆଲୋଚନାଧର୍ମୀ ସାହିତ୍ୟ, ଜାତୀୟତାବାଦୀ ଚିନ୍ତାଧାରା, ଆମ ସାହିତ୍ୟର ବିକାଶ ନିମନ୍ତେ ଦୂରଦୃଷ୍ଟି ଓ ସାଂସ୍କୃତିକ ପରମ୍ପରା ଉପରେ ପର୍ଯ୍ୟବେସିତ ଶିକ୍ଷାନୀତି ଆଜି ଆମ ପାଇଁ ପ୍ରେରଣାର ଉତ୍ସ ଭାବେ ଆମର ମାର୍ଗଦର୍ଶନ ନିମନ୍ତେ ସହାୟକ ହେଉଛି ବୋଲି ସେ କହିଥିଲେ।

# ସୌର ଶୀତଳଭଣ୍ଡାର, ପାଣିରେ ପଡ଼ିଛି ଟଙ୍କା

ଭୁବନେଶ୍ୱର,୩୧।୩ଃ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସୌରଶକ୍ତି ଚାଳିତ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ବ୍ୟୟ ହୋଇଥିବା ପାଖାପାଖି ୨ କୋଟି ଟଙ୍କା ପାଣିରେ ପଡିଛି। ବିଭିନ୍ନ କାରଣ ଯୋଗୁଁ ଏହିସବୁ ଶୀତଳଭଣ୍ଡାରଗୁଡିକ ଲୋକଙ୍କ କାମରେ ଲାଗିପାରି ନାହିଁ।

ଶୀତଳଭଣ୍ଡାର ପ୍ରତିଷ୍ଠାରେ ଏଭଳି ଅନିୟମିତତାକୁ ଧରିଛନ୍ତି ସିଏଜି। ସଦ୍ୟ ପ୍ରକାଶିତ ରିପୋର୍ଟରେ ସିଏଜି ଦର୍ଶାଇଛନ୍ତି ଯେ ଫଳ, ପନିପରିବା ଓ ଫୁଲର ନିରାପଦ ସଂରକ୍ଷଣ ନିମନ୍ତେ କୃଷକମାନଙ୍କୁ ଶୀତଳଭଣ୍ଡାର ସୁବିଧା ଯୋଗାଇବାପାଇଁ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଜାତୀୟ ଉଦ୍ୟାନ କୃଷି ମିଶନ ସହିତ ମିଳିତ ଭାବେ ୧୪ଟି ସୌରଶକ୍ତି ଭିତ୍ତିକ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ୨୦୨୧-୨୨ରେ ନିଷ୍ପତ୍ତି ହୋଇଥିଲା। ପ୍ରତ୍ୟେକ ଶୀତଳଭଣ୍ଡାର ପାଇଁ ୧୬ ଲକ୍ଷ ୫୦ହଜାର ଟଙ୍କା ବ୍ୟୟ କରାଯିବାର ଥଲା ଯେଉଁଥିରୁ କୃଷି ବିଭାଗ ୧୦ଲକ୍ଷ ୫୦ହଜାର ଟଙ୍କା ଖର୍ଚ୍ଚ କରିଥିଲା।

ଏହିସବୁ ଶୀତଳଭଣ୍ଡାରଗୁଡିକ ମୋରଡ଼ା, ଯଶୀପୁର, ମୁଦୁଲିପଡା, ପୁଟାସିଂ, ଗୋନାସିକା, ଲାଞ୍ଜିଗଡ଼, ଚନ୍ଦ୍ରଗିରି, ଗଞ୍ଜାମ, ଖୁଣ୍ଟାଗାଁ ଆଦି ଅଞ୍ଚଳରେ ପ୍ରତିଷ୍ଠା କରାଯାଇଥିଲା। ଏଥିରୁ ଅଧିକାଂଶ ପ୍ରତିଷ୍ଠା ପରଠାରୁ କାମରେ ଲାଗିନଥିଲା। ଗୋଟିଏ ଦୁଇଟି ସ୍ଥାନରେ ତ ଜମି ଜମା ବିବାଦ ଯୋଗୁଁ କାର୍ଯ୍ୟ ଆରମ୍ଭ ହୋଇପାରିନଥିଲା। ତେବେ ମୁଦୁଲିପଡାରେ ଏହାର ନିର୍ମାଣ ଅଧାପନ୍ତରିଆ ହୋଇ ପଡିଥିବାବେଳେ ପୁଟାସିଂ ଓ ପର୍ସାଲିରେ ଏହା ସଠିକ ତାପମାତ୍ରା ବଜାୟ ରଖିପାରିନଥିଲା। ଗୋନାସିକାରେ ନିର୍ମିତ ଶୀତଳଭଣ୍ଡାରର ୩ଟି କୁଲିଂ ଫ୍ୟାନ ମଧ୍ୟରୁ ୨ଟି କାମ କରୁନଥିଲା। ପ୍ରାୟତଃ ଗୋଟିଏ ହେଲେ ଶୀତଳଭଣ୍ଡାରରେ ଲକ୍ଷ୍ୟ ଅନୁଯାୟୀ ଫଳ, ପନିପରିବା ଆଦି ରଖିବା ସମ୍ଭବପର ହୋଇନଥିଲା।

ସିଏଜି ତାଙ୍କ ଅଡିଟ୍ ସମୟରେ ଦେଖିବାକୁ ପାଇଛନ୍ତି ଯେ ସୌର ଶୀତଳ ଭଣ୍ଡାରର ପରିଚାଳନାର ନିର୍ଦ୍ଦେଶାବଳୀ ଅନୁଯାୟୀ ସଂରକ୍ଷକ ଏସଏଚଜି ଶୀତଳଭଣ୍ଡାରର ଉପଯୁକ୍ତ ଯତ୍ନ ସହିତ ପରିଚାଳନା କରିବେ ଏବଂ ପ୍ରବର୍ତ୍ତନ କରିବାପାଇଁ ତାଲିମ ନେବା ଆବଶ୍ୟକ ଥିଲା। କିନ୍ତୁ ଶୀତଳଭଣ୍ଡାର ହସ୍ତାନ୍ତର ସମୟରେ ଏହାର ପରିଚାଳନା ନେଇ ଏସଏଚଜି ସଦସ୍ୟମାନଙ୍କୁ ତାଲିମ ଦେବାର କୌଣସି ପ୍ରମାଣ ସିଏଜି ପାଇନଥିଲେ। ଏଠାରେ କୌଣସି ଲଗ୍ ବହିର ରକ୍ଷଣା ବେକ୍ଷଣ କରାଯାଇନଥିଲା। ଏଥିଯୋଗୁଁ ୧୨ଟି ଶୀତଳଭଣ୍ଡାର ପାଇଁ ପାଖାପାଖି ୨ କୋଟି ଟଙ୍କା ବ୍ୟୟ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳନଥିଲା। ଶୀତଳଭଣ୍ଡାରଗୁଡିକ ଅଚଳ କିମ୍ବା କାର୍ଯ୍ୟ କରୁନଥିବା ନେଇ କୌଣସି ରେକର୍ଡ ଅଡିଟ୍ ସମୟରେ ମିଳିନଥିଲା।

ଜମିଜମା ସମସ୍ୟା ଯୋଗୁଁ ମୋରଡା ଏବଂ ଯଶୀପୁରରେ ଶୀତଳ ଭଣ୍ଡାର ୟୁନିଟ୍ ପ୍ରତିଷ୍ଠା ହୋଇ ନ ଥିବା ସ୍ୱୀକାର କରି ବିଭାଗ ଦର୍ଶାଇଥିଲା ଯେ କୃଷି ଉତ୍ପାଦ କମ୍ ହେଉଥିବା ଋତୁରେ ଶୀତଳଭଣ୍ଡାର ଗୁଡିକର କମ୍ ବ୍ୟବହାର ହେଉଥିଲା। କିନ୍ତୁ ବାସ୍ତବରେ ଏହି ଶୀତଳଭଣ୍ଡାଗୁଡିକ ଜନଜାତି ସମ୍ପ୍ରଦାୟର ଲୋକଙ୍କ ଦ୍ୱାରା ବ୍ୟବହୃତ ହୋଇନଥିଲା। କାରଣ ଅଡିଟ୍ ସମୟରେ ଏହିସବୁ ଶୀତଳଭଣ୍ଡାରରେ କୌଣସି କୃଷିଜାତ ସାମଗ୍ରୀ ଗଚ୍ଛିତ ଥିବା ଦେଖିବାକୁ ମିଳନଥିଲା। (ତଥ୍ୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୫୬ ବର୍ଷର...

ଭ୍ରାନ୍ତ ଧାରଣାକୁ ଭୁଲ ପ୍ରମାଣିତ କରିଛି। ତଥ୍ୟ ଅନୁସାରେ, ସେତେବେଳେ ନକ୍ସଲବାଡ଼ି ଅଞ୍ଚଳର ମୁଣ୍ଡପିଛା ଆୟ ସହର୍ସା ପରି ଅଣପ୍ରଭାବିତ ଅଞ୍ଚଳ ତୁଳନାରେ ଅଧିକ ଥିଲା। ଏଥିରୁ ସ୍ପଷ୍ଟ ହୁଏ ଯେ ଏହି ଆନ୍ଦୋଳନ ପଛରେ ଦାରିଦ୍ର୍ୟ ନୁହେଁ, ବରଂ ଏକ ନିର୍ଦ୍ଦିଷ୍ଟ ବିଚାରଧାରା କାର୍ଯ୍ୟ କରୁଥିଲା। ଦେଶରେ ନକ୍ସଲବାଦ ୨୦ ହଜାରରୁ ଅଧିକ ଜୀବନ ନେଇଛି, ସେମାନଙ୍କ ମଧ୍ୟରେ ୫ ହଜାରରୁ ଅଧିକ ସୁରକ୍ଷାକର୍ମୀ ଅନ୍ତର୍ଭୁକ୍ତ। ସାଧାରଣ ଜନତାଙ୍କଠାରୁ ନକ୍ସଲମାନେ ବର୍ଷକୁ ୨୪୦ କୋଟିର ତଥାକଥିତ ଟିକସ ଆଦାୟ କରୁଥିଲେ। ସେହିପରି ନକ୍ସଲମାନେ ବ୍ୟବହାର କରୁଥିବା ପ୍ରାୟ ୯୨ ପ୍ରତିଶତ ଅସ୍ତ୍ରଶସ୍ତ୍ର ପୁଲିସ୍ ଥାନା ଓ ଅସ୍ତ୍ରାଗାରରୁ ଲୁଟ୍ ହୋଇଥିଲା।

ଦେଶକୁ ନକ୍ସଲମୁକ୍ତ କରିବା ପଛରେ ସୁରକ୍ଷା ବାହିନୀର ବଡ଼ ହାତ ରହିଛି। ନକ୍ସଲମାନଙ୍କ ବିରୋଧରେ ସୁରକ୍ଷା ବାହିନୀ ପକ୍ଷରୁ କରାଯାଇଥିବା କେତେକ ଉଲ୍ଲେଖନୀୟ ଅପରେସନ ହେଲା ବିହାରରେ ଅପରେସନ ଅକ୍ଟୋପସ୍, ଝାଡ଼ଖଣ୍ଡରେ ଅପରେସନ ଥଣ୍ଡରଷ୍ଟର୍ମ ଓ ଅପରେସନ ଡବଲ ବୁଲ୍, ଛତିଶଗଡ଼ରେ ଅପରେସନ ବ୍ଲାକ୍ ଫରେଷ୍ଟ। ଏସବୁ ଅପରେସନରେ ସୁରକ୍ଷା ବାହିନୀକୁ ସହାୟତା କରିବାକୁ ଅତ୍ୟାଧୁନିକ ଉପକରଣ ସମେତ ଡ୍ରୋନ, ସାଟେଲାଇଟ୍ ଚିତ୍ର, ଏଆଇଭିତ୍ତିକ ତଥ୍ୟ ଅନୁଶୀଳନ ପରି ଜ୍ଞାନକୌଶଳର ବ୍ୟବହାର କରାଯାଇଥିଲା ବୋଲି ଶ୍ରୀ ଶାହ କହିଛନ୍ତି।

ଦେଶର ଆଦିବାସୀ ଅଧ୍ୟୁଷିତ ମାଓ ଅଞ୍ଚଳରେ ବିକାଶ ପାଇଁ ସରକାର ୧୨ ହଜାର କିମି ସଡ଼କ ଓ ୫ ହଜାର ମୋବାଇଲ ଟାୱାର ବସାଇଛନ୍ତି। ଏସବୁ ଅଞ୍ଚଳରେ ସଡ଼କ ଭିତ୍ତିଭୂମିର ବିକାଶ ପାଇଁ ମଧ୍ୟ ସରକାର ୨୦,୮୧୫ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ସେହିପରି ଅତିରିକ୍ତ ୮ ହଜାର ଟାୱାର ବସାଇବା ପାଇଁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ନକ୍ସଲ ଅଧ୍ୟୁଷିତ ଅଞ୍ଚଳରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପାଇଁ ଗତ ୧୨ ବର୍ଷରେ ୧୮୦୪ଟି ବ୍ୟାଙ୍କ ଶାଖା, ୧୩୨୧ଟି ଏଟିଏମ କାଉଣ୍ଟର୍ ଓ ୬ ହଜାରରୁ ଅଧିକ ଡାକଘର ଖୋଲାଯାଇଛି। ଏହାଛଡ଼ା ଆତ୍ମନିଯୁକ୍ତି ପାଇଁ ମହିଳାମାନଙ୍କୁ ୨ ଲକ୍ଷ ଓ ପୁରୁଷମାନଙ୍କୁ ୫ ଲକ୍ଷ ଟଙ୍କା ଋଣ ଆକାରରେ ଯୋଗାଇ ଦିଆଯାଉଛି। ଏଥିସହ ଶିକ୍ଷାର ସୁବିଧା ପାଇଁ ୨୫୯ ଏକଲବ୍ୟ ସ୍କୁଲ ଓ ମଡେଲ ଆଇଟିଆଇ ଖୋଲାଯାଇଛି ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହ କହିଛନ୍ତି।

## ବିରୋଧୀଙ୍କୁ...

ଦିତ୍ୱୀୟ ସ୍ଥାନରେ ଥିଲା। ଆମ ସରକାର ଆସିବା ପରେ ଚାଷୀଙ୍କ ଆୟ ବୃଦ୍ଧି ହୋଇଛି। ବିରୋଧୀ ଦଳ ବିଧାନସଭାରେ ସବଳ ସ୍ୱାସ୍ଥ୍ୟମନ୍ତ୍ରୀ ଦୁର୍ବଳ ମୁଖ୍ୟମନ୍ତ୍ରୀ କହି ଡ୍ରାମା କରିବା ନିନ୍ଦନୀୟ। ଗୋଟିଏ ସମୟ ଥିଲା ତାଙ୍କ ସରକାର ସମୟରେ ଅଧିକାରୀମାନେ ନିଷ୍ପତ୍ତି ନେଉଥିଲେ। କିଛି ଘଟଣା ଘଟିଲେ ମନ୍ତ୍ରୀମାନଙ୍କୁ ବଳି ପକାଉଥିଲେ। ହେଲେ ପରୀ, ମମିତା ଓ ମହଙ୍ଗା ଡବଲ ମର୍ଡର ଘଟଣାରେ ତାଙ୍କ ନୈତିକତା ଚୂଲିକୁ ଯାଇଥିଲା। ଦିନଦ୍ୱିପ୍ରହରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଜଣେ ପୁଲିସ କର୍ମଚାରୀ ଗୁଳି କରି ହତ୍ୟା କରିଥିଲେ। ସେ ଘଟଣା କେବଳ ତଦନ୍ତ ମଧ୍ୟରେ ଅଟକିଗଲା। ସରକାର ନିର୍ବିକାର ରହିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏସସିବି ଦୁର୍ଘଟଣାରେ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି। ତଦନ୍ତ ଜାରି ରହିଛି, ଆଗାମୀ ଦିନରେ ମଧ୍ୟ କଠୋର କାର୍ଯ୍ୟାନୁଷ୍ଠାନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ ସରକାରରେ ତାଙ୍କ ମୁଖ୍ୟମନ୍ତ୍ରୀ ନା ଜଣେ ବିଶେଷବାବୁ ସବଳ ଥିଲେ, ତା' ସମସ୍ତେ ଜାଣିଛନ୍ତି। ବିଶେଷବାବୁ ସେତେବେଳେ ଅଧିକ ସବଳ ଥିଲେ ବୋଲି ଲୋକେ ଜାଣିପାରି ତା'ର ଜବାବ ଦେଲେ। ସେତେବେଳେ ସେହି ବିଶେଷବାବୁ ମୁଖ୍ୟମନ୍ତ୍ରୀଙ୍କୁ ଚଳାଉଥିଲେ। ଏବେ ମଧ୍ୟ ସେହି ବିଶେଷ ସବଳ ବାବୁଙ୍କ ଦ୍ୱାରା ସେମାନେ ପରିଚାଳିତ ହେଉଛନ୍ତି ବୋଲି ମୁଁ ଶୁଣିବାକୁ ପାଇଛି। ସେ ପୁଣି ଦିଲ୍ଲୀ, ବମ୍ବେ ଓ ଟୋକିଓରୁ ପରିଚାଳନା କରୁଛନ୍ତି ବୋଲି ଜଣାପଡ଼ିଛି।

ଦୁର୍ବଳ ମୁଖ୍ୟମନ୍ତ୍ରୀ କହି ଅଟ୍ଟହାସ୍ୟ କରିବା କେତେଦୂର ଯୁକ୍ତିଯୁକ୍ତ? ରାଜ୍ୟରେ ୪୦ ପ୍ରତିଶତ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକ ଅଛନ୍ତି। ପଛୁଆ ବର୍ଗଙ୍କ ସଂଖ୍ୟା ୫୪ ପ୍ରତିଶତ। ରାଜ୍ୟରେ ସେହି ଆଦିବାସୀ ବର୍ଗରୁ ପ୍ରତିନିଧିତ୍ୱ କରୁଥିବା ମୁଖ୍ୟମନ୍ତ୍ରୀଙ୍କୁ ଦୁର୍ବଳ କହିବା ଦ୍ୱାରା ବିରୋଧୀ ସେହି ବର୍ଗର ସବୁ ଲୋକଙ୍କୁ ଅଟ୍ଟହାସ୍ୟ କରିବା ସହ ସମାନ। ବିରୋଧୀ ଦଳ ଅନୁସୂଚିତ ଜାତି ଓ ଜନଜାତିଙ୍କ ସହ ପଛୁଆ ବର୍ଗ ଓ ସାରା ରାଜ୍ୟର ସାଢ଼େ ଚାରି କୋଟି ଲୋକଙ୍କୁ ଉପହାସ କରିଛନ୍ତି। ଓଡ଼ିଶାବାସୀ ବିରୋଧୀଙ୍କ ଏହି ବ୍ୟବହାର ଦେଖୁଛନ୍ତି, ଆଗାମୀ ଦିନରେ ଯେତେବେଳେ ବି ସୁଯୋଗ ମିଳିବ, ରାଜ୍ୟବାସୀ ନିଶ୍ଚିତ ଭାବେ ତା'ର ଉତ୍ତର ଦେବେ। ରାଜ୍ୟବାସୀ ବିଧାନସଭା ଭିତରେ ଓ ବାହାରେ କ'ଣ ହେଉଛି, ସେ ବିଷୟରେ ଅଜଣା ନାହାନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଉଭୟ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ଦୁଇ ଭାଇ ପରି ଏବେ ସରକାରକୁ ବିରୋଧ କରୁଛନ୍ତି। ବିଜେଡି ଓ କଂଗ୍ରେସ ଦୁଇ ଭାଇ ଲୋୟର ପିଏମଜିରେ ବି ଏକାଠି ଶକ୍ତି ପ୍ରଦର୍ଶନ କରିଛନ୍ତି। ଦୁଇ ଭାଇ ଏକାଠି ହେବା ଗଣତନ୍ତ୍ର ପାଇଁ ଶୁଭ ସୂଚନା। ହେଲେ ଏକାଠି ହେବା ପୂର୍ବରୁ ନିଜ ବିଧାୟକ ବିଧାୟିକାଙ୍କୁ ବିଶ୍ୱାସକୁ ନେଇଥିଲେ ସେମାନେ ଦଳଠୁ ଦୂରେଇ ନଥାନ୍ତେ। ଦୁଇ ଦଳ ମିଶି ଗଲେ। କିନ୍ତୁ ୧୧ ଜଣ ବିଧାୟକଙ୍କ ବିଶ୍ୱାସ ଜିତିପାରିଲେ ନାହିଁ ବୋଲି କହି ମୁଖ୍ୟମନ୍ତ୍ରୀ କଟାକ୍ଷ କରିଛନ୍ତି।

୨୦୨୬-୨୭ ଆର୍ଥିକ ବର୍ଷର ବଜେଟ୍ ଓଡ଼ିଶାକୁ ଆଗାମୀ ଦିନରେ ସମୃଦ୍ଧ, ସଶକ୍ତ ଏବଂ ସମାବେଶୀ କରିବାର ଲକ୍ଷ୍ୟରେ ପ୍ରସ୍ତୁତ କରାଯାଇଛି। ଏଥିପାଇଁ ଭିତ୍ତିଭୂମି ବିକାଶ, ନଗର ଉନ୍ନୟନ, କୃଷି ଓ ଜଳସେଚନ, ପୁଞ୍ଜି ନିବେଶ, ବନ୍ଦରଭିତ୍ତିକ ଉନ୍ନୟନ, ଶିଳ୍ପାୟନ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ କ୍ରୀଡ଼ା ଭଳି କ୍ଷେତ୍ରଗୁଡ଼ିକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ ଆମେରିକୀୟ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାରର ଅର୍ଥନୀତିରେ ପରିଣତ କରିବାର ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର। ଏଥିସହ ଭାରତର ଭିଜନ୍ ସହ ତାଳ ମିଳାଇ ରାଜ୍ୟ ସରକାର ୨୦୪୭ ସୁଦ୍ଧା ମୁଣ୍ଡପିଛା ଆୟକୁ ୧.୮ ଲକ୍ଷ ଟଙ୍କାରୁ ୩୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ଜୀବନଧାରଣର ମାନରେ ଉନ୍ନତି ଆଣିବା, ବହୁମୁଖୀ ଦାରିଦ୍ର୍ୟକୁ ୫ ପ୍ରତିଶତକୁ ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି ସେ କହିଛନ୍ତି।

୨୦୨୬-୨୭ ବଜେଟ୍‌ରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୪୨,୪୯୨ କୋଟି ଟଙ୍କାର ଏକ ବିଶାଳ ପୁଞ୍ଜି ଆବଣ୍ଟନ କରାଯାଇଛି, ଯାହା ଗତବର୍ଷ ତୁଳନାରେ ୧୨.୩ ପ୍ରତିଶତ ଅଧିକ। 'ସମୃଦ୍ଧ କୃଷକ' ଯୋଜନା ମାଧ୍ୟମରେ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କ୍ରୟ ପାଇଁ ୬ହଜାର ୮୮ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଚାଷୀଙ୍କୁ ଉପଯୁକ୍ତ ପ୍ରାପ୍ୟ ଠିକ୍ ସମୟରେ ପହଞ୍ଚାଇବା ପାଇଁ ଆବର୍ତ୍ତନ ପାଣ୍ଠିକୁ ୫୦୦୦ କୋଟି ଟଙ୍କାକୁ ବୃଦ୍ଧି କରାଯିବା ଏକ ଯୁଗାନ୍ତକାରୀ ନିଷ୍ପତ୍ତି ନିଆଯାଇଛି। ଏଥିସହିତ, ଆଗାମୀ ୩ ବର୍ଷ ମଧ୍ୟରେ ୧୧ ଲକ୍ଷ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଆଧୁନିକ ଗୋଦାମ ନିର୍ମାଣ କରି ରାଜ୍ୟର କୃଷି ଭିତ୍ତିଭୂମିକୁ ଏକ ନୂତନ ଶିଖରକୁ ନେବା ପାଇଁ ଏହି ବଜେଟ୍ ପଥ ପ୍ରଦର୍ଶନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ରାଜ୍ୟ ରାଜପଥ...

(ଓଏସବିସିଏଲ)ର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିଭଳି ୨୦୦୭ ବ୍ୟାଚ ଆଇଏଏସ ତଥା ପର୍ଯ୍ୟଟନ ସଚିବ ବଲବନ୍ତ ସିଂଙ୍କୁ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ସେ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ପରିଚାଳନା ନିର୍ଦ୍ଦେଶକ ଥିଲେ। ବଲବନ୍ତଙ୍କ ରାଜ୍ୟ ରାଜପଥ ପ୍ରାଧିକରଣର ଅଧ୍ୟକ୍ଷ ଦାୟିତ୍ୱ ପରେ ଗତ ଫେବ୍ରୁଆରୀ ୫ ତାରିଖର ନିର୍ଦ୍ଦେଶନାମାକୁ ରଦ୍ଦ କରାଯାଇଛି।

## ବିଜୁଙ୍କୁ ଅସମ୍ମାନ...

ଯେ ବିଜୁବାବୁଙ୍କ ପ୍ରତି ଅସମ୍ମାନଜନକ ମନ୍ତବ୍ୟ ଓଡ଼ିଆ ଜାତିର ଅଭିମାନ ଓ ସ୍ୱାଭିମାନ ପ୍ରତି କୁଠାରାଘାତ। କାରଣ ବିଜୁ ପଟ୍ଟନାୟକ ଥିଲେ ଓଡ଼ିଆ ଅଭିମାନ ଓ ସ୍ୱାଭିମାନର ପ୍ରତୀକ। ଓଡ଼ିଆଙ୍କ ସ୍ୱାଭିମାନ କଥା କହୁଥିବା ଜାତି ବିଜୁବାବୁଙ୍କ ପ୍ରତି ହୋଇଥିବା ଅସମ୍ମାନରେ ନିରବଦ୍ରଷ୍ଟା ହୋଇ ରହିପାରିବ ନାହିଁ ବୋଲି ସେ କହିଥିଲେ। ଏଥିସହ ବିଜୁ ପଟ୍ଟନାୟକ ଓଡ଼ିଶା ବିଧାନସଭାକୁ ଅର୍ଦ୍ଧଶତାବ୍ଦୀ ଧରି ପ୍ରତିନିଧିତ୍ୱ କରୁଥିଲେ। ତେଣୁ ତାଙ୍କ ପ୍ରତି ଅପମାନକୁ ଏ ଗୃହ ମଧ୍ୟ ସହ୍ୟ କରିବା ଅନୁଚିତ। ତେଣୁ ବିଜେଡି ଓ କଂଗ୍ରେସ ପକ୍ଷରୁ ମିଳିତ ଭାବେ ଦିଆଯାଇଥିବା ନୋଟିସକୁ ଗ୍ରହଣ କରି ଓଡ଼ିଶା ବିଧାନସଭାରେ ଶ୍ରୀ ଦୁବେଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ ଅଣାଯାଉ ବୋଲି ଶ୍ରୀ ଆଚାର୍ଯ୍ୟ ଦାବି କରିଥିଲେ।

ସେହିଭଳି ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଓ ବରିଷ୍ଠ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ମଧ୍ୟ କଡ଼ା ଭାଷାରେ ନିନ୍ଦା କରିଥିଲେ। ଶ୍ରୀ ସ୍ୱାଇଁ କହିଥିଲେ ଯେ ଶ୍ରୀ ଦୁବେ ଦେଇଥିବା ମନ୍ତବ୍ୟ ଏକ କୁତ୍ସିତ ମାନସିକତା। ଦୁବେଙ୍କୁ ଏଭଳି ମନ୍ତବ୍ୟ ଦେବା ପାଇଁ ବିଜେପି ପକ୍ଷରୁ ନିୟୋଜିତ କରାଯାଇଛି ବୋଲି ଧରିନିଆଯିବ, ଯେପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଗୃହରେ ମନ୍ତବ୍ୟକୁ ଅଗ୍ରାହ୍ୟ ନ କରିଛନ୍ତି। ସେହିଭଳି ଶ୍ରୀମତୀ ମଲ୍ଲିକ କହିଥିଲେ ଯେ ବିଜୁବାବୁଙ୍କୁ ଛାଡ଼ି ଓଡ଼ିଆ ଅସ୍ମିତା ପରିକଳ୍ପନା କରାଯାଇ ନ ପାରେ। ଜଣେ ଝାଡ଼ଖଣ୍ଡ ନେତା ବିଜୁ ପଟ୍ଟନାୟକଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଲେ, ଅଥଚ ବିଜେପିର ୨୦ ଜଣ ସାଂସଦ କାହିଁକି ଚୁପ ବସିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ମହାପୁରୁଷଙ୍କୁ ଅପମାନ କରିବାକୁ ବିଜେପି ଷଡ଼ଯନ୍ତ୍ର କରିଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ବିଜେପି ବିଧାୟକ ସରୋଜ କୁମାର ପାଢ଼ୀ କହିଥିଲେ ଯେ ବିଜୁ ବାବୁ ଆମ ଗର୍ବ ଓ ଗୌରବ, ଏଥିରେ ଦ୍ୱିମତ ନାହିଁ। ହେଲେ ଗତ ନିର୍ବାଚନରେ ବିଜେଡି ପୋଷ୍ଟରରେ ବିଜୁବାବୁଙ୍କ ଫଟୋ ଦେଖିବାକୁ ମିଳିଲା ନାହିଁ। ତାଙ୍କ ନାଁରେ ଦଳ କରି ୨୪ ବର୍ଷ ଶାସନ କଲେ। ଏବେ ବିଜୁବାବୁଙ୍କ ନାଁରେ ଦିଲ୍ଲୀରେ ଟ୍ରଷ୍ଟ ହୋଇଛି। ଟ୍ରଷ୍ଟକୁ ନେଇ ତାଙ୍କ ଦଳରେ ଦ୍ୱିମତ ରହିଛି। ଭବ୍ୟ ଶଙ୍ଖ ଭାବନ ତିଆରି କରିଛନ୍ତି, ହେଲେ ବିଜୁ ଭବନ ତିଆରି କରିପାରିଲେ ନାହିଁ। ଖାଲି କଥାରେ ସେମାନଙ୍କ ସମ୍ମାନ କରୁଛି ବିଜେଡି।

ଏହି ପ୍ରସଙ୍ଗରେ ଆଇନ ମନ୍ତ୍ରୀ ଗୃହ ବାହାରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ ସଂସଦ ବାହାରେ ସାଂସଦ ଶ୍ରୀ ଦୁବେ ଯେଉଁ ନକାରାତ୍ମକ ଟିପ୍ପଣୀ ଦେଇଛନ୍ତି ତାହା ସରକାରଙ୍କ ନଜରକୁ ଆସିଛି। ଶ୍ରୀ ଦୁବେଙ୍କ ମନ୍ତବ୍ୟ ତାଙ୍କ ବ୍ୟକ୍ତିଗତ ମତ, ଏଭଳି ଏକ ମନ୍ତବ୍ୟ ଅପରିମାଣଦର୍ଶୀ ମନ୍ତବ୍ୟ ହୋଇଥିବାରୁ ଏହା କୌଣସି ମତେ ଗ୍ରହଣୀୟ ନୁହେଁ। ଏହି ମନ୍ତବ୍ୟ ମୁଖ୍ୟମନ୍ତ୍ରୀଙ୍କଠୁ ନେଇ ଆମ ସମସ୍ତଙ୍କୁ ଗଭୀର ଭାବେ ବ୍ୟଥିତ କରିଛି। ଏପରି ମନ୍ତବ୍ୟ ଓ ପ୍ରତି ମନ୍ତବ୍ୟ ଆଉ ଯେପରି କେହି ନଦେବେ, ସେଥିପାଇଁ ଆମେ ନିବେଦନ କରୁଛୁ। ଏହାକୁ ନେଇ କୌଣସି ରାଜନୀତି କରିବା ବିଜୁଙ୍କ ସମ୍ମାନ ପ୍ରତି ଆଘାତ ଦେବ ବୋଲି ସେ କହିଛନ୍ତି।

## କେବିଏନ୍...

ଡିସିପି ଜଗମୋହନ ମୀନା। ପୂର୍ବରୁ ଖଟି ଓ ଆଡ୍ଡାସ୍ଥଳୀରେ ବ୍ୟାପକ ଚଢ଼ାଉ ହେଉଥିବା ବେଳେ ଏବେ ଏହାର ପୁନରାବୃତ୍ତି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରଶ୍ମିର ସିଡିଆର ଯାଞ୍ଚ୍ ସମୟରେ କିଛି କୁଜି ନେତାଙ୍କ ସମ୍ପୃକ୍ତି ମଧ୍ୟ ସାମ୍ନାକୁ ଆସିଛି। ଅପରେସନ 'କ୍ଲିନ ସୁଇପ' ନାଁରେ ସହରରୁ ଅସାମାଜିକଙ୍କ ପ୍ରାଦୁର୍ଭାବ ରୋକିବା ସହ ଫେରାର ହୋଇଥିବା ଅପରାଧୀମାନଙ୍କ ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସହରର ଯୁବକଯୁବତୀଙ୍କୁ ନିଶା କାରବାରରେ ଲିପ୍ତ କରାଇବା ଘଟଣାରେ କିଛି ଯୁବକଙ୍କ ସମ୍ପୃକ୍ତି ଥିବା ପୁଲିସ ଜାଣିବାକୁ ପାଇଛି। ଗୋ-ମାଫିଆଙ୍କୁ ସୁରକ୍ଷା ସହ ସରକାରୀ ଜମି ଜବରଦଖଲରେ ଏମାନଙ୍କ ସମ୍ପୃକ୍ତିକୁ ନେଇ ଚାଲିଛି ଖୋଳତାଡ଼। ଏଭଳି ଅପରେସନ ପରେ କିଛି ପେସାଦାରଙ୍କ ଘର ଆଗରେ ମଧ୍ୟ ପଇଁତରା ମାରିବା ଆରମ୍ଭ କରିଛି ପୁଲିସ। କମିଶନରେଟ ପୁଲିସ ଓ ଭୁବନେଶ୍ୱର ଡିସିପିଙ୍କ ଏଭଳି ଆଭିମୁଖ୍ୟ ପରେ ଅପରାଧୀଙ୍କ ମନରେ ଛନକା ପଶିଛି।

## ପୋଷଣ...

ଦେଇଥିଲେ। ରାଜ୍ୟ ସରକାର ପୋଷଣ ଅଭିଯାନରେ ୨.୧୯ କୋଟି ହିତାଧିକାରୀ (ଶିଶୁ, ଗର୍ଭବତୀ ଓ ପ୍ରସୂତି)ଙ୍କୁ ସମ୍ପୂର୍ଣ୍ଣ ସେବା ଯୋଗାଇ ଦିଆଯାଇଛି ବୋଲି ଦାବି କରୁଥିଲେ ମଧ୍ୟ ସେଥିପାଇଁ ନିୟମ ଅନୁମୋଦିତ ଖର୍ଚ୍ଚ ୫୪୩୦.୬୬ କୋଟି ଟଙ୍କା ତୁଳନାରେ ୪୭୬୭.୧୨ କୋଟି ଖର୍ଚ୍ଚ କରିଛନ୍ତି। ଯାହାକି ସିଧାସଳଖ ଏହି ଯୋଜନାରେ ଦିଆଯାଉଥିବା ଖାଦ୍ୟର ମାନ ଓ ପରିମାଣ ସହ ସାଲିସ୍ କରାଯାଇଥିବାକୁ ପ୍ରମାଣିତ କରିଛି। ନମୁନା ଯାଞ୍ଚ କରାଯାଇଥିବା ୬ଟି ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ୧.୯୮ ଲକ୍ଷ ହିତାଧିକାରୀ କୌଣସି ପୋଷଣ ସହାୟତା ପାଇନଥିବା ଜଣାପଡ଼ିଛି।

ସେହିପରି ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଖାଦ୍ୟ ଯୋଗାଣ କ୍ଷେତ୍ରରେ ପରିବହନ ଏଜେଣ୍ଟ ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଚାଉଳ ଓ ଗହମ ଯୋଗାଣରେ ବଡ଼ ଧରଣର ହରିଲୁଟ୍ ହୋଇଥିବା ଅଡିଟରୁ ଜଣାପଡ଼ିଛି। ସିଏଜି ଅଡିଟବେଳେ ଜଣାପଡ଼ିଥିଲା ଯେ, ୫୦ କେଜି ଓଜନର ଚାଉଳ ବସ୍ତାଗୁଡ଼ିକରେ ୧୬.୫ କେଜି ପର୍ଯ୍ୟନ୍ତ ଚାଉଳ କମ୍ ରହିଥିଲା। ଓଜନରେ ଏଭଳି ହରିଲୁଟ୍ ଯୋଗୁ ପ୍ରାୟ ୨୦.୮୫ କୋଟି ଟଙ୍କାର ଚାଉଳ ଲୁଟି ନେଇଥିବା କୁହାଯାଇଛି। ଝାରସୁଗୁଡ଼ା ଜିଲ୍ଲାରେ ଗାଇଡଲାଇନ୍ ଉଲ୍ଲଂଘନ କରି 'ସୂର୍ଯ୍ୟମୁଖୀ' କିମ୍ବା ରିଫାଇନ୍ ତେଲ ବଦଳରେ ପାମ୍ ଅଏଲ୍ ବ୍ୟବହାର କରାଯାଇଥିଲା। ସେହିଭଳି ଅତ୍ୟନ୍ତ ଉଦବେଗଜନକ ଭାବେ ବରମାଲ ଅଙ୍ଗନୱାଡି କେନ୍ଦ୍ରରେ ଗରମ ରନ୍ଧା ଖାଦ୍ୟ ରାନ୍ଧିବା ପାଇଁ କାଦୁଅ ପ୍ରଦୂଷିତ ପାଣି ବ୍ୟବହାର କରାଯାଉଥିବା ସିଏଜି କହିଛନ୍ତି।

କୋଭିଡ୍ ସମୟରେ ସ୍କୁଲ ବନ୍ଦ ଥିବା ବେଳେ ପିଲାଙ୍କୁ ମିଳିବାକୁ ଥିବା ୨୦୪୭ କ୍ୱିଣ୍ଟାଲରୁ ଅଧିକ ଶୁଖିଲା ଚାଉଳ ଓ ୧.୩୪ କୋଟି ଟଙ୍କାର ରନ୍ଧନ ଖର୍ଚ୍ଚ ମଧ୍ୟ ବଣ୍ଟା ଯାଇନଥିଲା। ଗଞ୍ଜାମ ଜିଲ୍ଲାରେ ବିନା କୌଣସି ଚୁକ୍ତିରେ କେତେକ ଏଜେଣ୍ଟ ୪ ବର୍ଷରୁ ଅଧିକ ସମୟ ଧରି ଖାଦ୍ୟ ଯୋଗାଉଥିବା ବେଳେ ମୋଟ ନାମ ଲେଖାଇଥିବା ୨.୨୯ କୋଟି ଛାତ୍ରଙ୍କ ମଧ୍ୟରୁ ମାତ୍ର ୪୩ ପ୍ରତିଶତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଅନେକ ସ୍କୁଲରେ ରୋଷେଇ ଘର, ଶୌଚାଳୟ ଓ ପାନୀୟ ଜଳ ଭଳି ସର୍ବନିମ୍ନ ସୁବିଧା ନ ଥିବା ବେଳେ ପିଲାମାନେ ଅପରିଷ୍କାର ପରିବେଶରେ ଖାଦ୍ୟ ଗ୍ରହଣ କରୁଥିଲେ।

## ମାଲିସ ନାଁରେ ଦେହ ବ୍ୟବସାୟ




ସୁନ୍ଦରଗଡ଼,୩୧।୩ (ସଂଚାର ବ୍ୟୁରୋ): ବଡ଼ ବଡ଼ ସହର ମାନଙ୍କରେ ଆଜିକାଲି ଅତି ସହଜରେ ବିଭିନ୍ନ ଅସାମାଜିକ ଓ ଘୃଣ୍ୟ କାମ ଆମେ ପ୍ରତିଦିନ ଗଣମାଧ୍ୟମରେ ଦେଖୁଛୁ, କିନ୍ତୁ ଶାନ୍ତି ଓ ଭାଇଚାରାର ସହର ଭାବେ ସୁନ୍ଦରଗଡ଼କୁ ସମସ୍ତେ ଜାଣନ୍ତି, ଏଠି ଏବେ ମାଲିସ ନାମରେ ଦେହ ବେପାର ଚାଲୁଛି ଏ କଥା ଆପଣ ଶୁଣିକି ବିଶ୍ୱାସ ଭି କରିବେ ନାହିଁ, କିଛି ଦିନ ହେବ ସୁନ୍ଦରଗଡ଼ ସହରର ବିଜୟା ଟକିଜ ରୋଡ଼ରେ ଦୁଇଟି ମସାଜ ସେଣ୍ଟର ଖୋଲିଛି। ଏଠି ରାଜ୍ୟ ବାହାରର କିଛି ଯୁବତୀ ନିଯୁକ୍ତ ହୋଇଛନ୍ତି। ଯୋଉମାନେ ଦୁଇ ହଜାରରୁ ପାଞ୍ଚ ହଜାର ପର୍ଯ୍ୟନ୍ତ ଗ୍ରାହକଙ୍କ ଠାରୁ ଟଙ୍କା ନେଇ ମସାଜ ନାମରେ ଦେହ ବେପାର ଭଳି ଘୃଣ୍ୟ କାମ ଖୁଲମଖୁଲା ଆରମ୍ଭ କରିଦେଇଛନ୍ତି। ଏଭଳି ସେଣ୍ଟର ପ୍ରଥମଥର ପାଇଁ ସୁନ୍ଦରଗଡ଼ରେ ଆରମ୍ଭ ହୋଇଛି। ଜଣେ ଗ୍ରାହକ ଆମକୁ ସୂଚନା ଦେଇଛନ୍ତି ତିନି ହଜାର ପାଞ୍ଚ ଶହ ଟଙ୍କା ନେଇ ସେଣ୍ଟରର ଜଣେ ଯୁବତୀ ମାଲିସ କରିବା ସହ ଗ୍ରାହକ ଭାବେ ତାଙ୍କର ସମସ୍ତ ଇଚ୍ଛା ପୂରଣ କଲେ। ଯଦି ଏହି ସେଣ୍ଟର ଗୁଡିକ ବନ୍ଦ କରାନଯାଏ ତେବେ ଯୁବ ସମାଜ ଖରାପ ଦିଗ ଆଡକୁ ପ୍ରଭାବିତ ହେବେ।

## ସ୍ୱାମୀର ନ୍ୟାୟ ଭିକ୍ଷା କଲେ ସ୍ତ୍ରୀ



ଢେଙ୍କାନାଳ,୩୧।୩ (ସଂଚାର ବ୍ୟୁରୋ): ଏହି ଭଳି ଘଟଣାଟି ଘଟିଛି ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ସୋଗର ପଶି ଗ୍ରାମରେ। ଆଜିକୁ ୧୦ ଦିନ ବିତି ଯାଇଥିଲା ପରେବି ସ୍ୱାମୀଙ୍କୁ ମାଡ଼ମାରିଥିବା ଯୁବକ ବିରୁଦ୍ଧରେ କୌଣସି କାର୍ଯ୍ୟନୁଷ୍ଠାନ ସଦର ଥାନା ପୋଲିସ୍ ନ ନେବାରୁ ଆଜି ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଗୁହାରି କଲେ ସ୍ତ୍ରୀ ଜ୍ୟୋସ୍ନା ବେହେରା । ସୂଚନା ଅନୁଯାୟୀ ଗତ ୨୦।୩।୨୬ ତାରିଖ ଦିନ ବିପିନି ବେହେରା ନିଜ ଗାଁ ନିକଟରେ ଥିବା ବ୍ରାହ୍ମଣୀ ଦେବୀ ମନ୍ଦିର ପ୍ରାଗଣାର ଚାଲିଥିବା ଯାତ୍ରା ଦେଖିବା ପାଇଁ ଯାଉଥିବା ସମୟରେ ସେହି ଗ୍ରାମର ଥିବା ବିକ୍ରମ ନାମକ ଯୁବକ ଏକ ମାରଣାସ୍ତ୍ର ସାହାଯ୍ୟରେ ବିପିନିଙ୍କ ମୁଣ୍ଡକୁ ପିଟି ଆଘାତ କରିଥିଲେ । ବିପିନି କିଛି ବୁଝିବା ପୂର୍ବରୁ ଘଟଣା ସ୍ଥଳରୁ ସେହି ଜୁବକ ଜଣଙ୍କ ପଳାଇ ଯାଇଥିଲା। ପରେ ଗ୍ରାମବାସ ଓ ତାଙ୍କ ସ୍ତ୍ରୀ ଙ୍କ ସାହଯ୍ୟରେ ନିକଟରେ ଥିବା ବେଲଟି ଗିରି ଚିକିତ୍ସାଳୟକୁ ନେଇ ଯାଇଥିଲେ। ସେଠାରେ କିନ୍ତୁ ତାଙ୍କ ଦେହ ଅଧିକ ଅସୁସ୍ଥ ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏ ସଂକ୍ରାନ୍ତରେ ସଦର ଥାନାରେ ଏକ କେସ୍ ରୁଜୁ ହୋଇଥିଲେ ମଧ୍ୟ ଘଟଣାଟି ୧୦ ଦିନ ବିତିଯାଇଥିଲା ପରେ ବି ସଦର ଥାନା ପୋଲିସର ହାତ ଖାଲି । ତେଣୁ ସଦର ଥାନା ପକ୍ଷରୁ କୌଣସି ସୁଫଳ ନ ମିଳିବାରୁ ସ୍ୱାମୀର ନ୍ୟାୟ ଭିକ୍ଷା ପାଇଁ ଜିଲ୍ଲା ଆରକ୍ଷୀ ଅଧ୍ୟକ୍ଷକ ନିକଟରେ ଅଭିଯୋଗ କଲେ ସ୍ତ୍ରୀ ଜ୍ୟୋସ୍ନା ବେହେରା । ବାକି ଦେଖିବାକୁ ରହିଲା ମାଡ଼ ଖାଇ ଲହୁ ଲୁହାଣ ହୋଇଥିବା ବିପିନି ବେହେରାଙ୍କୁ କେବେ ପୁଲିସ ଦେଉଛି ନ୍ୟାୟ ।

### ପାଟଣା ଛକରେ ଛିନତାଇ ଘଟଣା

## ୩ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ କଟକ ସ୍ଥାନାନ୍ତରିତ

ନୀଳଗିରି,୩୧।୩ (ସଂଚାର ବ୍ୟୁରୋ): ଛିନତାଇ ଘଟଣାରେ ଧରା ପଡିଥିବା ୩ ଦୁର୍ବୃତ୍ତଙ୍କ ମଧ୍ୟରୁ ଦୁଇ ଜଣ ଥାନାରେ ଅଟକ ଥିବାବେଳେ ଜଣେ ଗୁରୁତର ହେବାରୁ କଟକ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଛି ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ମିତ୍ରପୁର-ଅଯୋଧ୍ୟା ରାସ୍ତା ପାଟଣା ଛକରେ ସୋମବାର ରାତି ପ୍ରାୟ ୮.୪୫ ମିନିଟ ସମୟରେ ଲୁଟ୍‌ର ଶିକାର ହୋଇଥିଲେ ବଣିଆଗାଁ ଗ୍ରାମର କାଣା ଓରଫ ଅଜୟ ସିଂ (୨୭)। ସେ ଚାଲିଚାଲି ଯାଉଥିବା ବେଳେ ଜାମ୍ବଣୀ ପଟରୁ ଦ୍ରୁତ ବେଗରେ ଏକ ହିରୋ ବାଇକ୍‌ରେ ୩ ଲୁଟେରା ଆସି ଅଜୟ ବେକରେ କଟୁରୀ ଲଗାଇ ଭୟଭୀତ କରିବା ସହ ତାଙ୍କ ପକେଟରୁ ମୋବାଇଲ୍ ଛଡାଇ ନେଇ ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ଅଜୟ ଉକ୍ତ ଦୁର୍ବୃତ୍ତଙ୍କୁ ଗାଡି ସହ ଠେଲି ଦେଇଥିଲେ। ଏହି ସମୟରେ ସେ ପାଟି କରିବାରୁ ଗ୍ରାମର ଯୁବକମାନେ ପହଞ୍ଚି ୨ ଦୁର୍ବୃତ୍ତକୁ କାବୁ କରିଥିଲେ। ପରେ ଫେରାର ହୋଇଥିବା ଅନ୍ୟ ଜଣେ ଦୁର୍ବୃତ୍ତକୁ ସିଙ୍ଗିରି ଗ୍ରାମବାସୀ ଅଟକ ରଖିଥିବା ବେଳେ ଉତ୍ତ୍ୟକ୍ତ ଜନତା ତାଙ୍କ ବାଇକକୁ ପୋଡିଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରିଥିଲା। ଦୁର୍ବୃତ୍ତ ମାନେ ହେଲେ ରେମୁଣା ଥାନା ଅଧିନ ମନ୍ଦାରପୁର ଗ୍ରାମର ବାପୁନ ଓରଫ ସତ୍ୟବାନ ଦାସ,ଗନିପୁର ଗ୍ରାମର ତସୀମ ଏବଂ ଖିରଚୋରା ମନ୍ଦିର ଛକର ବୁଆର ଘର ବୋଲି ଜଣାପଡ଼ିଛି। ଉକ୍ତ ୩ ଦୁର୍ବୃତ୍ତଙ୍କୁ ପୋଲିସ ନୀଳଗିରି ମେଡିକାଲ ରେ ଚିକିତ୍ସା କରାଇବା ପରେ ନୀଳଗିରି ଥାନାରେ ଅଟକ ରଖି ପଚରା ଉଚରା କରୁଥିବା ବେଳେ ସତ୍ୟବାନଙ୍କ ଅବସ୍ଥା ଉଦବେଗଜନକ ଥିବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ପୋଲିସ ସୂଚନା ଦେଇଛି। ଅନ୍ୟପକ୍ଷରେ ମୋବାଇଲ ହଜିବାକୁ ନେଇ ଆଜି ସନ୍ଧ୍ୟାରେ ଅଜୟ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ ଅଜୟଙ୍କୁ ପଚରାଉଚରା କରୁଛନ୍ତି। ତେବେ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଉକ୍ତ ରାସ୍ତାରେ ସନ୍ଧ୍ୟାହେଲେ ଜନସାଧାରଣ ଯିବାକୁ ଡ଼ରୁଥିବା ବେଳେ ପୋଲିସ ପେଟ୍ରୋଲିଂ ପାଇଁ ଅଂଚଳବାସୀଙ୍କ ପକ୍ଷରୁ ଦାବୀ ହୋଇଛି।

### ଛୁଟି ଦିନରେ ରାସ୍ତା ମରାମତି

# ଯନ୍ତ୍ରୀ ଅନୁପସ୍ଥିତ, 'ର'-'ଠ'ରେ କାମ ଶେଷ



ନାଉଗାଁ,୩୧।୩ (ସଂଚାର ବ୍ୟୁରୋ): ଗ୍ରାମ୍ୟ ଉନ୍ନୟନ ବିଭାଗ ଜଗତସିଂହପୁର ବିଭାଜନ ପକ୍ଷରୁ ନାଉଗାଁ ବ୍ଲକ୍‌ରେ ଉନ୍ନତୀକରଣ ରାସ୍ତାରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। କେଉଁଠି ରାସ୍ତା ଉନ୍ନତିକରଣର ବର୍ଷ ପରେ ବର୍ଷ ବିତିଯାଇଥିଲେ ବି ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ ତ ଆଉ କେଉଁଠି ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହେବାର ବର୍ଷ କେଇଟାରେ ଅବସ୍ଥା ଶୋଚନୀୟ ହୋଇପଡୁଛି। ଏହା ଉପରେ ଠା'କୁ ଠା' ପଟି ପକାଇ ବିଭାଗ ନିଜ ଦାୟିତ୍ୱ ସାରିଦେଉଛି।

ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କାମ ସମୟରେ ସେଠାରେ ଯନ୍ତ୍ରୀ ଉପସ୍ଥିତ ରହୁନାହାନ୍ତି। ଏହାର ସୁଯୋଗ ନେଇ ଠିକାଦାରମାନେ ନିମ୍ନ ମାନର କାମ କରୁଛନ୍ତି। ଫଳରେ କାମ ସରିବା ପରେ ପରେ ରାସ୍ତାରୁ ପିଚୁ ଉଠି ଗୋଡ଼ି ଦେଖାଦେଲାଣି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଡେରିକି (ବାଲିଚନ୍ଦ୍ରପୁର) ଗ୍ରାମ ନିକଟରୁ ଭଟଣା ଗ୍ରାମ ଦେଇ ଓଷକଣା ଦେବୀ ନଦୀବନ୍ଧକୁ ସଂଯୋଗ କରୁଥିବା ରାସ୍ତାରେ।

ମିଳିଥିବା ସୂଚନାନୁଯାୟୀ, ବିଭାଗ ପକ୍ଷରୁ ପ୍ରାୟ ୧୫ ଦିନ ହେବ ଓଷକଣା ଦେବୀନଦୀ ବନ୍ଧରୁ ରାସ୍ତାର ପିଚୁ କାର୍ଯ୍ୟ ଆରମ୍ଭ ହୋଇଥିଲା। ରାସ୍ତା କାମ ନିମ୍ନମାନର ହେଉଥିବାରୁ ସ୍ଥାନୀୟ ଗ୍ରାମବାସୀ ଏହାକୁ ବିରୋଧ କରିବାରୁ କାମ ବନ୍ଦ ରହିଥିଲା। କିନ୍ତୁ ସମ୍ପୃକ୍ତ ଠିକାଦାର ଜଣଙ୍କ ଗତ ଶନିବାର ସରକାରୀ ଛୁଟି ଦିନରେ ଅବଶିଷ୍ଟ କାମ ସାରିଦେଇଛନ୍ତି। କାମଟି ସନ୍ଧ୍ୟା ସମୟରେ କରାଯାଇଥିବା ବେଳେ ଯନ୍ତ୍ରୀ ମଧ୍ୟ ଉପସ୍ଥିତ ନଥିଲେ। ତେବେ ରାସ୍ତାଟି ଏତେ ନିମ୍ନମାନର ହୋଇଛି ଯେ କାମକୁ ୪୮ ଘଣ୍ଟା ନ ପୂରୁଣୁ ପିଚୁରୁ ଗୋଡ଼ି ବାହାରି ରାସ୍ତାରେ ଗଡୁଥିବା ଦେଖିବାକୁ ମିଳିଛି। ଏହା ଦେଖି ସମ୍ପୃକ୍ତ ଠିକାଦାର ଜଣଙ୍କ ଉକ୍ତ ଗୋଡ଼ିକୁ ଝାଡୁରେ ସଫା କରିଦେଇଥିବା ଜଣାପଡ଼ିଛି। ଏହି ରାସ୍ତା ଉପରେ ଭଟଣା, ଡେରିକି (ବାଲିଚନ୍ଦ୍ରପୁର), ଓଷକଣା, ନୟାସିଙ୍ଗଡ଼ା, ପୂର୍ବ ଓଷକଣା, ପୁରୀ ଜିଲ୍ଲାର ଭଣ୍ଡିସାହି, ମୁତୁଣିଆ ଆଦି ଗ୍ରାମର ଶତାଧିକ ଲୋକ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ଅଥଚ ରାସ୍ତା ନିର୍ମାଣର ୨ ଦିନ ନ ପୂରୁଣୁ ରାସ୍ତାରୁ ପରସ୍ତ ପରସ୍ତ ଗୋଡ଼ି ଉଠି ଖାଲ ସୃଷ୍ଟି ହେଲାଣି। ଏନେଇ ଓଷକଣା ପଞ୍ଚାୟତ ସମିତି ସଭ୍ୟ ବୀରେନ୍ଦ୍ର ବିଶ୍ୱାଳ, ସାମାଜିକ କର୍ମୀ ଗଣେଶ ଚନ୍ଦ୍ର ମୁଦୁଲି ଅଭିଯୋଗ କରିଛନ୍ତି। ସେହିପରି ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ରମାକାନ୍ତ ମିଶ୍ରଙ୍କୁ ପଚାରିବାରୁ ଉକ୍ତ ରାସ୍ତା କାମ ପୁଣିଥରେ କରାଯିବ ବୋଲି କହିଛନ୍ତି। ତେବେ ଠିକାଦାରଙ୍କ ଏପରି ବେପରୁଆ କାମ ଓ ବିଭାଗୀୟ ଯନ୍ତ୍ରୀଙ୍କ ଦାୟିତ୍ୱହୀନତା ପାଇଁ ରାସ୍ତା ମରାମତି ବାବଦ ଅର୍ଥ କେବଳ ପାଣିରେ ପଡୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

### ପୁଲିସର ଥାର୍ଡ଼ ଡିଗ୍ରୀ ଓ କଙ୍ଗାରୁ କୋର୍ଟ ବିରୁଦ୍ଧରେ ରଣହୁଙ୍କାର

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଗଣସଂଗଠନ



ଯାଜପୁର,୩୧।୩ (ସଂଚାର ବ୍ୟୁରୋ): ଥାନା ଭିତରେ ପୁଲିସର ଥାର୍ଡ଼ ଡିଗ୍ରୀ ଓ କଙ୍ଗାରୁ କୋର୍ଟ ବିରୁଦ୍ଧରେ ଜିଲ୍ଲାର ବିଭିନ୍ନ ଗଣ ସଂଗଠନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଯାଜପୁର ସଦର ଥାନା ଆଇଆଇସି ଏବଂ ଅନ୍ୟ ପୁଲିସ ଅଧିକାରୀଙ୍କୁ ଚାକିରିରୁ ନିଲମ୍ବନ କରି କଙ୍ଗାରୁ କୋର୍ଟ କରିଥିବା ବ୍ୟକ୍ତିବିଶେଷଙ୍କୁ ଗିରଫ ଦାବି ଜୋର ଧରିଛି। କାରଣ ଅଭିଯୋଗ ପରେ ବି ସମ୍ପୃକ୍ତ ପୁଲିସ ଅଧିକାରୀ ଏବଂ ବ୍ୟକ୍ତି ବିଶେଷାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ । ଏହାର ପ୍ରତିବାଦରେ ଆଜି ବିଭିନ୍ନ ଗଣସଂଗଠନ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ । ଏପରିକି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ପ୍ରତିବାଦ ସଭା କରାଯାଇଥିଲା।

ଉଲ୍ଲେଖ ଯୋଗ୍ୟ ଯେ, ଯାଜପୁରସଦର ଥାନା ମହେଶ୍ୱରପୁର ଗାଁ ରେ ଦେବାଶିଷ ମଲ୍ଲିକ, ରାଜେନ୍ଦ୍ର ମହାରଣାଙ୍କୁ ବାନ୍ଧି ମାଡ଼ ମାରି କଙ୍ଗାରୁ କୋର୍ଟ କରିଥିଲେ। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଥିଲା। କିନ୍ତୁ ଯାଜପୁର ସଦର ପୁଲିସ ଅଭିଯୋଗକାରୀଙ୍କୁ ନ୍ୟାୟ ଦେବା ବଦଳରେ ଥାନାରେ ଦୁଇ ଅଟକ ରଖି ଥାର୍ଡ଼ ଡିଗ୍ରୀ ଦେଇ ନିର୍ଯାତନା ଦେବା ଘଟଣା ଆଜି ଏହାର ପ୍ରତିବାଦରେ ବିଭିନ୍ନ ଗଣସଂଗଠନ ନ୍ୟାୟ ଦେବାକୁ ଅଣ୍ଟା ଭିଡିଛନ୍ତି। ଯାହାଫଳରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପ୍ରତିବାଦର ସ୍ୱର ଉଠାଇଛନ୍ତି। ଯାହାକି ମାନବାଧିକାର କର୍ମୀ ବିଶ୍ୱନାଥ ପାତ୍ର, ବିଭ୍ରାନ୍ତ ବିଶ୍ୱଜିତ, ଦୁଷ୍ମନ୍ତ ଜେନା, ଲିଲୁ ଦାସ, ଅନିଲ ଜେନା,ଭୈରବ ପ୍ରସାଦ ବେହେରା, ତରଣୀ ସେନ ମଲ୍ଲିକ, ସସ୍ମିତା ଜେନା, ରଂଜିତ ଜାମୁଡା, ବିଦ୍ୟା ମୁଣ୍ଡା, ପ୍ରମୁଖଙ୍କ ଆହ୍ୱାନ କ୍ରମେ ମୂଳ ନିବାସୀ ଯୁବ ଛାତ୍ର ସାମ୍ମୁଖ୍ୟ, ଆମ୍ବେଦକର ଫାଉଣ୍ଡେସନ, ଭୀମ ଆର୍ମି, ସାନ୍ତାଳ ସମାଜ, ବରୀ ବିକାଶ ପରିଷଦ ସହ ପନ୍ଦର ଟି ଗଣ ସଂଗଠନ ଏହି ପ୍ରତିବାଦରେ ସାମିଲ ହୋଇଥିଲେ ।

ଆନ୍ଦୋଳନକାରୀ ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବିପତ୍ର ଉପଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରିଥିଲେ । ଉପଜିଲ୍ଲାପାଳ ଉକ୍ତ ଘଟଣାକୁ ଗମ୍ଭୀରତାର ସହ ଗ୍ରହଣ କରି ଯାଜପୁର ସଦର ଏସଡିପିଓ ଏବଂ ଯାଜପୁର ଏସପିଙ୍କ ସହ ଯୋଗାଯୋଗ କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ବାଇକ୍ ଚୋର ଗିରଫ



ସୁନ୍ଦରଗଡ଼,୩୧।୩ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ସହରରେ କିଛି ମାସ ଆଗରୁ ଛୋଟମୋଟ ଚୋରି ହେବାର ଲାଗିଥିଲା, କିନ୍ତୁ ଟାଉନ ଥାନାରେ ନୂତନ ଅଧିକାରୀ ଭାବେ ସୁଶାନ୍ତ ପରିଡା ଯୋଗଦେବା ପରେ ଏହି ଚୋରି କ୍ରମଶଃ ହ୍ରାସ ପାଇବାରେ ଲାଗିଛି, ଗତକାଲି ନିରଞ୍ଜନ ନଗର ଠାରୁ ସକାଳ ୨ ଟା ବେଳେ ଜଣେ ବ୍ୟକ୍ତି ତାଙ୍କ ବାଇକ ଘର ବାହାରେ ରଖିଥିଲା, କିଛି ସମୟ ପରେ ବାହାରକୁ ଆସି ଦେଖିଲା ବେଳେ କେହିଜଣେ ତାଙ୍କ ବାଇକ ଚୋରି କରି ନେଇଥିଲେ, ଏହାପରେ ସେ ତତକ୍ଷଣ ଟାଉନ ଥାନାରେ ଏତଲା ଦେଇଥିଲେ, ପୋଲିସ ଘଟଣାସ୍ଥଳକୁ ଆସି ଅନୁସନ୍ଧାନ କରିଥିଲେ, ଚବିଶ ଘଣ୍ଟା ଭିତରେ ଟାଉନ ପୋଲିସକୁ ସଫଳତା ମିଳିଥିଲା, ପୋଲିସ ହାତରେ ବର୍ତ୍ତମାନ ବାଇକ ଚୋର,ଚୋରି ହୋଇଥିବା ଗାଡି ଟି ସଦର ଥାନା ଅଞ୍ଚଳ ଲେମଲେମା ଠାରୁ ଉଦ୍ଧାର ହୋଇଥିବା ନେଇ ସୂଚନା ମିଳିଛି, ଚୋରିର ସମସ୍ତ ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି।

## ରେଳ ଅଣ୍ଡରପାସରେ ଯାତାୟାତକୁ ବିରୋଧ



ସତ୍ୟବାଦୀ, ୩୧।୩ (ସଂଚାର ବ୍ୟୁରୋ): ସତ୍ୟବାଦୀ ବ୍ଲକ ମୂଳ ଅଳସା ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ରେଳ ବିଭାଗ ଦ୍ୱାରା ବନ୍ଦ କରି ଅଣ୍ଡର ପାସ ଦେଇ ଯାତାୟାତ କରାଯିବାକୁ ନେଇ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଜି ସକାଳୁ ମୂଳ ଅଳସା ଗ୍ରାମର ଯୁବକମାନେ ଏକତ୍ରିତ ହୋଇ ସେଠାରେ ବିରୋଧ ପ୍ରଦର୍ଶନ କରିଛନ୍ତି। ଯେପର୍ଯ୍ୟନ୍ତ କର୍ତୃପକ୍ଷ ଏହାର ବିକଳ୍ପ ବ୍ୟବସ୍ଥା ନକରିଛନ୍ତି, ସେପର୍ଯ୍ୟନ୍ତ ଆନ୍ଦୋଳନ ଜାରୀ ରହିବ ବୋଲି ଯୁବକ ମାନେ କହିଛନ୍ତି। ଏହି ରାସ୍ତା ଉପରେ ମୂଳ ଅଳସା ଗ୍ରାମ ପଞ୍ଚାୟତ ସମେତ ପାଖାପାଖି ୧୫ଟି ଗ୍ରାମର ଲୋକ ନିର୍ଭର କରିଥାନ୍ତି। ବାଣିଜ୍ୟ ହେଉ ଅବା ଚାଷ କାର୍ଯ୍ୟ ହଜାର ହଜାର ଲୋକଙ୍କର ପରିବହନର ମୁଖ୍ୟ ମାଧ୍ୟମ ଥିଲା ଏହି ରାସ୍ତା। କିନ୍ତୁ ଏହି ରାସ୍ତାକୁ ବନ୍ଦ କରି ଅଣ୍ଡର ପାସରେ ଯାତାୟାତ ହେଲେ ନାନାଦି ଅସୁବିଧା ହେବ ବୋଲି ସେମାନେ ଅଭିଯୋଗ କରିଛନ୍ତି। କାରଣ ଏହି ରାସ୍ତା ଗହୀର ପତନ ଠାରୁ ନିମ୍ନରେ ରହୁଥିବାରୁ ଅସରାଏ ବର୍ଷାରେ ପାଣି ଜମିଯିବା ଯୋଗୁଁ ସାଧାରଣ ଯାତାୟାତ ମଧ୍ୟ ଅସମ୍ଭବ ହୋଇପଡିବ। କୌଣସି ଭାରୀଯାନ ଏହି ବାଟରେ ଯିବାଆସିବା କରିପାରିବ ନାହିଁ। ଫଳରେ ନିର୍ଭରଶୀଳ ଅଞ୍ଚଳବାସୀଙ୍କର ପ୍ରଭୂତ ଅର୍ଥନୈତିକ କ୍ଷତି ଘଟିବ ବୋଲି ସେମାନେ କହିଛନ୍ତି। ତେବେ କର୍ତୃପକ୍ଷ ତୁରନ୍ତ ଗ୍ରାମବାସୀଙ୍କ ସହ କଥବାର୍ତ୍ତା କରି ବିକଳ୍ପ ବ୍ୟବସ୍ଥା କରିବାକୁ ସେମାନେ ଦାବୀ କରିଛନ୍ତି।

# ଚାଷୀଙ୍କ ଟୋକନ ଲାପ୍ସ ହେଉଛି କାହିଁକି ?

### ଧାନ ଦେଇପାରିଲେ ନାହିଁ ଚାଷୀ, ଖଳାରେ ପଡ଼ିଛି ଧାନ



ଆନନ୍ଦପୁର, ୩୧।୩ (ସଂଚାର ବ୍ୟୁରୋ): ଚାଷୀଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ଥିଲେ ମଧ୍ୟ ତାହାର ସଠିକ୍ ପ୍ରୟୋଗ ହେଉନାହିଁ। କେନ୍ଦୁଝର ଜିଲ୍ଲାରୁ ଆସିଛି ଏମିତି ଏକ ଚିନ୍ତାଜନକ ଚିତ୍ର, ଯେଉଁଠାରେ ଚାଷୀଙ୍କ ଟୋକନ ଲାପ୍ସ ହେଉଥିବା ଅଭିଯୋଗ ଆସିଛି।

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ ଅଳତୀ ସମବାୟ ସମିତିରେ ଦେଖା ଦେଇଛି ଘୋର ଅନିୟମିତତା। ଚାଷୀଙ୍କ ଟୋକନ ଲାପ୍ସ ହେଉଛି କାହିଁକି ? ଚାଷୀଙ୍କୁ ସହଯୋଗ କାହିଁକି ମିଳୁନାହିଁ? ସରକାରଙ୍କ ବ୍ୟବସ୍ଥା କାହିଁକି ଫଳପ୍ରଦ ହେଉନାହିଁ? ଟୋକନ ଥିଲେ ମଧ୍ୟ କାହିଁକି ଲାପ୍ସ ହେଉଛି? ପ୍ରକୃତରେ ଏଥିପାଇଁ ଦାୟୀ କିଏ? ତେବେ ଅଳତୀ ପଂଚାୟତ ରାଇତୋଳା ଗ୍ରାମର ଚାଷୀ ଶ୍ରୀଧର ରଣାଙ୍କ ଅଭିଯୋଗ ଅନୁସାରେ, ସମବାୟ ସମିତିରେ ପରିଚାଳନାର ଅଭାବ ଏବଂ ଅଧିକାରୀମାନଙ୍କ ଅବହେଳା ଯୋଗୁଁ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ଚାଷୀଙ୍କ ପାଇଁ ଥିବା ସରକାରୀ ବ୍ୟବସ୍ଥା ଯଦି ଏଭଳି ଭାବେ ଫଳପ୍ରଦ ହେଉନାହିଁ, ତେବେ ଚାଷୀମାନଙ୍କ ଅର୍ଥନୈତିକ ସ୍ଥିତି କେମିତି ସୁଧରିବ, ସେଥିରେ ପ୍ରଶ୍ନ ଉଠିଛି।

ଏହି ଘଟଣାରେ ଅଳତି ସମବାୟ ସମିତିର ସମ୍ପାଦକ ମୀନକେତନ ରାଉଳ କହିଛନ୍ତି ଆମ୍ଭେ ଅନେକ ବାର ଚାଷୀଙ୍କୁ କହିଛୁ ହେଲେ ସେ ଆମ ପାଖକୁ ଆସି ସିରିଏଲ୍ କରି ନାହାଁନ୍ତି ଫଳରେ ତାଙ୍କ ଧାନ ଯାଇ ପାରିଲା ନାହିଁ। ଏବେ ଆମର ଆଉ ଟାର୍ଗେଟ ନାହିଁ। ଆମେ ଧାନ କେମିତି ନେବୁ। ତେବେ ଏହି ଘଟଣାରେ ରାଜ୍ୟ ସରକାର ଙ୍କ ସହିତ ପ୍ରଶାସନ କେତେ ଶୀଘ୍ର ପଦକ୍ଷେପ ନେଇ ଚାଷୀଙ୍କ ଧାନ ଉଠାଉଛନ୍ତି ତାହା ଦେଖିବାକୁ ବାକି ରହିଲା।

### ମାଇକ୍ରୋଗ୍ରାଭିଟି ଔଷଧ ବିକାଶରେ ସହଯୋଗ ନିମନ୍ତେ

## ସୋଆ ଓ ସେରେଣ୍ଡିପିଟି ସ୍ପେସ୍ ପ୍ରାଇଭେଟ ମଧ୍ୟରେ ବୁଝାମଣାପତ୍ର




ଭୁବନେଶ୍ୱର, ୩୧।୩ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟ ଓ ଭୁବନେଶ୍ୱର ସ୍ଥିତ ଷ୍ଟାର୍ଟ ଅପ୍ ସେରେଣ୍ଡିପିଟି ପ୍ରାଇଭେଟ ଲିମିଟେଡ ମଧ୍ୟରେ ସୋମବାର ଏଠାରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ଷ୍ଟାର୍ଟ ଅପ୍ ଅନ୍ତରୀକ୍ଷ ସକ୍ଷମ ପ୍ରଯୁକ୍ତି ଏବଂ ପ୍ଲାଟଫର୍ମ ଉନ୍ନୟନରେ ନିୟୋଜିତ ଅଟେ ଓ ଔଷଧୀୟ ସ୍ଫଟିକୀକରଣ ପାଇଁ ମୋଡ୍ୟୁଲ୍, କ୍ଲାଇନୋଷ୍ଟାଟ ଆଧାରିତ ମାଇକ୍ରୋଗ୍ରାଭିଟି ସିମ୍ୟୁଲେସନ୍ ଏବଂ ଅନ୍ତରୀକ୍ଷରେ କକ୍ଷପଥୀୟ ସ୍ଫଟିକୀକରଣ ମିଶନ୍ ଏହାର ଅନ୍ତର୍ଭୁକ୍ତ।

ଗତ ଦୁଇ ଦଶନ୍ଧି ଧରି ନାସା ଦ୍ୱାରା ଶୂନ୍ୟ ଗୁରୁତ୍ୱାକର୍ଷଣରେ ସ୍ଫଟିକୀକରଣ କାର୍ଯ୍ୟ ବ୍ୟାପକ ଭାବେ ଅଗ୍ରଗତି କରିଛି ଓ ଆନ୍ତର୍ଜାତୀୟ ଅନ୍ତରୀକ୍ଷ କେନ୍ଦ୍ର (ଆଇଏସ୍ଏସ୍) ର ମାଇକ୍ରୋଗ୍ରାଭିଟି ପରିବେଶରେ ସ୍ଫଟିକ ବଢ଼ାଇବା କାର୍ଯ୍ୟ ହେଉଛି। ଏହା ଦ୍ୱାରା ପୃଥିବୀ ପୃଷ୍ଠ ତୁଳନାରେ ଅଧିକ ଉତ୍ତମ ଗୁଣମାନର, ଅଧିକ ବଡ଼ ଏବଂ ଅଧିକ ସମ୍ପୂର୍ଣ୍ଣ ଭାବରେ ଗଠନ ଥିବା ସ୍ଫଟିକ ପ୍ରସ୍ତୁତ କରିବା ସମ୍ଭବ ହୋଇଥାଏ। ଏହା ଦ୍ୱାରା ଔଷଧ ଫର୍ମୁଲେସନ୍‌ର ସ୍ଥିରତା, ଜୀବ-ଉପଲବ୍ଧତା ଏବଂ ସରଞ୍ଚନା-ଆଧାରିତ ଔଷଧ ପରିକଳ୍ପନାକୁ ପ୍ରୋତ୍ସାହନ ମିଳିଥାଏ।

ଅପର ପକ୍ଷେ, ସୋଆ ବିଶ୍ୱବିଦ୍ୟାଳୟ କ୍ଷୁଦ୍ର ଅଣୁ ସ୍ଫଟିକୀକରଣ ପ୍ରଯୁକ୍ତିରେ ଗବେଷଣା ସାମର୍ଥ୍ୟ, ପ୍ରୟୋଗଶାଳା ଏବଂ ଦକ୍ଷତା ସ୍ଥାପନ କରିଛି। ଦୁଇ ପକ୍ଷ ପ୍ରୟୋଗଶାଳା, ସିମ୍ୟୁଲେଟେଡ ମାଇକ୍ରୋଗ୍ରାଭିଟି ଏବଂ ଅନ୍ତରୀକ୍ଷ ଯାତ୍ରା ପରିବେଶରେ କ୍ଷୁଦ୍ର ଅଣୁଗୁଡ଼ିକୁ ନେଇ ସ୍ଫଟିକୀକରଣ ପରୀକ୍ଷାରେ ସହଯୋଗ କରିବାକୁ ଉଦ୍ଦେଶ୍ୟ ରଖିଛନ୍ତି। ଦୁଇ ସଂସ୍ଥା ଆପଣା ପୂରକ ଦକ୍ଷତାକୁ କାର୍ଯ୍ୟରେ ଲଗାଇ ନୂତନ ଔଷଧ ଉତ୍ପାଦ ବିକାଶ ପାଇଁ ସହଯୋଗ କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ସୋଆ ପରିଚାଳିତ ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍ସେସ୍‌ର ପ୍ରଫେସର ଭାରତ ଭୂଷଣ ସୁବୁଦ୍ଧି କହିଛନ୍ତି। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ସେରେଣ୍ଡିପିଟି ସ୍ପେସ୍ ପ୍ରାଇଭେଟ ଲିମିଟେଡ୍‌ର ସିଇଓ ଶ୍ରୀ ଅନ୍ତରୀକ୍ଷ ପରିଛା ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ।

## ସୀମିତ ଅଭିଯୋଗରେ ଜନଶୁଣାଣି ଶେଷ

ଗୋପ,୩୧।୩(ସଂଚାର ବ୍ୟୁରୋ): ପୁରୀ ଜିଲ୍ଲାର ଗୋପ ବ୍ଲକଟି ଦୀର୍ଘ ବର୍ଷ ହେବ ଚର୍ଚ୍ଚାରେ ରହିଆସୁଅଛି। କେତେବେଳେ ଦୁର୍ନୀତିକୁ ନେଇ ତ କେତେବେଳେ ବିଡ଼ିଓଙ୍କ ବ୍ୟବହାରକୁ ନେଇ। ପୁଣି କେତେବେଳେ ରାଜନୀତିକୁ ନେଇ। ଚଳିତ ବର୍ଷ ଆରମ୍ଭରେ ଗୋପ ବ୍ଲକରେ ବିଡ଼ିଓଙ୍କ ପଦବୀଟି ଖାଲି ପଡିଛି। ଉକ୍ତ ଖାଲି ସ୍ଥାନ ପୂରଣ କରିବା ପାଇଁ ବୋଝ ଉପରେ ଲଳିତା ବିଡା ସଦୃଶ, ସ୍ଥାନୀୟ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶଙ୍କୁ ଅତିରିକ୍ତ ଦାୟିତ୍ୱ ମିଳିଛି । ଯାହାଫଳରେ କୌଣସି କାର୍ଯ୍ୟକ୍ରମ ସଠିକ ସମୟରେ ହୋଇପାରୁନାହିଁ।

ଦୁଇବର୍ଷ ହୋଇଯିବ ଏଠାରେ ଆବାସ ଯୋଜନାରେ ଜଣେ ବି ହିତାଧିକାରୀଙ୍କୁ ଗୋଟେ ବାସ ଗୃହ ଯୋଗାଇ ଦିଆଯାଇନି । ଯଦିଓ ପ୍ରତି ୩ ମାସରେ ବ୍ୟବଧାନରେ ଜନଶୁଣାଣୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ ସତ କିନ୍ତୁ କୌଣସି ସମସ୍ୟାର ସମାଧାନ ଆଜିପର୍ଯ୍ୟନ୍ତ ହୋଇନାହିଁ । ପୂର୍ବରୁ ଜନଶୁଣାଣି କାର୍ଯ୍ୟକ୍ରମ ସମ୍ପର୍କ କୌଣସି ସୂଚନା ମିଳୁନଥିଲା କି ଏବେ ବି ମିଳୁନାହିଁ। ଯାହାଫଳରେ କି ଅଭିଯୋଗକାରୀଙ୍କ ସଂଖ୍ୟାରେ କ୍ରମଶଃ ହ୍ରାସ ପାଉଛି। ଅପର ପକ୍ଷରେ ଲୋକେ ଅଭିଯୋଗ କରୁଥିଲେ ମଧ୍ୟ ସୁଫଳ ନ ପାଇବାରୁ ଆଉ ଆଗ୍ରହ ପ୍ରକାଶ କରୁନାହାନ୍ତି । ସୋମବାର ଅନୁଷ୍ଠିତ ହୋଇଥିବା ଜନଶୁଣାଣି କାର୍ଯ୍ୟକ୍ରମରେ ସର୍ବମୋଟ ୬୩ ଜଣ ଅଭିଯୋଗକାରୀ ସେମାନଙ୍କର ସମସ୍ୟା ସମ୍ପର୍କରେ ଦରଖାସ୍ତ ମାଧ୍ୟମରେ ଅଭିଯୋଗ କରିଥିଲେ।

ଏହି ଅବସରରେ ଗୋପ ହସ୍ପିଟାଲରେ ଆବଶ୍ୟକୀୟ ଅନୁଯାୟୀ ଡାକ୍ତର ନଥିବା, ଉଠାଦୋକାନୀଙ୍କୁ ସ୍ଥାୟୀ ମାର୍କେଟ କମ୍ପ୍ଲେକ୍ସ ପ୍ରଦାନ, ଚାରି ଲେନ ବିଶିଷ୍ଟ ରାଜ୍ୟ ରାଜପଥ ରାସ୍ତା ତୁରନ୍ତ କାର୍ଯ୍ୟକାରୀ ଆଦି ଅନେକ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା । ବର୍ତ୍ତମାନ ଗୋପ ବ୍ଲକରେ ବିଡିଓ ନ ଥିବାରୁ ତାହା ମୁରବୀ ଶୂନ୍ୟ ହୋଇପଡିଛି।

# ଅଧା ସ୍କୁଲରେ ଖାଲି ପଡ଼ିଛି ପ୍ରଧାନଶିକ୍ଷକ, ପିଅନ ଓ ରାତ୍ର ଜଗୁଆଳ ପଦବୀ

କାକଟପୁର/ଅସ୍ତରଙ୍ଗ,୩୧।୩ (ସଂଚାର ବ୍ୟୁରୋ): ସରକାରୀ ବିଦ୍ୟାଳୟରେ ଚେହେରା ବଦଳିଛି। କୋଟି କୋଟି ଟଙ୍କା ଖର୍ଚ୍ଚ କରି ସ୍ମାଟ କ୍ଲାସରୁମ୍ ଠୁ ନେଇ ଲାଇବ୍ରେରୀ ଓ ଅତ୍ୟାଧୁନିକ ବିଜ୍ଞାନଗାର ନିର୍ମାଣ କରାଯାଇଛି। ପାଇଖାନାରୁ ନେଇ ଶ୍ରେଣୀ ଗୃହ ଯାଏଁ ଦାମୀ ସାମଗ୍ରୀ ଖଞ୍ଜାଯାଇଛି। ମାତ୍ର ଉଦ୍‌ବେଗର ବିଷୟ, ଅନେକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦବୀ ଖାଲି ପଡିବା ସହ ଶିକ୍ଷକ ପଦବୀ ଖାଲି ପଡିଛି। ଯାହା ଫଳରେ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଅନ୍ୟପଟେ ପରିଚାଳନାଗତ ତ୍ରୁଟି ଓ ଜଗାରଖା ପାଇଁ କେହି ନଥିବାରୁ ଧୀରେ ଧୀରେ ସରକାରୀ ସମ୍ପତି ଚୋରି ହେବାରେ ଲାଗିଛି। ପାଇଖାନା ଟ୍ୟାପ ଠୁ ଏଲଇଡି ଟିଭି ଯାଏଁ ଦୁର୍ବୃତ୍ତ ଲୁଟି ନେଉଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ଚୋର ମାତିଥିବା ବେଳେ ସ୍କୁଲକୁ ଟାର୍ଗେଟ କରୁଛନ୍ତି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନରେ ୨୨ଗୋଟି ଉଚ୍ଚ ବିଦ୍ୟାଳୟ ଥିବା ବେଳେ ଅନେକ ବିଦ୍ୟାଳୟରେ ରାତ୍ର ଜଗୁଆଳ ନାହାନ୍ତି। ସେହିପରି ଅଧାରୁ ଅଧିକ ସ୍କୁଲରେ ପିଅନ ନଥିବାରୁ ରକ୍ଷଣାବେକ୍ଷଣ ବାଧାପ୍ରାପ୍ତ ହେଉଛି। ବିନା ପିଅନରେ ସ୍କୁଲ କର୍ତ୍ତୃପକ୍ଷ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ତଥ୍ୟ ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ୨୨ଗୋଟି ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ଅନେକ ସରକାରୀ ଉଚ୍ଚ ବିଦ୍ୟାଳୟ ରହିଛି। ସେହିପରି କିଛି ପୂର୍ଣ୍ଣ ଅନୁଦାନପ୍ରାପ୍ତ ଓ କିଛିଟି ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଅଛି। କିଛି ସରକାରୀ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ ପଦବୀ ଖାଲି ପଡିଛି। ସରକାର ରାତ୍ର ଜଗୁଆଳ ମଞ୍ଜୁର କରିଥିବା ବେଳେ ଅନେକ ବିଦ୍ୟାଳୟରେ ରାତ୍ର ଜଗୁଆଳ ମୃତ୍ୟୁବରଣ କରିଥିବା ବେଳେ ଅନେକ ସ୍ଥାନରେ ମୁକୁଳା ପଡିଛି। ଯାହାକି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସୁରକ୍ଷା ଚିନ୍ତା ଘାରୁଛି। ସେହିପରି ସରକାର ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ପାଇଁ ପିଅନ ପଦବୀ ମଞ୍ଜୁର କରିଛନ୍ତି। କେତେକ ସ୍କୁଲରେ ପିଅନ ଅବସର ନେଇଥିବା ବେଳେ ଅଧିକାଂଶ ବିଦ୍ୟାଳୟ ରେ ପିଅନ ନାହାନ୍ତି। ରାତ୍ର ଜଗୁଆଳ ନଥିବାରୁ ଅଧିକାଂଶ ବିଦ୍ୟାଳୟରୁ ଚୋରି ହେଉଛି। ସୌଖିନି ସାମଗ୍ରୀ ଦୁର୍ବୃତ୍ତ ଚୋରାଇ ନେଉଛନ୍ତି।

ଅପରପକ୍ଷେ ବିଦ୍ୟାଳୟଗୁଡିକରେ ଖାଲି ପଡ଼ିଥିବା ପିଅନ ଓ ରାତ୍ର ଜଗୁଆଳ ପଦବୀ ପୂରଣ ନେଇ ସରକାରଙ୍କୁ ଲେଖାଯାଇଥିବା କିଛି ପ୍ରଧାନଶିକ୍ଷକ ନାମ ଗୋପନ ରଖି କହିଛନ୍ତି। ଅନ୍ୟପଟେ ଜିଲ୍ଲା ଶିକ୍ଷାଅଧିକାରୀ ଦୀପକ କୁମାର ପାଢ଼ୀ କହିଛନ୍ତି ଖୁବ ଶୀଘ୍ର ଖାଲି ପଡ଼ିଥିବା ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦବୀ ପୂରଣ ହେବ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା



ନୀଳଗିରି,୩୧।୩ (ସଂଚାର ବ୍ୟୁରୋ): ନୀଳଗିରି କ୍ଷୁଦ୍ର ଜଳ ସେଚନ ବିଭାଗର ଇଂ ରମେଶ ଦାସଙ୍କର ଚାକିରୀ ସମୟ ପୂରିଯାଇଛି । ଏହି ଅବସରରେ ନୀଳଗିରି ସ୍ଥିତ କ୍ଷୁଦ୍ର ଜଳ ସେଚନ ବିଭାଗ କାର୍ଯ୍ୟାଳୟ ସମୁଖରେ ଏକ ବିଦାୟ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାର ଆବାହକ କ୍ଷୁଦ୍ର ଜଳ ସେଚନ ବିଭାଗ ନୀଳଗିରିର ସହକାରୀ ନିର୍ବାହୀ ଯନ୍ତ୍ରୀ ନିମାଇଁ ନାୟକ ଏକ ଭୋଜି ଓ ବିଦାୟକାଳୀନ ସଭା ଅନୁଷ୍ଠିତ କରାଇଥିଲେ ।


## ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର

**ବିଜ୍ଞାପନ**

ଗୌରବୋଜ୍ଜ୍ୱଳ ଐତିହ୍ୟ, ସଂସ୍କୃତି, କଳା ଓ ପରମ୍ପରାର ପ୍ରତୀକ ଜଗତସିଂହପୁର ଜିଲ୍ଲା ମହୋତ୍ସବ, "କଲ୍ଲୋଳ-୨୦୨୬" ଏପ୍ରିଲ ମାସ ୧ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମ ଠାରେ ମହାସମାରୋହରେ ପାଳନ କରାଯାଉଅଛି। ପ୍ରତିଦିନ ସଂଧ୍ୟାରେ ସାଧାରଣ ସଭା, ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ପଲ୍ଲିଶ୍ରୀ ମେଳା, ମହିଳାମାନଙ୍କ ମଧ୍ୟରେ ପାରମ୍ପରିକ ପିଠା, ଝୋଟି, ହୁଳହୁଳି ପ୍ରତିଯୋଗିତା, ସୁସ୍ୱାଦୁ ଖାଦ୍ୟମେଳା ଇତ୍ୟାଦି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଜଗତସିଂହପୁର ଜିଲ୍ଲା ସଂସ୍କୃତି ପରିଷଦ ଆପଣଙ୍କୁ ଅନୁରୋଧ କରୁଅଛି ।

ଶ୍ରୀଯୁକ୍ତ ଜେ. ସୋନାଲ, ଭା.ପ୍ର.ସେ
ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ
ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର







'ଓଡ଼ିଶା ଦିବସ' ପାଇଁ ରଙ୍ଗିନ ଆଲୋକମାଳାରେ ଝଲସୁଛି ରାଜଧାନୀର ବିଭିନ୍ନ ସରକାରୀ କୋଠା।

## ଗୁଣିଗାରେଡ଼ି ସନ୍ଦେହ

# ଘରେ ପଶି ବୃଦ୍ଧଙ୍କୁ ହତ୍ୟା, ୪ ଗିରଫ




**ସୁନ୍ଦରଗଡ଼,୩୧।୩(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ କେନ୍ଦମାଲ ଗ୍ରାମରେ ଘଟିଛି ଏକ ଲୋମଟାଙ୍ଗୁରା ହତ୍ୟାକାଣ୍ଡ। ଗୁଣିଗାରେଡ଼ି ସନ୍ଦେହରେ ଘର ଭିତରେ ପଶି ଜଣେ ବୃଦ୍ଧଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତକ ଜଣଙ୍କ ହେଲେ ମହାଦେବ ପ୍ରଧାନ (୬୫)। ୪ ଜଣ ଯୁବକଙ୍କ ଆକ୍ରମଣରେ ମହାଦେବଙ୍କ ସ୍ତ୍ରୀ ଅମିଳା ପ୍ରଧାନ (୬୩) ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହି ଘଟଣାରେ ପୁଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କେନ୍ଦମାଲ ଗ୍ରାମର କୁମୋଦ ବାଗ, ତାଙ୍କ ଭାଇ ପ୍ରମୋଦ ବାଗ, ଲବ କୁଜୁର ଓ ଶିବ ପ୍ରଧାନ। ମିଳିଥିବା ସୂଚନାନୁସାରେ, ମହାଦେବଙ୍କ ଘର ଲେଫ୍ରିପଡା ଥାନା ଅନ୍ତର୍ଗତ ସର୍ଗିପାଲି ଅଞ୍ଚଳରେ ହୋଇଥିବା ବେଳେ ସାନପତ୍ରାପାଲି ଗ୍ରାମରେ ସେ ବିବାହ କରି ପଡାଗ୍ରାମ କେନ୍ଦାଖୋଲରେ ରହି ଆସୁଥିଲେ। ତାଙ୍କ କେବଳ ଝିଅମାନେ ଥିବାରୁ ବିବାହ ଦେବା ପରେ ପତି ପତ୍ନୀ ଘରେ ରହି ଆସୁଥିଲେ। କିଛି ମାସ ତଳେ ଗ୍ରାମର କୁମୋଦ ବାଗ (୩୭)ଙ୍କ ପତ୍ନୀଙ୍କ ମୃତ୍ୟୁ ଘଟିଥିଲା। ଏଥିପାଇଁ କୁମୋଦ ମହାଦେବଙ୍କ ଗୁଣିଗାରେଡ଼ିକୁ ସନ୍ଦେହ କରିଥିଲେ। ଏପରି ଗୁଣିଗାରେଡ଼ି ଯୋଗୁଁ ଗ୍ରାମର ଅନେକ ଲୋକଙ୍କ ଶରୀର ଅସୁସ୍ଥ ରହୁଥିବା ଗ୍ରାମବାସୀ ମଧ୍ୟ ସନ୍ଦେହ କରିଆସୁଥିଲେ। ଏଣୁ ତାଙ୍କୁ ଜୀବନରୁ ଶେଷ କରିଦେବା ସକାଶେ କୁମୋଦଙ୍କ ସମେତ ୪ ଜଣ ନିଷ୍ପତ୍ତି ନେଇଥିଲେ। ଏହି ଅନୁସାରେ ଗତକାଲି ସନ୍ଧ୍ୟାରେ କୁମୋଦ ଓ ତାଙ୍କ ଭାଇ ପ୍ରମୋଦ ବାଗ (୩୫)ଙ୍କ ସହ ଲବ କୁଜୁର (୨୨) ଓ ଶିବ ପ୍ରଧାନ (୪୦) ଘରେ ପଶି ମହାଦେବଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ମହାଦେବଙ୍କ ମୃତ୍ୟୁ ଘଟିଥିବା ବେଳେ ପତ୍ନୀ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବର ପାଇ ସୁନ୍ଦରଗଡ଼ ସଦର ଏସଡିପିଓ ନିର୍ମଳ ମହାପାତ୍ର ଘଟଣାସ୍ଥଳ ପରିଦର୍ଶନ କରିଥିବା ବେଳେ ସ୍ଥାନୀୟ ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ନମୁନା ସଂଗ୍ରହ କରିଛନ୍ତି। ଏହି ଘଟଣାରେ ଗିରଫ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ୯୬ କେଜି ଗଞ୍ଜେଇ ଜବତ, ଦୁଇ ଗିରଫ



**କନ୍ଧମାଳ,୩୧।୩(ସଂଚାର ବ୍ୟୁରୋ):** ପାଖାପାଖି ୧ କ୍ୱିଣ୍ଟାଲ ଓଜନର ଗଞ୍ଜେଇ ଜବତ କରିବା ସହ ଏହି ବେପାରରେ ସାମିଲ୍ ଥିବା ଦୁଇ ଜଣଙ୍କୁ ଗିରଫ କରାଯାଇଛି। ବୌଦ୍ଧ କନ୍ଧମାଳ ଥାନା ବରିଗୁଭା ଗାଁ ନିକଟରେ ପୁଲିସ ଚଢ଼ାଉ କରି ୯୬ କେଜି ଗଞ୍ଜେଇ ଜବତ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ବରିଗୁଭାର ଗଙ୍ଗାଧର କହଁର ଓ ହିମାଞ୍ଚଳ ମଲ୍ଲିକ। କନ୍ଧମାଳ ଥାନାରେ ଏନେଇ ମାମଲା ରୁଜୁ ହୋଇଛି। ସୂଚନାନୁସାରେ, ବରିଗୁଭା ଗାଁ ନିକଟରେ ଦୁଇଟି ଜରିବସ୍ତାରେ ଅଭିଯୁକ୍ତମାନେ ଗଞ୍ଜେଇ ଭର୍ତ୍ତି କରୁଥିବା ଖବର ପାଇ କନ୍ଧମାଳ ଥାନାଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢ଼ାଉ କରି ଉକ୍ତ ଗଞ୍ଜେଇ ଜବତ କରିଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରାଯାଇଛି।

## ଓଲଟିଲା ଏସିଡ୍ ଟ୍ୟାଙ୍କର, ଗାଡ଼ି ଚଳାଚଳ ପ୍ରଭାବିତ



**ଖଲ୍ଲିକୋଟ,୩୧।୩(ସଂଚାର ବ୍ୟୁରୋ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥରେ ବଡ଼ ଘାଟି ଉପରେ ଆଜି ଏକ ଏସିଡ୍ ଭର୍ତ୍ତି ଟ୍ୟାଙ୍କର୍ ଓଲଟି ପଡ଼ିଛି। ଆନ୍ଧ୍ର ପ୍ରଦେଶର ବିଜୟନଗରମ୍‌ଠାରୁ ଏସିଡ ନେଇ ଅନୁଗୁଳ ଯାଉଥିବା ବେଳେ ଉକ୍ତ ଟ୍ରକ୍‌ଟି ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ତେବେ ଏଥିରେ ଟ୍ରକ୍‌ର ଡ୍ରାଇଭର ଜଣଙ୍କ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଉକ୍ତ ଟ୍ରକ୍‌ରେ ୨୫ ଟନ୍ ଏସିଡ ଭର୍ତ୍ତି ହୋଇଥିଲା। ଫଳରେ ରାସ୍ତା ସାରା ଏସିଡ୍ ଭାସିଥିଲା। ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ରାସ୍ତା ପରିଷ୍କାର କରିବା ସହ ଅଗ୍ନିଶମ ବାହିନୀ ରାସ୍ତା ସଫା କରିଥିଲା। ତେବେ ଉକ୍ତ ରାସ୍ତାରେ ଗାଡ଼ି ମଟର ଚଳାଚଳ ବନ୍ଦ ରହିଥିବା ଜଣାପଡ଼ିଛି।

## ସେପ୍‌ଟିକ ଟାଙ୍କିରେ ଗଲା ୨ ଜୀବନ, ଦୁଇ ଗୁରୁତର



**ସମ୍ବଲପୁର,୩୧।୩(ସଂଚାର ବ୍ୟୁରୋ):** ସେପ୍‌ଟିକ ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏହାଛଡ଼ା ଏହି ଘଟଣାରେ ୨ ଜଣ ଗୁରୁତର ଭାବେ ମଧ୍ୟ ଅସୁସ୍ଥ ହୋଇପଡ଼ିଛନ୍ତି। ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ଅନ୍ତର୍ଗତ କେଶାଇବାହାଲଠାରେ ଘଟିଛି ଏପରି ଅଘଟଣ। ଏକ ନବନିର୍ମିତ ସେପ୍‌ଟିକ ଟାଙ୍କିରେ ସେଣ୍ଟ୍ରିଂ ଖୋଲିବା ପାଇଁ ପଶିଥିଲେ ୪ ଜଣ ଶ୍ରମିକ। ତେବେ ସେଠାରେ ଶ୍ୱାସରୁଦ୍ଧ ହୋଇ ୨ ଜଣ ଶ୍ରମିକ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ହୋଇପଡ଼ିଛନ୍ତି। ମୃତକଦ୍ୱୟ ହେଲେ କେଶାଇବାହାଲର ସୁଶୀଲ ନାଏକ ଓ ଭିକାରୀ ଚରଣ ବେହେରା। ସେହିପରି ଗୁରୁତର ଭାବେ ଅସୁସ୍ଥ ହୋଇପଡ଼ିଥିବା ୨ ଜଣ ଶ୍ରମିକଙ୍କୁ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ ଯେ ଗତବର୍ଷ ନୂଆପଡ଼ା ଜିଲ୍ଲା ଖଡ଼ିଆଲରେ ପାଇଖାନା ଟାଙ୍କି ଭିତରେ ଅଣନିଃଶ୍ୱାସୀ ହୋଇ ଦୁଇ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା।

## ଧର୍ମ ପରିବର୍ତ୍ତନ କରିଥିବାରୁ ହୋଇପାରୁନି ଶବଦାହ

● ଜିଦ୍ ଧରିଛନ୍ତି ଗ୍ରାମବାସୀ, ବୁଝାସୁଝା କରୁଛି ପୁଲିସ୍

**ଉମରକୋଟ,ନବରଙ୍ଗପୁର,୩୧।୩(ସଂଚାର ବ୍ୟୁରୋ):** ଦୀର୍ଘ ୧୭ ଘଣ୍ଟା ହେବ ଘରେ ପଡ଼ି ରହିଛି ଶବ। ଧର୍ମ ପରିବର୍ତ୍ତନ କରିଥିବା ହେତୁ ଗାଁ ମଶାଣିରେ ଶବ ସତ୍କାର ପାଇଁ ଗ୍ରାମବାସୀ ଜାଗା ଦେଲେନାହିଁ। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ପୂଜାରୀଭରଣ୍ଡି ଗ୍ରାମରେ। ଗ୍ରାମର କିଛି ପରିବାର ନିଜ ମୂଳ ଧର୍ମ ଛାଡ଼ି ଅନ୍ୟ ଧର୍ମ ଗ୍ରହଣ କରିଥିଲେ। ଇତି ମଧ୍ୟରେ ଗତକାଲି ବିଳମ୍ବିତ ରାତିରେ ଧର୍ମ ପରିବର୍ତ୍ତନ କରିଥିବା ପରିବାର ମଧ୍ୟରୁ ଗୋଟିଏ ପରିବାରର ଚଇତି ହରିଜନ ନାମକ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିଲା। କିନ୍ତୁ ଉକ୍ତ ପରିବାର ହିନ୍ଦୁ ଧର୍ମ ଛାଡ଼ିଥିବା ଯୋଗୁଁ ଚଇତିଙ୍କ ମୃତଦେହ ଗାଁ ମଶାଣିରେ ସତ୍କାର ପାଇଁ ଜାଗା ନ ଦେବାକୁ ଗ୍ରାମବାସୀ ଜିଦ୍ ଧରିଛନ୍ତି। ଏଥିସହ ପରିବାର ଯଦି ହିନ୍ଦୁ ରୀତିନୀତି ଅନୁସାରେ ଶବ ସତ୍କାର କରିବେ, ତା'ହେଲେ ଅନୁମତି ଦେବେ ବୋଲି ଗ୍ରାମବାସୀ କହିଛନ୍ତି। ନଚେତ୍ ଉକ୍ତ ପରିବାର ଚଇତିଙ୍କ ମୃତଦେହ ସେମାନଙ୍କ ନୂଆ ଧର୍ମର ମଶାଣିକୁ ନେଇଯିବାକୁ ସେମାନେ କହିଛନ୍ତି। ଏପରି ସ୍ଥିତିକୁ ନେଇ ଗ୍ରାମରେ ଉତ୍ତେଜନା ସୃଷ୍ଟି ହୋଇଛି। ଖବର ପାଇ ଉମରକୋଟ ପୁଲିସ୍ ଗ୍ରାମରେ ପହଞ୍ଚି ବୁଝାମଣା କରୁଛି।

## କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଦ୍ୱାରା ୨୦୪.୩୨ କୋଟିର ପ୍ରକଳ୍ପ ଉଦ୍‌ଘାଟିତ

# ଉତ୍ତମ ଶିକ୍ଷା ଓ ସ୍ୱାସ୍ଥ୍ୟ ହେଉ 'ଓଡ଼ିଶା ଦିବସ'ର ମୂଳ ସଂକଳ୍ପ

**ଅନୁଗୁଳ,୩୧।୩(ସଂଚାର ବ୍ୟୁରୋ):** ୧୯୩୬ ଏପ୍ରିଲ ୧ରେ ଭାଷାଭିତ୍ତିକ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା। ୨୦୩୬ରେ ଆମେ ଓଡ଼ିଶା ଗଠନର ଶତବାର୍ଷିକୀ ପାଳନ କରିବା। ଏହି ସମୟ ମଧ୍ୟରେ 'ବିକଶିତ ଭାରତ' ଓ 'ବିକଶିତ ଓଡ଼ିଶା'ର ସ୍ୱପ୍ନ ସେତେବେଳେ ସାକାର ହେବ, ଯେତେବେଳେ ଆମ ଓଡ଼ିଆ ପିଲାମାନେ ସୁସ୍ଥ ରହିବା ସହ ଉତ୍ତମ ଶିକ୍ଷା ପାଇବେ। ଏହି ଲକ୍ଷ୍ୟ ପୂରଣ ପାଇଁ ଆମ ସମସ୍ତଙ୍କର ଦାୟିତ୍ୱ ରହିଛି ବୋଲି 'ଉତ୍କଳ ଦିବସ'ର ଗୋଟିଏ ଦିନର ଅବ୍ୟବହିତ ପୂର୍ବରୁ ଆଠମଲ୍ଲିକରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ମଙ୍ଗଳବାର ଆଠମଲ୍ଲିକର ସର୍ବାଙ୍ଗୀନ




ବିକାଶ ପାଇଁ ପ୍ରାୟ ୨୦୪ କୋଟି ୩୨ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟରେ ବିଭିନ୍ନ ଜନହିତକର ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ସବକା ସାଥ୍, ସବକା ବିକାଶ' ମନ୍ତ୍ରରେ ଅଞ୍ଚଳର ପ୍ରଗତି ପଥକୁ ପ୍ରଶସ୍ତ କରିବା। ଆଠମଲ୍ଲିକ ଅପାର ସମ୍ଭାବନାର ଅଞ୍ଚଳ। ଡବଲ ଇଞ୍ଜିନ ସରକାର ଏଠାକାର ଗରିବ ଓ ମଧ୍ୟବିତ୍ତ ପରିବାରଙ୍କ ସହାୟତା ପାଇଁ ଆବାସ ଯୋଜନାରେ ଶହ ଶହ ନୂଆ ପକ୍କାଘର ନିର୍ମାଣର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ଜିଲ୍ଲାପାଳଙ୍କୁ ଏକ ଆଧୁନିକ ହାଉସିଂ ପ୍ରୋଜେକ୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯାହାଦ୍ୱାରା ଅଞ୍ଚଳର ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ଉପକୃତ ହୋଇପାରିବେ।

ଏହି ଅଞ୍ଚଳରେ କେନ୍ଦ୍ରୀୟ ବିଦ୍ୟାଳୟ ସୁବିଧା ସହ କଳା ଓ ସଂସ୍କୃତିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି। ଆଗାମୀ ଦିନରେ ଏହି ଅଞ୍ଚଳର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରାଯିବ, ଯାହା ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାର ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ହାଇକୋର୍ଟ ପରିସରରେ ଜଳିଗଲା ୪ ଗାଡ଼ି

## ମହିଳା ଅଟକ

**କଟକ,୩୧।୩(ସଂଚାର ବ୍ୟୁରୋ):** କଟକ ହାଇକୋର୍ଟ ନିକଟରେ ଆଜି ଏକ ଅଭାବନୀୟ ଘଟଣାରେ ଗୋଟିଏ ସ୍କର୍ପିଓ ସମେତ ମୋଟ ୪ଟି ଗାଡ଼ି ଜଳିପୋଡ଼ି ପାଉଁଶ ହୋଇଯାଇଛି। ଏହି ଘଟଣାରେ ଜଣେ ମହିଳାଙ୍କୁ ଅଟକ ରଖାଯାଇଛି। ଉକ୍ତ ମହିଳାଙ୍କ ନାମ ମିନତି ସାହୁ ହୋଇଥିବା ବେଳେ ସେ ଗାଡ଼ିରେ ନିଆଁ ଲଗାଉଥିବା ସମୟର ଭିଡିଓ ସାମ୍ନାକୁ ଆସିବା ପରେ ଲାଲବାଗ ପୁଲିସ ତାଙ୍କୁ ଅଟକ ରଖି ପଚରାଉଚରା କରୁଛି। ତାଙ୍କ ଘର ଜଗତସିଂହପୁର ଜିଲ୍ଲା ବିରିଡ଼ି ଅଞ୍ଚଳରେ। ତେବେ ପ୍ରାଥମିକ ତଦନ୍ତରୁ ମହିଳା ଜଣଙ୍କ ମାନସିକ ରୋଗୀ ହୋଇଥିବା ବେଳେ ଘରୋଇ କଳିର ସମାଧାନ ହେଉନଥିବାରୁ ସେ ଏପରି କାଣ୍ଡ ଭିଆଇଥିବା ଜଣାପଡ଼ିଛି।

ପ୍ରକାଶ ଯେ ଆଜି ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ସମୟରେ ଏହି



ଅଗ୍ନିକାଣ୍ଡ ଘଟଣା ଘଟିଛି। ଚାନ୍ଦନୀ ଚୌକ ହାଇକୋର୍ଟ ପାଚେରୀ ନିକଟରେ ଅଗ୍ନିକାଣ୍ଡ ଘଟିଥିବା ବେଳେ ଏଥିରେ ଗୋଟିଏ ପରେ ଗୋଟିଏ ଏହିପରି ୪ଟି ଗାଡ଼ିରେ ନିଆଁ ଲାଗିଯାଇଥିଲା। ପ୍ରଥମେ ଦୁଇଟି ସ୍କୁଟର ଏବଂ ପରେ ଏକ ସ୍କର୍ପିଓ ଓ ଇଭି ଗାଡ଼ି ଜଳି ପାଉଁଶ ହୋଇଛି। ତେବେ ମହିଳା ଜଣଙ୍କ ବାଇକରେ ନିଆଁ ଲଗାଉଥିବାର ଭିଡିଓ କ୍ୟାମେରାରେ କଏଦ ହୋଇଥିବା ବେଳେ ସେ ନିଜେ ମଧ୍ୟ ପୁଲିସ୍ ଆଗରେ ଏହା ସ୍ୱୀକାର କରିଛନ୍ତି। ସେ ଏକ ବୋତଲରେ ପେଟ୍ରୋଲ ରଖି ନିଆଁ ଲଗାଇଥିଲେ। ପରେ ସେ ଉକ୍ତ ବୋତଲକୁ ହାଇକୋର୍ଟ ପରିସରକୁ ଫିଙ୍ଗିଥିଲେ। ଉକ୍ତ ବୋତଲଟି କୋର୍ଟ ପାଚେରୀ ବାଜି ସେଥିରେ ଥିବା ନିଆଁ ନିକଟରେ ପାର୍କିଂ ହୋଇଥିବା ଗାଡ଼ି ଉପରେ ପଡ଼ିଥିଲା। ଫଳରେ ଏପରି ଅଘଟଣ ଘଟିଥିଲା।

# ସବୁଜ ହାଇଡ୍ରୋଜେନ୍ ନୀତିରେ ଆଗକୁ ବଢ଼ୁଛି ଓଡ଼ିଶା

**ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ):** ସ୍ଥାୟୀ ଶକ୍ତି ସମାଧାନ କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି। ସ୍ଥାୟୀ ଶକ୍ତି ସମାଧାନ ପାଇଁ ଭାରତର ଅନ୍ୱେଷଣକୁ ସମର୍ଥନ ଦେଇ ଓଡ଼ିଶା ସବୁଜ ହାଇଡ୍ରୋଜେନ୍ ନୀତି ଘୋଷଣା କରିଥିବା ପ୍ରଥମ ରାଜ୍ୟ ହୋଇପାରିଛି। ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ସହ ସମନ୍ୱୟ ରଖି ଶିଳ୍ପ କ୍ଷେତ୍ରରେ ଡିକାର୍ବନାଇଜେସନ୍ ଭଳି ଐତିହାସିକ ପଦକ୍ଷେପ ରାଜ୍ୟର ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି। ଏହି କ୍ରମରେ ଆଜି ମାନ୍ୟବର ଉପମୁଖ୍ୟମନ୍ତ୍ରୀ, କୃଷି ଏବଂ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଭାରତୀୟ ଶିଳ୍ପ ମହାସଂଘର ସଦସ୍ୟ ଓ ନବୀକରଣୀୟ ଶକ୍ତିର



ଅନ୍ୟାନ୍ୟ ସଂସ୍ଥାମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ଏହି ନୀତି ନବୀକରଣୀୟ ଶକ୍ତି (ଆର୍‌ଇ) ରେ ଗୁରୁତ୍ୱପୂର୍ଣ୍ଣ ନିବେଶକୁ ପ୍ରୋତ୍ସାହନ ଦେବ। ସବୁଜ ହାଇଡ୍ରୋଜେନ୍ ଉତ୍ପାଦନ ଉପରେ ଗୁରୁତ୍ୱ ଦେବା ସହ ଏହି ନୀତି ଓଡ଼ିଶାକୁ ସ୍ୱଚ୍ଛ ଶକ୍ତି ନବସୃଜନର କେନ୍ଦ୍ରର ମାନ୍ୟତା ଦେବ। ଓଡ଼ିଶା ବିପର୍ଯ୍ୟୟ-ପ୍ରତିରୋଧୀ ଭିତ୍ତିଭୂମି, ବଣ୍ଟନ କ୍ଷେତ୍ର ସଂସ୍କାର ସହ ବ୍ୟାଟେରୀ ଶକ୍ତି ସଂରକ୍ଷଣ ପ୍ରଣାଳୀ (ବିଇଏସ୍ଏସ୍) ସହ ସମନ୍ୱିତ ଭାସମାନ ସୌର ଏବଂ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ (ପିଏସ୍‌ପି) ଭଳି ପ୍ରକଳ୍ପରେ ନିବେଶ ଉପରେ ଅଧିକ ଗୁରୁତ୍ୱ ଦେଉଛି। ଭାରତୀୟ ଶିଳ୍ପ ମହାସଂଘ, ନବୀକରଣୀୟ ଶକ୍ତି କ୍ଷେତ୍ରରେ ଓଡ଼ିଶାର ପ୍ରୟାସକୁ ପ୍ରଶଂସା କରିଛି। ରାଜ୍ୟର ନବୀକରଣୀୟ ଶକ୍ତି ନୀତି ୨୦୨୨ କାରଖାନାରୁ ନିର୍ଗତ ଗ୍ୟାସ୍ ହ୍ରାସ କରିବ ବୋଲି ମହାସଂଘ ଆଶା ପ୍ରକାଶ କରିଛି।

ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ସିଏମଡି, ଓପିଟିସିଏଲ, ଭାସ୍କର ଜ୍ୟୋତି ଶର୍ମା, ଶକ୍ତି ବିଭାଗ, ଓପିଟିସିଏଲ, ଗ୍ରୀଡ୍‌କୋ, ଟିପିସିଓଡିଏଲ, ଭାରତୀୟ ଶିଳ୍ପ ମହାସଂଘ ଇତ୍ୟାଦିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

● ବେଆଇନ ବାଲି ଚାଲାଣ ମାମଲା

## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

**କଟକ,୩୧।୩(ସଂଚାର ବ୍ୟୁରୋ):** ଗାଡ଼ିର ଫିଟ୍‌ନେସ୍ ସାର୍ଟିଫିକେଟ୍ ଠିକ୍ ରହିଛି। ଗାଡ଼ି ଚାଲିବା ବେଳେ କୌଣସି ପ୍ରକାର ବେଆଇନ କାର୍ଯ୍ୟ ବା କାହାରି ଜୀବନ ପ୍ରତି ବିପଦ ସୃଷ୍ଟି କରିନାହିଁ। ସେ କ୍ଷେତ୍ରରେ କେବଳ ବେଆଇନ ବାଲି ଚାଲାଣ ଅଭିଯୋଗରେ ଯେଉଁସବୁ ଗାଡ଼ିର ମୋଟର ଯାନ ଆଇନରେ ପଞ୍ଜୀକରଣ ପ୍ରମାଣପତ୍ରକୁ ରଦ୍ଦ କରାଯାଇପାରିବ ନାହିଁ ବୋଲି କହିଛନ୍ତି ହାଇକୋର୍ଟ। ଜଗତସିଂହପୁର ଆର୍‌ଟିଓଙ୍କ ଦ୍ୱାରା ବେଆଇନ ବାଲି ପରିବହନ ମାମଲାରେ ୪୬ଟି ହାଇୱାର ପଞ୍ଜୀକରଣ ପ୍ରମାଣପତ୍ର ନିଲମ୍ବନ ସଂକ୍ରାନ୍ତ ଆଦେଶକୁ ହାଇକୋର୍ଟ ଖାରଜ କରିଛନ୍ତି। ଅଶୋକ କୁମାର ସ୍ୱାଇଁ ଓ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ୍ ବିପି ରାଉତରାୟ ଉପରୋକ୍ତ ଆଦେଶ ଦେଇଛନ୍ତି। ଜଗତସିଂହପୁର ଜିଲ୍ଲା କିଲିପାଳ ବାଲି ସଇରାତରୁ ବେଆଇନ ବାଲି ପରିବହନ କରାଯାଉଥିବା ଅଭିଯୋଗରେ ପୁଲିସ, ଖଣି ଏବଂ ପରିବହନ ବିଭାଗର ଏକ ମିଳିତ ଟିମ୍ ୪୬ଟି ହାଇୱା ଜବତ କରିଥିଲେ। ଏହି ଆଧାରରେ ଜଗତସିଂହପୁର ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ମୋଟରଯାନ ଆଇନ ଆଧାରରେ ଗାଡ଼ିଗୁଡ଼ିକର ପଞ୍ଜୀକରଣ ପ୍ରମାଣପତ୍ରକୁ ନିଲମ୍ବନ କରିଥିଲେ। ଏହାକୁ ବିରୋଧ କରି ଆବେଦନକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ୫ ଲକ୍ଷ ନେଇ ଯାଉଥିବା ବେଳେ ଧରିଲା ଭିଜିଲାନ୍ସ

● ଘରେ ଥିଲା ଆଉ ୫ ଲକ୍ଷ

● ଭଉଣୀ ଘରୁ ମିଳିଛି ୭୦ଟି ୫୦୦ ଟଙ୍କିଆ ବଣ୍ଡଲ

**ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ):** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଓଡ଼ିଶା ପୁଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେସନର ସମ୍ବଲପୁର ଡିଭିଜନ୍‌ର ଡେପୁଟୀ ମ୍ୟାନେଜର ବିଦ୍ୟୁତ ରଞ୍ଜନ ଭୋଳା। ସମ୍ବଲପୁର ରେଳ ଷ୍ଟେସନ ନିକଟରେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିବା ପରେ ତାଙ୍କଠାରୁ ୫ ଲକ୍ଷ ଟଙ୍କା ଜବତ କରାଯାଇଥିଲା। ଏହା ଲାଞ୍ଚ ଟଙ୍କା ବୋଲି ସନ୍ଦେହ କରାଯାଉଛି। ଏହା ପରେ ଭିଜିଲାନ୍ସ ପକ୍ଷରୁ ସମ୍ବଲପୁର, ଭୁବନେଶ୍ୱର ଓ ଗଞ୍ଜାମର ଭଞ୍ଜନଗରରେ ଥିବା ତାଙ୍କର



ଠିକଣାଗୁଡ଼ିକରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ତାଙ୍କର ଭୁବନେଶ୍ୱର ସ୍ଥିତ ବାସଭବନରୁ ଆଉ ନଗଦ ୫ ଲକ୍ଷ ଟଙ୍କା ମିଳିଥିଲା। କେବଳ ଏତିକି ନୁହେଁ, ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା ତାଙ୍କ ଭଉଣୀଙ୍କ ଘରୁ ୭୦ଟି ୫୦୦ ଟଙ୍କିଆ ନୋଟ୍ ବିଡ଼ା ମିଳିଛି। ଏକ ଟିଣ ବାକ୍ସରେ ଏହି ଟଙ୍କା ରଖାଯାଇଥିଲା। ଚଢ଼ାଉ ବେଳେ ମୋଟ ୪୫ ଲକ୍ଷ ଜବତ କରାଯାଇଛି। ଶ୍ରୀ ଭୋଳ ବିପୁଳ ପରିମାଣରେ ଲାଞ୍ଚ ଅର୍ଥ ନେଇ ଯାଉଥିବା ସମ୍ପର୍କରେ ଭିଜିଲାନ୍ସ ପାଖରେ ନିର୍ଦ୍ଦିଷ୍ଟ ସୂଚନା ରହିଥିଲା। ସେହି ସୂଚନା ଆଧାରରେ ଭିଜିଲାନ୍ସ ରେଡ୍ କରି ଶ୍ରୀ ଭୋଳଙ୍କୁ ସମ୍ବଲପୁର ରେଳ ଷ୍ଟେସନ ନିକଟରୁ ଧରିଥିଲା। ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି ରହିଛି।

## ଚାଷୀ ତ୍ରିଲୋଚନ ମୃତ୍ୟୁ ନେଇ ଯୋଗାଣ ମନ୍ତ୍ରୀଙ୍କ ସ୍ପଷ୍ଟୀକରଣ

# ଧାନ ଅବ୍ୟବସ୍ଥା ନୁହେଁ, ହୃଦଘାତରୁ ମୃତ୍ୟୁ

**ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ ରାଜନଗର ଚାଷୀ ତ୍ରିଲୋଚନ ନାୟକ ମୃତ୍ୟୁ ଘଟଣାରେ ଆଜି ବିଧାନସଭାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିବୃତ୍ତି ରଖିଛନ୍ତି। ତ୍ରିଲୋଚନ ନାୟକ ପ୍ରାୟ ସପ୍ତାହେ ଧରି ମଣ୍ଡିରୁ ମିଲ୍ ଦୌଡ଼ି ଦୌଡ଼ି ଅସୁସ୍ଥ ହୋଇପଡ଼ିବାରୁ ମୃତ୍ୟୁବରଣ କରିଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ତେବେ ତାଙ୍କର ମୃତ୍ୟୁ ଧାନ ସଂଗ୍ରହରେ ଅବ୍ୟବସ୍ଥାରୁ ନୁହେଁ, ବରଂ ହୃଦ୍‌ଘାତରେ ହୋଇଥିବା ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

ସେ କହିଛନ୍ତି ଯେ ଏହି ଘଟଣାକୁ ନେଇ ଯୋଗାଣ ବିଭାଗ ପକ୍ଷରୁ ତଦନ୍ତ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ



ତ୍ରିଲୋଚନ ଫେବୃଆରୀ ୧୪ ତାରିଖରେ ମଣ୍ଡିରେ ୩୮.୯୦ କ୍ୱିଣ୍ଟାଲ ଧାନ ବିକ୍ରି କରିଛନ୍ତି। ଧାନ ବିକ୍ରି କରି ଏମଏସପି ବାବଦରେ ସେ ୯୨ ହଜାର ୧୫୪ ଟଙ୍କା ଇନପୁଟ ସବସିଡି ବାବଦରେ ୨୮ ହଜାର ୪୩୬ ଟଙ୍କା ଏହିଭଳି ମୋଟ ୧ ଲକ୍ଷ ୨୦ ହଜାର ୫୯୦ ଟଙ୍କା ପାଇଛନ୍ତି। ଫେବୃଆରୀ ୧୮ ତାରିଖରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଏହି ରାଶି ଡିପୋଜିଟ କରାଯାଇଛି। ତ୍ରିଲୋଚନ ଡାଙ୍ଗମାଳ ଆରଏମସିରେ ପଞ୍ଜିକୃତ ହୋଇଥିଲେ। ତାଙ୍କୁ ୩୯ କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ଟୋକନ ଦିଆଯାଇଥିଲା। ଗତ ବର୍ଷ ମଧ୍ୟ ତ୍ରିଲୋଚନ ନିୟମିତ ଧାନ ବିକ୍ରି କରିଥିଲେ। ତେବେ ବିଜେଡି ସରକାର ଅମଳରେ ସେ ମାତ୍ର ୧୩ କ୍ୱିଣ୍ଟାଲ ଧାନ ବିକିଥିଲେ। ଗତ ଫେବୃଆରୀ ୨୫ ତାରିଖରେ ତ୍ରିଲୋଚନଙ୍କ ମୃତ୍ୟୁ ଧାନ ବିକ୍ରି ଅବ୍ୟବସ୍ଥା ପାଇଁ ନୁହେଁ, ହୃଦଘାତରୁ ହୋଇଥିବା ଯୋଗାଣ ମନ୍ତ୍ରୀ କହିଛନ୍ତି।

## ସିଏଜି ଧରିଲେ ଡିଏମ୍ଏଫ୍ କେଳେଙ୍କାରୀ

# ଅଷ୍ଟ୍ରେଲିଆରେ ଖର୍ଚ୍ଚ ହୋଇଛି କେନ୍ଦୁଝର ଖଣି ପାଣ୍ଠି

**ଭୁବନେଶ୍ୱର,୩୧।୩(ସଂଚାର ବ୍ୟୁରୋ):** ଯାହା ଆଶଙ୍କା କରାଯାଉଥିଲା, ତାହା ହିଁ ସତ୍ୟ ପ୍ରମାଣିତ ହେଲା। କେନ୍ଦୁଝର ଜିଲ୍ଲା ଡିଏମଏଫ ବା ଜିଲ୍ଲା ଖଣିଜ ପାଣ୍ଠିରୁ କୋଟି କୋଟି ଟଙ୍କା ହରିଲୁଟ ହୋଇଛି। ଯେଉଁ ଟଙ୍କା ଖଣି ପ୍ରଭାବିତ ଅଞ୍ଚଳର ବିକାଶ ପାଇଁ ଖର୍ଚ୍ଚ ହେବା କଥା, ତାହାକୁ ନିୟମ ବାହାରକୁ ଯାଇ ମନଇଚ୍ଛା ଉଡ଼ାଇ ଦେଇଛନ୍ତି ସରକାରୀ ବାବୁ। କାଗଜପତ୍ର ଅଡିଟ୍ ସମୟରେ ଏହି ବଡ଼ ଧରଣର କେଳେଙ୍କାରୀକୁ ଧରିଛି ସିଏଜି। କେବଳ କେନ୍ଦୁଝର ନୁହେଁ, ଯାଜପୁର ଓ ସୁନ୍ଦରଗଡ଼ରେ ମଧ୍ୟ ସମାନ ଦୁର୍ନୀତି ହୋଇଥିବା ସିଏଜିଙ୍କ ଡ୍ରାଫ୍ଟ ରିପୋର୍ଟ ସ୍ପଷ୍ଟ କରିଛି।

ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା




ଅନୁଯାୟୀ, ଡିଏମଏଫ୍‌ରୁ ୭୦ ପ୍ରତିଶତ ଅର୍ଥ ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା ଓ ପରିବେଶ ସୁରକ୍ଷା ଭଳି ଅତି ପ୍ରାଥମିକ କାର୍ଯ୍ୟରେ ଖର୍ଚ୍ଚ ହେବ। କିନ୍ତୁ ୨୦୧୫-୧୬ରୁ ୨୦୨୩-୨୪ ମଧ୍ୟରେ ସିଏଜି କରିଥିବା ଅଡିଟ୍ ଏହି ନିୟମର ଖୋଲାଖୋଲି ଉଲ୍ଲଂଘନକୁ ପଦାରେ ପକାଇଛି। ସିଏଜିଙ୍କ ତଥ୍ୟ କହୁଛି, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାରେ ୯,୭୩୯ଟି କାମରେ ୧୭ କୋଟି ୯୨୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ହେଲେ ୪୮୮ଟି ସିଧାସଳଖ ଓ ୯୬ଟି ପରୋକ୍ଷ ପ୍ରଭାବିତ ଗାଁରେ ହୋଇନାହିଁ କୌଣସି କାମ। ସେହିପରି ଯାଜପୁର ଜିଲ୍ଲାର ଅଣ-ଖଣି ପ୍ରଭାବିତ ଗାଁରେ ଅଧିକ ୪୩.୫୪ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଛି। ଖଣି ନ ଥିବା ଗାଁଗୁଡ଼ିକୁ 'କମନ ଆଫେକ୍ଟେଡ ଏରିଆ' ନାମକ ଏକ ନୂଆ କ୍ୟାଟିଗୋରିରେ ରଖି ନିୟମ ବାହାରେ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ଖଣି ପ୍ରଭାବିତ ଅଞ୍ଚଳରେ ଖର୍ଚ୍ଚ ହୋଇଛି ମାତ୍ର ୩୬.୬୦ ପ୍ରତିଶତ ଅର୍ଥ।

ସିଏଜିର ଡ୍ରାଫ୍ଟ ରିପୋର୍ଟ ଅନୁଯାୟୀ, ବେଆଇନ ଭାବେ ଜିଲ୍ଲା ଖଣିଜ ପାଣ୍ଠିରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ପୁଲିସ୍ ପାଟ୍ରୋଲିଂ ଗାଡ଼ି କିଣିବା, ମ୍ୟୁନିସିପାଲ୍ ଅଫିସ୍ ସୌନ୍ଦର୍ଯ୍ୟକରଣ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପଢ଼ାଘର ନିର୍ମାଣ ପାଇଁ ୨୫.୦୧ କୋଟି ଟଙ୍କା ଖର୍ଚ୍ଚ ହୋଇଛି। କେନ୍ଦୁଝର ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟର ୫ ଜଣ ଛାତ୍ରଙ୍କୁ ଅଷ୍ଟ୍ରେଲିଆରେ ପଢ଼ାଇବା ପାଇଁ ଟ୍ରଷ୍ଟ ବୋର୍ଡର ବିନାନୁମତିରେ ୬.୦୬ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଦୁବାଇ, ଆବୁଧାବୀ ଷ୍ଟକ ମାର୍କେଟରୁ ଉଡ଼ିଗଲାଣି ୧୨୦ ବିଲିୟନ ଡଲାର

ନୂଆଦିଲ୍ଲୀ, ୩୧।୩: ଇରାନ ଉପରେ ଆମେରିକା-ଇସ୍ରାଏଲର ଆକ୍ରମଣ ପରଠାରୁ ସମଗ୍ର ଦୁନିଆରେ ସୃଷ୍ଟି ହୋଇଛି ଶକ୍ତି ସଙ୍କଟ। ତେଲ ଠାରୁ ଆରମ୍ଭ କରି ଗ୍ୟାସ ଯୋଗାଣ, ସବୁଥିରେ ଉପୁଜିଛି ବାଧା। ଫଳରେ ଏବେ ବିଶ୍ୱରେ ଅନେକ ଦେଶ। ଖାଲି ସେତିକି ନୁହେଁ ବିଶ୍ୱର ଅନେକ ଦେଶର ଷ୍ଟକ ମାର୍କେଟର ସ୍ଥିତି ବି ବେହାଲ। ସେୟାର ମାର୍କେଟ କ୍ରାସ ଯୋଗୁ କୋଟି କୋଟି ଟଙ୍କା ହରାଉଛନ୍ତି ନିବେଶକ । ଏହାରି ମଧ୍ୟରେ ସଂଯୁକ୍ତ ଆରବ ଏମିରେଟ୍ସର ଦୁବାଇ ଏବଂ ଆବୁଧାବି ଷ୍ଟକ୍ ବଜାରକୁ ନେଇ ଆସିଛି ତଥ୍ୟ। ଯୁଦ୍ଧ ଆରମ୍ଭ ହେବା ପରଠାରୁ ଦୁବାଇ ଏବଂ ଆବୁଧାବି ଷ୍ଟକ୍ ମାର୍କେଟ ପ୍ରାୟ ୧୨୦ ବିଲିୟନ ଡଲାର କ୍ଷତି ସହିଛି। ଏହା ସହ ଯୁଦ୍ଧ ଯୋଗୁ ବିଶ୍ୱବ୍ୟାପୀ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ବଜାରରେ ସାମିଲ ହୋଇଛନ୍ତି ଏହି ଦୁଇ ଷ୍ଟକ ମାର୍କେଟ।




ସୂଚନା ଅନୁସାରେ, ଫେବୃଆରୀ ୨୮ରେ ଆମେରିକା ଏବଂ ଇସ୍ରାଏଲ, ଇରାନ ବିରୁଦ୍ଧରେ ଯୁଦ୍ଧ ଆରମ୍ଭ କରିବା ପରଠାରୁ ଦୁବାଇ ଏବଂ ଆବୁଧାବିର ବେଞ୍ଚମାର୍କ ସୂଚକାଙ୍କ ଯଥାକ୍ରମେ ପ୍ରାୟ ୧୬ ପ୍ରତିଶତ ଏବଂ ୯ ପ୍ରତିଶତ ହ୍ରାସ ପାଇଛି। ସେହିଭଳି ଦୁବାଇ ଫାଇନାନ୍ସିଆଲ ମାର୍କେଟ (ଡିଏଫଏମ) ଜେନେରାଲ ଇଣ୍ଡେକ୍ସର ମାର୍କେଟ କ୍ୟାପିଟାଲାଇଜେସନ ବା ବଜାର ପୁଞ୍ଜି ପ୍ରାୟ ୪୫ ବିଲିୟନ ଡଲାର ହ୍ରାସ ପାଇଛି। ସେହିଭଳି ବୃହତ ଏଡିଏକ୍ସ ଜେନେରାଲ ଇଣ୍ଡେକ୍ସ ପ୍ରାୟ ୭୫ ବିଲିୟନ ଡଲାର ହ୍ରାସ ପାଇଛି। କତାର ଏବଂ ବାହାରିନର ଆର୍ଥିକ ବଜାର ମଧ୍ୟ ଯଥାକ୍ରମେ ପ୍ରାୟ ୪ ପ୍ରତିଶତ ଏବଂ ୭ ପ୍ରତିଶତ ହ୍ରାସ ପାଇଛି। ସେପଟେ କିନ୍ତୁ ସାଉଦି ଆରବ ଏବଂ ଓମାନର ବିନିମୟ ବୃଦ୍ଧି ପାଇଛି।

ବଡ଼ କଥା ହେଲା ହର୍ମୁଜ ପ୍ରଣାଳୀ ବନ୍ଦ ଯୋଗୁ ଅନ୍ୟ ଉପସାଗରୀୟ ଦେଶଙ୍କ ତୁଳନାରେ ସୃଷ୍ଟି ହୋଇଥିବା ସମସ୍ୟା ତୁଳନାରେ ୟୁଏଇ କମ୍ ପ୍ରଭାବିତ ହୋଇଛି। ହେଲେ ଏହା ସତ୍ତ୍ୱେ ଦେଶର ଆଞ୍ଚଳିକ ଆର୍ଥିକ କାରବାରକୁ ଆଘାତ ଦେଇଛି। କାରଣ ଯୁଦ୍ଧ ଯୋଗୁ ହଜାର ହଜାର ଉଡ଼ାଣ ବାତିଲ ହୋଇଛି। ଦୁବାଇ ସରକାରୀ ଗଣମାଧ୍ୟମ ଅନୁଯାୟୀ, ଗତ ବର୍ଷ ପର୍ଯ୍ୟଟନ ଏବଂ ଭ୍ରମଣ ଯୋଗୁ ଦେଶର ଅର୍ଥନୀତିକୁ ପ୍ରାୟ ୭୦ ବିଲିୟନ ଡଲାର ରାଜସ୍ୱ ମିଳିଥିଲା। ଯାହା ମୋଟ ଘରୋଇ ଉତ୍ପାଦ (GDP)ର ୧୩ ପ୍ରତିଶତ। ବିଶ୍ୱ ମାନଦଣ୍ଡ ଅନୁସାରେ ୟୁଏଇର ଷ୍ଟକ୍ ବଜାର ତୁଳନାତ୍ମକ ଭାବରେ ଛୋଟ ହୋଇଥିଲେ ମଧ୍ୟ, ଏହାର ଅର୍ଥନୈତିକ ବିବିଧତା ଅନୁସାରେ ଆର୍ଥିକ ସେବାରେ ପ୍ରଚୁର ନିବେଶ କରିଛି। ଫଳରେ ଏହା ବର୍ତ୍ତମାନ ମଧ୍ୟପ୍ରାଚ୍ୟର ଶ୍ରେଷ୍ଠ ପୁଞ୍ଜି ବଜାର ମଧ୍ୟରେ ସ୍ଥାନ ପାଇଛି।

୨୦୨୪ରେ ପ୍ରଥମ ଥର ପାଇଁ ୟୁଏଇ-ତାଲିକାଭୁକ୍ତ ଷ୍ଟକର ମୂଲ୍ୟ ୧ ଟ୍ରିଲିୟନ ଡଲାର ଅତିକ୍ରମ କରିଥିଲା। ଯାହା ଏହି ଅଞ୍ଚଳରେ ସାଉଦି ଆରବର ୨.୫ ଟ୍ରିଲିୟନ ଡଲାର ବଜାର ପରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଗତ ସପ୍ତାହରେ Z/Yen Partners ଦ୍ୱାରା ଚାଇନା ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ୍ ସହଯୋଗରେ ପ୍ରକାଶିତ ଗ୍ଲୋବାଲ୍ ଫାଇନାନ୍ସିଆଲ୍ ସେଣ୍ଟର୍ସ ଇଣ୍ଡେକ୍ସର ସପ୍ତମ ସଂସ୍କରଣରେ ଦୁବାଇ ପ୍ରତିଯୋଗିତାମୂଳକ ସ୍ଥିତିରେ ସପ୍ତମ ସ୍ଥାନକୁ ଉଠିଛି, ଯାହା ଏହାର ସର୍ବୋଚ୍ଚ ସ୍ଥାନ।

୨୦୩୩ରେ ଉଲ୍ଲେଖିତ ୧୦ ବର୍ଷୀୟ ଅର୍ଥନୈତିକ ଯୋଜନା ଅଧୀନରେ, ଦେଶର ନେତାମାନେ ୨୦୩୩ ସୁଦ୍ଧା ଦୁବାଇକୁ ବିଶ୍ୱର ଶ୍ରେଷ୍ଠ ଚାରିଟି ବିଶ୍ୱ ଆର୍ଥିକ କେନ୍ଦ୍ର ମଧ୍ୟରୁ ଗୋଟିଏ ହେବା ପାଇଁ ଏକ ଦୃଷ୍ଟିକୋଣ ପ୍ରସ୍ତୁତ କରିଛନ୍ତି। ନ୍ୟୁୟର୍କ ବିଶ୍ୱବିଦ୍ୟାଳୟର ଷ୍ଟୁଲ ଅଫ୍ ପ୍ରଫେସନାଲ୍ ଷ୍ଟଡିଜ୍‌ର ପ୍ରଫେସର ବର୍ଟନ୍ ହିକ୍ସ୍, କହିଛନ୍ତି ଯୁଦ୍ଧର ସମାଧାନ ହୋଇଗଲେ ଦୁବାଇ ଏବଂ ଆବୁଧାବି ମାର୍କେଟରେ ପରିବର୍ତ୍ତନ ହୋଇପାରେ।



### ୨୦ ବର୍ଷୀୟ ଛାତ୍ରଙ୍କ କମାଲ

# ତିଆରି କଲେ ଭବିଷ୍ୟତ କହୁଥିବା ଏଆଇ ସିଷ୍ଟମ୍

ନୂଆଦିଲ୍ଲୀ, ୩୧।୩: ଆଜିକାଲି କୃତ୍ରିମ ବୁଦ୍ଧିମତା ବା ଏଆଇର ଦୁନିଆରେ ଜଣେ ୨୦ ବର୍ଷୀୟ ଚୀନ ଛାତ୍ରଙ୍କୁ ନେଇ ଜୋରଦାର ଚର୍ଚ୍ଚା ଚାଲିଛି। ଗୁଗଲ୍ ଏବଂ ମାଇକ୍ରୋସଫ୍ଟ ଭଳି ବଡ଼ ବଡ଼ କମ୍ପାନୀଗୁଡ଼ିକୁ ପଛରେ ପକାଇ ବେଜିଂ ୟୁନିଭରସିଟିର ଛାତ୍ର ଗୁଓ ହାଙ୍ଗଜିଆଙ୍ଗ ଏକ ଏଭଳି ଏଆଇ ଇଞ୍ଜିନ ତିଆରି କରିଛନ୍ତି, ଯାହା ଭବିଷ୍ୟବାଣୀ କରିବାରେ ସକ୍ଷମ। ମାତ୍ର ୧୦ ଦିନ ମଧ୍ୟରେ ପ୍ରସ୍ତୁତ ହୋଇଥିବା ଏହି ସିଷ୍ଟମର ନାମ ରଖାଯାଇଛି 'ମିରୋଫିସ୍'। 'ମିରୋଫିସ୍' କୌଣସି ସାଧାରଣ ଚାଟବୋଟ୍ ନୁହେଁ। ଏହା ସାଗରରେ ଏକ କୃତ୍ରିମ ମଡେଲ ପ୍ରସ୍ତୁତ କରି କାମ କରିଥାଏ। ଏହାର କିଛି ମୁଖ୍ୟ ବିଶେଷତ୍ୱ ହେଲା-ଆଚରଣ ଅନୁଧ୍ୟାନ: ଏହି ଏଜେଣ୍ଟମାନଙ୍କର ନିଜସ୍ୱ ବ୍ୟକ୍ତିତ୍ୱ ଏବଂ ସ୍ମୃତିଶକ୍ତି ରହିଥାଏ। ସମାଜରେ କୌଣସି ନୂଆ ନୀତି ବା ଖବର ଆସିଲେ ଲୋକେ କିପରି ପ୍ରତିକ୍ରିୟା ଦେବେ, ତାହା ଏହି ଏଆଇ ଏଜେଣ୍ଟମାନଙ୍କ ବ୍ୟବହାରରୁ ଜଣାପଡ଼ିଥାଏ। ଗୁଓଙ୍କର ଏହି ଅଦ୍ଭୁତ କ୍ଷମତା ଦେଖି ଚୀନର ପୂର୍ବତନ ସବୁଠାରୁ ଧନୀ ବ୍ୟକ୍ତି ଚେନ୍ ତିଆନକିୟାଓ ମାତ୍ର ୨୪ ଘଣ୍ଟା ମଧ୍ୟରେ ତାଙ୍କୁ ୪.୧ ମିଲିୟନ ଡଲାର ଯାହା ଭାରତୀୟ ମୁଲ୍ୟରେ ପ୍ରାୟ ୩୪ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ଏଆଇ ତିଆରି କରିବା ପାଇଁ 'ଭାଇବ୍ କୋଡିଂ' ନାମକ ଏକ ଉନ୍ନତ ଟେକ୍ନୋଲୋଜି ବ୍ୟବହାର କରାଯାଇଛି। ଏହି ଏଆଇ ନିଜର ଶକ୍ତି ପ୍ରଦର୍ଶନ କରି ସାରିଛି। ଏକ ବିଶ୍ୱବିଦ୍ୟାଳୟ ବିବାଦ ସମୟରେ ଲୋକଙ୍କ ଆକ୍ରୋଶ କେତେବେଳେ ଏବଂ କିପରି ବଦଳିବ, ତାହାର ସଠିକ୍ ଆକଳନ କରିଥିଲା। ଶତାବ୍ଦୀ ପୂର୍ବରୁ ହଜିଯାଇଥିବା ପ୍ରସିଦ୍ଧ ଉପନ୍ୟାସ 'ଡ୍ରିମ୍ ଅଫ୍ ଦି ରେଡ୍ ଚାମ୍ବର'ର ଶେଷ ଭାଗକୁ ଏହା ନିଜେ ଲେଖି ଦେଇଛି। ବିଶେଷଜ୍ଞଙ୍କ ମତ ଅନୁସାରେ, ଯଦିଓ ଏଭଳି ସିଷ୍ଟମ ଚଲାଇବା ପାଇଁ ଅଧିକ ଖର୍ଚ୍ଚ ହେଉଛି, ତଥାପି ଏହା ପ୍ରମାଣ କରିଛି ଯେ ଚୀନ୍ ହାତରେ ଏବେ "ଭବିଷ୍ୟତ କହିବାର ଯାଦୁକରୀ ସିଷ୍ଟମ୍" ଲାଗିଯାଇଛି।

# ଟ୍ରେନରେ ଚୋରି ହେଲେ ଅନଲାଇନରେ କରିପାରିବେ ଅଭିଯୋଗ

ନୂଆଦିଲ୍ଲୀ, ୩୧।୩: ଟ୍ରେନ ଯାତ୍ରୀଙ୍କ ପାଇଁ ଆସିଲା ଖୁସି ଖବର। ଟ୍ରେନରେ ଯାତ୍ରା କରୁଥିବା ସମୟରେ ଫୋନ୍ ଚୋରି ହେଉଛି କି ? ତାହାଲେ ଆଉ ଚିନ୍ତା କରନ୍ତୁ ନାହିଁ। ଏଥିପାଇଁ ଆସି ଯାଇଛି ବଢ଼ିଆ ସୁବିଧା। ଏଣିକି ଟ୍ରେନରେ ଯାତ୍ରୀଙ୍କ ମୋବାଇଲ୍ ଫୋନ୍ ଚୋରି ହେଲେ ଥାନାକୁ ଆସି ଅଭିଯୋଗ କରିବାକୁ ପଡ଼ିବ ନାହିଁ। ଅନଲାଇନ୍ ଆପ୍ଲିକେସନ୍ ମାଧ୍ୟମରେ ଯାତ୍ରୀ ଏନେଇ ଅଭିଯୋଗ କରିପାରିବେ। ଆରପିଏଫ୍ ପକ୍ଷରୁ ସାଇବର୍ ସେଲ୍ ମାଧ୍ୟମରେ ଚୋରି ହୋଇଥିବା ମୋବାଇଲ୍ ଫୋନକୁ ବ୍ଲକ୍ କରିବା ସହିତ ବ୍ଲାକ୍ ଲିଷ୍ଟ କରାଯାଇ ପାରିବ। ଯାହାଫଳରେ ମୋବାଇଲ୍ ନେଇଥିବା ବ୍ୟକ୍ତି ଏଥିରେ କୌଣସି କମ୍ପାନିର ସିମ୍ କାର୍ଡ ପକାଇପାରିବ ନାହିଁ କି ତାହାକୁ ବ୍ୟବହାର କରିପାରିବ ନାହିଁ। ଏମିତିକି ଫୋନରେ କୌଣସି ସିମ୍ ପକାଇବା କ୍ଷଣି ଫୋନକୁ ଟ୍ରାକ୍ କରି ପାରିବ ରେଳ ବିଭାଗ। ତେବେ ଆସନ୍ତୁ ଜାଣିବା କେମିତି ଅନଲାଇନ୍ ମାଧ୍ୟମରେ ଆପଣ ଅଭିଯୋଗ କରିପାରିବେ। ଯାତ୍ରୀମାନଙ୍କୁ ସହାୟତା କରିବା ପାଇଁ, ଆରପିଏଫ ଏବଂ ଦୂରସଂଚାର ବିଭାଗ (ଡିଓଟି) ମିଳିତ ଭାବରେ ଏକ ପଦକ୍ଷେପ ନେଇଛନ୍ତି। 'ଡିଓଟି'ର ସେଣ୍ଟ୍ରାଲ ଇକ୍ୟୁପମେଣ୍ଟ୍ ଆଇଡେଣ୍ଟି ରେଜିଷ୍ଟର ବା (ସିଇଆଇଆର) ପୋର୍ଟାଲ ସହିତ ଅଫିସିଆଲ ଭାବେ ଯୋଡ଼ି ହୋଇଛି ଆରପିଏଫ। ଏହି ଡିଜିଟାଲ୍ ପ୍ଲାଟଫର୍ମ ହଜିଯାଇଥିବା କିମ୍ବା ଚୋରି ହୋଇଥିବା



ମୋବାଇଲ୍ ଫୋନ୍‌ର ଆଇଏମଇଆଇ ନମ୍ବରଗୁଡ଼ିକୁ ବ୍ଲକ କରିପାରିବ। ଏହା ଦ୍ୱାରା ଫୋନ୍ ବନ୍ଦ ହୋଇଯିବା ସହ ଫୋନକୁ ଟ୍ରାକ୍ କରିବା ମଧ୍ୟ ସହଜ ହେବ। ଥରେ ବ୍ଲକ୍ ହେବା ପରେ, ଫୋନ୍‌କୁ ବେଆଇନ ଭାବରେ ବ୍ୟବହାର କିମ୍ବା ବିକ୍ରି କରାଯାଇପାରିବ ନାହିଁ। ଏହା ବ୍ୟତୀତ, ନୂଆ ସିମ୍ କାର୍ଡ ପକାଇ ଫୋନକୁ ଆକ୍ଟିଭ କରିବା ମାତ୍ରେ ଫୋନକୁ ଟ୍ରାକ କରିବା ସହଜ ହୋଇଯିବ।

ଯଦି ଯାତ୍ରା ସମୟରେ ଆପଣଙ୍କର ମୋବାଇଲ୍ ଫୋନ୍ ହଜିଯାଏ, ତେବେ ଆପଣ 'ରେଳ ମଦଦ' ପ୍ଲାଟଫର୍ମରେ ଏକ ଅନଲାଇନ୍ ଅଭିଯୋଗ ଦାଖଲ କରିପାରିବେ କିମ୍ବା ୧୩୯ ନମ୍ବରକୁ କଲ୍ କରିପାରିବେ। ଯଦି ଆପଣ ଅଫିସିଆଲ୍ ଏଫଆଇଆର ଦାଖଲ କରିବାକୁ ଚାହୁଁ ନଥିବେ, ତେବେ ଆପଣଙ୍କୁ ସିଇଆଇଆର ପୋର୍ଟାଲରେ ଅଭିଯୋଗ ଦାଖଲ କରିବାର ପ୍ରକ୍ରିୟା ମାଧ୍ୟମରେ ଜଣାଇ ଦିଆଯିବ। ଅଭିଯୋଗ ରେଜିଷ୍ଟର ହେବା ପରେ, ଆରପିଏଫର ଜୋନାଲ ସାଇବର ସେଲ୍ ମୋବାଇଲ୍ ଫୋନ୍‌ର ଆଇଏମଇଆଇ ନମ୍ବରକୁ ବ୍ଲକ୍ କରିବା ପାଇଁ ସିଇଆଇଆର ପୋର୍ଟାଲରେ ଏହାର ଡିଟେଲ୍ସ ଏଣ୍ଟ୍ରି କରିବ। ଫୋନ୍‌ରେ ନୂଆ ସିମ୍ କାର୍ଡ ପଶିବା ମାତ୍ରେ ଆରପିଏଫକୁ ସୂଚନା ମିଳିଯିବ। ଯିଏ ଚୋରି ହୋଇଥିବା ଫୋନକୁ ବ୍ୟବହାର କରିବ ତାକୁ ନିକଟସ୍ଥ ଆରପିଏଫ ପୋଷ୍ଟରେ ଡିଭାଇସ୍ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଏ। ଆବଶ୍ୟକୀୟ ଡକ୍ୟୁମେଣ୍ଟ୍ ଦେଖାଇ ଫୋନର ପ୍ରଥମ ମାଲିକ ନିଜର ଚୋରି ହୋଇଥିବା ଫୋନ୍‌କୁ ଫେରି ପାଇପାରିବେ। ଯଦି ଏହି ପ୍ରକ୍ରିୟା ବିଫଳ ହୁଏ, ତେବେ ଏକ FIR ରେଜିଷ୍ଟର ହୁଏ ଏବଂ ମାମଲା ଜିଲ୍ଲା ପୋଲିସକୁ ହସ୍ତାନ୍ତର କରାଯାଏ। ଫୋନ୍‌ଟି ପୁନରୁଦ୍ଧାର ହେବା ପରେ, ଫୋନ୍ ମାଲିକ ଆଇଏମଇଆଇକୁ ଅନବ୍ଲକ୍ କରିବା ପାଇଁ ସିଇଆଇଆର ପୋର୍ଟାଲ୍ ମାଧ୍ୟମରେ ଏକ ଅନୁରୋଧ ମଧ୍ୟ ଦାଖଲ କରିପାରିବେ। ଏହି ପ୍ରକ୍ରିୟା ଦ୍ୱାରା ଆପଣ FIR ଦାୟର କରିବା ପାଇଁ ପୋଲିସ ଷ୍ଟେସନକୁ ଯିବାକୁ ପଡ଼ିବନି। ମେ ୨୦୨୪ରେ ଆରମ୍ଭ ହୋଇଥିବା ପାଇଲଟ୍ ପ୍ରୋଜେକ୍ଟର ସଫଳତା ପରେ, ଏହି ସୁବିଧା ବର୍ତ୍ତମାନ ସମଗ୍ର ଦେଶରେ କାର୍ଯ୍ୟକାରୀ କରାଯାଇଛି। ଆରପିଏଫ ଅନୁସାରେ ଏହି ପଦକ୍ଷେପ କେବଳ ମୋବାଇଲ୍ ଚୋରିକୁ ରୋକିବ ତା ନୁହେଁ ଯାତ୍ରୀମାନଙ୍କୁ ଶୀଘ୍ର ଏବଂ ସୁରକ୍ଷିତ ଭାବରେ ସେମାନଙ୍କ ଫୋନ୍ ପୁନରୁଦ୍ଧାର କରିବାରେ ମଧ୍ୟ ସହାୟତା କରିବ।

# ଓଏନଜିସି ଆରମ୍ଭ କଲା ନୂଆ ଗ୍ୟାସ ଉତ୍ପାଦନ ପ୍ରକଳ୍ପ

ନୂଆଦିଲ୍ଲୀ, ୩୧।୩: ମଧ୍ୟପ୍ରାଚ୍ୟରେ ଜାରି ଯୁଦ୍ଧ ମଧ୍ୟରେ ଖୁସି ଖବର। ସରକାରୀ କମ୍ପାନି ଅଏଲ ଆଣ୍ଡ୍ ନ୍ୟାଚୁରାଲ ଗ୍ୟାସ କର୍ପୋରେସନ (ଓଏନଜିସି), ଆରବ ସାଗରରେ ଥିବା ଏହାର ଦାମନ ଅପସାଇଡ ଡେଭଲପମେଣ୍ଟ ପ୍ରକଳ୍ପରୁ ଆରମ୍ଭ କରିଛି ଗ୍ୟାସ ଉତ୍ପାଦନ। ଫଳରେ ଏହା ବିଶ୍ୱରେ ଲାଗିରହିଥିବା ସଙ୍କଟ ସମୟରେ ଭାରତର ଘରୋଇ ଶକ୍ତି ଯୋଗାଣକୁ ଆହୁରି ମଜଭୁତ କରିବା ନେଇ ଅନୁମାନ କରାଯାଉଛି। ଷ୍ଟକ ମାର୍କେଟକୁ ଦେଇଥିବା ତଥ୍ୟ ଅନୁସାରେ, କମ୍ପାନି କହିଛି ମୁମ୍ବାଇର ଉତ୍ତର ପଶ୍ଚିମରେ ୧୮୦ କିମି ଏବଂ ଗୁଜରାଟର ପିପାଭାବ ଠାରୁ ୮୦ କିଲୋମିଟର ଦୂରରେ ଥିବା ଏହି ପ୍ରକଳ୍ପ " ପ୍ଲାଟଫର୍ମ ବି-୧୨-୨୪ପିରୁ ମାର୍ଚ୍ଚ ୨୯ରେ ଗ୍ୟାସ ଉତ୍ତୋଳନରେ ଏକ ମହତ୍ୱପୂର୍ଣ୍ଣ ଉପଲବ୍ଧି ହାସଲ କରିଛି।" କମ୍ପାନି କହିଛି, ଏହି ପ୍ଲାଟଫର୍ମକୁ



ସଫଳତାପୂର୍ବକ ସକ୍ରିୟ କରାଯାଇଛି। ଆଉ ପ୍ରଥମ ଥର ଏଠାରୁ ଉତ୍ତୋଳନକୁ ହୋଇଥିବା ଗ୍ୟାସକୁ ହଜିରା ପ୍ଲାଣ୍ଟକୁ ପଠାଯାଇଛି।" ଏହା ମଧ୍ୟ କୁହାଯାଇଛି ଯେ, ପ୍ରକଳ୍ପ କାମ ପାଇବା ଦିନଠାରୁ ମାତ୍ର ଦୁଇ ବର୍ଷ ମଧ୍ୟରେ ଆରମ୍ଭ ହୋଇପାରିଛି। ଏହି ପ୍ରୋଜେକ୍ଟ ଦ୍ୱାରା ୨୧.୫ ବିଲିୟନ କ୍ୟୁବିକ୍ ମିଟର ଗ୍ୟାସ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୪ ନୂଆ ବେଲେହ୍ଡ୍ ପ୍ଲାଟଫର୍ମ (ବି-୧୨-୨୪ ସମେତ) ଏବଂ ୧୪୦ କିଲୋମିଟର ଲମ୍ବ ପାଇପଲାଇନର ବ୍ୟବହାର କରି ଗ୍ୟାସକୁ ହଜିରା ପ୍ଲାଟ ପର୍ଯ୍ୟନ୍ତ ପଠାଯିବ। ପ୍ରତିଦିନ ପ୍ରାୟ ୫ ମିଲିୟନ ଷ୍ଟାଣ୍ଡାର୍ଡ କ୍ୟୁବିକ୍ ମିଟରରୁ ଅଧିକ ଉତ୍ପାଦନ କରିବାକୁ ଲକ୍ଷ୍ୟ ରହିଛି। ଅବଶ୍ୟ ଏବେ କେତେ ଉତ୍ପାଦନ ହେଉଛି ସେନେଇ ଓଏନଜିସି କୌଣସି ତଥ୍ୟ ଦେଇନାହିଁ। ଆହୁରି ମଧ୍ୟ କୁହାଯାଇଛି ଯେ, ଏହି ପ୍ରକଳ୍ପ ଆରମ୍ଭ ହେବା, ସୁଦୃଢ଼ ପ୍ରକଳ୍ପ କାର୍ଯ୍ୟକାରିତା, ନୂତନ ଭାବରେ ଡ୍ରିଲ୍- ଡେକରର ବ୍ୟବହାର, ଡ୍ରିଲିଂ ଏବଂ ଉତ୍ପାଦନ ଟିମ୍ର ଉତ୍କୃଷ୍ଟ ପ୍ରଦର୍ଶନ ଯୋଗୁ ସମ୍ଭବ ହୋଇପାରିଛି। ଏହି ଉପଲବ୍ଧି ଦାମନ ଅପସାଇଡ ଡେଭଲପମେଣ୍ଟ ପ୍ରୋଜେକ୍ଟ (DUDP)ରୁ ଗ୍ୟାସର ମୁଦ୍ରିକରଣର ଆରମ୍ଭର ପ୍ରତୀକ।" ପର୍ଯ୍ୟାୟକ୍ରମେ ସବୁ କୂଅରୁ ଉତ୍ପାଦନ ବୃଦ୍ଧି କରାଯିବ।

# ଗ୍ୟାସ୍ ଲିକ୍ ହେଲେ ତୁରନ୍ତ ସତର୍କ କରିବେ ସ୍ମାର୍ଟ ଗ୍ୟାଜେଟ୍ସ

ନୂଆଦିଲ୍ଲୀ, ୩୧।୩: ଦେଶରେ ବର୍ତ୍ତମାନ ଏଲପିଜି ସିଲିଣ୍ଡରକୁ ନେଇ ଖାଉଟିଙ୍କ ମଧ୍ୟରେ ଏକ ପ୍ରକାର ଆତଙ୍କ ଦେଖାଦେଇଛି। ଯଦିଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସରକାର ବାରମ୍ବାର ସ୍ପଷ୍ଟ କରିଛନ୍ତି ଯେ ଦେଶରେ ଗ୍ୟାସର କୌଣସି ଅଭାବ ନାହିଁ, ତଥାପି ଯୁଦ୍ଧ ପରିସ୍ଥିତି ଲମ୍ବା ସମୟ ଧରି ଚାଲିଲେ ସିଲିଣ୍ଡର ମିଳିବ ନାହିଁ ବୋଲି ଲୋକଙ୍କ ମନରେ ଭୟ ରହିଛି। ଏହି କାରଣରୁ ଅନେକ ସ୍ଥାନରେ ଲୋକେ ଯେଉଁଠୁ ପାରୁଛନ୍ତି ସେଠାରୁ ସିଲିଣ୍ଡର କିଣି ମହଜୁଦ ରଖୁଛନ୍ତି। ତେବେ ଏଭଳି ସମୟରେ କେବଳ ପଞ୍ଜୀକୃତ ଗ୍ୟାସ୍ ଏଜେନ୍ସିରୁ ହିଁ ସିଲିଣ୍ଡର କିଣିବାକୁ ପରାମର୍ଶ ଦିଆଯାଇଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସିଲିଣ୍ଡର ନେବା ସମୟରେ ଏହାର ଲିକେଜ୍ ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ୍। ଅନେକ ସମୟରେ ଡେଲିଭରି ବେଳେ ସବୁ ଠିକ୍ ଥାଏ, କିନ୍ତୁ ପରବର୍ତ୍ତୀ ସମୟରେ ହଠାତ୍ ଗ୍ୟାସ୍ ଲିକ୍ ହେବା ଫଳରେ ବଡ଼ ଧରଣର ଦୁର୍ଘଟଣା ଘଟିଥାଏ। ଏହି ବିପଦରୁ ରକ୍ଷା ପାଇବା ପାଇଁ ବଜାରରେ କିଛି ସ୍ମାର୍ଟ ଗ୍ୟାଜେଟ୍ସ ଉପଲବ୍ଧ ଅଛି, ଯାହା ଆପଣଙ୍କ ଘରକୁ ସୁରକ୍ଷିତ ରଖିପାରିବ। ଏହି ରେଗୁଲେଟର ସାଧାରଣ ରେଗୁଲେଟରଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏଥିରେ ଅଟୋ-କଟ୍ ଅଫ୍ ଫିଚର ରହିଛି। ଯଦି କୌଣସି କାରଣରୁ ପାଇପ୍ ଫାଟିଯାଏ ବା ଗ୍ୟାସ୍ ଲିକ୍ ହୁଏ, ତେବେ ଏହି ଡିଭାଇସ୍ ତୁରନ୍ତ ଗ୍ୟାସ୍ ସପ୍ଲାଇ ବନ୍ଦ କରିଦିଏ। ଏଥିସହିତ ଏଥିରେ ଏକ ଗ୍ୟାସ୍ ଇଣ୍ଡିକେଟର ମଧ୍ୟ ଥାଏ, ଯାହା ସିଲିଣ୍ଡରରେ କେତେ ଗ୍ୟାସ୍ ବାକି ଅଛି ତାହା ସୂଚାଇଥାଏ। ଆପଣ ଏହାକୁ



ଆମାଜନ୍ କିମ୍ବା ଫ୍ଲିପକାର୍ଟରୁ ସହଜରେ କିଣିପାରିବେ। ଏହା ଏକ ଅତ୍ୟାଧୁନିକ ଟେକ୍ନୋଲୋଜି ସମ୍ପନ୍ନ ଡିଭାଇସ୍। ଏହା ୨୪ ଘଣ୍ଟା ଆପଣଙ୍କ ରୋଷେଇ ଘର ଉପରେ ନଜର ରଖିଥାଏ। ଯଦି ସାମାନ୍ୟ ଗ୍ୟାସ୍ ଲିକ୍ ହୁଏ, ତେବେ ଏଥିରେ ଥିବା ଆଲାରାମ ଜୋରରେ ବାଜିବାକୁ ଲାଗେ। ଏହାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି, ଏହା ଆପଣଙ୍କ ମୋବାଇଲ୍ ଫୋନ୍ ସହ କନେକ୍ଟ ହୋଇପାରିବ। ଯଦି କୌଣସି ଗ୍ୟାସ୍ର ସମସ୍ୟା ଦେଖାଦିଏ, ଏହା ଆପଣଙ୍କ ଫୋନ୍‌କୁ ରିଅଲ୍ ଟାଇମ୍ ଆଲର୍ଟ ପଠାଇଥାଏ, ଯାହା ଦ୍ୱାରା ଆପଣ ଘରୁ ବାହାରେ ଥିଲେ ମଧ୍ୟ ସତର୍କ ହୋଇପାରିବେ।

ଏହି ଡିଭାଇସ୍ କେବଳ ଏଲପିଜି ନୁହେଁ, ବରଂ ପିଏନଜି ଏବଂ ସିଏନଜି ଉପରେ ମଧ୍ୟ କାମ କରିଥାଏ। ଏହାକୁ ବ୍ୟବହାର କରିବା ଅତି ସହଜ। କେବଳ ଘରର ଏକ ଇଲେକ୍ଟ୍ରିକ ସକେଟରେ ଏହାକୁ ଲଗାଇବାକୁ ପଡ଼ିଥାଏ। ଗ୍ୟାସ୍ ଲିକ୍ ହେବା ମାତ୍ରେ ଏହା ଏକ ତୀବ୍ର ଶବ୍ଦ କରି ଆପଣଙ୍କୁ ସଚେତନ କରିଦିଏ। ଏହା ମଧ୍ୟ ଅନଲାଇନ୍ ସପିଂ ସାଇଟ୍ରେ ଉପଲବ୍ଧ। ନିଜ ପରିବାରର ସୁରକ୍ଷା ପାଇଁ ଏହି ତିନୋଟି ମଧ୍ୟରୁ ଯେକୌଣସି ଏକ ଡିଭାଇସ୍ ନିଶ୍ଚିତ ଭାବେ ବ୍ୟବହାର କରନ୍ତୁ। ଏସବୁ ଡିଭାଇସ୍ର ବ୍ୟବହାର ପରେ ବି ଗ୍ୟାସ୍ ବ୍ୟବହାର ସମୟରେ ସତର୍କ ରୁହନ୍ତୁ। ଏଥିସହିତ ସିଲିଣ୍ଡର ଡେଲିଭରି ନେବା ବେଳେ ସାବୁନ ପାଣି ଜରିଆରେ ଲିକେଜ୍ ଯାଞ୍ଚ କରିବାକୁ ଭୁଲନ୍ତୁ ନାହିଁ।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୬,୮୯୦ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୪,୬୫୦ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୬,୮୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୩୪,୬୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୪୬,୮୯୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୩୪,୬୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୪୭,୦୪୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୪,୮୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୯,୧୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୬,୭୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୬,୮୯୦ ଓ ୧,୩୪,୬୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି ।

# ଚାଷ ଜମିରେ ଲକ୍ଷ ଲକ୍ଷ ଟଙ୍କାର ବିଲାତି ନଷ୍ଟ

## ଶୀତଳ ଭଣ୍ଡାର ନିର୍ମାଣ ଦାବି



ଆନନ୍ଦପୁର,୩୧।୩ (ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲାରୁ ଆସୁଛି ଚାଷୀଙ୍କ ଦୁଃଖର କଥା। ଦିନରାତି ପରିଶ୍ରମ କରି ବିଲାତି ଚାଷ କରିଥିବା ବେଳେ ଏବେ ଜମିରେ ପଚି ସଢ଼ି ନଷ୍ଟ ହେଉଛି। ବଜାରରେ ଯଥୋଚିତ ଦର ନମିଳିବା ସହିତ ଶୀତଳ ଭଣ୍ଡାର ଅଭାବରୁ ଚାଷୀମାନେ ଭାରି ଆର୍ଥିକ ସଙ୍କଟରେ ପଡ଼ିଛନ୍ତି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ୍ ନାଉକଣା ଅଞ୍ଚଳରୁ ଦେଖିବାକୁ ମିଳିଛି ଏହି ଦୃଶ୍ୟ। ଏଠାରେ ଅନେକ ଚାଷୀ ଏକତ୍ରିତ ହୋଇ ପ୍ରାୟ ୨୫ ଏକର ଉର୍ଦ୍ଧ୍ୱ ଜମିରେ ବିଲାତି ଚାଷ କରିଥିଲେ। କିନ୍ତୁ ବଜାରରେ ଠିକ୍ ଦର ନମିଳିବାରୁ ସେହି ବିଲାତି ଏବେ ଜମିରେ ପଚି ସଢ଼ି ନଷ୍ଟ ହୋଇ ପଡ଼ିରହିଛି। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଚାଷୀମାନେ ଏବେ ଭାରି କ୍ଷତି ସହିବାକୁ ବାଧ୍ୟ ହେଉଛନ୍ତି। ଏହା ସହିତ ଶୀତଳ ଭଣ୍ଡାରର ଅଭାବ ସମସ୍ୟାକୁ ଆଉ ଗଭୀର କରିଦେଇଛି।

ଚାଷୀ ସୋମନାଥ ପାତ୍ର କହିଛନ୍ତି ଆମେ ବହୁ ଖର୍ଚ୍ଚ କରି ବିଲାତି ଚାଷ କରିଥିଲୁ। କିନ୍ତୁ ବଜାରରେ ଦର ନଥିବାରୁ ବିଲାତି ତୋଳିବା ମଜୁରି ଉଠାଇ ନପାରିବାରୁ ଏମିତି ଛାଡ଼ି ଦେଇଛୁ। ଯଦି ଏଠାରେ କୋଲ୍ଡ ଷ୍ଟୋରେଜ୍ ଥାନ୍ତା, ତେବେ ଏପରି ଅବସ୍ଥା ହୋଇନଥାନ୍ତା। ଚାଷୀମାନଙ୍କ କହିବା ଅନୁଯାୟୀ, ଯଦି ଏଠାରେ ଏକ ଶୀତଳ ଭଣ୍ଡାର ବ୍ୟବସ୍ଥା ଥାନ୍ତା, ତେବେ ଫସଲକୁ ସଂରକ୍ଷଣ କରି ଭଲ ଦରରେ ବିକ୍ରି କରିପାରିଥାନ୍ତେ।

ତେବେ ଚାଷୀଙ୍କ ଏହି ଦୁର୍ଦ୍ଦଶା ସତ୍ତ୍ୱେ ମଧ୍ୟ ପ୍ରଶାସନର ଅନାଗ୍ରହ ନେଇ ଅସନ୍ତୋଷ ବଢ଼ୁଛି। ତୁରନ୍ତ ଆନନ୍ଦପୁରରେ ଏକ କୋଲ୍ଡ ଷ୍ଟୋରେଜ୍ ନିର୍ମାଣ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଏବେ ଦେଖିବାକୁ ବାକୀ ରହିଲା, ପ୍ରଶାସନ କେବେ ଏହି ଦିଗରେ ପଦକ୍ଷେପ ନେଉଛି।

## ଟ୍ରେନ୍‌ରେ ଗୋଡ଼ କଟି ବାଳକ ଗୁରୁତର

ଯାଜପୁର,୩୧।୩(ସଂଚାର ବ୍ୟୁରୋ)ଃ ଯାଜପୁର ଜିଲା ସୁକିନ୍ଦା ରୋଡ଼ ରେଲୱେ ଷ୍ଟେସନ ନିକଟରେ ଏକ ଟ୍ରେନରେ ବାଳକର ଗୋଡ଼ କଟି ଗୁରୁତର ଆହତ ହୋଇଛି । ସୂଚନା ମୁତାବକ ମଙ୍ଗଳବାର ସକାଳ ସମୟରେ ଜଣେ ୧୨ ବର୍ଷର ବାଳକ ସୁକିନ୍ଦା ରୋଡ଼ ରେଲୱେ ଷ୍ଟେସନ ନିକଟରେ ଟ୍ରେନ ଲାଇନ ପାର ହେଉଥିବା ସମୟରେ ଏପରି ଅଘଟଣ ଘଟିଛି, ଟ୍ରେନ ଇଞ୍ଜିନରେ ଡାହାଣ ଗୋଡ଼ଟି ସମ୍ପୂର୍ଣକଟି ଯାଇଥିବା ବେଳେ ସଙ୍ଗେ ସଙ୍ଗେ ତାକୁ ଗୁରୁତର ଅବସ୍ଥାରେ ୧୦୮ ଯୋଗେ ପ୍ରଥମେ ଦାନଗଦି ମେଡ଼ିକାଲ ଓ ପରେ କଟକ ବଡ଼ ମେଡ଼ିକାଲ ସ୍ଥାନାନ୍ତରିତ ହୋଇଛି । ବାଳକଟି କାଇରା ହେମ୍ବ୍ରମଙ୍କ ପୁଅ ନାମ ଲାଲମୋହନ ହେମ୍ବ୍ରମ ଓ ତାଙ୍କ ଘର ଦାନଗଦି ବ୍ଲକ ସୋଲେଇ ଗ୍ରାମରେ ବୋଲି ଜଣା ପଡ଼ିଛି।

### ଉତ୍କଳ ଦିବସରେ ଯାଜପୁରର ଗୌରବ ଗାଥା

## ସ୍ୱତନ୍ତ୍ର ଜିଲ୍ଲା ଭାବେ ୩୩ ବର୍ଷର ଯାତ୍ରା

ଯାଜପୁର ଟାଉନ,୩୧।୩(ସଂଚାର ବ୍ୟୁରୋ)ଃ ଉତ୍କଳ ଦିବସର ପବିତ୍ର ଅବସରରେ ଆଜି ଯାଜପୁର ଜିଲ୍ଲା ପାଳନ କରୁଛି ତାହାର ପ୍ରତିଷ୍ଠା ଦିବସ। ୧ ଏପ୍ରିଲ ୧୯୯୩ରେ କଟକ ଜିଲ୍ଲାରୁ ପୃଥକ ହୋଇ ଯାଜପୁର ଏକ ସ୍ୱତନ୍ତ୍ର ଜିଲ୍ଲା ଭାବେ ମାନ୍ୟତା ପାଇଥିଲା। ଏହି ଐତିହାସିକ ଦିନ ଜିଲ୍ଲାର ପରିଚୟ, ଗାରିମା ଓ ଉନ୍ନତିର ନୂଆ ଅଧ୍ୟାୟ ଆରମ୍ଭ କରିଥିଲା।ଆଜିର ଦିନଟି କେବଳ ଏକ ତାରିଖ ନୁହେଁ, ବରଂ ଯାଜପୁରବାସୀଙ୍କ ଆତ୍ମଗର୍ବ ଓ ଐତିହ୍ୟର ପ୍ରତୀକ। ଓଡ଼ିଶା ଗଠନ ଦିବସ ଭାବେ ପାଳିତ ଉତ୍କଳ ଦିବସ ସହିତ ଯାଜପୁର ଜିଲ୍ଲାର ପ୍ରତିଷ୍ଠା ଦିବସ ମିଳିଥିବାରୁ ଏହି ଦିନର ଗୁରୁତ୍ୱ ଆହୁରି ବଢ଼ିଯାଇଛି।୧୯୯୩ ମସିହାରେ ପ୍ରଶାସନିକ ସୁବିଧା ଓ ସମଗ୍ର ଉନ୍ନତିକୁ ଲକ୍ଷ୍ୟ କରି କଟକ ଜିଲ୍ଲାରୁ ବିଭକ୍ତ ହୋଇ ଯାଜପୁର ନୂତନ ଜିଲ୍ଲା ଭାବେ ଗଠିତ ହୋଇଥିଲା। ସେହି ଦିନରୁ ଆରମ୍ଭ ହୋଇଥିବା ଯାତ୍ରା ଆଜି ଅନେକ କ୍ଷେତ୍ରରେ ସଫଳତାର ନୂଆ ମାଇଲଷ୍ଟୋନ୍ ସୃଷ୍ଟି କରିଛି। ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ଓ ପାରମ୍ପରିକ ସଂସ୍କୃତିରେ ଉନ୍ନତି ଦେଖାଯାଇଥିବା ବେଳେ, ଐତିହ୍ୟବାହୀ ମାଟି ଭାବେ ଯାଜପୁର ତାହାର ପୁରାତନ ଗରିମାକୁ ଆଜିବି ଅକ୍ଷୁଣ୍ଣ ରଖିଛି। ଏହି ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରଭାତଫେରୀ, ସାଂସ୍କୃତିକ କାର୍ଯ୍ୟକ୍ରମ, ଧ୍ୱଜାରୋହଣ ଓ ସମ୍ମାନ ସଭା ଆୟୋଜନ କରାଯିବ। ସ୍ଥାନୀୟ ପ୍ରଶାସନ, ସାମାଜିକ ସଂଗଠନ ଓ ସାଧାରଣ ଲୋକଙ୍କ ସକ୍ରିୟ ଅଂଶଗ୍ରହଣ ଏହି ଦିନକୁ ଆହୁରି ଉଜ୍ଜ୍ୱଳ କରିଦେବାର କାର୍ଯ୍ୟକ୍ରମ ରହିଛି। ୩୩ ବର୍ଷର ଯାତ୍ରାରେ ଯାଜପୁର ଅନେକ ସମସ୍ୟା ଓ ସମ୍ଭାବନାକୁ ସାମ୍ନା କରି ଆଗକୁ ବଢ଼ିଛି। ଆଗାମୀ ଦିନରେ ଆହୁରି ଉନ୍ନତ, ସୁସଂଗଠିତ ଓ ସମୃଦ୍ଧ ଯାଜପୁର ଗଢ଼ିବା ପାଇଁ ସମସ୍ତଙ୍କ ଏକତା ଓ ପ୍ରୟାସ ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି।

## ଯୁବ ଆଇନଜୀବୀଙ୍କ ବିୟୋଗରେ ଶୋକ

ମାର୍ଶାଘାଇ,୩୧।୩(ସଂଚାର ବ୍ୟୁରୋ)ଃ ମାର୍ଶାଘାଇ ତହସିଲଦାର ତଥା ଏକଜୁକୁଟିଭ ମାଜିଷ୍ଟ୍ରେଟଙ୍କ କୋର୍ଟରେ କାର୍ଯ୍ୟରତ ଆଇନଜୀବୀମାନଙ୍କ ପକ୍ଷରୁ ଶୋକସଭା ମଙ୍ଗଳବାର ତହସିଲ ସିରସ୍ତାରେ ଅନୁଷ୍ଠିତ ହୋଇଯାଇଛି । ମାର୍ଶାଘାଇ କୁମ୍ଭାରସାହି ବାସିନ୍ଦା ଯୁବଆଇନଜୀବି ତଥା କେନ୍ଦ୍ରାପଡ଼ା ଫାଷ୍ଟଟ୍ରାକ କୋର୍ଟର ସରକାରୀ ଆଇନଜୀବି, ମାର୍ଶାଘାଇ କଲେଜ ଛାତ୍ର ସଂସଦର ପୂର୍ବତନ ସାଧାରଣ ସମ୍ପାଦକ ପ୍ରଭାତ ରଞ୍ଜନ ଦାସ (୪୮)ଙ୍କର ସୋମବାର ସଂନ୍ଧ୍ୟାରେ ଭୁବନେଶ୍ୱରର ଏମ୍ସ ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ବିୟୋଗ ଘଟିଥିଲା। ସେ ଜଣେ ମିଷ୍ଟଭାଷୀ, ମେଳାପୀ, ପରୋପକାରୀ ମଣିଷ ଭାବେ ମାର୍ଶାଘାଇ ସମେତ କେନ୍ଦ୍ରାପଡ଼ାରେ ସମସ୍ତଙ୍କ ନିକଟରେ ପରିଚିତଥିଲେ । ଆଇନଜୀବି ବିଚିତ୍ରାନନ୍ଦ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶୋକସଭାରେ ଆଇନଜୀବି ଶଙ୍କର୍ଷଣ ରାଉତ, ଯଶୋବନ୍ତ ରାଉତ, ବିଚିତ୍ରାନନ୍ଦ ରାଉତ, ଦିଲ୍ଲୀପ କୁମାର ସ୍ୱାଇଁ, ପ୍ରତାପ ନାୟକ, ସୁଶାନ୍ତ ମହାପାତ୍ର, ପ୍ରବୀର ଦାସ, ଅଭିମନ୍ୟୁ ମଲିକ, ଅତୁଲ୍ୟ ଦାସ, ବୁଲୁକିଶୋର ବେହେରା ପ୍ରମୁଖ ଉପସ୍ଥିତରହି ଶୋକବ୍ୟକ୍ତ କରିବା ସହିତ ତାଙ୍କ ଅମରଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ ।

## ସମାଜ ବିଜ୍ଞାନ ବିଭାଗର ସମ୍ମାନ




ଡେରାବିଶ,୩୧।୩(ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଡେରାବିଶ ମହାବିଦ୍ୟାଳୟ ସମାଜ ବିଜ୍ଞାନ ବିଭାଗର ଏକ ଦିନିକିଆ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଗୁରୁଚରଣ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ "ସାମାଜିକ ଗଣମାଧ୍ୟମର ଭୁଲ୍ ସାଂସ୍କୃତିକ ତଥ୍ୟ ପରିବେଷଣ ଦ୍ୱାରା ଦ୍ୱନ୍ଦ୍ୱ ଓ ଯୁଦ୍ଧର ସୁତ୍ରପାତ ହୋଇଥାଏ" ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଶୋକ କୁମାର ଦାସ ଯୋଗଦେଇ ସାମ୍ପ୍ରତିକ ସମାଜରେ ସାମାଜିକ ଗଣମାଧ୍ୟମର ଭୂମିକା କିପରି ଲୋକଙ୍କୁ ଭ୍ରମିତ କରୁଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବିଷୟ ବିଷାରଦ ତଥା ମୁଖ୍ୟବକ୍ତା ଭାବେ ବିରୁପା ମହାବିଦ୍ୟାଳୟର ସମାଜବିଜ୍ଞାନ ମୁଖ୍ୟ ଅଧ୍ୟାପକ ଭବାନୀ ପ୍ରସାଦ ପଣ୍ଡା ଯୋଗଦେଇ ମିମର ଅପବ୍ୟବହାର କିପରି ସମାଜ ପାଇଁ ସମସ୍ୟା ସୃଷ୍ଟି କରୁଛି ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଅଧ୍ୟାପିକା ପ୍ରତିମା ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଅଧ୍ୟାପକ ଷ୍ଟାଲିନ ଦିଗଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ସମାଜବିଜ୍ଞାନ ବିଭାଗର ଛାତ୍ର ରତିକାନ୍ତ ସିଂ, ଛାତ୍ରୀ ମନୋରମା କର, ଖୁସି ବେଗମ, ସହିସ୍ମିତା ପୃଷ୍ଟି, ହରପ୍ରିୟା ନାୟକ ପ୍ରମୁଖ ସହଯୋଗ କରିଥିଲେ

## ବରିଷ୍ଠ କିରାଣୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କେନ୍ଦ୍ରାପଡା,୩୧।୩ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବଡବାବୁ ତଥା ବରିଷ୍ଠ କିରାଣୀ (ହୃଷିକେଶ ଜେନା)ଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକରେ କାର୍ଯ୍ୟାଳୟର



ସମସ୍ତ କର୍ମଚାରୀ ଅଧିକାରୀମାନେ ଉପସ୍ଥିତ ରହି ଚାକିରୀ ଜୀବନରୁ ଅବସର ନେଉଥିବା ଶ୍ରୀ ଜେନାଙ୍କୁ ଉତରୀୟ ପୁଷ୍ପଗୁଚ୍ଛ ଏବଂ ଏକ ଗୀତା ପ୍ରଦାନ କରି ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏଥିସହିତ ତାଙ୍କର ଅବସରକାଳୀନ ଜୀବନ ମଙ୍ଗଳମୟ ହେଉ ବୋଲି କାମନା କରାଯାଇଥିଲା ।

## ପୂର୍ବତନ ପ୍ରଧାନ ଶିକ୍ଷକଙ୍କୁ ମିଳିଲା ବକେୟା ରାଶି

### ଜିଲାପାଳଙ୍କୁ ଭେଟି ଜଣାଇଲେ କୃତଜ୍ଞତା

କେନ୍ଦ୍ରାପଡ଼ା,୩୧।୩(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ କୁଆଁରପାଳ (କ) ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ନରେଶ ଚନ୍ଦ୍ର ଲେଙ୍କାଙ୍କ ବକେୟା ଶେଷରେ ମିଳିଛି। ଦୀର୍ଘ ଦିନ ଧରି ସେ ବକେୟା ନପାଇ ନିର୍ଯ୍ୟାତିତ ହେଉଥିଲେ। ଜିଲାପାଳ ରଘୁରାମ ଆୟାରଙ୍କ ଯୋଗୁଁ ସେ ବକେୟା ଅର୍ଥ ପାଇବା ପାଇଁ ସକ୍ଷମ ହୋଇଛନ୍ତି। ତେଣୁ ସେ ଜିଲ୍ଲାପାଳ ଶ୍ରୀ ଆୟରଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି। ଏହାସହ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ଓ ବର୍ତ୍ତମାନର ମାର୍ଶାଘାଇ ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠିଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି। ସେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ଯେ ସେ ୨୦୨୫ ମସିହା ଜୁନ ୩୦ରେ ଅବସର ନେଇଥିଲେ ମଧ୍ୟ ତାଙ୍କ ବକେୟା ରାଶି ମାର୍ଶାଘାଇ ବ୍ଲକର ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ ଓ କିରାଣୀ ଭାସ୍କର ଚନ୍ଦ୍ର ଗାହାଣ ପ୍ରକ୍ରିୟାକରଣ କରୁନାହାଁନ୍ତି। ତାଙ୍କୁ ପରୋକ୍ଷରେ ଟଙ୍କା ମାଗୁଛନ୍ତି। ଏହି ଅଭିଯୋଗ ହେବାପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କିରାଣୀ ଶ୍ରୀ ଗାହଣଙ୍କୁ ୨୦୨୫ ଡିସେମ୍ବର ୧ ତାରିଖ ଦିନ ଜିଲା ଶିକ୍ଷାଧିକାରୀ ନିଲମ୍ବନ କରିଥିଲେ। ଏହାସହ ତତ୍କାଳୀନ ବ୍ଲକ ଶିକ୍ଷାଧିକାରୀ ଶ୍ରୀ ସ୍ୱାଇଁଙ୍କ ବିରୋଧରେ ତଦନ୍ତ ଆରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫ ମସିହା ଜୁନ ୯ ତାରିଖରେ କେନ୍ଦ୍ରାପଡ଼ା ଗସ୍ତରେ ଆସିଥିବା ବେଳେ ପ୍ରଧାନ ଶିକ୍ଷକ ଶ୍ରୀ ଲେଙ୍କା ତାଙ୍କ ଗୋଡ଼ତଳେ ପଡ଼ି ନ୍ୟାୟ ଭିକ୍ଷା କରିଥିଲେ। ଶ୍ରୀ ଲେଙ୍କାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ଜିଲା ଶିକ୍ଷାଧିକାରୀଙ୍କୁ ରିପୋର୍ଟ ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ। କିରାଣୀଙ୍କ ବିରୋଧରେ ଉଦେଶ୍ୟ ପୂର୍ଣ୍ଣ ଭାବେ ନିର୍ଯ୍ୟାତନା ଓ ପରୋକ୍ଷରେ ଟଙ୍କା ମାଗିବା ତଥ୍ୟ ମିଳିବା ପରେ ତାଙ୍କୁ ନିଲମ୍ବନ କରାଯାଇଥିଲା। ଇତି ମଧ୍ୟରେ ମାର୍ଶାଘାଇ ବିଇଓ ଭାବେ ମନୋରଞ୍ଜନ ସେଠି ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ଲେଙ୍କା କିପରି ବକେୟା ରାଶି ପାଇବେ ସେ ନେଇ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବାରିକ ନୂତନ ବିଇଓ ଶ୍ରୀ ସେଠିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀ ସେଠି ସମସ୍ତ ପ୍ରକ୍ରିୟାକରଣ ଶେଷ କରିବା ପରେ ପୂର୍ବତନ ପ୍ରଧାନ ଶିକ୍ଷକ ଶ୍ରୀ ଲେଙ୍କା ତାଙ୍କ ବକେୟା ଅର୍ଥ ପାଇଛନ୍ତି। ଏ ନେଇ ସେ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଲେ ମା' ମଙ୍ଗଳା



କାକଟପୁର/ଅସ୍ତରଙ୍ଗ,୩୧।୩ (ସଂଚାର ବ୍ୟୁରୋ)ଃ ଚୈତ୍ର ମାସର ମଙ୍ଗଳବାର ମା 'ମଙ୍ଗଳାଙ୍କ ପୂଜାର ପ୍ରକୃଷ୍ଟ ବାର। କିନ୍ତୁ ଚୈତ୍ର ମାସର ମଙ୍ଗଳବାର ଗୁଡିକରେ ଗୃହିଣୀ ମାନେ ଘର ସାମ୍ନାରେ ବା ଗ୍ରାମର ଦୋ 'ଛକି ଦାଣ୍ଡରେ ସ୍ୱତନ୍ତ୍ର ଧରଣର ଗାତ (ପଢ଼େଇ )ଖୋଳି, ପଣା ଆଦି ଭୋଗଦେଇ ମା ଙ୍କୁ ପୂଜା କରିଥାନ୍ତି। ଏଥିରେ ଦେବୀ ବାଟ ମଙ୍ଗଳା ରୂପେ ପୂଜିତ। ଚୈତ୍ର ମାସର ପ୍ରଥମ ଚାରି ମଙ୍ଗଳବାର ପୂଜା କରାଯିବା ପରେ, ସେହି ମାସର ପଞ୍ଚମ ମଙ୍ଗଳବାର ବା ବୈଶାଖ ମାସର ପ୍ରଥମ ମଙ୍ଗଳବାରରେ ମା'ଙ୍କୁ ସ୍ୱତନ୍ତ୍ର ଭାବେ ପୂଜା କରିବାରେ ପ୍ରଥା ଏବେ ପ୍ରଚଳିତ ଅଛି। ପ୍ରଥମ ଚାରି ମଙ୍ଗଳବାରକୁ "ପାଳିଯାତ୍ରା "ଏବଂ ପଞ୍ଚମ ତଥା ଶେଷ ମଙ୍ଗଳବାରକୁ "ଝାମୁଯାତ୍ରା "କୁହାଯାଉଛି। ଚୈତ୍ର ମାସର ଚତୁର୍ଥ ମଙ୍ଗଳବାର ରେ ପୁରୀ ଜିଲ୍ଲା କାକଟପୁର ଅଧିଠାଷ୍ଟି ଦେବୀ ମା 'ମଙ୍ଗଳା ଙ୍କ ମନ୍ଦିରରେ ବିଳମ୍ବିତ ରାତ୍ର ରୁ ମା 'ଦ୍ୱାରଫିଟା, ମଙ୍ଗଳଆଳତୀ, ସ୍ନାନ, ମାର୍ଜନା, ବେଶ, ଚନ୍ଦନ ଲାଗି, ସୂର୍ଯ୍ୟ ପୂଜା, ବଲ୍ଲଭ ଧୂପ, ସକାଳ ଧୂପ ପରେ ସକାଳ ୫ଘ ୩୦ମିନିଟ ସମୟରେ ସାହାଣ ମେଳା ଓ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ମା ମଙ୍ଗଳା ରାଜରାଜେଶ୍ୱରୀ ବେଶରେ ଶ୍ରଦ୍ଧାଳୁ ଙ୍କୁ ଦର୍ଶନ ଦେଇଥିଲେ।ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ଟ୍ରଷ୍ଟ ବୋର୍ଡ ତରଫରୁ ମନ୍ଦିର ପରିସରରେ ସ୍ୱତନ୍ତ୍ର ବ୍ୟାରିକେଟ ମଧ୍ୟରେ ଭକ୍ତମାନେ ଧାଡିରେ ଯାଇ ମା ଙ୍କୁ ଦର୍ଶନ କରିଥିଲେ।

### ମିତ୍ରପୁରରେ ଚାଷୀ ମେଳି

## ଧାନ କିଣା ଦାବିରେ ରାସ୍ତାରୋକ



ନୀଳଗିରି,୩୧।୩(ସଂଚାର ବ୍ୟୁରୋ)ଃ ନୀଳଗିରି ବ୍ଲକରେ ଏବେ ବିଭିନ୍ନ ସ୍ଥାନରେ ଧାନ କିଣା କୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଧାନ କିଣାରେ ମାସ ମାସ ଧରି ଚାଷୀ ଧାନ ବିଭିନ୍ନ ସମିତିରେ ରଖିଥିବା ବେଳେ ସରକାର ସେମାନଙ୍କର ଧାନକୁ କ୍ରୟ କରୁନଥିବା ରୁ ମଙ୍ଗଳବାର ଦିନ ଅପରାହ୍ନ ମିତ୍ରପୁର ଛକରେ ଚାଷୀମାନେ ଟାୟାର ଜାଳି ରାସ୍ତରୋକ କରିଛନ୍ତି। ଦୀର୍ଘ ୩ ଘଣ୍ଟା ଧରି ରାସ୍ତା ଅବରୋଧ ହୋଇ ଯିବାରୁ ରାସ୍ତାର ଦୁଇ ପାର୍ଶ୍ୱରେ ଯାନବାହାନ ଅଟକି ରହିଥିଲା।ତୁରନ୍ତ ସରକାର ଚାଷୀମାନଙ୍କ ର ଧାନ କ୍ରୟ କରନ୍ତୁ ବୋଲି ଦାବୀ ରଖିଥିବା ବେଳେ ଏବେ ଚାଷୀମାନଙ୍କର ଟୋକନ୍ କଟିବାକୁ ବସିଲାଣି। ଖରା ବର୍ଷାରେ ଧାନ ସମିତିରେ ପଡ଼ିଥିବା ବେଳେ ସରକାର କୌଣସି ପଦକ୍ଷେପ ନେଉ ନଥିବା ବେଳେ ଚାଷୀ ଏହାକୁ କେନ୍ଦ୍ରକରି ରାସ୍ତାରୋକ କରିଥିବାର ଦେଖିବାକୁ ମିଳିଛି।ଧାରଣାକାରୀ ମଧ୍ୟରେ ଖଗେଶ୍ୱର ମହାନ୍ତି, ସୁକାନ୍ତ ଦାସ, ବଂଶୀଧର ନାୟକ, ମନୋଜ ଦାସ, ରମାକାନ୍ତ ମହାଲିକ, ରବୀନ୍ଦ୍ର ଜେନା, ପ୍ରକାଶ ଚନ୍ଦ୍ର ପରିଡ଼ା, ତପନ କୁମାର ବାରିକ, ଅଭିମନ୍ୟୁ କର ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଖବର ଲେଖିବା ବେଳକୁ ରାସ୍ତା ଅବରୋଧ କରିଥିବା ଚାଷୀଙ୍କ ସମସ୍ୟାକୁ ସମାଧାନ ପାଇଁ ଘଟଣାସ୍ଥଳ କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ନଥିବା ବେଳେ ରାସ୍ତାରୋକ ଜାରି ରହିଥିଲା।

## ସାକ୍ଷୀଗୋପୀନାଥଙ୍କ ଦୟଣା ଚୋରି ପର୍ବ



ସତ୍ୟବାଦୀ,୩୧।୩ (ସଂଚାର ବ୍ୟୁରୋ)ଃ ଆଜି ପବିତ୍ର ଚୈତ୍ର ଶୁକ୍ଳପକ୍ଷ ତୟୋଦଶୀ ତୀଥି ଅବସରରେ ସାକ୍ଷୀଗୋପୀନାଥ ମନ୍ଦିରରେ ବିଳମ୍ବିତ ରାତିରେ ସାକ୍ଷୀଗୋପୀନାଥ ଠାକୁରଙ୍କ ଦୟଣା ଚୋରୀ ପର୍ବ ଅନୁଷ୍ଠିତ ହୋଇଥିଲା। ବଡ଼ସିଂହାର ଧୁପପରେ ସାକ୍ଷୀଗୋଗୋପୀନାଥ ଠାକୁରଙ୍କ ବିଜେପ୍ରତିମା ଶ୍ରୀ ଶ୍ରୀ ମଦନମୋହନ ଦେବ ବିମାନରେ ଦୟଣା ଚୋରୀ ମଣ୍ଡପ କୁ ୱିଜେ କରିଥିଲେ। ସେଠାରେ ଉପଚାର ଆଳତି ଜାତଭୋଗ ଓ ପଣାଭୋଗ ଅନ୍ତେ ଠାକୁରଙ୍କ ପ୍ରତିନିଧି ଭାବରେ ପାଳିଆପତ୍ରୀ ସେବକ ନଅରବାଡ଼ିରୁ ଦୟଣା ଚୋରୀ କରିବା ସମୟରେ ମଣ୍ଡଳୀ ସୁଆଁସିଆ ସେବାୟତଙ୍କ ହାତରେ ଧରାପଡିଥିଲେ। ରୁପାପାତ୍ରରେ ଚୋରି ଦୟଣା ମୁଣ୍ଡ ଉପରେ ଧରି ବନ୍ଧା ହୋଇ ବିମାନ ସହ ମନ୍ଦିର ଫେରିଥିଲେ। ଠାକୁରଙ୍କର ଏହି ମାନବୀୟ ଲୀଳା ଦେଖିବାକୁ ଭକ୍ତମଣ୍ଡଳୀ ସମବେତ ହୋଇଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ଦୟଣା ଚୋରି ମଣ୍ଡପ ରେ ଆଲୋକସଜ୍ଜା କରାଯାଇଥିଲା। ଠାକୁର ମନ୍ଦିର କୁ ଫେରିବା ପରେ ପହୁଡ଼ ନୀତି ପୂର୍ବରୁ ଭଣ୍ଡାର ଦ୍ୱାର ସମ୍ମୁଖରେ ପାଳିଆ ପତ୍ରୀ ସେବକ ରାତି ତମାମ ବନ୍ଧାହୋଇ ରହିଥିଲେ ।

## ଏନଏମଏଲ୍ ଦୁଲଙ୍ଗା ପକ୍ଷରୁ ଚତୁର୍ଥ ବର୍ଷ ପାଇଁ ୭ ମିଲିୟନ୍ ଟନ୍ କୋଇଲା ଉତ୍ପାଦନ




ସୁନ୍ଦରଗଡ,୩୧।୩(ସଂଚାର ବ୍ୟୁରୋ)ଃ ଏନଏମଏଲ୍ ଦୁଲଙ୍ଗା ଲଗାତାର ଚତୁର୍ଥ ବର୍ଷ ପାଇଁ ୭ ମିଲିୟନ୍ ଟନ୍ କୋଇଲା ଉତ୍ପାଦନର ସର୍ବାଧିକ କ୍ଷମତା ଲକ୍ଷ୍ୟ ପୁରଣ କରିଛି, ଯାହା ଏହାର କାର୍ଯ୍ୟକୁଶଳତା ଓ ସ୍ଥିର ପ୍ରଦର୍ଶନ ପ୍ରତି ଅତୁଟ ପ୍ରତିବଦ୍ଧତାକୁ ପ୍ରମାଣିତ କରେ। ଏହି ସଫଳତାକୁ ଅବସର କରି ମଙ୍ଗଳବାର ରାମପୁର-୧ କୋଇଲା ଫେସ୍‌ରେ ଏକ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମସ୍ତ ବିଭାଗ ମୁଖ୍ୟମାନେ ଏଥିରେ ଉପସ୍ଥିତ ଥିଲେ, ଯାହା ଏହି ସଫଳତା ପଛରେ ସାମୁହିକ ପ୍ରୟାସକୁ ପ୍ରକାଶ କରେ। କାର୍ଯ୍ୟକ୍ରମଟି ଏକ ପୂଜା ସହିତ ଆରମ୍ଭ ହୋଇଥିଲା, ଯେଉଁଥିରେ ସୁରକ୍ଷା, ଉତ୍ପାଦନ କ୍ଷମତା ଓ ସଫଳତା ପାଇଁ ଆଶୀର୍ବାଦ କାମନା କରାଯାଇଥିଲା। ପରେ ସବୁଜ ପତାକା ଦେଖାଇ ଉତ୍ପାଦନ କାର୍ଯ୍ୟକଳାପ ଅବ୍ୟାହତ ରହିବାର ସଙ୍କେତ ଦିଆଯାଇଥିଲା। ଏହି ସଫଳତା ଏନଏମଏଲ୍ ଦୁଲଙ୍ଗାର କାର୍ଯ୍ୟକୁଶଳତା, ସୁରକ୍ଷା ଓ କୋଇଲା ଖଣିଜ ଚାଳନାରେ ଉତ୍କୃଷ୍ଟତା ପ୍ରତି ଅବିରତ ଗୁରୁତ୍ୱକୁ ପ୍ରକାଶ କରେ, ଯାହା ଦେଶର ଉର୍ଜା ଆବଶ୍ୟକତା ପୂରଣରେ ମୂଳ ଭୂମିକା ନିଭାଉଛି।

## ଶ୍ରୀରାମଗାଥା ଅଭିନୟର ସୁବର୍ଣ୍ଣଜୟନ୍ତୀ ପାଳିତ



ଡେରାବିଶ,୩୧।୩(ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତାମୂଳ ସ୍ଥିତ ଇଚ୍ଛାବିହାରୀ କ୍ଷେତ୍ରସ୍ଥ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଶ୍ରୀରାମଗାଥା ଅଭିନୟ (ଶ୍ରୀରାମ ନବମୀ ଯାତ୍ରା)ର ୫୦ ତମ ତଥା ସୁବର୍ଣ୍ଣଜୟନ୍ତୀ ଗତକାଲି ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଅର୍ତାମୂଳ, ଖାନନଗର ଓ ପାଣିଓଲା ଗ୍ରାମବାସୀଙ୍କ ଦ୍ୱାରା ଶ୍ରୀ ଶ୍ରୀ ରଘୁନାଥଜୀଉ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହୀ ଯାତ୍ରା ଉତ୍ସବର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ସଭାରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ନୀଳକଣ୍ଠ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବରେ ପ୍ରେମସାଗର ବାବା ଅରକ୍ଷିତ ଦାସ ମହାରାଜ ଓ ମୁଖ୍ୟବକ୍ତା ଭାବେ ମାନସଭୂଷଣ ପଣ୍ଡିତ ହୃଷିକେଶ ରଥ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ।

ସମ୍ମାନିତ ଅତିଥିଭାବରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଶିକ୍ଷାବିତ୍ ବେଣୁଧର ପ୍ରଧାନ, ପଣ୍ଡିତ ଅଭୟ ଦାସ, ହରିଅଙ୍କ ସରପଞ୍ଚ କନକଲତା ପ୍ରଧାନ, ଯଅଁରାବାରିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ଶିକ୍ଷାସଂଗଠକ ପ୍ରଦୀପ କୁମାର ନାୟକ, ସମାଜସେବୀ ସୁଖଦାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପରିଷଦର ସମ୍ପାଦକ ସୁରେନ୍ଦ୍ରନାଥ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରି ଶ୍ରୀରାମଙ୍କ କୃପାରୁ ମନ୍ଦିର ନିର୍ମାଣ କାର୍ଯ୍ୟ ସମାପ୍ତ ହେବା ସହ ବର୍ଷର ୩୬୫ ଦିନକୁ ୨୨ରୁ ଉର୍ଦ୍ଧ୍ୱ ଦିନ ପାଇଁ ଠାକୁରଙ୍କ ନୀତି ଖର୍ଚ୍ଚର ବ୍ୟବସ୍ଥା ହୋଇପାରିଥିବା ବେଳେ ଚଳିତବର୍ଷ ସୁଦ୍ଧା ୩୬୫ ଦିନର ନୀତି ପାଇଁ ବ୍ୟବସ୍ଥା ହୋଇଯିବ ବୋଲି କହିଥିଲେ। ଅତିଥିମାନେ ରାମାୟଣର ବିଭିନ୍ନ ଚରିତ୍ର ସମ୍ପର୍କରେ ବକ୍ତବ୍ୟ ରଖି ଉପସ୍ଥିତ ସମସ୍ତ ଶ୍ରୋତାମାନଙ୍କୁ ସତ୍ୟନିଷ୍ଠ ଭାତୃପ୍ରେମୀ ଓ ପତିବ୍ରତା ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ରାମଗାଥା ଅଭିନୟର ପୁରାତନ କଳାକାରମାନଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଦିବଂଗତ କଳାକାରମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ଶ୍ରୀରାମଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ଅଧ୍ୟାପକ ରମେଶ ଚନ୍ଦ୍ର ଶତପଥି ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମଞ୍ଚ ସଂଯୋଜନା ଏବଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

### ସଙ୍କଟକାଳୀନ ପରିଚାଳନା କମିଟିର ବୈଠକ

## ଗ୍ୟାସ, ପେଟ୍ରୋଲ, ଡିଜେଲକୁ ନେଇ ଭୟଭୀତ ନ ହେବାକୁ ପରାମର୍ଶ



ନବରଙ୍ଗପୁର,୩୧।୩ (ସଂଚାର ବ୍ୟୁରୋ)ଃ ଆଜି ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଙ୍କଟ କାଳୀନ ପରିଚାଳନା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତପନ କୁମାର ଖୁଣ୍ଟିଆ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ଉପସ୍ଥିତ ଥିଲେ। ଜିଲ୍ଲାରେ ଏଲପିଜି ଗ୍ୟାସ, ପେଟ୍ରୋଲ, ଡିଜେଲ ଭଳି ଅତିଆବଶ୍ୟକ ସାମଗ୍ରୀର ଉପଲବ୍ଧ ସମ୍ପର୍କରେ ନିୟମିତ ଅନୁଧ୍ୟାନ ଉପରେ ଗୃହରେ ଆଲୋଚନା ହୋଇଥିଲା।

ସହରାଞ୍ଚଳ ଘରୋଇ ଗ୍ୟାସ ବ୍ୟବହାରକାରୀ ୨୫ ଦିନ ଏବଂ ଗ୍ରାମାଞ୍ଚଳ ୪୫ ଦିନ ପରେ ପୁନଃ ଗ୍ୟାସ ପାଇଁ ଆବେଦନ କରିପାରିବେ। ବର୍ତ୍ତମାନ ପଞ୍ଜୀକୃତ ଘରୋଇ ଗ୍ୟାସ ସିଲିଣ୍ଡର ବ୍ୟବହାରକାରୀଙ୍କୁ ରନ୍ଧନ ଗ୍ୟାସ ବିତରକଙ୍କ ଦ୍ୱାରା ଯୋଗାଇ ଦିଆଯାଉଛି। ଜିଲ୍ଲାପାଳ ବେଆଇନ ମହଜୁଦକାରୀ, କଳାବଜାରୀ ଓ ଅତ୍ୟଧିକ ଦର ବୃଦ୍ଧି କରି ସିଲିଣ୍ଡର୍ ବିକ୍ରୟ କରୁଥିବା ଅସାଧୁ ବ୍ୟବସାୟୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସିଏସଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ହୋଟେଲ, ଢାବା, କଲ୍ୟାଣମଣ୍ଡପ, ରାସ୍ତାକଡ଼ ଦୋକାନରେ ବାଣିଜ୍ୟକ ଏଲପିଜି ସିଲିଣ୍ଡର ବ୍ୟତିରକେ ଘରୋଇ ଗ୍ୟାସ ସିଲିଣ୍ଡର ବ୍ୟବହାର ହେଉଛି ସଙ୍ଗେ ସଙ୍ଗେ ଜବତ କରି ତା ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ଯେ ହେତୁ ଗ୍ୟାସ ସିଲିଣ୍ଡର ଯଥେଷ୍ଟ ମହଜୁଦ ରହିଛି ଏବଂ ନିୟମ ଅନୁସାରେ ବିତରଣ କରାଯାଉଛି ଏଣୁ ଜନସାଧାରଣ ବ୍ୟସ୍ତ ନ ହୋଇ, କୌଣସି ଗୁଜବରେ ବିଶ୍ୱାସ ନ କରି ପ୍ରଶାସନ ଉପରେ ଭରସା ରଖିବାକୁ ଗୃହରେ ଜିଲ୍ଲାପାଳ କହିଥିଲେ।

ସେହିଭଳି ଜିଲ୍ଲାରେ ପେଟ୍ରୋଲ, ଡିଜେଲ ପମ୍ପ ନିକଟରେ ଯଥେଷ୍ଟ ପରିମାଣରେ ପେଟ୍ରୋଲ ଓ ଡିଜେଲ ମହଜୁଦ ରହିଛି ବୋଲି ସିଏସଓ ସୁଚନା ଦେଇଥିଲେ।

ପଶ୍ଚିମ ଏସିଆ ଯୁଦ୍ଧ ସ୍ଥିତି ମଧ୍ୟରେ ଯେଉଁ ଅସାମାଜିକ ବ୍ୟକ୍ତି ଗୁଜବ ମାଧ୍ୟମରେ ଭୟର ବାତାବରଣ ସୃଷ୍ଟି କରୁଛନ୍ତି ,ସେଭଳି ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ପୋଲିସ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ଗୋକନ ନୋଡାଲ ଉପ୍ରା ଓ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ମାହାଙ୍ଗା,୩୧।୩ (ସଂଚାର ବ୍ୟୁରୋ)ଃ ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋକନ ପଞ୍ଚାୟତସ୍ଥିତ ଗୋକନ ନୋଡାଲ ଉପ୍ରା ଓ ଉଚ୍ଚ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ଗୋକନ ସମିତିସଭ୍ୟ ମନୋରଞ୍ଜନ ନାୟକ, ସମ୍ମାନୀତ ଅତିଥିଭାବେ ସିଆରସିସି ସଞ୍ଜୟ କୁମାର ମହାନ୍ତି, ପ୍ରଧାନଶିକ୍ଷକ ସୁରଥ ମହାପାତ୍ର, ନୋଡାଲ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମନୋଜ କୁମାର ବଳ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଜୟ କୁମାର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅସ୍ମିରେଖା ରାଉଳ ପ୍ରମୁଖ ଯୋଗଦେଇ ବାର୍ଷିକ ଉତ୍ସବ ସମ୍ପର୍କରେ ଆଲୋଚନା କରି ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀ ଓ ବାର୍ଷିକ କ୍ରୀଡାର କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିବା ସହ ବିଦ୍ୟାଳୟର ଗୌରବ ଏମବିବିଏସ ଛାତ୍ର ସଞ୍ଜୟ କୁମାର ମଲ୍ଲିକଙ୍କୁ ସମ୍ବର୍ଦ୍ଧନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ସର୍ବଶ୍ରୀ ଗୌରାଙ୍ଗ ଚରଣ ଜେନା, ସେକ ମୁର୍ସିଦ୍ ମହମ୍ମଦ, ଚିତରଞ୍ଜନ ସାହୁ, ସତ୍ୟ ନାରାୟଣ ସାହୁ, ପ୍ରଶାନ୍ତ ପରିଡ଼ା, ପ୍ରଭଞ୍ଜନ ସାମଲ, ରଶ୍ମିତା ପ୍ରଧାନ, ପ୍ରତିଭା ଜେନା, ଶ୍ରଦ୍ଧାରଞ୍ଜନ ନାୟକ, ବନ୍ଦନ କୁମାର ସ୍ୱାଇଁ, ଧରଣୀଧର ଦାସ, ଗୋପାଳକୃଷ୍ଣ ମହାନ୍ତିଙ୍କ ସମେତ ପରିଚାଳନା କମିଟି ସମସ୍ତ ସଦସ୍ୟ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଭଲ ମଣିଷ



## ପୁଷ୍ପଲତା ମିଶ୍ର



ସ୍ରଷ୍ଟା ଖୋଜେ ସୃଷ୍ଟିକୁ ଆସିବା ପାଇଁ, ତାର ସୁନ୍ଦର ସୃଷ୍ଟି ସର୍ଜନା ପାଇଁ ଖୋଜେ ଭଲ ଗର୍ଭାଶୟଟିକୁ, ଭଗବାନଙ୍କ ସୃଷ୍ଟି ରେ ସମସ୍ତେ ସମାନ ତଥାପି ସେ ଖୋଜି ବୁଲନ୍ତି ନାରୀ ର ମାଧ୍ୟମ ହୋଇ ଧରା ପୃଷ୍ଠକୁ ଆସିବା ପାଇଁ ଯେମିତି ଆସିଥିଲେ 'ରାମ' ଅବା 'କୃଷ୍ଣ' ରାମକୃଷ୍ଣ ଅବା ବିବେକାନନ୍ଦ କାରଣ ସ୍ରଷ୍ଟା ଜାଣନ୍ତି ନାରୀ ବିନା ସ୍ରଷ୍ଟା ଅପୂର୍ଣ୍ଣ, ପୁରୁଷ ବିନା ସୃଷ୍ଟି ଅସମ୍ଭବ। ପ୍ରକୃତ ରେ ସବୁ କୋମଳତା, ସତ ଭାୱନା, ସୁକୁମାର ତମ ଇଚ୍ଛା ସରଳ ଭାୱାୱେଗେର ଏକ ମିଶ୍ରଣ ରୂପ ନିଏ ଭଲ ମଣିଷ! ଧିରେ କଥା ହୁଅନ୍ତୁ ସମସ୍ତଙ୍କୁ ଭଲ ପାଆନ୍ତୁ ନିଜର ସକ୍ଷମ ଅନୁସାରେ ଅନ୍ୟ କୁ ସାହାଯ୍ୟ କରନ୍ତୁ। ଖୁସି ରୁହନ୍ତୁ ,ଗର୍ବ କରନ୍ତୁ ନାହିଁ। ସଠିକ୍ ବିଚାର କରନ୍ତୁ ଦାନ ଭକ୍ତି ପୂର୍ଣ୍ଣ ସହକାରେ କରନ୍ତୁ, ଚୁପ୍ ରୁହନ୍ତୁ ,ସହି ଯାଆନ୍ତୁ। ସମସ୍ତ ଙ୍କୁ ସମ୍ମାନ ଦିଅନ୍ତୁ,ଭଲ ମଣିଷ କେବେ ସ୍ୱାର୍ଥପର ହୋଇ ନ ଥାଆନ୍ତି ତେଣୁ ଯିଏ ଧୈର୍ଯ୍ୟ ର ସହିତ ସବୁ ସହି ଯାଇ ସରଳ ଓ ନରମ ସ୍ୱଭାବର ହୋଇଥାଏ ସେ ହିଁ ଭଲ ମଣିଷ। ସରଳ ହେବା ଦ୍ୱାରା ବଚନ ମଧ୍ୟ ମଧୁର ହୋଇଥାଏ। ନରମ ବେଶୀ ଦିନ ସ୍ଥାୟୀ ରୁହେ କିନ୍ତୁ କଠିନ ବେଶି ଦିନ ରହେ ନାହିଁ। ଗୋଟେ ଉଦାହରଣ - ଗୋଟିଏ ଆଶ୍ରମରେ ଗୁରୁ ଶିଷ୍ୟ ଙ୍କୁ ପଢ଼ାଉ ଥିବା ସମୟ ରେ ଶିଷ୍ୟ ପଚାରିଲେ ଗୁରୁଜୀ ଭଲ ମଣିଷ ଆମେ କାହାକୁ କହିବା। ଗୁରୁଜୀ କହିଲେ ମୋ ପାଟି ରେ କେତୋଟି ଦାନ୍ତ ଅଛି ଶିଷ୍ୟ ମାନେ କହିଲେ ଆପଣଙ୍କ ପାଟିରେ ଜମା ଦାନ୍ତ ନାହିଁ,ଗୁରୁଜୀ କହିଲେ ଜିଭ ଅଛି ତ! ଶିଷ୍ୟ କହିଲେ ହଁ ଗୁରୁଜୀ କହିଲେ ଦାନ୍ତ କଠିନ ସେ ଥିଲା ଏବେ ନାହିଁ କିନ୍ତୁ ଜିଭ ନରମ ତେଣୁ ସେ ଥିଲା ଅଛି ଏବଂ ଶେଷ ପର୍ଯ୍ୟନ୍ତ ରହିବ। ପ୍ରତ୍ୟେକ ବ୍ୟକ୍ତି ର ହୃଦୟ ସରଳ ନିଷ୍କପଟ ହେବା ଉଚିତ, ସରଳ ହୃଦୟ ପାଇଁ ଆବଶ୍ୟକ ବିନମ୍ରତା ଏହା ହିଁ ହେଉଛି ଭଲ ମଣିଷ ର ମୂଳ ମନ୍ତ୍ର। ଆଜି ଅନେକ ଲୋକ ବିଶ୍ୱାସ କରୁଛନ୍ତି ଯେ ଉନ୍ନତି ପାଇଁ ବ୍ୟକ୍ତି କୁ ଜଟିଳ ଓ ଚତୁର ହେବା ଆବଶ୍ୟକ। ଏପରି ବ୍ୟକ୍ତି ଜୀବନ ରେ କେବଳ କ୍ଷଣସ୍ଥାୟୀ ସୁଖ ହାସଲ କରିବାରେ ସଫଳ ହୋଇ ପାରନ୍ତି କିନ୍ତୁ କେବେହେଲେ ଆତ୍ମ ସନ୍ତୋଷ ଲାଭ କରିପାରନ୍ତି ନାହିଁ।ସେହିଭଳି ସବୁ ବେଳେ କପଟ କରୁଥିବା ବ୍ୟକ୍ତି ଇଚ୍ଛା ଶକ୍ତି,କଳ୍ପନା ଶକ୍ତି ଓ ସୃଜନଶୀଳତା ଏକାଗ୍ରତା ଦୁର୍ବଳ ହେଇଯାଏ। ଏହା ବ୍ୟକ୍ତି ର ମନୋବଳ କୁ ବହୁ ପରିମାଣ ରେ କମାଇ ଦେଇଥାଏ। ଯଦି ତୁମର ଲକ୍ଷ୍ୟ ସଦା ସରଳ, ସହଜ ଓ ଆହ୍ୱାନ ପୂର୍ଣ୍ଣ ହୋଇଥାଏ ଆଉ ତୁମର ଚିନ୍ତା ସଦା ସ୍ୱଚ୍ଛ ,ମହତ ଓ ସକାରାତ୍ମକ ହୋଇଥିବ ତେବେ ଜୀବନ ସବୁବେଳେ ଅର୍ଥ ପୂର୍ଣ୍ଣ, ସୁନ୍ଦର ଓ ସୁ ଶୋଭିତ ହୋଇ ପାରିବ ଏଥିରେ ସନ୍ଦେହ ନାହିଁ। ଭଲ ମନ୍ଦ,ସୁଖ ପରି ବିଶ୍ୱାସ ଓ ସନ୍ଦେହ ପରା ପରସ୍ପର ର ପରି ପୂରକ। ଜଣେ ଉଲ୍ଲାସରେ ବଢ଼ି ଗଲେ ଅନ୍ୟଟି ପରା ମୁଁହ ଶୁଖେଇ ଆପଣା ଛାଏଁ କମିଯାଏ। ଜଣେ ଉଦାସ ରେ କମି ଗଲେ ଅନ୍ୟ ଟି ଖୁସିରେ ବଢ଼ି ଯାଏ। ସୃଷ୍ଟି ହୋଇଛି ଉପଶମ ପାଇଁ ଏହା କ୍ଷତ ବିକ୍ଷତ ପାଇଁ ନୁହେଁ, ମୁଁ ଆସିଛି ଭଲ ପାଇବା ଦେବା ପାଇଁ ଘୃଣା କରିବା କୁ ନୁହେଁ,ମୁଁ ଜନ୍ମ ନେଇଛି କିଛି ଗଢ଼ିବା ପାଇଁ......। ଭଲ ମଣିଷ ଟିଏ ଜୀବନ କାଳ ଭିତରେ ଅନ୍ୟ ପାଇଁ ସମାଜ ପାଇଁ ରାଷ୍ଟ୍ର ପାଇଁ ହିତ ସାଧନ କରି ଚାଲେ।ଏହାହିଁ କରି ପାରିଲେ ଭଲ ମଣିଷ ର ଜନ୍ମ ସାର୍ଥକ ହୁଏ।

ଭଲ ମଣିଷ ହେବା ପାଇଁ ହେଲେ ଆଭିଜାତ୍ୟ, ଧନ ସମ୍ପଦ ପଦବୀର ଆବଶ୍ୟକତା ନାହିଁ ବରଂ ଦରକାର ସ୍ୱଚ୍ଛ ମନଟିଏ, ନିର୍ମଳ ହୃଦୟ ଆଉ ପବିତ୍ର ଇଚ୍ଛା ଟିଏ। ଯେମିତି ପଙ୍କ ରୁ ଜାତ ହେଲେ ବି ପଦ୍ମ ନିଜର ଭଲ ଗୁଣ ଯୋଗୁଁ ଜାତୀୟ ପୁଷ୍ପ ର ମାନ୍ୟତା ପାଇଛି। କାହାକୁ କଷ୍ଟ ନ ଦେବା ଗୋଟିଏ ଭଲ ମଣିଷର ସହଜାତ ପ୍ରବୃତ୍ତି, କାହିଁକି ନା ପ୍ରତି ସକାଳ ର ସୂର୍ଯ୍ୟ ଉଦୟ ପରେ ଗୋଟିଏ ଦିନ ପରେ ରାତି ଆସି ସରି ଯାଏ ନାହିଁ ବରଂ ଆମ ମୂଲ୍ୟବାନ ଜୀବନରୁ ଗୋଟିଏ ସୁନ୍ଦର ଦିନ ପରେ ରାତି ଶେଷ ହୋଇ ଯିବାର ସୂଚେଇ ଦେଇଥାଏ, ଯାହାକି ଖୋଜିଲେ ବି ସେହି ଦିନ ପରେ ରାତି ଆଉ ଫେରି ଆସି ପାରେ ନାହିଁ। ଯେଉଁ ମଣିଷ ଭଲ ଆଉ ସେ ସତ୍ୟର ପଥରେ ଚାଲି ଥାଏ ସେହି ମନୁଷ୍ୟ ର ଈଶ୍ୱର ସର୍ବାଧିକ ପରୀକ୍ଷା ନେଇ ଥାଆନ୍ତି...ଦୁଃଖ କଷ୍ଟ ବି ଦେଇ ଥାନ୍ତି ସତ କିନ୍ତୁ ପ୍ରତି ଟି ପରିସ୍ଥିତି ରେ ତାଙ୍କ ସହ ଛାଇ ପରି ରହି ଥାଆନ୍ତି। ଏ ସଂସାର ଟି ଏକ ମିଛ ପ୍ରହେଳିକା କିନ୍ତୁ ଯିଏ ଥରେ ମନ ନିବେଶ କରି ଉଚିତ୍ ମାର୍ଗ ରେ ଚାଲେ ସେ ହିଁ ଜିତି ପାରେ ଏହି କୁଟିଳ ସଂସାରରେ ତାକୁ ହିଁ ଗଣାଯାଏ ଭଲ ମଣିଷ। ଅନେକ ପରିସ୍ଥିତିରେ ହାରିବା ପରେ ହିଁ ସଫଳତା ରାସ୍ତାର ସନ୍ଧାନ ମିଳି ଥାଏ। ଏଣୁ ହାରି ଗଲେ ନିରାଶ ନ ହୋଇ ମନୋବଳ ଦୃଢ଼ ରଖିବା ହିଁ ଭଲ ମଣିଷର ସହଜାତ ପ୍ରବୃତ୍ତି। ଯିଏ ଭଲ ଚାକିରି କଲେ ଯେ ଭଲ ମଣିଷ ହୋଇଯାଏ ତାହା ଠିକ୍ ନୁହେଁ ଭଲ ମଣିଷ ହେବାକୁ ହେଲେ ଭଲ ସ୍ୱଚ୍ଛ ହୃଦୟ ଦରକାର। ଆଜିର ଦୁନିଆରେ ଭଲ ମଣିଷ ର ଭାଗ୍ୟ ସବୁବେଳେ ଅନିଶ୍ଚିତତା ଭିତରେ ଥାଏ। ଲୋକେ ଯାହାକୁ ଭଲ ବା ଖରାପ ବୋଲି କହନ୍ତି ଭଲ ମଣିଷ ତାକୁ ଖରାପ କୁହେ ନାହିଁ ଗୋଟେ ଉଦାହରଣ- "ଈଶ୍ୱର ଯାହା ବର୍ଜନ କରନ୍ତି ତୁମେ ତାହା ବର୍ଜନ କର ,ଲୋକେ ଯାହା ସବୁକୁ ଭଲ କୁହନ୍ତି ତୁମେ ତାକୁ ଭଲ କୁହ ନାହିଁ କିନ୍ତୁ ଈଶ୍ୱର ଯାହାକୁ ଗ୍ରହଣ କରିଛନ୍ତି ତୁମେ ତାକୁ ଗ୍ରହଣ କର। " ଯାହାର ହୃଦୟ ସରଳ ସେ କାହାକୁ

ତିରସ୍କାର କରେ ନାହିଁ, ଯାହାର ହୃଦୟ ସରଳ ତାକୁ ଅଭିମାନ ସ୍ପର୍ଶ କରେ ନାହିଁ।" ମଣିଷ ଯେବେ ଜନ୍ମ ହେଇଥାଏ ତାର ନିଃଶ୍ୱାସ ତ ଥାଏ କିନ୍ତୁ ନାମ ନ ଥାଏ। ମଣିଷ ମଲା ପରେ ତାର ନିଃଶ୍ୱାସ ନଥାଏ କିନ୍ତୁ ନାମ ଥାଏ।ମଣିଷ ସଂସାର ରୁ ଚାଲିଗଲା ପରେ ତାର ନାଁଟିକୁ ଭୁଲିଯାଇ ଥାଏ କିନ୍ତୁ ଭଲ କର୍ମ କରିଥିଲେ ସେ କର୍ମ ସହିତ ତାର ନାମ କୁ ମଧ୍ୟ ମନେ ପକାଇ ଥାଏ। ଯେମିତି ଉତ୍କଳ ମଣି ଗୋପବନ୍ଧୁ ଦାସ , ରାମକୃଷ୍ଣ ପରମହଂସ,ପୁରାଣ ରେ ଧ୍ରୁବ, ପ୍ରହ୍ଲାଦ ଏକଲବ୍ୟ ଓ ଅଭିମନ୍ୟୁ ପ୍ରଭୃତି ମଧ୍ୟ ନାମରେ ଖ୍ୟାତ ଭଲ ମଣିଷ ନାମ ରେ ସ୍ୱର୍ଣ୍ଣ। ଅକ୍ଷରରେ ଲିପିବଦ୍ଧ। ଆଜି କାଲି ଯୁଗରେ ମଧ୍ୟ ଭଲ ମଣିଷର ପଦବାଚ୍ୟ ବୋଲାଇ ଛନ୍ତି। ସଂପ୍ରତି ବ୍ରହ୍ମ ଦେଶ ରେ ପାଞ୍ଚ ବର୍ଷ ର ଗୋଟିଏ ବାଳକ ଧର୍ମ ବିଷୟକ ନା ନା ଗୂଢ଼ ତତ୍ତ୍ୱ ପ୍ରଚାର ପ୍ରସାର କରି ଥିଲେ। ତାଙ୍କର ମହାତ୍ମା ଓ ପ୍ରତିଭା ଦେଖି ଶତ ଶତଲୋକ ତାଙ୍କର ଅନୁଗାମୀ ହୋଇଛନ୍ତି। ବାର ବର୍ଷ ର ବାଳକ ଧର୍ମପଦ କଥା ତ ସମସ୍ତଙ୍କୁ ଜଣା।

ଜୀବନକୁ ନେଇ ଅଭିଯୋଗ ଯେତେ କମ ରହିବ ଆମ ଜୀବନ ସେତେ ସୁନ୍ଦର ହେବ। ଯଦି ଯାହା ଭିତରେ କିଛି ଭୁଲ ଦେଖ ତେବେ ତା ସହିତ କଥା ହୁଅ ଯଦି ସମସ୍ତଙ୍କ ଭିତରେ ତୁମେ ଭଲ ଦେଖ ନିଜକୁ ସଂଶୋଧନ କର। କାରଣ ତୁମ ଭିତରେ ଅନ୍ୟକୁ ଦେଖିବାର ଦୃଷ୍ଟି କୋଣ କୌଣସି କାରଣ ରୁ ବଦଳି ଯାଇ ପାରେ। ଶବ୍ଦର ବି ଏକ ସ୍ୱାଦ ଅଛି ଅନ୍ୟକୁ କହିବା ପୂର୍ବରୁ ନିଜେ କହି ଥିବା ଶବ୍ଦକୁ ଚାଖି ଦିଅନ୍ତୁ ତାହା ଯଦି ଭଲ ନ ଲାଗୁଛି, ଅନ୍ୟକୁ ମଧ୍ୟ ଭଲ ଲାଗିବ ନାହିଁ। ନିଃସ୍ୱାର୍ଥପର ଭାବରେ ନିଜର କର୍ମ କରନ୍ତୁ। ମଣିଷକୁ ଘୃଣା ନକରି ଭଲପାଆନ୍ତୁ, ଭଲ ମଣିଷ ହେବାକୁ ଚେଷ୍ଟା କରନ୍ତୁ। ଯିଏ ଅନ୍ୟର ମୁହଁରେ ହସ ଦେଖିବାକୁ ଚାହିଁ ଥାଏ ଉପର ବାଲା ତା ମୁହଁରେ ହସ ଦେଖିବାକୁ ଚାହିଁ ଥାଏ। ଭଲ କଥା କହୁଥିବା ସବୁ ମଣିଷ ଭଲ ନୁହନ୍ତି କାହିଁକି ନା ଆଜିକାଲି ସେହି ମଣିଷ ବେଶୀ ମିଠା ମିଠା କଥା କହି ଥାଆନ୍ତି ଯିଏକି ଆପଣ ଙ୍କ ପାଇଁ ଷଡ଼ଯନ୍ତ୍ର ରଚି ଥାଆନ୍ତି। କାହାଠୁଁ ପ୍ରତିଶୋଧ ନେବାର ଆନନ୍ଦ ଦୁଇ ଚାରି ଦିନ ହିଁ ମିଳିଥାଏ। କାହାକୁ କ୍ଷମା ଦେବାର ଆନନ୍ଦ ଜୀବନ ସାରା ରହି ଥାଏ। ଭଲ ମଣିଷ ସେ ନୁହେଁ ଯାହାର ଲକ୍ଷ ଲକ୍ଷ ଟଙ୍କା ଓ ଧନ ସମ୍ପତ୍ତି ଅଛି, ପ୍ରକୃତ ଭଲ ମଣିଷ ତ ସେ ଯିଏ ଲକ୍ଷ ଲକ୍ଷ ଲୋକଙ୍କ ହୃଦୟ ରେ ଅଛି।"

ଭୁବନେଶ୍ୱର, ମୋବାଇଲ୍: ୯୩୩୮୨୯୪୬୫୭

---



## ମା' ଆସିଛ...

### ସ୍ୱାଗତିକା ସାହୁ

ସଭ୍ୟତା ଓ ସଂସ୍କୃତିର ଆଭରଣ ମଧ୍ୟେ
ସାଜି ଚୈତ୍ର ଖରାର ପ୍ରେମ ବର୍ଷିଣୀ
ନାଲି ନାଲି ରୂପ ଲାବଣ୍ୟର ବର୍ଣ୍ଣାଢ୍ୟ
ନାଲି ଚୁଡ଼ି,ଶଙ୍ଖା ନାଲି ଓଢ଼ଣୀ...
ନାଲି ଓଠ, ନାଲ୍ ମଲ୍ ମଲ୍ ସିନ୍ଦୂର
ଅନନ୍ତ ଅନାଦି ଶକ୍ତିର ଉତ୍ସ ନେଇ
ମୋକ୍ଷଧାମର କୈବଲ୍ୟ ପରଶି...
ଭୁବନ ମୋହିନୀ ଶକ୍ତିପ୍ରଦାୟିନି
ଦୁର୍ଗମ ଛେଦିନି ଦୁର୍ଗତିନାଶିନି...
ବରଦାୟିନି ମାଁ ମଙ୍ଗଳା...
ତୁମେ ଆସ....!!
ଦେଖ ...
ଉଲ୍ଲସି ଉଠୁଛି ନିଥର ବାୟୁ ଗୁଡ଼ାକ
ପବନେ ନାଚଇ ଦାଣ୍ଡର ଧୂଳି....
ନବରଙ୍ଗପୁର ଜିଲ୍ଲା... ତା ହୃଦୟ ବେଦୀରେ
ଅକ୍ଷୁର୍ଣ୍ଣ ରଖିଛି ସେଇ ପରମ୍ପରା...
ଉମରକୋଟ ମାଟି ମେଖଳା କାଳେ
ଅନାଇ ବସିଛି ପ୍ରସନ୍ନ ଚିତ୍ତରେ...!
ପାଇଛି ଦିବ୍ୟ ପ୍ରେମର ମନ୍ତୁରାପାଣି
ଆଧ୍ୟାତ୍ମିକ ଚିନ୍ତା ଚେତନାର
ଏକ ସଂଗୋପିତ ଉତ୍ତରଣ....!
ଛମ୍ ଛମ୍ ଘୁଙ୍ଗୁରର ଶାଣିତ ସୁର
ପାରମ୍ପାରିକ ବାଦ୍ୟ ଯନ୍ତ୍ର ସହ...
ଘାଣ୍ଟ କାହାଳୀ,ଭୋଗ ନୈବେଦ୍ୟ
ଝୁଣା ମହମହର ବାତାବରଣ ମଧ୍ୟେ
ପାଛୋଟି ହୋଇ ଆସନ୍ତି ମାଁ ....!

ଓଢ଼ଣୀ ଫାଙ୍କରେ ଦିଶୁଥାଏ
ହଳଦୀ ମହମହ ପୂର୍ଣ୍ଣ ଗର୍ଭା ରୂପ
ତମାମ ଜୀବନକୁ ସତେ ବନ୍ଦୀ କରେ
ତାଙ୍କ ଆତ୍ମୀୟତାର ଇଙ୍ଗିତରେ
ମାଁ ତୁମ ଆଜ୍ଞା ମାଳ ମାତ୍ରେ...
ପୂଜକ ପବିତ୍ର କଳସ ମଧ୍ୟେ
ସ୍ଥାପନ କରେ ମାଁ ଙ୍କୁ...!
ପ୍ରାରମ୍ଭ ହୁଏ ପବିତ୍ର କଳସ ଯାତ୍ରା
ବୋଭୋର ଭକ୍ତଙ୍କ ଅଭିସାର ଆକର୍ଷଣ
ଶାଶୁ ଘରୁ ଯିବେ ମାଁ ଘରକୁ
ନାନା ପଟୁଆରେ ଭକ୍ତଙ୍କ ଭିଡ଼ରେ....!
ନବ ଦିନ ଧରି କଳସ ଯାତ୍ରା ।

ଦାଣ୍ଡେ ଦାଣ୍ଡେ ନାଲି,ନାଳୀ ରଙ୍ଗ ବେରଙ୍ଗର
ମୁରୁଜ ଚିତା ସହ କୁମ୍ଭ ନୈବେଦ୍ୟ ଥାଳ
ଗୁଡ଼ ମୁହାଁକୁ ସ୍ୱାଦିଷ୍ଟ ପଣା...
ଯାତ୍ରା ମେଳାର ମେଳଣ...
ହଜାଇ ଦିଏ ତାଙ୍କରି,
ମଙ୍ଗଳ ତୂର୍ଯନାଦ ମଧ୍ୟେ...!

ସେଇ ମଧୁମଖା ହୃଦୟ ରାଇଜେ
କାଟି ଦିଅ ପାପର ସମସ୍ତ ଅଡୁଆ ସୂତା
ଦୂର ହୋଇଯାଉ ସକଳ ଭିତ୍ତି...
ଭରୁ ଦିବ୍ୟ ଗୁଣର ସଜଳ ପ୍ରକୃତି
ତୁମ କରୁଣାର କାଣିଚାଏ ବିନ୍ଦୁ ପାଇ
କଟିଯାଉ ତମାମ ଆୟୁଷ...
ତୁମ ପଣତରେ ଆତ୍ମୀୟ ଆଶିଷ କୋଳେ ।

ଉମରକୋଟ, ନବରଙ୍ଗପୁର



---



## ତୁ ଥିଲେ

### ଡ. ଚନ୍ଦ୍ରକଳା ନାୟକ

ସାରା ସଂସାର ଶୋଇଗଲା ବେଳେ
ତମାମ ସ୍ମୃତିଗୁଡ଼ି କଡଲେଉଟାନ୍ତି
ଅବଶ ମନର ଛିଦ୍ର ଭିତରେ
ଠିକ୍ ସେତିକି ବେଳେ
ତୁମେ ଆସିଯାଅ ଅନ୍ଧାର ଭିତରେ।
ଦୀର୍ଘଦିନର ଅନିଦ୍ରା ଗୁଡ଼ା
ଅଳସ ଭାଙ୍ଗନ୍ତି ତୋ ଡାକରେ
ରାତ୍ରୀଟା ବି ତ କମ୍ ପଡ଼ିଯାଏ
ମୋ ଶବ୍ଦ ଓ କଲମର କାଳିବି ସରିଯାଏ
ଲାଗେ ଏହା ବୋଧେ ମୋ ଜୀବନର
ଶେଷ ନିଶ୍ୱାସ କୁ ଟାଣି ନେଉଛି।
ନିବୃତ୍ତ ହୃଦୟର କବାଟ ଆଉଜେଇ
ଖୋଜି ବୁଲେ ଖଟ, କାନ୍ଥ ଆଉ ଅଗଣାରେ
ମୋ ସାଥେ ସେ ବି ତ ଖୋଜେ
କଥା କହୁନଥିବା ବିଛଣା, ତକିଆ
ଆଉ ତୋ ପ୍ରିୟ ରେଡିଓଟା।
କେଉଁ ଆଡେ ତୁ ଅଦୃଶ୍ୟ ହେଇଯାଉ
ଖାଲି ସଫା ପଦଚିହ୍ନ ନେଇ
ମରୁଭୂମିର ମରୀଚିକା ପଛରେ ମୁଁ ଦୌଡେ
ମୋ ପାଚେରୀ ସେପଟ ଗଳି ପୋଲ ତଳେ
କୁକୁର ଭୁକିବାର ଶବ୍ଦ ତାଳେ ତାଳେ
ହେଲେ ସବୁ ଲାଗେ ଥିଏଟରର ଦୃଶ୍ୟ
ତୁ ଥିଲେ ଦୁନିଆଟା ମୋ ହାତମୁଠାରେ
ଘର ଟା ମୋର ରାଜ ମହଲ ଠୁ ବି ବଡ଼
ସବୁଜିମାର ଅଗଣାରେ ମୁଁ ଦୌଡୁଥାଏ ।
ଏଣେ ତେଣେ ପ୍ରଜାପତିର ଡେଣା ମେଲି,
ଟୁ ଥିଲେ ନିଶ୍ୱାସ ଟା ତୀବ୍ର ହୁଏ
ଆଉ ନଥିଲେ ମୁଁ ଏକ ଅଭିଶପ୍ତା ଅହଲ୍ୟା
ଯିଏ ଅପେକ୍ଷାରେ ଥାଏ ଦିନ ପରେ ଦିନ
ତୋ ପାଦ ସ୍ପର୍ଶରେ ମୁକ୍ତି ପାଇବାକୁ ।

ଅଧ୍ୟାପିକା
ମୋବାଇଲ୍: ୯୪୩୭୯୫୭୬୧୭



---

## ରାମ

### ପ୍ରତାପ କିଶୋର ରାଉତ



ବିଶ୍ୱ ବଳୟରେ ପ୍ରତିଧ୍ୱନିତ ନାମ
ପ୍ରତିଟି ପରମାଣୁରେ ଅସ୍ତିତ୍ୱ ବିଦ୍ୟମାନ
ଉଚ୍ଚାରଣ ମାତ୍ରେ ପାପର ସାମ୍ରାଜ୍ୟ ବିଧ୍ୱସ୍ତ
ଶାନ୍ତ କାନ୍ତ ସୌମ୍ୟ ସ୍ନିଗ୍ଧ କମନୀୟ
ସତ୍ୟସନ୍ଧ ଉଦାର ରୂପର ମହାର୍ଗ ବିଭୁତି
ଚେତନା ରାଜ୍ୟର ଆଶାର ନବୀନ ଜ୍ୟୋତି
ଶୌର୍ଯ୍ୟ ବିର୍ଯ୍ୟ ବୀରତ୍ୱର ଜ୍ୱଳନ୍ତ ସ୍ଫୁଲିଙ୍ଗ,
ସ୍ୱାଭିମାନର ମୂର୍ତ୍ତ ବିଗ୍ରହ
ପ୍ରଜାକୁଳର ଆଶା ସଂଜୀବନୀ ପ୍ରଜାନୁରଞ୍ଜକ
ଭକ୍ତି ଗଙ୍ଗାର ପବିତ୍ର ମରଣ ତାରଣ ମନ୍ତ୍ର
ତ୍ରିଭୁବନେଶ୍ୱର ମହା ପ୍ରଳୟରୁ ସୃଷ୍ଟ ଅଦୃଶ୍ୟ ଇଙ୍ଗିତ
ସବୁ ମନ୍ତ୍ରର ସମ୍ମିଳିତ ଅଖଣ୍ଡ ଅନିତ୍ୟ ଅପରିମେୟ
ଜରା ମୃତ୍ୟୁ ନିରାକରଣର ଅମୂଲ୍ୟ ମହୌଷଧି
ସୁଖ ସମୃଦ୍ଧି ଓ ବାସ୍ତବତାର ସମ୍ୱିତ ଝଲକ
ତ୍ୟାଗ ତଲ୍ଲୀନ ପ୍ରାଣର ଅପ୍ରାକୃତ ବିଗ୍ରହ ,
ଦୁଷ୍କୃତିର ମହାକାଳ ସ୍ପର୍ଦ୍ଧିତ ପାପର ଚରମ ବିନାଶ
ଔଦାର୍ଯ୍ୟର ଶାନ୍ତ କାନ୍ତ କମନୀୟ ମଧୁଶାଳା
ସମ୍ଭାବନର ଉଦିତ ଭାସ୍କର ପ୍ରାଣ ପ୍ରାଚୁର୍ଯ୍ୟର ସାନ୍ତ୍ୱନା
ନୈବେଦ୍ୟର ମହମହ ବାସ୍ନା ସନ୍ଧ୍ୟାର ଆରତୀ
ଅନନ୍ତ ତୃପ୍ତିର ପବିତ୍ର ମୁକତି କୈବଲ୍ୟ
ଇହକାଳ ପରକାଳର ଗତି ମୁକ୍ତି ମୋକ୍ଷର ବିଭୁତି ,
ତେନ୍ତୁଳିପଦୀ, ହାଟଡିହି, କେନ୍ଦୁଝର



---



## ଆଉ ନ ଡାକିବୁ ରାଧିକା ବୋଲି

### ଅନୁପମା ବିଶ୍ୱାଳ

ତୋ ଡ଼ାକ ଶୁଣିଲେ ରହି ପାରେନାହିଁ
ଆରେ ମୋ ପ୍ରିୟ ମୁରଲୀ
ଦଉଡି ଆସେ ମୁଁ ତୋହରି ପାଖକୁ
ତୁ ମୋର ପରାଣ ବୋଲି।
ତୋ ଠାରେ ଯେ ଭାୱ ନାହିଁରେ କେଉଁଠି
ଖୋଜିଲେ ବି ମିଳେନାଇଁ
ତୋହରି ସୁରରେ ଡାକନ୍ତି ଗୋବିନ୍ଦ
ଆସେ ତେଣୁ ଧାଇଁ ଧାଇଁ।
କୃଷ୍ଣ ମୋର ଧନ କୃଷ୍ଣ ମୋର ପ୍ରାଣ
କୃଷ୍ଣ ମୋ ସଞ୍ଜ ସକାଳ
କୃଷ୍ଣ ମୋର ଦିନ କୃଷ୍ଣ ମୋର ରାତି
କୃଷ୍ଣ କୋଟି ଜନ୍ମ ଫଳ।

କୃଷ୍ଣ ବିନା ମୁହିଁ ଅଟେ ଦୀନ ହୀନ
ଜଳ ବିନା ଯେହ୍ନେ ମୀନ
କୃଷ୍ଣ ହାତେ ବନ୍ଧା ମୋ ଜୀବନ ଡୋରି
କୃଷ୍ଣ ବିନା କାହିଁ ମାନ।

ନିନ୍ଦା ଅପବାଦ ଶୁଣେ ତାଙ୍କପାଇଁ
ତଥାପି ନ ମାନେ ମନ
ମିଳନେ ତାଙ୍କର ହୁଏ ମୁଁ କାତର
ନୂପୁର ମୋ କନକନ।

ମୋ ହୃଦ କନ୍ଦରେ ବାସ କରି ସିଏ
ରଖିଛନ୍ତି ମୋ ମହତ
ପ୍ରତିଟି ମୁହୂର୍ତ୍ତେ ତାଙ୍କରି ସ୍ମରଣେ
ଆନନ୍ଦ ଲଭେ ସତତ।

ଯମୁନା କୁ ଧାଏଁ କଳସୀ ନେଇ ମୁଁ
ଧାଏଁ ପୁଣି କୁଞ୍ଜବନ
ରହି ପାରେନାହିଁ ଯେଣୁ ତାଙ୍କ ବିନା
କରେ କୂଳକୁ ଲଙ୍ଘନ।

ଆରେ ମୁରଲୀ ତୁ ବୁଝିବୁ ମୋ କଥା
ବାଜିବୁନି ଆଉ ସୁରେ
ଏ ରାଇ ପରାଣ ଯାଉପଛେ ଟଳି
ନ ଡାକିବୁ ସୁମଧୁରେ।

ସମ୍ବଲପୁର

---



## ସୂର୍ପଣଖା

### ଡ. ଶୁଭେନ୍ଦୁ ମେହେର

ଲଙ୍କା ରାଇଜର ଏକଇ ନନ୍ଦିନୀ
ନାମ ତା'ର ସୂର୍ପଣଖା
ବିଦ୍ୟୁତଜିହ୍ୱ ଦୈତ୍ୟରାଜକୁ ବରିଣ
କରିଥିଲା ହୃଦ ସଖା ।

ଦିଗବିଜୟ ଆଶେ ଲଙ୍କାର ରାବଣ
ବାହାରିଲା ଯୁଦ୍ଧ କରି
ସୈନ୍ୟ ସାମନ୍ତଙ୍କୁ ସାଙ୍ଗରେ ଧରିଣ
ବୀର ଦର୍ପେ ଲଙ୍କ ଶିରି ।

କାଳକେୟ ମଧ୍ୟେ ଅଶ୍ୱ ନଗରରେ
ରାବଣ ରଚିଲା ଯୁଦ୍ଧ
ମୁହୂର୍ତ୍ତ ମଧ୍ୟରେ ଚାରି ଶହ ସୈନ୍ୟ
କରି ପକାଇଲା ବଧ ।

ସେ' ସୈନ୍ୟ ମଧ୍ୟରେ ବିଦ୍ୟୁତଜିହ୍ୱ
ବୀର
ଅଜାଣତେ ହେଲା ହତ
ରାବଣ ଜାଣିଲା ଭଉଣୀର ଆଜି
ଦୁଃଖ ହେଲା ଦ୍ୱିଗୁଣିତ ।

ଦିଗବିଜୟ ସାରି ଫେରି ଲଙ୍କେଶ୍ୱର
ଯାହା ଦେଖିଲା ନୟନେ
ଭଗ୍ନୀ ସୂର୍ପଣଖା ଭୂମିପରେ ଲୋଟି
ବିହ୍ୱଳିତ ସେ' କ୍ରନ୍ଦନେ ।

ଦେଖିଣ ରାବଣ ପ୍ରବୋଧି କହିଲା
ଶୁଣ ମୋ' ସୁନା ଭଉଣୀ
ଯୁଦ୍ଧରେ ପ୍ରମତ୍ତ ହୋଇ ମଦମତ୍ତ
ନ ପାରିଲି କିଛି ଜାଣି ।

ଆଶ୍ୱାସନା ଦେଇ କହେ ଲଙ୍କସାଇଁ
କ୍ଷମା କରିଦେବୁ ମୋତେ
ଅଧିକୁ ଅଧିକ ଯତ୍ନର ସହିତ
ସୁଖରେ ରଖିବି ତତେ ।

ଖର, ଦୁଷଣ ଓ ତ୍ରିଶୀର ସହିତ
ଚଉଦ ସହସ୍ର ସୈନ୍ୟ
ସେନାଧ୍ୟକ୍ଷ ହୋଇ ରହିବୁ ଭଉଣୀ
ମଧୁ ପଞ୍ଚବଟୀ ବନ ।

ସେଦିନୁ ଅସୁରୀ ଦଣ୍ଡକା ଅରଣ୍ୟେ
ନିଜେ ଅଧିଷ୍ଠାତ୍ରୀ ହେଲା
ଭାଇ ରାବଣକୁ ପ୍ରଥମ ସ୍ଥାନୀୟ
ଶତ୍ରୁ ଭାବରେ ମଣିଲା ।

ସ୍ୱାମୀ ଇହ ପର କାଳର ଦେବତା
ସ୍ୱାମୀ ବିନେ କିଛି ନାହିଁ
ଅନ୍ତରେ ଅନ୍ତରେ ପ୍ରତିହିଂଶାନଳେ
ପ୍ରଜ୍ୱଳିତ ହୁଏ ତହିଁ ।

କୂଟ ଓ କପଟ ମନ୍ତ୍ରଣା କରିଲା
କୁତ୍ସିତ ମନ୍ଥରା ନାରୀ
ବନବାସ ଅର୍ଥେ ଶ୍ରୀରାମ ଲକ୍ଷ୍ମଣ
ସିତୟା ଗଲେ ବାହାରି ।

କିଛି କାଳ ଅନ୍ତେ ଶ୍ରୀରାମ ଲକ୍ଷ୍ମଣ
ଜନକ ନନ୍ଦିନୀ ସୀତା
ପିତୃ ସତ୍ୟ ପାଳି ଦଣ୍ଡକାରଣ୍ୟରେ
ଆସି ହେଲେ ସେ ସ୍ଥପିତା ।

ସୂର୍ପଣଖା ଜଳେ ପ୍ରତିହିଂଶାନଳେ
ଦଣ୍ଡକାରଣ୍ୟରେ ଥାଇ
ରାମ ଲକ୍ଷ୍ମଣଙ୍କ ବଳ ପରାକ୍ରମ
ମନେ ମନେ ନିରେଖଇ ।

ଭାବିଲା ସେମନେ ଯେମନ୍ତ ପ୍ରକାରେ
ରାବଣ ହେଉ ନିହତ
ସୁନ୍ଦରୀ ତରୁଣୀ ବେଶରେ ଅସୁରୀ
ରାମ ଆଗେ ଉପସ୍ଥିତ ।

କାମାର୍ତ୍ତ ଅନଳେ ଅଭିନୟ କରି
ରାମ ଆଗେ ତାମ୍ରକେଶୀ
ପ୍ରେମ ନିବେଦନ ରଖିଲା ପୟରେ
ଧିକ୍କାରିଲେ ରଘୁବଂଶୀ ।

ମୁହିଁ ସପତ୍ନୀକ କହିଣ ଶ୍ରୀରାମ
ପ୍ରେରିଲେ ଲକ୍ଷ୍ମଣ ପାସ
ଧିକ୍କାରି କହନ୍ତି ସେ,ଯେ ଉଗ୍ରମୂର୍ତ୍ତି
ମୁହିଁ ଶ୍ରୀରାମଙ୍କ ଦାସ ।

ଦାସର ଭାରିଜା ନହୋଇ ସୁନ୍ଦରୀ
ପ୍ରଭୁଙ୍କ ପୟରେ ଭଜ
ଲକ୍ଷ୍ମଣଙ୍କ ବ୍ୟଙ୍ଗ ବାକ୍ୟରେ ଅସୁରୀ
ଶ୍ରୀରାମ ଆଗରେ ସଜ ।

ବୃଦ୍ଧା ମାନୁଷିକୁ ଛାଡ଼ିଣ ଶ୍ରୀରାମ
ମୋତେ କର ହୋ ବରଣ
ଏମନ୍ତ କହିକି ଜନକ ସୁତାଙ୍କୁ
କରିବାକୁ ସେ ଭକ୍ଷଣ ।

ଉଦ୍ୟତ ହୁଅନ୍ତେ ରାମଙ୍କ ଆଦେଶେ
ଉଠିଲେ ରାମର ସାନ
ବିରୂପ କରିକି ସେ ସୂର୍ପଣଖାକୁ
କାଟିଦେଲେ ନାଶାକର୍ଣ୍ଣ ।

ଭାଇ ଭାଇ ବୋଲି ଅସୁରୀ ଚଳିଲା
ଖର ଦୁଷଣଙ୍କ ପାସ
ତ୍ରିଶୀର ସହିତେ ଚଉଦ ସହସ୍ର
ସୈନ୍ୟଙ୍କୁ କରିଲେ ନାଶ ।

ରାବଣକୁ ଯାଇ ସମସ୍ତ ବୃତ୍ତାନ୍ତ
କାନ୍ଦି କହେ ସୂର୍ପଣଖା
ଦଣ୍ଡକା ଅରଣ୍ୟେ ଜଟାଧାରୀ ବେନି
ହୋଇଗଲେ ଆଜି ଦେଖା ।

ସଙ୍ଗତେ ସୁନ୍ଦରୀ ତରୁଣୀ ମଣି ଏ
ଲକ୍ଷେ ବ୍ରହ୍ମାଣ୍ଡର ଜ୍ୟୋତି
କୋଟିଏ ବ୍ରହ୍ମା କି ସମର୍ଥ ହୋଇବେ
ଗଢିବାକୁ ସେଇ ମୂର୍ତ୍ତି ।

ତାକୁ ଆଣି ତୋତେ ଦେବି ବୋଲି ଗଲି
କାଟିଲେ ମୋ' ନାଶା କର୍ଣ୍ଣ
ଖର ଦୁଷଣ ଓ ତ୍ରିଶିର ମାରିଲେ
ଦେଖାଇ ବୀରତ୍ୱ ପଣ ।

କ୍ରୋଦ୍ଧଭର ହୋଇ ଗର୍ଜିଲା ରାବଣ
କିଏ ସେ' ରାମ ଲକ୍ଷ୍ମଣ
ତୁରନ୍ତ ଯିବି ମୁଁ ସୀତା ଆଣିବାକୁ
କରୁଅଛି ଏହି ପଣ ।

ରାଇଲା ମାରିଚ ଶୀଘ୍ର ଘେନ ତୁହି
ହେମ ହରିଣୀର ବେଶ
ଅସୁରୀ ପ୍ରବୀଣା ଜାଣିଲା ଅନ୍ତରେ
ହୋଇବୁ ଅବଶ୍ୟ ନାଶ ।।

ଯାଲୋଏ, ସୁବର୍ଣ୍ଣପୁର
ମୋବାଇଲ୍: ୯୯୩୮୪୩୩୬୭୪



---

## ଅଭିଶପ୍ତ କର୍ଣ୍ଣ

### ନିବେଦିତା ପଣ୍ଡା



କୌନ୍ତେୟ ହୋଇ ବି ହୋଇଲେ ରାଧେୟ
ସୁତପୁତ୍ରେ ହେଲେ ଗଣା,
ନିଜେ ଥିଲେ ସିଏ ପ୍ରଥମ ପାଣ୍ଡବ
ସେକଥା ଥିଲା ଅଜଣା।
ସୂର୍ଯ୍ୟଦେବଙ୍କର ପୁତ୍ର ହୋଇ ସିଏ
ହେଲେ ଅଧିରଥ ସୁତ,
ସୁତପୁତ୍ର ଭାବେ ହୋଇଲେ ଲାଞ୍ଛିତ
ହୋଇଲେ ଅପମାନିତ।

ଗୁରୁ ଅଭିଶାପ ବରଣ କରିଲେ
ନଥିବାରୁ ପରିଚୟ
ଜୀବନଟା ତାଙ୍କ ସଂଘର୍ଷରେ ପୂର୍ଣ୍ଣ
ପରୀକ୍ଷା ନେଲା ସମୟ।
ଯେତେବେଳେ ଦେଲେ କୃଷ୍ଣ ପରିଚୟ
ପ୍ରକୃତ କୌନ୍ତେୟ ବୋଲି,
ଜାଣି ଅସହାୟ ନିଜକୁ ଭାବିଲେ
ବିବଶ ହୋଇଲେ ଖାଲି।

ବ୍ରହ୍ମାସ୍ତ୍ର ପ୍ରୟୋଗ ନକରିବା ପାଇଁ
ନେଇଥିଲେ ବି ଶପଥ,
ଅନୁଜ ମାନଙ୍କ ପ୍ରତି ଦୟା ଭାବ
ଯୁଦ୍ଧେ ଓଗାଳିଲା ପଥ।

ସଚା ବନ୍ଧୁ ଭାବେ ଦୁର୍ଯ୍ୟୋଧନ ସହ
ରହିଥିଲେ ଶେଷଯାଏ,
ଉତ୍ତମ ପୁତ୍ରର ମାନ୍ୟତା ପାଇଲେ
ମାତା ରାଧା ପାଇଁ ସିଏ।
କବଚ କୁଣ୍ଡଳ ଇନ୍ଦ୍ରଦେବଙ୍କୁ ସେ
ଅର୍ପଣ କଲେ ଦାନରେ,
ସେଥିପାଇଁ ସିଏ ହେଲେ ମହାଦାନୀ
ଏହି ଧରାଧାମ ପରେ।
ରାଧେୟ ଭାବରେ ରହିବାକୁ ସିଏ
କରି ଇଚ୍ଛା ପ୍ରକଟିତ,
ଶ୍ରୀ କୃଷ୍ଣଙ୍କୁ ମଧ୍ୟ ଜଣାଇ ଅଛନ୍ତି
ନହୋଇ ତିଳେ କୁଣ୍ଠିତ।
ରାଉରକେଲା



